

ଇଶାନ୍‌ଙ୍କ ସ୍ଥାନରେ ଆଶୀର୍ବାଦ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-54 MONDAY 18 AUGUST 2025 PAGE-12 ₹ 6.00 | JEYPORE | ବର୍ଷ-୪୩ ସଂଖ୍ୟା-୫୪ ସୋମବାର ୧୮ ଅଗଷ୍ଟ ୨୦୨୫ ପୃଷ୍ଠା-୧୨ ଟ.୬.୦୦

## ସିପି ରାଧାକ୍ରିଷ୍ଣନ୍ ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ



■ **ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି):** ଆସନ୍ତା ମାସ ୯ ତାରିଖରେ ହେବାକୁ ଯାଉଥିବା ଉପରାଷ୍ଟ୍ରପତି ନିର୍ବାଚନରେ କ୍ଷମତାସୀନ ଏନ୍‌ଡିଏର କିଏ ହେବେ ଉପରାଷ୍ଟ୍ରପତି ପ୍ରାର୍ଥୀ? ଏହାକୁ ନେଇ ଚାଲିଥିବା ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇଛି ବିଜେପି। ମହାରାଷ୍ଟ୍ରର ରାଜ୍ୟପାଳ ସିପି ରାଧାକ୍ରିଷ୍ଣନଙ୍କୁ ଏନ୍‌ଡିଏ ପକ୍ଷରୁ ପ୍ରାର୍ଥୀ କରାଯିବ ବୋଲି ବିଜେପି ସଭାପତି ଜେପି ନଡ୍ଡା ଆଜି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଆଜି ସନ୍ଧ୍ୟାର ବିଜେପିର ସଂସଦୀୟ ଦଳ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଏବଂ ଜେପି ନଡ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଉପରାଷ୍ଟ୍ରପତି ପ୍ରାର୍ଥୀ ବାଛିବା ଲାଗି ଏନ୍‌ଡିଏ ନେତାମାନେ ପ୍ରଧାନମନ୍ତ୍ରୀ ମୋଦୀ ଓ ନଡ୍ଡାଙ୍କୁ ଦାୟିତ୍ୱ ଦେଇଥିଲେ। ସଂସଦରେ ଏନ୍‌ଡିଏର ସଂଖ୍ୟା ଦୃଷ୍ଟିରୁ ଏହାର ପ୍ରାର୍ଥୀ ରାଧାକୃଷ୍ଣନ ଉପରାଷ୍ଟ୍ରପତି ନିର୍ବାଚିତ ହେବା ପ୍ରାୟ ନିଶ୍ଚିତ। ଆସନ୍ତା ୨୨ ତାରିଖ ମନୋନୟପତ୍ର ଦାଖଲର ଶେଷ ଦିବସ ହୋଇଥିବା ବେଳେ ବୁଧବାର ସୁଦ୍ଧା ସେ ପ୍ରାର୍ଥିପତ୍ର ଦାଖଲ କରି ପାରନ୍ତି।

ତାମିଲନାଡୁର ତିରୁପ୍ପୁରରେ ୨୦ ଅକଟୋବର ୧୯୫୭ରେ ଜନ୍ମ ଗ୍ରହଣ କରିଥିବା ସିପି ରାଧାକ୍ରିଷ୍ଣନ ୨୦୨୪ ଜୁଲାଇ ୩୧ରୁ ମହାରାଷ୍ଟ୍ରର ରାଜ୍ୟପାଳ ଅଛନ୍ତି। ଏହାପୂର୍ବରୁ ସେ ଝାଡ଼ଖଣ୍ଡ, ତେଲଙ୍ଗାନା ଓ ପୁଡୁଚେରୀର ରାଜ୍ୟପାଳ ଥିଲେ। ଛାତ୍ର ଜୀବନରୁ ଆର୍‌ଏସ୍‌ଏସ୍‌ର ସକ୍ରିୟ ସଭ୍ୟ ଥିବା ଚନ୍ଦ୍ରପୁରମ ପୋନ୍ନୁସାମୀ ରାଧାକୃଷ୍ଣନ ୧୯୭୪ରେ ଭାରତୀୟ ଜନସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଥିଲେ। ସେ ବିଜେପି ପ୍ରାର୍ଥୀ ଭାବେ ଦୁଇଥର ଲୋକସଭାକୁ ନିର୍ବାଚିତ ▶ପୃଷ୍ଠା-୭

## ଜମ୍ମୁ-କଶ୍ମୀରର କଠୁଆରେ ବାଦଲଫଟା ବର୍ଷା, ୭ ମୃତ



■ **ଜମ୍ମୁ, ୧୭।୮ (ଏଜେନ୍ସି):** ଜମ୍ମୁ-କଶ୍ମୀରର କାଠୁଆ ଜିଲ୍ଲାରେ ୩ଟି ସ୍ଥାନରେ ବାଦଲ ଫଟା ବର୍ଷା ଓ ଭୂସ୍ଖଳନ ଯୋଗୁଁ ୭ ଜଣ ପ୍ରାଣ ହରାଇଥିବା ବେଳେ ଅନେକ ଲୋକ ଆହତ ହୋଇଛନ୍ତି। ଆଜି ସକାଳେ କାଠୁଆ ଜିଲ୍ଲାର ସୀମା ନିକଟରେ ୩ଟି ସ୍ଥାନରେ ବାଦଲଫଟା ବର୍ଷା ହୋଇଥିଲା। ଯୋଧ ଘାଟି ଅଞ୍ଚଳରେ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ସେହିପରି ଜାନଗ୍ଲୋଟ୍‌ରେ ଭୂସ୍ଖଳନ ଯୋଗୁ ୨ ଜଣ ପ୍ରାଣ ହରାଇଛନ୍ତି। ଏହି ଅଞ୍ଚଳରେ କେତୋଟି ଦୋକାନ ମଧ୍ୟ ଭାସି ଯାଇଛି। ଏଥିରେ ରେଲୱେ ଟ୍ରାକ୍, ଜାତୀୟ ରାଜପଥ-୪୪ ଓ ପୁଲିସ ଥାନା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ବୋଲି ଜମ୍ମୁ-କଶ୍ମୀର ଉଧାମପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ସେନା, ଅର୍ଦ୍ଧସାମରିକ ବଳ ଓ ପ୍ରଶାସନ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛନ୍ତି। ସ୍ଥିତି ଉପରେ ନଜର ରଖାଯାଇଛି ବୋଲି ଜିତେନ୍ଦ୍ର ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଗୁରୁବାର ଜମ୍ମୁ-କଶ୍ମୀର କିସ୍ତୱାରରେ ବାଦଲଫଟା ବର୍ଷା କାରଣରୁ ବନ୍ୟା ଓ ଆବର୍ଜନା ମିଶ୍ରିତ ପାଣି ସୁଅରେ ୫୦ ଲୋକ ମୃତ୍ୟୁବରଣ କରିଥିଲେ ଓ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ଏବେ ବି ଶତାଧିକ ନିଖୋଜ ଅଛନ୍ତି। ▶ପୃଷ୍ଠା-୭

## ମନ୍ଥର ହେଉଛି ଦେଶର ଆର୍ଥିକ ଅଭିବୃଦ୍ଧି

# ସର୍ବନିମ୍ନସ୍ତରରେ ଘରୋଇ ସଞ୍ଚୟ

■ **ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି):** ଦେଶର ଆର୍ଥିକ ମେରୁଦଣ୍ଡ କୁହାଯାଉଥିବା ମଧ୍ୟବିତ୍ତ ଶ୍ରେଣୀଙ୍କ ସ୍ଥିତି ଏବେ ବିପଦରେ। ସମ୍ପ୍ରତି ଦେଶରେ ମଧ୍ୟବିତ୍ତ ଶ୍ରେଣୀଙ୍କ ସଂଖ୍ୟା ୭୫ ନିୟୁତ ଓ ୨୦୩୦ ସୁଦ୍ଧା ଏହା ମୋଟ ପରିବାରର ୪୭%ରେ ପହଞ୍ଚିବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରୁଛନ୍ତି। ମାତ୍ର ଦେଶର ସାମ୍ପ୍ରତିକ ସ୍ଥିତି ଏହି ବର୍ଗର ଆର୍ଥିକ ଅବସ୍ଥାକୁ ଦୁର୍ବଳ କରିଚାଲିଛି। ଦରଦାମ ବୃଦ୍ଧି, ମୁଦ୍ରାସ୍ଫୀତି ତୁଳନାରେ ଆୟ ବୃଦ୍ଧି ନ ହେବା, ନିଯୁକ୍ତି ସୁଯୋଗ ହ୍ରାସ ଏକ ସାମାଜିକ ସମସ୍ୟା ସୃଷ୍ଟି କରିଛି। ଏହି ସମୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉପଯୋଗ ଏହି ବର୍ଗର ନିଯୁକ୍ତିକୁ ଅଧିକ ସଂକୁଚିତ କରିବାର ଆଶଙ୍କା ସୃଷ୍ଟି କରିଛି। ଯାହା ଫଳରେ ଏହି ବର୍ଗ ଜଟିଳ ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛନ୍ତି ଏବଂ ଏହାର ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ଦେଶର ଅର୍ଥନୀତି ଉପରେ ପଡ଼ିବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି। ଭାରତର ଅର୍ଥନୀତି ଓ ମଧ୍ୟବିତ୍ତଙ୍କ ସ୍ଥିତି ସମ୍ପର୍କରେ ମାର୍ସ ଲସ୍ ଇନଭେଷ୍ଟମେଣ୍ଟ ମ୍ୟାନେଜର୍ସ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ପ୍ରକାଶିତ ହୋଇଛି ଏପରି ତଥ୍ୟ।

ରିପୋର୍ଟ ଅନୁସାରେ ୨୦୨୩ ନଭେମ୍ବର ମାସ ପରଠାରୁ ଭାରତୀୟ କମ୍ପାନୀଗୁଡ଼ିକର

### କମୁଛି ମଧ୍ୟବିତ୍ତଙ୍କ କ୍ରୟ କ୍ଷମତା

### ବାର୍ଷିକ ଆୟବୃଦ୍ଧି ୩%କୁ ହ୍ରାସ



ଆୟ ହ୍ରାସ ପାଇଛି। ଏହାର କାରଣ ହେଉଛି ଦେଶର ମଧ୍ୟବିତ୍ତ ବର୍ଗଙ୍କ ଦ୍ୱାରା ବ୍ୟୟ ହ୍ରାସ। ମଧ୍ୟବିତ୍ତ ବର୍ଗଙ୍କ ପାଖରେ ଅର୍ଥର ଅଭାବ ଥିବାରୁ, ଭାରତୀୟ କମ୍ପାନୀଗୁଡ଼ିକର ଲାଭ ହ୍ରାସ ପାଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ତଥ୍ୟ ଅନୁସାରେ ୨୦୨୪ ଆର୍ଥିକବର୍ଷରେ ଘରୋଇ ସଞ୍ଚୟ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ସର୍ବନିମ୍ନ ଅଂଶ ଥିଲା। ଏହା ଗତ ୫୦ ବର୍ଷ ମଧ୍ୟରେ ସର୍ବନିମ୍ନ।ମଧ୍ୟବିତ୍ତ ବର୍ଗଙ୍କ ନିକଟରେ ଯାହା ସଞ୍ଚିତ ଅର୍ଥ ୨୦୨୪ ମାର୍ଚ୍ଚ ସୁଦ୍ଧା ଶେଷ ହୋଇଯାଇଛି। ବିଗତ ୮ ବର୍ଷ ମଧ୍ୟରେ ଦେଶର ମୁଦ୍ରାସ୍ଫୀତି ତୁଳନାରେ କର୍ମଚାରୀଙ୍କ ଦରମା ବୃଦ୍ଧି ପାଇନାହିଁ। ୨୦୧୬ ପୂର୍ବରୁ କର୍ମଚାରୀଙ୍କ ଦରମା ମୁଦ୍ରାସ୍ଫୀତି ଅନୁପାତରେ ବୃଦ୍ଧି ପାଉଥିଲା, କିନ୍ତୁ ଏବେ ତାହା ହେଉନାହିଁ। ଫଳରେ ଦେଶ ଏବେ ଆର୍ଥିକ ମାନ୍ଦାବସ୍ଥା ଆଡକୁ ମୁହାଁଉଛି। ଜିଡିପିର ୬୦% ଅଂଶ ଥିବା ଉପଭୋକ୍ତା ବ୍ୟବହାର ବା ଉପଯୋଗିତା ହାର ୨୦୨୧-୨୩ପରଠାରୁ ହ୍ରାସ ପାଇଛି। ଗାଡ଼ି, ଘର କିଣା ଓ ଭ୍ରମଣ ଚାହିଦା ବି ହ୍ରାସ ପାଇଛି। ଏପରିକି ୨୦୨୫ ଆର୍ଥିକ ବର୍ଷରେ ନିଫ୍ଟି କମ୍ପାନୀଗୁଡ଼ିକର ଆୟରେ ଏକ ବଡ଼ ହ୍ରାସ ଘଟିଛି ବୋଲି ମାର୍ସ ଲସ୍ ଇନଭେଷ୍ଟମେଣ୍ଟ ମ୍ୟାନେଜର୍ସର ପ୍ରତିଷ୍ଠାତା ସୌରଭ ମୁଖାର୍ଜୀ ପ୍ରକାଶ କରିଛନ୍ତି।

ଏହି ରିପୋର୍ଟ ଅନୁଯାୟୀ, ୨୦୨୦ ପୂର୍ବରୁ ପ୍ରାୟ ୧୦ ବର୍ଷ ବ୍ୟବଧାନରେ ଚାକିରିଜୀବୀଙ୍କ ଆୟରେ ଏକ ବଡ଼ଧରଣର ବୃଦ୍ଧି ଘଟୁଥିଲା। ହାରାହାରି ବାର୍ଷିକ ୬% ହାରରେ ଆୟ ବୃଦ୍ଧି ପାଉଥିଲା। ମାତ୍ର ଆର୍ଥିକ ବର୍ଷ ୨୦୨୦ ପରଠାରୁ ଏହି ଅଭିବୃଦ୍ଧି ପ୍ରତିବର୍ଷ ମାତ୍ର ୩% କୁ ହ୍ରାସ ପାଇଛି। ଆଇଟି, ସଫ୍ଟୱେର୍ ଏବଂ ଖୁଚୁରା ବା ରିଟେଲ କ୍ଷେତ୍ରରେ ନିଯୁକ୍ତି ସ୍ଥିର ହୋଇଯାଇଛି। ଭାରତୀୟ ଆଇଟି କମ୍ପାନୀଗୁଡ଼ିକ ଖୋଲାଖୋଲି ଭାବରେ କର୍ମଚାରୀମାନଙ୍କୁ ଛଟେଇ କରୁଛନ୍ତି। ଜୁଲାଇମାସରେ ଟିସିଏସ ପ୍ରାୟ ▶ପୃଷ୍ଠା-୭

### ଭୋଟ ଚୋରିକୁ ନେଇ ମୁହଁ ଖୋଲିଲେ ନିର୍ବାଚନ କମିଶନ

# ଅଭିଯୋଗ ଭିତ୍ତିହୀନ




■ **ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି):** ଭୋଟର ତାଲିକାରେ ଥିବା ତ୍ରୁଟିକୁ ସୁଧାରିବା ଲାଗି ସଂଶୋଧନ କରାଯାଏ। ଏଥିରେ ଲୁଚାଇବାର କିଛି ନାହିଁ। କିନ୍ତୁ କେତେକ ରାଜନୈତିକ ଦଳ ଓ ବ୍ୟକ୍ତି ଏହାକୁ ନେଇ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ଏହା ଉଦବେଗର ବିଷୟ ବୋଲି କହିଛନ୍ତି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର। ବିଶେଷ କରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭୋଟ ଚୋରିକୁ ନେଇ ଯେଉଁ ଅଭିଯୋଗ ଉଠାଇଛନ୍ତି ସେଥିରେ ଦୃଢ଼ ଆପତ୍ତି ଜଣାଇଛନ୍ତି। ରାହୁଲଙ୍କ ନାମ ନ ନେଇ ସେ କହିଛନ୍ତି ଯେ ଏଭଳି ଅଭିଯୋଗରେ କୌଣସି ସତ୍ୟତା ନାହିଁ। ଯଦି ଏହି ଅଭିଯୋଗର ପ୍ରମାଣ ଅଛି, ତାହାହେଲେ ସାତ ଦିନ ମଧ୍ୟରେ ପ୍ରମାଣ ସହିତ ସତ୍ୟପାଠ ଦାଖଲ କରନ୍ତୁ, ନଚେତ ଦେଶବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ। ଏହାର ତୃତୀୟ ବିକଳ୍ପ ନାହିଁ। ସାତ ଦିନ ଭିତରେ ସତ୍ୟପାଠ ଦାଖଲ ନକଲେ ଏହା ସ୍ପଷ୍ଟ ହୋଇଯିବ ।।ଯେ ଏଭଳି ଅଭିଯୋଗ ଭିତ୍ତିହୀନ।

ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର ଏବଂ 'ଭୋଟ ଚୋରି'କୁ ନେଇ ଉଠିଥିବା ବିବାଦ ପରିପ୍ରେକ୍ଷୀରେ ମୁଖ୍ୟ ନିର୍ବାଚନ କମିସନର ଆଜି

### ନାମ ନ ନେଇ ରାହୁଲଙ୍କୁ ନିଶାଣ; ସତ୍ୟପାଠ ଦିଅ, ନଚେତ ଭୁଲ୍ ମାଗ

### ରାହୁଲଙ୍କ ପାଲଟା ପ୍ରଶ୍ନ: ଇସିଙ୍କ ଦୋମୁହାଁ ନୀତି କାହିଁକି

ଏଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଏଭଳି ସଫେଇ ଦେଇଛନ୍ତି। ସେ କହିଛନ୍ତି ଯେ ତ୍ରୁଟି ସୁଧାରିବା ଲାଗି ଭାଟର ତାଲିକାରେ ସଂଶୋଧନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ବିହାରରେ ଚାଲିଥିବା ଏସ୍‌ଆଇଆରର ସ୍ୱଚ୍ଛତା ▶ପୃଷ୍ଠା-୭

# ଘୁଞ୍ଚିଘୁଞ୍ଚି ଯାଉଛି 'ନିଗମ' ପଦ୍ମ

### ନିଯୁକ୍ତି ପାଇଁ ଆଉ କିଛି ସମୟ ଲାଗିବ: ପ୍ରଭାରୀ

■ **ଭୁବନେଶ୍ୱର, ୧୭।୮ (ସମିସ):** ଇତିମଧ୍ୟରେ ରାଜ୍ୟରେ ବିଜେପି ସରକାରକୁ ୧୪ ମାସ ପୂରି ସାରିଥିଲେ ହେଁ ଏଯାବତ୍ ନିଗମ, ବୋର୍ଡ ନିଯୁକ୍ତି ହୋଇପାରିଲା ନାହିଁ। ଗତ ୫ ତାରିଖରେ ରାଜ୍ୟ ସରକାର ମହିଳା କମିଶନ ଏବଂ ଶିଶୁ ସୁରକ୍ଷା କମିଶନରେ ଅଧ୍ୟକ୍ଷା ଏବଂ ସଦସ୍ୟାଙ୍କୁ ନିଯୁକ୍ତି ଦେବା ପରେ ନିଗମ ଅଙ୍କ ଛିଡ଼ିବା ନେଇ ସାଧାରଣରେ ଆଶା ପ୍ରକାଶ ପାଇଥିଲା। ତେବେ ଏହି ପଦବୀ ପୂରଣ ଲାଗି ଆଉ କିଛି ସମୟ ଲାଗିବ ବୋଲି ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ରବିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେହିପରି ଏଥିପାଇଁ ଆହୁରି ଅତିକମରେ ଗୋଟିଏରୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ଲାଗିପାରେ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ତୋମାର କହିଛନ୍ତି ଯେ ବୋର୍ଡ ନିଗମ ଏବଂ ରାଜ୍ୟ ସଂଗଠନର ଟିମ୍ ପାଇଁ ପ୍ରକ୍ରିୟା ଜାରି ରହିଛି। ନିଗମ, ବୋର୍ଡରେ ନିଯୁକ୍ତି ଲାଗି ଇତିମଧ୍ୟରେ ୨-୩ଟି ବୈଠକ ମଧ୍ୟ ବସିସାରିଲାଣି। ଆଗକୁ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ ଏବଂ ସେ ନିଜେ ଏ ନେଇ ରାଜ୍ୟ ବିଜେପି କୋର କମିଟି ସହ ଆଲୋଚନା କରିବେ। ଏହାପରେ ନିଗମ, ବୋର୍ଡ ସଂକ୍ରାନ୍ତୀୟ ନିଷ୍ପତ୍ତି ନିଆଯିବ। ଏଥିଲାଗି ଆଉ କିଛି ସମୟ ଲାଗିବ, କିନ୍ତୁ ଖୁବ୍ ଶୀଘ୍ର ଘୋଷଣା ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ପ୍ରକ୍ରିୟାରେ ବିଳମ୍ବ ପାଇଁ ଦଳରେ ଅସନ୍ତୋଷ

ସୂଚନାଯୋଗ୍ୟ ଯେ ବିଜେପି ନେତୃତ୍ୱ ସ୍ତରରେ ବ୍ୟାପକ କସରତ ସତ୍ତ୍ୱେ ନିଗମ, ବୋର୍ଡ, ଅକାଦେମୀ ଏବଂ କେତେକ କମିଶନରେ ମଧ୍ୟ ନିଯୁକ୍ତି ପ୍ରକ୍ରିୟା ବିଳମ୍ବ ହେବାରେ ଲାଗିଛି। ଏହାକୁ ନେଇ ଦଳୀୟ ନେତା ତଥା ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଳମ୍ବିତ ନିଯୁକ୍ତି ଉଭୟ ସରକାର ଏବଂ ସଂଗଠନର ନିଷ୍ପତ୍ତି ନେବା ▶ପୃଷ୍ଠା-୭

## ନବୀନ ଅସୁସ୍ଥ



■ **ଭୁବନେଶ୍ୱର, ୧୭।୮ (ସମିସ):** ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମାନ୍ୟ ଅସୁସ୍ଥ ହୋଇ ପଡ଼ିଛନ୍ତି। ଡିହାଇଡ୍ରେସନ ହେତୁ ସେ ଅସୁସ୍ଥତା ଅନୁଭବ କରିବାରୁ ରବିବାର ସନ୍ଧ୍ୟାରେ ସେ ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ସ୍ଥିର ଅଛି ଓ ସେ ଖୁବ୍ ଶୀଘ୍ର ସେ ହସ୍ପିଟାଲରୁ ଡିସଚାର୍ଜ ହେବେ ବୋଲି ଜଣାପଡ଼ିଛି। ଅପରପକ୍ଷେ ନବୀନଙ୍କ ଅସୁସ୍ଥତା ନେଇ ଜାଣିବା ପରେ ତାଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଦ୍ରୁତ ଆରୋଗ୍ୟ ଏବଂ ଶୀଘ୍ର ସୁସ୍ଥତା କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ ଏକ୍ସରେ ଉଲ୍ଲେଖ କରିଛନ୍ତି।

### ସ୍ୱ-ଘୋଷଣାନାମାରେ ପଞ୍ଜୀକରଣ କରିବେ ଚାଷୀ

# ଚାପରେ ନଇଁଲେ ସରକାର

■ **ଭୁବନେଶ୍ୱର, ୧୭।୮ (ସମିସ):** ଚାଷୀଙ୍କ ଚାପରେ ନଇଁଲେ ସରକାର। ଖରିଫ୍ ଧାନ ବିକ୍ରି ନିମନ୍ତେ ପଞ୍ଜୀକରଣରେ କରିଥିବା କଟକଣାକୁ ଶେଷରେ କୋହଳ କଲେ। ପୂର୍ବରୁ ପଞ୍ଜୀକରଣ ପାଇଁ ବାପା, ଜେଜେ ତଥା ପୂର୍ବପୁରୁଷଙ୍କ ନାମରେ ଥିବା ଜମି ପାଇଁ ରାଜସ୍ୱ ନିରୀକ୍ଷକ(ଆରଆଇ)ଙ୍କଠାରୁ ସ୍ୱତ୍ୱାଧିକାର ପ୍ରମାଣପତ୍ର ଆଣିବାକୁ ପଡୁଥିଲା। ମାତ୍ର ଏବେ ସ୍ୱ-ଘୋଷଣାନାମା(ସେଲ୍ଫ ଡିକ୍ଲାରେସନ୍) ଦାଖଲ କରି ପଞ୍ଜୀକରଣ କରିହେବ। ଏହାଦ୍ୱାରା ଚାଷୀଙ୍କୁ ଆଉ ଆର୍‌ଆଇଙ୍କ ପାଖକୁ ଦୌଡ଼ିବାକୁ ପଡ଼ିବନି। ପୂର୍ବରୁ ଚାଷୀ ଆର୍‌ଆଇ ଅଫିସ୍ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିଲା। ସମସ୍ତ ଅଂଶୀଦାର ସାଙ୍ଗରେ ନଗଲେ, ପ୍ରମାଣପତ୍ର ମିଳୁନଥିଲା। ତେଣୁ ଏହି ସମସ୍ୟାକୁ ନେଇ ରାଜ୍ୟବ୍ୟାପୀ ଚାଷୀ ଅସନ୍ତୋଷ ତୀବ୍ର ରୂପ ନେଉଥିଲା। ଶେଷରେ ସରକାର ପୂର୍ବ ନିଷ୍ପତ୍ତି ବଦଳାଇଛନ୍ତି।

ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ଏନେଇ ଚିଠି କରାଯାଇଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ଗତ ଜୁଲାଇ ୧୯ ତାରିଖରୁ ପଞ୍ଜୀକରଣ ଆରମ୍ଭ ହୋଇଥିଲେ ବି ଏପର୍ଯ୍ୟନ୍ତ ଅଧିକାଂଶ ସ୍ଥାନରେ ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ଆଶାନୁରୂପ ହୋଇନି। ତେଣୁ ସରକାର ପ୍ରକ୍ରିୟାରେ ସରଳତା ସହ ଅବଧି ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ମାତ୍ର ଅଗଷ୍ଟ ୨୦ ପରେ ଆଉ କେତେ ଦିନ ଅବଧି ବଢ଼ିବ, ତା' ଏପର୍ଯ୍ୟନ୍ତ ଘୋଷଣା କରାଯାଇନାହିଁ। ଫଳସ୍ୱରୂପ, ପଞ୍ଜୀକରଣ କରିନଥିବା ଚାଷୀମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ଆଉ ହାତରେ ମାତ୍ର ୨-୩ ଦିନ ଥିବାରୁ ଚାଷୀମାନେ ସମବାୟ ସମିତିରେ ଭିଡ଼ ଜମାଉଛନ୍ତି। ସରକାର କେବଳ ବଂଶାନୁକ୍ରମିକ ପ୍ରମାଣପତ୍ର ଦେବା ନିୟମ ବଦଳାଇଦେଲେ। ମାତ୍ର ଉପାନ୍ତ ଅଞ୍ଚଳରେ ଇଣ୍ଟରନେଟ୍ ସମସ୍ୟା ଥିବାରୁ ପଞ୍ଜୀକରଣ ସମୟରେ 'ଇ-କେୱାଇସି' କରିପାରୁନାହାନ୍ତି। ସେହିଭଳି ସମବାୟଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣରେ କର୍ମଚାରୀ ନାହାନ୍ତି। ତେଣୁ ଚାଷୀ ପଞ୍ଜୀକରଣ ବିଳମ୍ବ ହେଉଛି। ଏସବୁ ସମସ୍ୟା ପ୍ରତି ସରକାର କେବେ ଦୃଷ୍ଟି ଦେବେ ବୋଲି ଚାଷୀ ମହଲ ପ୍ରଶ୍ନ କରିଛନ୍ତି। ▶ପୃଷ୍ଠା-୭

### ଅବପାତ ରୂପ ନେବ ଲଘୁଚାପ

## ୨୦ ତାରିଖ ଯାଏଁ ପ୍ରବଳ ବର୍ଷା

■ **ଭୁବନେଶ୍ୱର, ୧୭।୮ (ସମିସ):** ପଶ୍ଚିମ କେନ୍ଦ୍ରୀୟ ଓ ତତ୍‌ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳରେ ସକ୍ରିୟ ଥିବା ଲଘୁଚାପ ଆସନ୍ତା ୨୪ ଘଣ୍ଟାରେ ଅଧିକ ଘନୀଭୂତ ହୋଇ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ସହ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ୧୯ ତାରିଖ ସକାଳେ ଅବପାତଟି ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଦେଇ ଗତି କରିବ। ଏହାର ପ୍ରଭାବରେ ଆସନ୍ତା ୩ଦିନ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଅବପାତ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟାରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷା ହେବା ସହ ମାଲକାନଗିରି, କୋରାପୁଟ, ରାୟଗଡା ଓ ଗଜପତି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୧୨ରୁ ୨୦ ସେମି) ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ସେହିପରି ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ ଓ ନବରଙ୍ଗପୁରରେ ୭ରୁ ୧୧ ସେମି ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହିସବୁ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ୩୦ରୁ ୪୦ କିମି ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି। ବର୍ଷା ସହ ସମୁଦ୍ର ଅଶାନ୍ତ ରହିବା ଯୋଗୁଁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି।

### ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ଭାଇରାଲ

# ପୁଲିସର ଭୂମିକାକୁ ନେଇ ଉଠିଲା ପ୍ରଶ୍ନ



■ **ପୁରୀ, ୧୭।୮ (ସମିସ):** ପୁଣି କଡ଼ ଲେଉଟାଇଛି ବଳଙ୍ଗା ନାବାଳିକା ପୋଡ଼ି ମୃତ୍ୟୁ ଘଟଣା। ସାମାଜିକ ଗଣମାଧ୍ୟମରେ ପୀଡ଼ିତାଙ୍କ ବୟାନ ରେକର୍ଡର ଭିଡିଓ ଭାଇରାଲ ହେବା ପରେ ଏବେ ବିରୋଧୀଙ୍କ ଟାର୍ଗେଟକୁ ଆସିଛନ୍ତି ରାଜ୍ୟ ସରକାର ଏବଂ ଓଡ଼ିଶା ପୁଲିସ। ପୀଡ଼ିତାଙ୍କ ମୃତ୍ୟୁ ପରେ ପୁଲିସ ଯେଉଁ ସ୍ୱଷ୍ଟୋକ୍ତି ରଖିଥିଲା ତାହାର ସତ୍ୟତା ଉପରେ ଉଠିଛି ପ୍ରଶ୍ନବାଚୀ। ଏଥିରେ କାହାର ସମ୍ପୃକ୍ତି ନ ଥିବା ପୁଲିସ ପକ୍ଷରୁ ଯେଉଁ ସ୍ୱଷ୍ଟୋକ୍ତି ରଖାଯାଇଥିଲା ତାହା ଭୁଲ୍ ଥିଲା ବୋଲି ପୀଡ଼ିତାଙ୍କ ବୟାନ ରେକର୍ଡ ହିଁ ସ୍ପଷ୍ଟ କରୁଛି। ତେବେ କାହିଁକି ପୁଲିସ ସେଦିନ ତରବରିଆ ଭାବେ ସାମାଜିକ ଗଣମାଧ୍ୟମରେ ଏଭଳି ପୋଷ୍ଟ କରିଥିଲା? ପୁଲିସ କ'ଣ କାହା ଚାପରେ ଥିଲା କି? ଏମିତି ପ୍ରଶ୍ନ ଏବେ ସମସ୍ତଙ୍କ ମନକୁ ଆନ୍ଦୋଳିତ କରୁଥିବାବେଳେ ଓଡ଼ିଶା ପୁଲିସ କାହିଁକି ବିଶ୍ୱାସ ଭାଙ୍ଗୁଛି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

ଦିନକ ପରେ ଏହି ଦୁଃଖଦ ଘଟଣାକୁ ମାସେ ପୂରିବ। ଏହାର ତଦନ୍ତରୁ ପୁଲିସ କ'ଣ ନିଷ୍କର୍ଷ ବାହାରକଲା ତାହ ସ୍ପଷ୍ଟ ହୋଇନାହିଁ; କିନ୍ତୁ ଶନିବାର ପୀଡ଼ିତାଙ୍କ ବୟାନ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କିଏ ଓ କେଉଁ ଉଦ୍ଦେଶ୍ୟରେ ଏହା ଭାଇରାଲ କରିଛି ତାହା ଜଣାପଡ଼ି ନ ଥିଲେ ମଧ୍ୟ ଏହା ହସ୍ପିଟାଲ ଭିତରେ ହିଁ ରେକର୍ଡିଂ କରାଯାଇଛି। ଏଥିରେ ଜଣେ ମହିଳା ଅଧିକାରୀ ପୀଡ଼ିତାଙ୍କର ବୟାନ ରେକର୍ଡ କରୁଛନ୍ତି। ସେ ନାବାଳିକାଙ୍କୁ ବିଭିନ୍ନ ପ୍ରଶ୍ନ କରୁଛନ୍ତି ଏବଂ ଉତ୍ତରକୁ ଏକ ଡାଏରୀରେ ଲେଖୁଛନ୍ତି। ଘଟଣା ସମ୍ପର୍କରେ ପୀଡ଼ିତା ଯାହା କହୁଛନ୍ତି ତାହା ଅତ୍ୟନ୍ତ ସାଂଘାତିକ। ପୀଡ଼ିତା କହୁଛନ୍ତି ଯେ ସେ ଘରକୁ ଫେରୁଥିଲେ। ବାଇକ୍‌ରେ କେତେଜଣ ଆସି ତାଙ୍କ ପାଖରେ ଅଟକିଥିଲେ। ସେମାନେ ମୁହଁରେ ରୁମାଲ ବାନ୍ଧିଥିଲେ। ତାଙ୍କ ମୁହଁରେ ରୁମାଲ ଚାପି ବଡ଼ବନ୍ଧ ନିକଟ ଜଙ୍ଗଲକୁ ଉଠେଇ ନେଇଥିଲେ। ତାଙ୍କ ଦେହରେ କିରାସିନି ଢାଳି ନିଆଁ ଲଗେଇ ପଳେଇଲେ। ହୋସ୍ ଆସିବାରୁ ... ଏତିକିରେ ଭିଡିଓଟି ଶେଷ ହୋଇଯାଉଛି। ୧ ମିନିଟ୍ ୩୦ ସେକେଣ୍ଡର ଏହି ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଛି।

ଦୀର୍ଘ ୧୫ ଦିନ ଜୀବନ ମରଣ ସହ ଲଢ଼େଇ କରି ଶେଷରେ ଅଗଷ୍ଟ ୨ ତାରିଖରେ ଦିଲ୍ଲୀ ଏମ୍ସରେ ହାରି ଯାଇଥିଲେ ବଳଙ୍ଗା ପୀଡ଼ିତା। କିନ୍ତୁ ▶ପୃଷ୍ଠା-୭

# ପାଇଲଟ୍ ଭୂମିକାରେ କାର୍ତ୍ତିକ୍



ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ୟ୍ୟନ୍ ବହୁତ ସ୍ୱଳ୍ପ ଦିନର ଫିଲ୍ମି କ୍ୟାରିୟରରେ ଜଣେ ଆଗଧାଡ଼ିର ଅଭିନେତା ଭାବେ ନିଜକୁ ପ୍ରମାଣିତ କରିଛନ୍ତି। କାର୍ତ୍ତିକ୍ଙ୍କ ହାତକୁ ଏବେ ଏକ ବଡ଼ ପ୍ରୋଜେକ୍ଟ ଆସିଛି। ନିର୍ଦ୍ଦେଶକ ସିମିତ ଅମିନଙ୍କ ଫିଲ୍ମରେ ସେ ପାଇଲଟ୍ ଭୂମିକାରେ ନଜର ଆସିବେ। ଫିଲ୍ମର ଟାଇଟଲ ରହିଛି 'କ୍ୟାପ୍ଟେନ ଇଣ୍ଡିଆ'। ସିମିତଙ୍କ ସହ ଏହା କାର୍ତ୍ତିକଙ୍କର ପ୍ରଥମ ଫିଲ୍ମ। ସିମିତ 'ଚକ୍‌ଦେ ଇଣ୍ଡିଆ', 'ଅବ ତକ ଛପ୍ପନ' ଫିଲ୍ମ ପାଇଁ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ। ବର୍ଷେ ହେଲାଣି ସିମିତ କାର୍ତ୍ତିକ୍ଙ୍କ ସହ ଯୋଗାଯୋଗରେ ଥିଲେ। 'କ୍ୟାପ୍ଟେନ୍ ଇଣ୍ଡିଆ' ସମ୍ପର୍କରେ ସିମିତ କହିବାରୁ କାର୍ତ୍ତିକ୍ଙ୍କୁ ଏହାର କାହାଣୀ ଭଲ ଲାଗିଥିଲା। ଫିଲ୍ମର କାହାଣୀ ବାସ୍ତବ ଜୀବନରୁ ପ୍ରେରିତ ହୋଇଛି। ୨୦୨୬ ମଧ୍ୟ ଆଡ଼କୁ ସିମିତ ଏହାର ସୁଟିଂ ଆରମ୍ଭ କରିବେ। ସେହିଭଳି ୨୦୨୭ ମଧ୍ୟ ଆଡ଼କୁ ଏହା ରିଲିଜ୍ ହେବ। କାର୍ତ୍ତିକ୍ ଏବେ 'ତୁ ମେରି ମେ ତେରା ମେ ତେରା ତୁ ମେରି'ର ସୁଟିଂରେ ବ୍ୟସ୍ତ ଅଛନ୍ତି।

# ଯାତ୍ରାବେଳେ ପାଖରେ ରଖନ୍ତୁ ଷ୍ଟିଲ୍ ଓ କାଚ କପ୍



ସାଧାରଣତଃ କୌଣସି ସ୍ଥାନକୁ ଯାତ୍ରା କରିବା ବେଳେ ଅନେକ ଲୋକ ନିଜ ପାଖରେ ପାଣି ବୋତଲ ରଖିଥାନ୍ତି। ଏଣିକି ପାଣି ବୋତଲ ସହ ନିଜର କାଚ କିମ୍ବା ଷ୍ଟିଲ୍ ଚା' କପ୍‌କୁ ପାଖରେ ରଖିବା ପାଇଁ ପରାମର୍ଶ ଦିଆଯାଉଛି। କାରଣ ଗବେଷକଙ୍କ ଅନୁସାରେ, ପ୍ଲାଷ୍ଟିକ୍ ତଥା କାଗଜ କପ୍‌ରେ ଗରମ ପାନୀୟ ରଖିବା ଦ୍ୱାରା ଏଥିରୁ ହଜାର ହଜାର ସଂଖ୍ୟକ ମାଇକ୍ରୋପ୍ଲାଷ୍ଟିକ୍ କଣିକା ପାନୀୟରେ ମିଶିଥାଏ। ଏହିପରି ଭାବେ ଏହା ଶରୀରକୁ ଯାଏ। ଯାହାକି ଶରୀର ପାଇଁ କ୍ଷତିକାରକ। ସେହିପରି ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ବୋର୍ଡ ଗଭର୍ଣ୍ଣର୍‌ର ଅଧ୍ୟକ୍ଷା ତେଜସ୍ୱିନୀ ଅନନ୍ତ କୁମାର ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର୍ କରି ଏଭଳି କିଛି ବାର୍ତ୍ତା ପ୍ରଦାନ କରିଛନ୍ତି। ସେ ଯାତ୍ରା ସମୟରେ ଲୋକଙ୍କୁ ନିଜ ସହିତ ନିଜର କପ୍ ନେବା ଲାଗି ପ୍ରୋତ୍ସାହିତ କରିଛନ୍ତି। ସେ ତାଙ୍କ ପୋଷ୍ଟରେ ଲୋକଙ୍କୁ ପାଖରେ ନିଜର ପାଣି ବୋତଲ ସହିତ କଫି କପ୍ ମଧ୍ୟ ପାଖରେ ରଖିବାକୁ କହିଛନ୍ତି। ଏପରିକି କାଗଜ କପ୍‌ରେ ଚା' ଓ କଫି ପିଇବାରୁ ଦୂରେଇ ରହିବାକୁ ନିବେଦନ କହିଛନ୍ତି। କାଗଜ କପ୍‌ରେ ଗରମ ପାନୀୟ ୧୫ ମିନିଟ୍ ପର୍ଯ୍ୟନ୍ତ ରହିବା ଦ୍ୱାରା ସେଥିରୁ ୨୫ ହଜାର ମାଇକ୍ରୋପ୍ଲାଷ୍ଟିକ୍ କଣିକା ମିଳିଥାଏ। ଅବଶ୍ୟ ସେ ଏହି ତଥ୍ୟର ଶ୍ରେୟ ଆଇଆଇଟି ଖଡ଼ଗପୁରର ଏକ ଗବେଷଣାକୁ ପ୍ରଦାନ କରିଛନ୍ତି। ଏହି କପ୍‌ଗୁଡ଼ିକ କାଗଜର ହୋଇଥିଲେ ବି ଏଥିରେ ପତଳା ପ୍ଲାଷ୍ଟିକ୍ ପରସ୍ତ ଥାଏ। ଯାହାକୁ ପଲିଇଥାଇଲିନ କୁହାଯାଏ। ଏଥିରେ ଗରମ ପାନୀୟ ରଖିବା ମାତ୍ରେ ଏହି ପରସ୍ତ ଭାଙ୍ଗିଥାଏ। ତେବେ ୨୦୨୧ରେ ଆଇଆଇଟି ଖଡ଼ଗପୁରର ଏକ ଅଧ୍ୟୟନରୁ ଦେଖାଯାଇଥିଲା ଯେ, କାଗଜ କପ୍‌ରେ ୧୦୦ ମିଲିଲିଟର ଗରମ ତରଳ ପଦାର୍ଥକୁ ୧୫ ମିନିଟ୍ ପର୍ଯ୍ୟନ୍ତ ରଖିବା ଦ୍ୱାରା ସେଥିରୁ ୨୫ ହଜାର ମାଇକ୍ରୋପ୍ଲାଷ୍ଟିକ୍ କଣିକା ମିଳିଥାଏ। ତେଣୁ ଦିନକୁ ତିନି କପ୍ କଫି କି ଚା' କାଗଜ କପ୍‌ରେ ପିଇବା ଦ୍ୱାରା ୭୫ ହଜାର ମାଇକ୍ରୋପ୍ଲାଷ୍ଟିକ୍ କଣିକା ଶରୀରକୁ ଯାଇଥାଏ। ଫଳରେ ଏହା ଯୋଗୁଁ ହରମୋନ ଅସନ୍ତୁଳନ, ପ୍ରଜନନ ସମସ୍ୟା, ଶିଶୁଙ୍କ ବିକାଶ ବାଧାପ୍ରାପ୍ତ, ମୋଟାପା, କର୍କଟ, ସ୍ନାୟୁ ଓ ପ୍ରତିରକ୍ଷା ପ୍ରଣାଳି ଭଳି ସମସ୍ୟା ଦେଖାଦିଏ। ଗବେଷକଙ୍କ ଅନୁସାରେ, ଏହି ସମସ୍ୟା କମ୍ କରିବାର ସବୁଠୁ ସରଳ ଓ ପ୍ରଭାବି ଉପାୟ ହେଉଛି ବାହାରକୁ ଯିବା ସମୟରେ ନିଜ ସହିତ କାଚ କିମ୍ବା ଷ୍ଟିଲ୍ କପ୍ ପାଖରେ ରଖିବା। ଏହା କେବଳ ସ୍ୱାସ୍ଥ୍ୟଗତ ଦୃଷ୍ଟିକୋଣରୁ ହିତକର ତାହା ନୁହେଁ, ପରିବେଶ ପାଇଁ ଏକ ସୁରକ୍ଷିତ ଓ ସୁନ୍ଦର ବିକଳ୍ପ।

## ଆଜିର ଇତିହାସ

- ୧୯୪୦- ପ୍ରଥମଥର ପାଣିପାଗ ମାନଚିତ୍ର ଟେଲିଭିଜନରେ ପ୍ରସାରିତ।
- ୧୯୪୯- ହଙ୍ଗେରିରେ ସମ୍ବିଧାନ ଲାଗୁ ହେଲା।
- ୧୯୫୧- ଖଡ଼ଗପୁରରେ ଦେଶର ପ୍ରଥମ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ର ସ୍ଥାପନା।
- ୧୯୭୩- ଆମେରିକାର ବୋଷ୍ଟନରେ ପ୍ରଥମ ଏଫ୍‌ଏମ୍ ରେଡିଓ ଷ୍ଟେସନ ନିର୍ମାଣକୁ ମଞ୍ଜୁରି ଦିଆଗଲା।
- ୨୦୦୮ - ପାକିସ୍ତାନର ରାଷ୍ଟ୍ରପତି ପରଭେଜ୍ ମୁସାରଫଙ୍କ ଇସ୍ତଫା।


# ବଙ୍କରରେ ରହି ମହିଳା କରନ୍ତି ଅର୍ଥ ସଞ୍ଚୟ



ସାଧାରଣତଃ ଅର୍ଥ ସଞ୍ଚୟ ପାଇଁ ଲୋକେ ବିଭିନ୍ନ ଉପାୟ ଅବଲମ୍ବନ କରନ୍ତି। ଏହି କ୍ରମରେ ଜଣେ ମହିଳା ଘର ଭଡ଼ା ବାବଦ ଟଙ୍କାକୁ ସଞ୍ଚୟ କରିବା ପାଇଁ ବଙ୍କରରେ ରହୁଛନ୍ତି। ଏହି ଘଟଣା ଏବେ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ଆମେରିକା କାଲିଫର୍ଣ୍ଣିଆର ୪୪ ବର୍ଷୀୟା କ୍ୟାଟଲିନ୍ ଜନସନ୍ ଏକ ଭୂତଳ ବଙ୍କରକୁ ଘର କରି ରହିଛନ୍ତି। ଏହାଦ୍ୱାରା କେବଳ ତାଙ୍କ ଘର ଭଡ଼ା ଅର୍ଥ ସଞ୍ଚୟ ହେଉ ନାହିଁ, ଅନ୍ୟ ଲାଭ ମିଳୁଥିବା ସେ କହନ୍ତି। କ୍ୟାଟଲିନ୍ ୨୦୨୪ ମସିହା ଏପ୍ରିଲରେ ନ୍ୟୁୟର୍କରୁ କାଲିଫର୍ଣ୍ଣିଆ ସ୍ଥାନାନ୍ତରିତ ହୋଇଥିଲେ। ସେଇଠୁ ସେତେବେଳେ ସେ ରହିବା ଲାଗି ତାଙ୍କ ସାଙ୍ଗଙ୍କ ବେକର୍ସଫିଲ୍ଡରେ ଥିବା ବଙ୍ଗଳା ପଛରେ ଥିବା ଭୂତଳ ବଙ୍କରରେ ରହିବା ନିଷ୍ପତ୍ତି ନେଲେ। ଏ ଲାଗି ସେ ତାଙ୍କ ସାଙ୍ଗଙ୍କୁ ମାସିକ ୫୦୦ ଡଲାର ଭଡ଼ା ବାବଦରେ ଦେଇଥାନ୍ତି। ୧୨୦୦ ବର୍ଗ ଫୁଟରେ ବ୍ୟାପ୍ତ ଏହି ଭୂତଳ ବଙ୍କର। ଏହି ବଙ୍କରରେ ଗୋଟିଏ ମାଷ୍ଟର ବେଡ୍‌ରୁମ୍, ରୋଷେଇଘର, ଡ୍ରଇଂ ରୁମ୍, ଦୁଇଟି ବାଥରୁମ୍ ରହିଛି। କ୍ୟାଲଫର୍ଣ୍ଣିଆରେ ଗୋଟିଏ ବେଡରୁମ୍ ଯୁକ୍ତ ଘର ଭଡ଼ା ଆକାଶଛୁଆଁ। ଏଭଳି ଘରଟିଏ ସେ ଭଡ଼ା ନେଇ ରହିଥିଲେ ମାସକୁ ୧.୫ରୁ ୨ହଜାର ଡଲାର ଖର୍ଚ୍ଚ କରିଥାନ୍ତେ। ହେଲେ ବଙ୍କରରେ ରହି ମାସକୁ ୧.୫ ହଜାର ଡଲାର ସଞ୍ଚୟ କରୁଥିବା କ୍ୟାଟଲିନ୍ କହୁଛନ୍ତି। ସେହିପରି ତାଙ୍କ ସାଙ୍ଗ ୨୦୨୨ ମସିହାରେ ଏହି ଜାଗା କିଣିଥିଲେ। ଏହି ଜମିର ପୂର୍ବତନ ମାଲିକ ଏଥିରେ ଭୂତଳ ବଙ୍କର ତିଆରି କରିଥିବା ତାଙ୍କ ସାଙ୍ଗ ଜାଣିବାକୁ ପାଇଥିଲେ। ତାଙ୍କର ସେହି ସାଙ୍ଗ କ୍ୟାଟଲିନ୍ଙ୍କୁ ବଙ୍କରରେ ରହି ଏହାର ଦେଖାଶୁଣା କରିବାକୁ ପରାମର୍ଶ ଦେଇଥିଲେ। ଏବେ କ୍ୟାଟଲିନ୍ ଏଠାରେ ରହିବା ସହ ଏହାର ଦେଖାଶୁଣା କାମ ବି କରୁଛନ୍ତି। ବଙ୍କରର ପରିବେଶ ଖୁବ୍ ଶାନ୍ତ ହୋଇଥିବାବେଳେ ସାଧାରଣ ଆପାର୍ଟମେଣ୍ଟରେ ରହିବା ଭଳି ତାଙ୍କୁ ଲାଗୁଛି। କାରଣ ଭୂତଳରେ ରହିଲେ ବି ତାଙ୍କୁ ଫୋନ୍ ଏବଂ ଇଣ୍ଟରନେଟ୍ ସିଗନାଲ ମିଳିପାରୁଛି। ଅନ୍ୟପଟେ ବଙ୍କରରେ ରହିବାର ସେଭଳି କିଛି ବିଶେଷ ଲାଭ ନ ଥିବା ସେ କହନ୍ତି। ଏହାବାଦ୍ ଯଦି ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୁଏ, ତେବେ ବଙ୍କରରେ ରହି ନିଜକୁ ସୁରକ୍ଷିତ ରଖିପାରିବେ ବୋଲି କ୍ୟାଟଲିନ୍ କହିଛନ୍ତି। ତେବେ ବଙ୍କରରେ ପ୍ରାକୃତିକ ଆଲୋକ ପଡୁ ନ ଥିଲେ ବି ଏହାକୁ ନେଇ କୌଣସି ସମସ୍ୟା ସେ ସାମ୍ନା କରି ନାହାନ୍ତି। ସେ ତାଙ୍କ ଶୋଇବା ଘରେ କୃତ୍ରିମ ସୂର୍ଯ୍ୟାଲୋକର ବ୍ୟବସ୍ଥା ବି କରିଛନ୍ତି। ସେହିଭଳି ବଙ୍କର ମଧ୍ୟରେ ଦୁଇଟି କବାଟ ଅଛି ଯାହାକୁ ସୂର୍ଯ୍ୟାଲୋକ ପାଇଁ ଦିନରେ ସେ ଖୋଲା ରଖିଥାନ୍ତି।

# ଇଣ୍ଟରନେଟ୍ ବ୍ୟବହାର ହେଉ ନ ଥିବା ଦେଶ

ସମ୍ପ୍ରତି ଇଣ୍ଟରନେଟ୍‌ର ଯୁଗ। ଇଣ୍ଟରନେଟ୍ ବିନା ଜୀବନ କଳ୍ପନା କରିବା ଅସମ୍ଭବ। ଯାତାୟାତ, ଖାଦ୍ୟପେୟ କିମ୍ବା କୌଣସି ସ୍ଥାନର ସୂଚନା ଜାଣିବାକୁ ହେଲେ, ପ୍ରଥମେ ଇଣ୍ଟରନେଟ୍ ଖୋଜା ପଡ଼ିଥାଏ। କିନ୍ତୁ ବିଶ୍ୱରେ ଏଭଳି ଏକ ଦେଶ ରହିଛି, ଯେଉଁଠି ଇଣ୍ଟରନେଟ୍ ବ୍ୟବହାର କରାଯାଏ ନାହିଁ। ତେବେ ଇରିଟ୍ରିଆ ନାମରେ ପରିଚିତ ଏହି ଦେଶରେ ଲୋକେ ମୋବାଇଲରେ ଇଣ୍ଟରନେଟ୍ ଡାଟା ବ୍ୟବହାର କରନ୍ତିନି। ଏପରିକି ଏଠାକାର ଲୋକଙ୍କୁ ମୋବାଇଲ ସିମ୍ କାର୍ଡ ପାଇଁ ମଧ୍ୟ ସରକାରଙ୍କ ଅନୁମତି ନେବାକୁ ପଡ଼ିଥାଏ। ସ୍ଥାନୀୟ ପ୍ରଶାସନର ମଞ୍ଜୁରୀ ପରେ ସିମ୍‌କାର୍ଡ ମିଳିଥାଏ। ଅଲଗା ଦେଶର ଲୋକେ ପହଞ୍ଚିଲେ ସେମାନଙ୍କୁ ଏହି ଦେଶର ଅସ୍ଥାୟୀ ସିମ୍‌କାର୍ଡ ନେବା ପାଇଁ ଆବେଦନ କରିବାକୁ ପଡ଼େ। ଦେଶ ଛାଡ଼ିଲେ ସିମ୍ କାର୍ଡ ଫେରାଇବାକୁ ପଡ଼େ। ଏହା ବିଶ୍ୱର ସବୁଠୁ ଲୁକ୍କାୟିତ ଦେଶ ଭାବେ ଜଣାଯାଏ। ଏହାକୁ ଆଫ୍ରିକାର 'ଉତ୍ତର କୋରିଆ' ବୋଲି କୁହାଯାଏ। ୧.୧୭ ଲକ୍ଷ ବର୍ଗ କିଲୋମିଟର ପରିବ୍ୟାପ୍ତ ଏହି ଦେଶର ସମୁଦାୟ ଜନସଂଖ୍ୟା ୩୫ ଲକ୍ଷ। ସେହିପରି ଏହି ଦେଶର କୌଣସି ନିର୍ଦ୍ଦିଷ୍ଟ ସରକାରୀ ଭାଷା ନାହିଁ। ଏଠାକାର ଲୋକେ ଗ୍ରୀନ୍ୟା, ଆରବୀ ତଥା ଇଂରାଜୀ ଭାଷାରେ କଥାବାର୍ତ୍ତା କରିଥାନ୍ତି। ଏଠାରେ ସମୁଦାୟ ଜନସଂଖ୍ୟାର ମାତ୍ର ଏକ ପ୍ରତିଶତ ଲୋକ ଇଣ୍ଟରନେଟ୍ ବ୍ୟବହାର କରନ୍ତି। ତେବେ ଲୋକେ ଘରେ ବସି ଇଣ୍ଟରନେଟ୍ ଚଳାଇ ପାରିବେ ନାହିଁ। ଇଣ୍ଟରନେଟ୍ ବ୍ୟବହାର କରିବାକୁ ଇରିଟ୍ରିଆର ସହରାଞ୍ଚଳରେ ହାତଗଣତି କେତୋଟି କାଫେ ରହିଛି। ସେଠାକୁ ଯାଇ ଲୋକମାନେ ୱାଇଫାଇ ମାଧ୍ୟମରେ ମୋବାଇଲ ଫୋନ୍‌ରେ ଇଣ୍ଟରନେଟ୍ ବ୍ୟବହାର କରିଥାନ୍ତି। ଏହାର ସ୍ପିଡ୍ ୨ ଜିବିରୁ କମ୍। ଏହି କାଫେରେ ଘଣ୍ଟାଏ ଇଣ୍ଟରନେଟ୍ ବ୍ୟବହାର କରିବା ପାଇଁ ୧୦୦ ଟଙ୍କା ଦେବାକୁ ପଡ଼ିଥାଏ। ଏଥିପାଇଁ ଖୁବ୍ କମ୍ ସଂଖ୍ୟକ ଲୋକ ଏଠାରେ ଇଣ୍ଟରେନଟ୍ ବ୍ୟବହାର କରନ୍ତି। ଏଠାରେ ଲୋକେ ସରକାରଙ୍କ ବିନା ଅନୁମତିରେ ଦେଶ ଛାଡ଼ି ପାରିବେ ନାହିଁ। ଯଦି ଏପରି କରୁଥିବାର କେହି ଧରାପଡ଼ିଲେ ତାଙ୍କୁ ଗୁଳି ମାରି ଦିଆଯାଏ। ଏଠାରେ ପର୍ଯ୍ୟଟକମାନେ ଯିବା ଆସିବା ଉପରେ ମଧ୍ୟ ଅନେକ କଟକଣା ରହିଛି। ସେଥିପାଇଁ ଏଠାକୁ ବହୁତ କମ୍ ସଂଖ୍ୟାରେ ପର୍ଯ୍ୟଟକ ଆସନ୍ତି।



# ଚୀନ୍‌ରେ ବଢୁଛି ନକଲି ଅଫିସ୍ ଟ୍ରେଣ୍ଡ



ପାଠପଢ଼ା ସରିବା ପରେ ଯୁବକଯୁବତୀମାନେ ବେଶ୍ ମୋଟା ଅଙ୍କର ଦରମା ମିଳୁଥିବା ଚାକିରିଟିଏ ପାଇବା ପାଇଁ ଇଚ୍ଛା ରଖିଥାନ୍ତି। ହେଲେ ବର୍ଷ ବର୍ଷର ଲଗାତାର ଚେଷ୍ଟା ସତ୍ତ୍ୱେ ଅନେକଙ୍କୁ ନିଜ ମନଲାଖି ଚାକିରିଟିଏ ମିଳି ନ ଥାଏ। କିନ୍ତୁ ବିନା ଦରମାରେ ଚାକିରି କରିବାକୁ କେହି ବି ରାଜି ହୋଇ ନ ଥାନ୍ତି। ଯଦି ବିନା ଦରମାରେ ଚାକିରି କରିକି ଏଥିପାଇଁ ମାଲିକଙ୍କୁ ଟଙ୍କା ଦେବାକୁ ପଡ଼ିଥାଏ, ଏହାଠାରୁ ଆଉ ଦୁଃଖର ବିଷୟ ଆଉ କ'ଣ ହୋଇପାରେ। ଏଭଳି କିଛି ଧାରା ଏବେ ଚୀନ୍‌ରେ ଦେଖିବାକୁ ମିଳୁଛି। କାରଣ ଏଠାରେ ବେରୋଜଗାରୀ ବଢ଼ିବାରେ ଲାଗିଛି। ଚୀନ୍‌ର ଯୁବପିଢ଼ି କମ୍ପାନିମାନଙ୍କୁ ବେଶ୍ ମୋଟା ଅଙ୍କର ଅର୍ଥ ଦେଇ ସେମାନଙ୍କ ଅଫିସ୍‌ରେ କାମ କରୁଥିବାର ମିଛ ଅଭିନୟ କରୁଛନ୍ତି। ଏଭଳି ସେବା ପ୍ରଦାନ କରୁଥିବା କମ୍ପାନିଗୁଡ଼ିକ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଚୀନ୍‌ରେ ଏବେ ଚାକିରି ମିଳିବା ବେଶ୍ କଷ୍ଟକର ହୋଇ ପଡ଼ିଛି। ଘରେ ବସିବା ଅପେକ୍ଷା ଟଙ୍କା ଖର୍ଚ୍ଚ କରି ଅଫିସ୍ ଯିବାକୁ ପସନ୍ଦ କରୁଛନ୍ତି ଏଠାକାର ଯୁବକ ଯୁବତୀ। ସେହିଭଳି କମ୍ପାନିଗୁଡ଼ିକ ବି ଯୁବକଯୁବତୀଙ୍କୁ ସେମାନେ ଚାକିରି କରୁଥିବା ଭଳି ଅନୁଭବ ଦେବା ପାଇଁ କମ୍ପ୍ୟୁଟର, ମିଟିଂ ରୁମ୍, ଚାହା, କଫିର ବ୍ୟବସ୍ଥା ମଧ୍ୟ କରିଥାନ୍ତି। ତେବେ ଯୁବକଯୁବତୀମାନେ ଏଭଳି ନକଲି ଅଫିସ୍ ପାଇଁ କମ୍ପାନିଗୁଡ଼ିକୁ ଦିନକୁ ୩୦୦-୫୦୦ ଟଙ୍କା ଦେଇଥାନ୍ତି। ସବୁଠୁ ବଡ଼ କଥା ହେଉଛି ଏଭଳି ନକଲି ଅଫିସ୍ ଟ୍ରେଣ୍ଡ ଚୀନ୍‌ର ବଡ଼ ବଡ଼ ସହର ସଂଘାଇ, ଚେଙ୍ଗଡୁ, କୁନମିଙ୍ଗ୍, ସେନ୍‌ଜେନ୍‌ରେ ଦେଖିବାକୁ ମିଳିଛି।

## ଭିନ୍ନ ଏକ କାଫେ

# ମହିଳା ପୋଷାକରେ ପୁରୁଷ ୱେଟର୍



ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ହୋଟେଲ, ରେସ୍ତୋରାଁ ଏବଂ କାଫେଗୁଡ଼ିକ ନୂଆ ନୂଆ ଉପାୟ ଆପଣାଇଥାନ୍ତି। ତେବେ ଅଧିକାଂଶ ହୋଟେଲ କିମ୍ବା ରେସ୍ତୋରାଁରେ ଶିକ୍ଷିତ, ସୁନ୍ଦର ଚେହେରା ଓ ଆର୍ଷଣୀୟ ବ୍ୟକ୍ତିତ୍ୱର ଲୋକଙ୍କୁ ୱେଟର୍ ଭାବେ ନିଯୁକ୍ତି ଦିଆଯାଏ। ଏହି କ୍ରମରେ ଏବେ ଜଣେ ସୁନ୍ଦରୀ ୱେଟର୍‌ଙ୍କୁ ନେଇ ସବୁଠି ଚର୍ଚ୍ଚା। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଏହି ସୁନ୍ଦରୀ ତରୁଣୀ ଜଣକ ହେଉଛନ୍ତି ଜାପାନର ୧୯ ବର୍ଷୀୟ ମାୟୁଟାମୁ। ବାସ୍ତବରେ ମାୟୁଟାମୁ ଜଣେ ଯୁବକ। ସେ ଟୋକିଓର ମେଡ୍ କାଫେରେ କାର୍ଯ୍ୟ କରୁଛନ୍ତି। ଏହା ଜାପାନର ପ୍ରଥମ କ୍ରସ୍-ଡ୍ରେସିଂ ମେଡ୍ କାଫେ ଅଟେ। ତେବେ ଏହି କାଫେର ସ୍ୱତନ୍ତ୍ରତା ହେଉଛି ଏଠାରେ ନିଯୁକ୍ତ ସବୁ ୱେଟର୍‌ମାନେ ପୁରୁଷ ହେଲେ ବି ସେମାନେ ମହିଳାଙ୍କ ପରି ବେଶଭୂଷାରେ ନଜର ଆସିଥାନ୍ତି। ମାୟୁଟାମୁଙ୍କ ଉଚ୍ଚତା ୫ଫୁଟ ୫ ଇଞ୍ଚ। ତାଙ୍କର ଓଜନ ୪୮ କିଲୋ। ତାଙ୍କର ଶାରୀରିକ ଗଠନ ବି ଅବିକଳ ଝିଅମାନଙ୍କ ପରି। ତେଣୁ ଅଧିକାଂଶ ତାଙ୍କୁ ମହିଳା ୱେଟର୍ ବୋଲି ଭାବନ୍ତି। ତେବେ ଏହି କାଫେରେ ଘଣ୍ଟାଏ ସମୟ ବିତାଇବା ପାଇଁ ଗ୍ରାହକଙ୍କୁ ଭାରତୀୟ ମୁଦ୍ରାରେ ଆଠଶହ ଟଙ୍କା ଦେବାକୁ ପଡ଼ିଥାଏ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।



ଇନ୍ଦ୍ରଧନୁର ସପ୍ତରଙ୍ଗରେ ଝଲସୁଛି କଳାବଉଦ-ନୀଳସାଗର (ଫଟୋ: ଅନିଲ, ପୁରୀ)

# ନଦୀରେ ବୁଡ଼ି ୭୩ ମଇଁଷି ମୃତ



ରାଜନଗର/ ଆଳି, ୧୭।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଏକମାଣିଆ ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ବ୍ରାହ୍ମଣୀର ଶାଖା ନଦୀ 'ଗଳିଆ' ପାର ହେଉଥିବା ବେଳେ ୭୩ଟି ମଇଁଷି ବୁଡ଼ି ପ୍ରାଣ ହରାଇଛନ୍ତି। ଏକକାଳୀନ ଏତେସଂଖ୍ୟାରେ ମଇଁଷିଙ୍କ ମୃତ୍ୟୁ ପରେ ତିନିଜଣ ଚାଷୀ ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି।

ସୂଚନା ମୁତାବକ, ଏକମାଣିଆ ଗାଁ ନିକଟ ଦେଇ ପ୍ରବାହିତ ହେଉଥିବା ଶାଖା ନଦୀରେ ଆଜି ସକାଳୁ ୭୩ଟି ମଇଁଷିଙ୍କ ଏକକାଳୀନ ମୃତ୍ୟୁ ଘଟିଛି। ବ୍ରାହ୍ମଣୀ ନଦୀର ଶାଖା 'ଗଳିଆ' କୂଳରେ ୮୮ଟି ମଇଁଷି ଥିଲେ। ସକାଳୁ ମଇଁଷିମାନଙ୍କୁ ଚରିବା ପାଇଁ ଖୋଲି ଦିଆଯାଇଥିଲା। ଘାସ ଚରିଚରି ମଇଁଷିମାନେ ଆଗକୁ ବଢ଼ିଥିଲେ। ପରେ ମଇଁଷିମାନେ ଏହି ନଦୀରେ ପଶିଥିଲେ। ନଦୀଟି ଗହିରିଆ ଓ ଅଣଓସାରିଆ ଥିବାରୁ ମଇଁଷିମାନେ ଛନ୍ଦାଛନ୍ଦି ହୋଇ ଏକକାଳୀନ ମୃତ୍ୟୁବରଣ କରିଥିଲେ। ସୌଭାଗ୍ୟବଶତଃ ୧୫ଟି ମଇଁଷି ବର୍ତ୍ତିଯାଇଛନ୍ତି। ଏଥିରେ ଗଣେଶ ଦାସଙ୍କ ୪୦ଟି ମଇଁଷିଙ୍କ ମୃତ୍ୟୁ ଘଟିଥିବା ବେଳେ ଏଥିରୁ ୧୫ରୁ ଅଧିକ କ୍ଷୀର ଦେଉଥିଲେ। ଏହି ଅଘଟଣ ଯୋଗୁଁ ସେ ବ୍ୟାପକ କ୍ଷତି ସହିଛନ୍ତି। ସେହିପରି ଜଗନ୍ନାଥ ଦାସଙ୍କ ୧୭ଟି ଓ ପାଗଳା ବିଶ୍ୱାଳଙ୍କ ୧୬ଟି ମଇଁଷିଙ୍କର ମୃତ୍ୟୁ ଘଟିଛି। ତେବେ ଜଗନ୍ନାଥ ଦାସଙ୍କ ୩ଟି ଓ ପାଗଳା ବିଶ୍ୱାଳଙ୍କ ୧୨ଟି ମଇଁଷି ବଞ୍ଚିଯାଇଛନ୍ତି। ମଇଁଷି ହରାଇଥିବା ଚାଷୀ କହିଛନ୍ତି, ଆଜ ରୋଜଗାର ବୁଡ଼ିଗଲା। ଏହି ମଇଁଷିମାନେ ଆମକୁ ଦାନା ଦେଉଥିଲେ। ଏବେ ଆମେ କ'ଣ କରିବୁ କ'ଣ? ବଞ୍ଚିବୁ କେମିତି? ପରିବାର କେମିତି ଚଳିବ ବୋଲି କହିଛନ୍ତି।

# ସାମାନ୍ୟ ବଚସାରୁ ପଡ଼ୋଶୀଙ୍କୁ ଛୁରି ଭୁସି ହତ୍ୟା

ଶେରଗଡ଼,୧୭।୮(ସମିସ): ସାମାନ୍ୟ ବଚସାକୁ କେନ୍ଦ୍ର କରି ପଡ଼ୋଶୀଙ୍କୁ ଛୁରି ଭୁସି ହତ୍ୟା। ଶେରଗଡ଼ ମିନି ଷ୍ଟାଡିୟମ୍ ନିକଟରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ନୀଳାଞ୍ଚଳ ମିଶ୍ର (୬୦)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଘଟଣା ପରଠାରୁ ଅଭିଯୁକ୍ତଜଣଙ୍କ ଫେରାର୍ ହୋଇଯାଇଥିବା ଜଣାଯାଇଛି।

ସୂଚନାନୁଯାୟୀ, ଶେରଗଡ଼ ଥାନା ଅନ୍ତର୍ଗତ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମ୍ ନିକଟରେ ଦୁଇ ପଡ଼ୋଶୀ ଭାବେ ନୀଳାଞ୍ଚଳ ଏବଂ ରଞ୍ଜିତ କୁମାର ପଣ୍ଡା (୪୯) ରୁହନ୍ତି। ବିଭିନ୍ନ ସମୟରେ ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଯୁକ୍ତିତର୍କ ହୋଇଥାଏ। ଶନିବାର ରାତିରେ ରଞ୍ଜିତଙ୍କ ଘରେ ଭଡ଼ାରେ ରହୁଥିବା ଜଣେ ବ୍ୟକ୍ତି ତାଙ୍କ ବାଇକ୍‌କୁ ଷ୍ଟାର୍ଟ କରିବାକୁ ନୀଳାଞ୍ଚଳଙ୍କ ପୁଅ ଆଲୋକଙ୍କୁ ଡାକିଥିଲେ। ଆଲୋକ ବାଇକ୍ ଷ୍ଟାର୍ଟ କରିବା ପରେ 'ମୋ ଦାଣ୍ଡକୁ କାହିଁକି ଆସିଛୁ' କହି ରଞ୍ଜିତ ଆଲୋକଙ୍କ ସହ ବଚସା କରିଥିଲେ। ଏହାକୁ ନେଇ ନୀଳାଞ୍ଚଳ ଓ ରଞ୍ଜିତଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। କ୍ରମେ ଏହା ଉଗ୍ରରୂପ ନେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ରଞ୍ଜିତ ଘରୁ ଏକ ଛୁରି ଆଣି ନୀଳାଞ୍ଚଳଙ୍କ ଛାତିରେ ଭୁସି ଦେଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ନୀଳାଞ୍ଚଳଙ୍କ ଭାଇ ପତିତପାବନ ଶେରଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ଲାଗି ଟିମ୍ ଗଠନ କରିବା ସହ ଛାନଭିନ୍ ଚଳାଇଛି। ଏଥିସହ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଚୋରି ଅଭିଯୋଗରେ ପିଟିପିଟି ମାରିଦେଲେ

ଅନୁଗୋଳ, ୧୭।୮ (ସମିସ): ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ପିଟିପିଟି ମାରିଦେବା ଭଳି ଏକ ଲୋମହର୍ଷଣକାରୀ ଘଟଣା ଅନୁଗୋଳ ଥାନା ରାଣୀଗୋଡ଼ା ଅଞ୍ଚଳରେ ଘଟିଛି। ମୃତକ ହେଲେ, ରାଣୀଗୋଡ଼ା ଗାଁର ବାପି ବିଶ୍ୱାଳ। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ଶନିବାର ଗାଁ ପଡ଼ିଆରେ ବାପି ଗୁରୁତର ଅବସ୍ଥାରେ ପଡ଼ିଥିବା କିଛି ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ପୁଲିସ ସହାୟତାରେ ସ୍ଥାନୀୟ ସରପଞ୍ଚ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିଲା। ତାଙ୍କୁ କେହି ଭୀଷଣ ମାଡ଼ ମାରି ଗୁରୁତର କରିଥିବା ସନ୍ଦେହ କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ଜ ଣାପଡ଼ିଛି ଯେ ବାପି ବିଭିନ୍ନ ସମୟରେ ଛୋଟମୋଟ ଚୋରି କରିଥାଏ। କିଛି ଦିନ ତଳେ ବାପି ସେହି ଗାଁର ଜଣଙ୍କ ଘରୁ କିଛି ସାମଗ୍ରୀ ଚୋରି କରି ଧରାପଡ଼ିବା ପରେ ଦୁଇଜଣ ଯୁବକ ତାଙ୍କୁ ମାଡ଼ ମାରିଥିଲେ। ପରେ ପୁଣି ଶନିବାର ସମ୍ପୃକ୍ତ ଦୁଇ ଯୁବକଙ୍କ ସହ ବାପିଙ୍କ ଉଚ୍ଚବାଚ ହେବା ପରେ ସେମାନେ ମାଡ଼ ମାରିଥିଲେ ବୋଲି ଜଣାପଡ଼ିଛି।

■ ଫଲ୍ସ ଖୋଲିବାକୁ ପାଇଖାନା ଟାଙ୍କିରେ ପଶିଥିଲେ

# ଶ୍ୱାସରୁଦ୍ଧ ହୋଇ ୨ ଶ୍ରମିକ ମୃତ

ନୂଆପଡା/ଖଡ଼ିଆଳ,୧୭।୮(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରସ୍ଥିତ ଲକ୍ଷ୍ମୀଛକ ନିକଟରେ ଆଜି ଏକ ନିର୍ମାଣାଧୀନ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୨ ଶ୍ରମିକଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, ଖଡ଼ିଆଳ ଥାନା ଅନ୍ତର୍ଗତ ଛତା ଗାଁର ରଘୁ ହାତୀ ଓ କୋଟେନମୁଣ୍ଡା ଗାଁର ବାସୁଦେବ ଭୋଇ। ଅଗ୍ନିଶମ ବିଭାଗ ଟାଙ୍କି ମଧ୍ୟରୁ ଦୁହିଁଙ୍କ ମୃତଦେହ ଉଦ୍ଧାର କରି ହସ୍ପିଟାଲକୁ ପଠାଇଛି। ଖଡ଼ିଆଳ ପୁଲିସ୍ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ଲକ୍ଷ୍ମୀ ଛକ ନିକଟରେ ଗୋବିନ୍ଦ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ପାଇଖାନା ଟାଙ୍କି ନିର୍ମାଣ ଚାଲିଥିଲା। କିଛି ଦିନ ତଳେ ଟାଙ୍କି ଉପରେ ସ୍ଲାବ୍ ପକାଯାଇଥିଲା। ତେବେ ଆଜି ଟାଙ୍କିର ଫଲ୍ସ ଖୋଲିବା ପାଇଁ ରଘୁ ଓ ବାସୁଦେବ ସ୍ଲାବ୍ ଟେକି ଭିତରକୁ ପଶିଥିଲେ। କିନ୍ତୁ ଭିତରେ ଅମ୍ଳଜାନ ଅଭାବରୁ କିଛି ସମୟ ଭିତରେ ଦୁହେଁ ଅଣନିଃଶ୍ୱାସୀ ହୋଇ ଶ୍ୱାସରୁଦ୍ଧ ହୋଇଯାଇଥିଲେ ଏବଂ ସେମାନଙ୍କର ମୃତ୍ୟୁ ଘଟିଥିଲା। ତେବେ ଦୀର୍ଘ ସମୟ ଧରି ସେମାନେ ବାହାରକୁ ନ ଆସିବାରୁ ଅନ୍ୟମାନଙ୍କର ସନ୍ଦେହ ହୋଇଥିଲା। ବାହାରୁ ଯେତେ ଡାକିଲେ ବି କୌଣସି ସୋରଶବ୍ଦ ନ ଆସିବାରୁ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରିବା ବେଳକୁ ସେମାନଙ୍କ ମୃତ୍ୟୁ ହୋଇସାରିଥିଲା।

# ଓଡ଼ିଶାରେ 'ଆୟୁଷ୍ମାନ' ବକେୟା ୨୦୩୪ କୋଟି: କଂଗ୍ରେସ

ଭୁବନେଶ୍ୱର,୧୭।୮(ସମିସ): ରାଜ୍ୟରେ 'ଆୟୁଷ୍ମାନ' ଯୋଜନାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ି ଚାଲିଥିବା ସମୟରେ ବିରୋଧୀ ମଧ୍ୟ ଏଥିପାଇଁ ସରକାରଙ୍କୁ ନିଶାଣ କରିଛନ୍ତି । ସାରା ଦେଶରେ ଆୟୁଷ୍ମାନ ଯୋଜନାରେ ସରକାରଙ୍କ ଉପରେ ୧.୨୧ ଲକ୍ଷ କୋଟି ଟଙ୍କା ବକେୟା ଥିବାବେଳେ ଓଡ଼ିଶାରେ ଏହି ପରିମାଣ ୨୦୩୪ କୋଟି ଟଙ୍କା ଏବଂ ଏହାଦ୍ୱାରା ଗରିବ ଲୋକଙ୍କ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଛି ବୋଲି ଅଭିଯୋଗ କରିଛି କଂଗ୍ରେସ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅପେକ୍ଷା ଆୟୁଷ୍ମାନକୁ ନିକୃଷ୍ଟତର ଓ ଏଥିରେ ଲୋକମାନେ ହଇରାଣ ହେଉଛନ୍ତି ଓ ସରକାର ଚୁପ୍ ବସିଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଅଭିଯୋଗ କରିଛନ୍ତି । ଓଡ଼ିଶାରେ ବିଜେପି ଶାସନକୁ ଆସିବା ପରେ ଅନ୍ୟ ରାଜ୍ୟମାନଙ୍କ ପରି ଆମ ରାଜ୍ୟକୁ ମଧ୍ୟ ଆୟୁଷ୍ମାନ ଯୋଜନାରେ ସାମିଲ କଲେ। ତେବେ ପୂର୍ବର ବିଜେଡି ସରକାରଙ୍କ ବିଏସ୍‌କେୱାଇରେ ଯେଉଁସବୁ ଅସୁବିଧା ଥିଲା, ତାହା ଆୟୁଷ୍ମାନ ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ବହୁଗୁଣିତ ହୋଇଛି ସିନା, ରାଜ୍ୟବାସୀଙ୍କର କୌଣସି ଲାଭ ହୋଇନାହିଁ। ଲୋକେ ମହଙ୍ଗାରୁ ଯାଇ କାନ୍ତାରରେ ପଡ଼ିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି।




■ ବିଏସ୍‌କେୱାଇଠାରୁ ଆୟୁଷ୍ମାନ ଯୋଜନା ନିକୃଷ୍ଟତର
■ ରାଜ୍ୟବାସୀଙ୍କୁ ଉତ୍ତମ ସୁବିଧା ଦେବା ସରକାରଙ୍କ ଦାୟିତ୍ୱ
■ ବଦଳୁ ଆୟୁଷ୍ମାନ ଯୋଜନାର ରୂପରେଖ ଓ କାର୍ଯ୍ୟକାରିତା

ରବିବାର କଂଗ୍ରେସ ଭବନରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଦାସ କହିଛନ୍ତି ଯେ ବିଏସ୍‌କେୱାଇ ପରିସରଭୁକ୍ତ ହସପିଟାଲ ସଂଖ୍ୟା ମାତ୍ର ୯୦୦ରେ ସୀମିତ ଥିଲାବେଳେ ଆୟୁଷ୍ମାନ ଯୋଜନାରେ ସାମିଲ ହେଲେ ରାଜ୍ୟବାସୀଙ୍କୁ ଦେଶବ୍ୟାପୀ ୨୯ ହଜାର ବଡ଼ବଡ଼ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ମିଳିବ ବୋଲି କୁହାଯାଇଥିଲା। ପରିବାର ପିଛା ବର୍ଷକୁ ୫ ଲକ୍ଷ ଟଙ୍କା, ମହିଳାଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କା ଘୋଷଣା କରାଯାଇଥିଲା। ମୋଟ୍ ୧.୦୩ କୋଟି ପରିବାରର ୩.୪୬ କୋଟି ଲୋକ (ରାଜ୍ୟ ଜନସଂଖ୍ୟାର ପ୍ରାୟ ୮୦%) ବୋଲି କୁହାଯାଇଥିଲା। ରାଜ୍ୟ ବାହାରେ ମଧ୍ୟ ଏହି ସ୍ୱାସ୍ଥ୍ୟସେବା ଉପଲବ୍ଧ ହେବାକୁ ଥିବାରୁ ଲୋକେ ଏହାକୁ ନେଇ ବହୁତ ସ୍ୱପ୍ନ ଦେଖିଥିଲେ। ଅଥଚ ବର୍ଷେ ମଧ୍ୟରେ ଏହାର କାର୍ଯ୍ୟକାରିତାକୁ ଅନୁଧ୍ୟାନ କଲେ ନିରାଶ ହେବାକୁ ପଡୁଛି । ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ହିଁ ତ୍ରୁଟିପୂର୍ଣ୍ଣ ରହିଛି; ଓଟିପି ଟାଇମ୍-ଆଉଟ, ଆଧାର ବିଫଳତା, ଫଟୋ ଅପ୍‌ଲୋଡ୍‌ରେ ଅସୁବିଧା ଓ ପୁନଃ-ପଂଜୀକରଣରେ ବିଳମ୍ବ ଆଦି ରୋଗୀଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ଦାମୀ ଚିକିତ୍ସା ବିଳମ୍ବିତ ହେବା, କ୍ଲେମ୍-ସେଟଲମେଣ୍ଟ ବିଳମ୍ବିତ ହେବା, ମୋଟ ଚିକିତ୍ସା ଖର୍ଚ୍ଚ ସୁବିଧା ବିଏସ୍‌କେୱାଇ ଅପେକ୍ଷା ୧୫-୨୦ ପ୍ରତିଶତ କମ୍ ହେବା ଦ୍ୱାରା କାହାର ଲାଭ ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି। ବିଏସ୍‌କେୱାଇରେ ଥିବା ନୋଡାଲ ଅଫିସର ପ୍ରତ୍ୟାହାର ହେବାଦ୍ୱାରା ଅସୁବିଧା ଦ୍ୱିଗୁଣିତ ହେଲା। ଜଟିଳ ଆୟୁଷ୍ମାନ ଢାଞ୍ଚାକୁ ଚଳାଇବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରେ ଲୋକବଳର ଅଭାବ ସାଙ୍ଗକୁ ନିଅଣ୍ଟିଆ ବଜେଟ ସମସ୍ୟା ସୃଷ୍ଟି କରୁଛି। ଅନେକ ବିଷୟରେ ଚିକିତ୍ସା ସୁବିଧା ଦିଆଯାଉନାହିଁ, ଡାଇଗ୍ନୋସିସ ଓ ଔଷଧ ଆଦିରେ ଏବେ ବି ପକେଟ୍‌ରୁ ଖର୍ଚ୍ଚ କରିବାକୁ ପଡୁଛି। ଜରୁରୀକାଳୀନ ସେବାପାଇଁ ଆଇସିୟୁ, ଭେଣ୍ଟିଲେଟର ଉପଲବ୍ଧ ହେବାରେ ଅଗ୍ରାଧିକାର ମିଳେନାହିଁ। ତେଣୁ ଏହା ଏକ ଜନସ୍ୱାର୍ଥ ବିରୋଧୀ ନୀତି ବୋଲି ଶ୍ରୀ ଦାସ ଅଭିହିତ କରିଛନ୍ତି। ଅନ୍ୟପକ୍ଷରେ ସିଏଜି ରିପୋର୍ଟରେ ମଧ୍ୟ ଅନେକ ପ୍ରତିକୂଳ ମନ୍ତବ୍ୟ ରହିଥିବା ଶ୍ରୀ ଦାସ ପ୍ରକାଶ କରିଛନ୍ତି। ଯାଞ୍ଚ ପ୍ରକ୍ରିୟା ଅଭାବରୁ ଆର୍ଥିକ ହେରଫେର, ଓଭରବିଲିଂ ଓ ମିଛ କ୍ଲେମ୍ (ଏଆଇ ନିୟୋଜିତ ହେରଫେର) ନିତିଦିନିଆ ହୋଇଛି। ଗୋଟିଏ ଆଧାରରେ ଏକାଧିକ ଅବାସ୍ତବ ହିତାଧିକାରୀ ଲାଭାନ୍ୱିତ ଦର୍ଶାଇ ଅର୍ଥ ଚଳୁ କରାଯାଇଛି। ଗୋଟିଏ ମୋବାଇଲ ନମ୍ବରରେ ୭.୫ ଲକ୍ଷ ହିତାଧିକାରୀଙ୍କ ନାମ ଥିବା ଦର୍ଶାଇଥିଲେ ସିଏଜି। ଗୋଟିଏ ଗୋଟିଏ ପରିବାରରେ ୧୧-୨୦୦ ସଦସ୍ୟ ଥିବା ମଧ୍ୟ ଦର୍ଶାଯାଇଛି ବୋଲି ସିଏଜି ଦର୍ଶାଇଛନ୍ତି। ମୃତକଙ୍କୁ ରୋଗୀ ଦର୍ଶାଇ ଅର୍ଥ ଚଳୁ କରାଯାଇଛି। ହସ୍ପିଟାଲରେ ମୃତ୍ୟୁ ପରେ ମଧ୍ୟ ରୋଗୀଙ୍କ ନାମରେ ନୂଆ ଚିକିତ୍ସା ଦର୍ଶାଯାଇଛି। ଏହି ଯୋଜନା ଯୋଗୁଁ ଛୋଟଛୋଟ ହସପିଟାଲ ବନ୍ଦ ହେବା ଆଶଙ୍କା ମଧ୍ୟ ଦେଖାଦେଇଛି ବୋଲି ସେ କହିଛନ୍ତି।

**ବଲଙ୍ଗା ପୀଡ଼ିତାଙ୍କ ବୟାନ ଭିଡିଓ ଭାଇରାଲ ଘଟଣା**

# ଆସାମୀଙ୍କୁ ଖସାଇବା ପାଇଁ ସରକାରଙ୍କ ଷଡ଼ଯନ୍ତ୍ର: ବିଜେଡି

ଭୁବନେଶ୍ୱର,୧୭।୮(ସମିସ): ବଲଙ୍ଗା ଘଟଣାରେ ୩ ଜଣ ଦୁର୍ବୃତ୍ତଙ୍କ ସମ୍ପୃକ୍ତି ରହିଛି ବୋଲି ପୀଡ଼ିତାଙ୍କ ବୟାନ ଭିଡିଓ ଆଜି ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ସେ ତାଙ୍କ ବୟାନରେ ତାଙ୍କୁ ଜାଳିଦେବା ଘଟଣାରେ ୩ ଜଣଙ୍କ ସମ୍ପୃକ୍ତି ରହିଛି ବୋଲି କହୁଥିବାର ଶୁଣାଯାଉଛି। ଏପରି ସ୍ପର୍ଶକାତର ଘଟଣାରେ ଆସାମୀମାନଙ୍କୁ ଖସାଇ ଦେବା ପାଇଁ ରାଜ୍ୟ ସରକାର ପୂର୍ଣ୍ଣ ଚେଷ୍ଟାରେ ଅଛନ୍ତି। ତେଣୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇସ୍ତଫା ଦିଅନ୍ତୁ ଓ ଘଟଣାର ନ୍ୟାୟିକ ତଦନ୍ତ କରାଯାଉ ବୋଲି ଦାବି କରିଛି ବିଜେଡି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିଜ ନିର୍ବାଚନ ମଣ୍ଡଳୀ ନିମାପଡାରେ ଏହି ଘଟଣା ଘଟିଛି ଓ ଶ୍ରୀମତୀ ପରିଡାଙ୍କ ଇଙ୍ଗିତରେ ଆପରାଧୀଙ୍କୁ ଖସାଇ ଦେବାକୁ ଉଦ୍ୟମ କରାଯାଉଛି। ତେଣୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ତୁରନ୍ତ ଇସ୍ତଫା ଦିଅନ୍ତୁ ଓ ଘଟଣାର ନ୍ୟାୟିକ ତଦନ୍ତ କରି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିଜେଡି ମିଡ଼ିଆ ସଂଯୋଜକ ଲେନିନ ମହାନ୍ତି, ମୁଖପାତ୍ର ଇପ୍ସିତା ସାହୁ ଓ ଯୁବନେତା ସୁବ୍ରତ ଛାଟୋଇ ଦାବି କରିଛନ୍ତି।



ନ୍ୟାୟିକ ତଦନ୍ତ ହେଉ, ଉପମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ

ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଲେନିନ ମହାନ୍ତି କହିଛନ୍ତି ଯେ ବଲଙ୍ଗାରେ ନାବାଳିକା ପୋଡିଯିବା ଘଟଣାରେ ପୀଡ଼ିତା ନିଜ ମନ୍ତବ୍ୟରେ ୩ ଜଣ ଦୁର୍ବୃତ୍ତଙ୍କ ସମ୍ପୃକ୍ତି ରହିଛି ବୋଲି ସମସ୍ତ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଘଟଣାର ଅନୁସନ୍ଧାନ କରୁଥିବା ପୁଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲା। କିନ୍ତୁ ପୁଲିସ ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଧରିବାରେ ସକ୍ଷମ ହୋଇନଥିଲା। ପୀଡ଼ିତାଙ୍କ ମୃତ୍ୟୁ ହେବାର ମାତ୍ର ଦଶ ମିନିଟ ଭିତରେ ପୁଲିସ ପକ୍ଷରୁ ଟ୍ୱିଟ୍ ମାଧ୍ୟମରେ ଏହି ଘଟଣାରେ କେହି ସମ୍ପୃକ୍ତି ନାହାନ୍ତି ବୋଲି ବୟାନ ଦେବା ସହିତ ଏହି ସମ୍ବେଦନଶୀଳ ଘଟଣାରେ କେହି ମନ୍ତବ୍ୟ ନଦେବାକୁ ନିବେଦନ କରାଯାଇଥିଲା । ସମଗ୍ର ଘଟଣାରେ ପୁଲିସର ଭୂମିକା ସନ୍ଦେହ ଘେରରେ ରହିଥିବା ବେଳେ ଆଜିର ଭିଡିଓ ଅନେକ ପ୍ରଶ୍ନ ଛିଡା କରିଛି। ବର୍ତ୍ତମାନ ଯେଉଁ ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି, ତାହା ମଧ୍ୟ ତଦନ୍ତ ହେବାର ଆବଶ୍ୟକ ଅଛି । ଏହି ସମସ୍ତ ଘଟଣାରୁ ଜଣାପଡୁଛି, ସରକାର ଆସାମୀ ମାନଙ୍କୁ ଖସାଇ ଦେବା ପାଇଁ ପୂର୍ଣ୍ଣ ଚେଷ୍ଟାରେ ଅଛନ୍ତି।

ସେହିପରି ଇପ୍ସିତା ସାହୁ କହିଥିଲେ ଯେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିବା ସହିତ ନାରୀ ନିର୍ଯାତନା ବୃଦ୍ଧି ପାଇଛି। ସରକାରଙ୍କ ନୂତନ ପରିଚୟ ହେଉଛି ମଣିଷମରା ସରକାର। ଆଜି ଭାଇରାଲ ହୋଇଥିବା ଭିଡିଓରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ, ସତ କେବେ ଲୁଚି ରହେନା। ଯୁବ ନେତା ସୁବ୍ରତ ଛାଟୋଇ କହିଥିଲେ ଯେ ଏହି ଘଟଣାରେ ଅନ୍ୟ କାହାରି ସମ୍ପୃକ୍ତି ନାହିଁ ବୋଲି ପୁଲିସର ବୟାନ ଓ ପୀଡ଼ିତାଙ୍କ ବାପାଙ୍କର ସରକାରଙ୍କୁ ସାବାସୀ ଦେବା ଓ ତାଙ୍କ ଝିଅ ମୃତ୍ୟୁ ପାଇଁ ରାଜନୀତି ନ କରାଯାଉ ବୋଲି ରେକଡର୍ଡ଼ିଂ ବୟାନ ସମଗ୍ର ରାଜ୍ୟବାସୀଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା । ପୀଡିତା ଜୀବିତ ଥିବା ଅବସ୍ଥାରେ ତିନି ତିନି ଥର ପୁଲିସ ଦ୍ୱାରା ତାଙ୍କ ବୟାନ ରେକର୍ଡ କରାଯାଇଥିଲା। କିନ୍ତୁ କୌଣସି ସମୟରେ କାହାର ସମ୍ପୃକ୍ତି ନଥିବା କଥା ପଦାକୁ ଆସି ନ ଥିଲା । ପୀଡ଼ିତାଙ୍କ ମୃତ୍ୟୁର କିଛି କ୍ଷଣ ପରେ ପୁଲିସର ବୟାନ, କେବଳ ଦୋଷୀ ମାନଙ୍କୁ ଘଣ୍ଟ ଘୋଡାଇବା ପାଇଁ ଉର୍ଦ୍ଦିଷ୍ଟ। ଏହା ସ୍ଥାନୀୟ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀଙ୍କ ଇଙ୍ଗିତରେ ହୋଇଛି। ତେଣୁ ଶ୍ରୀମତୀ ପରିଡା ତୁରନ୍ତ ନିଜ ପଦରୁ ଇସ୍ତଫା ଦିଅନ୍ତୁ ଓ ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ସରକାର ଏହି ଘଟଣାର ନ୍ୟାୟିକ ତଦନ୍ତ ଘୋଷଣା କରନ୍ତୁ ବୋଲି ସେ ଦାବି କରିଛନ୍ତି।

# ଜୁଆ ଆଡ଼ାରେ ଚଢ଼ଉ;୧୫ ଗିରଫ

ରାଉରକେଲା,୧୭।୮(ସମିସ): ସୁନ୍ଦରଗଡ଼ ଜିଲ୍ଲାର ଧାରୁଆଡିହ ଥାନା ଅଞ୍ଚଳରେ ଏକ ବଡ଼ଧରଣର ଜୁଆ ଆଡ଼ା ଉପରେ ପୁଲିସ ଅତର୍କିତ ଚଢ଼ଉ କରି ୧୫ ଜଣ ଜୁଆଡିଙ୍କୁ ଗିରଫ କରିଛି। ଜୁଆ ଆଡ଼ାରୁ ଘୁଡୁଘୁଡି ପଟି, ଅନ୍ୟାୟ ସାମଗ୍ରୀ, ନଗଦ ୧ ଲକ୍ଷ ୧ ହଜାର ୩୪୦ ଟଙ୍କା, ୧୭ଟି ବାଇକ ଓ ୨୦ଟି କାରକୁ ଜବତ କରାଯାଇଛି। ଚଢ଼ଉ ବେଳେ ଅନେକ ଜୁଆଡ଼ି ଫେରାର ହୋଇଯାଇଥିବା ସୂଚନା ମିଳିଛି।

**ଟଙ୍କା ସହ ୧୭ ବାଇକ, ୨୦ କାର୍ ଜବତ**



ସୂଚନାନୁଯାୟୀ, ସୁନ୍ଦରଗଡ଼ ଜିଲ୍ଲା ଧାରୁଆଡିହ ଗାଁ ଫୁଟବଲ ପଡ଼ିଆରେ ଶନିବାର ରାତିରେ ଝୁଲଣଯାତ୍ରା ଚାଲିଥିବା ବେଳେ ସେଠାରେ ଆଖପାଖ ଗାଁର ଶହଶହ ସଂଖ୍ୟାରେ ଲୋକ ରୁଣ୍ଡ ହୋଇଥିଲେ। ସେଠାରେ ଏକ ଅନ୍ଧାରିଆ ସ୍ଥାନରେ ଏକ ବଡ଼ଧରଣର ଜୁଆ ଆଡ଼ା ଚାଲିଥିବା ସୂଚନା ପାଇ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଅତିରିକ୍ତ ଏସ୍‌ପି ନୂତନ ସାମଦଙ୍କ ନେତୃତ୍ୱରେ ଧରୁଆଡିହ ପୁଲିସ ସଦଳବଳେ ଉକ୍ତ ଜୁଆ ଆଡ଼ା ଉପରେ ଅତର୍କିତ ଚଢ଼ଉ କରିଥିଲେ। ତେବେ ପୁଲିସକୁ ଦେଖି ୧୫ରୁ ଊର୍ଦ୍ଧ୍ୱ ଜୁଆଡି ସେଠାରୁ ଖସି ପଳାଇବାକୁ ସକ୍ଷମ ହୋଇଥିଲେ। ଜୁଆ ଆଡ଼ାରୁ ୧୫ଜଣ ଜୁଆଡିଙ୍କୁ ପୁଲିସ ଗିରଫ କରି ଉପରୋକ୍ତ ଟଙ୍କା ଓ ସାମଗ୍ରୀ ଜବତ କରିଛି। ଜୁଆଡିମାନେ ନିକଟବର୍ତ୍ତୀ ବାଗଡିହ, ସାହସପୁର, ବାମଡା ଅଞ୍ଚଳର ବୋଲି ସୂଚନା ମିଳିଛି।

**ଅଦିନିଆ ରଥଯାତ୍ରାକୁ ଶଙ୍କରାଚାର୍ଯ୍ୟଙ୍କ ନିନ୍ଦା**

# ନିଜର ଖ୍ୟାତି ପାଇଁ ଇସ୍କନ ଏଭଳି କରୁଛି

ପୁରୀ,୧୮।୮(ସମିସ): ଇସ୍କନର ଅଦିନିଆ ରଥଯାତ୍ରା ଓ ଦୀଘା ଜଗନ୍ନାଥ ଧାମକୁ ନିନ୍ଦା କରିଛନ୍ତି ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମି ନିଶ୍ଚଳାନନ୍ଦ ସରସ୍ୱତୀ। ସେ କହିଛନ୍ତି, ବିଧିବିଧାନକୁ ଉଲ୍ଲଂଘନ କରି ନିଜର ଖ୍ୟାତି ପାଇଁ ଇସ୍କନ ଏଭଳି କାର୍ଯ୍ୟ କରୁଛି। ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ଅନୁଷ୍ଠିତ ହୋଇଥାଏ। ସନାତନ ବୈଦିକ ଧର୍ମରେ ବୈଷ୍ଣବ ପ୍ରଥା ଅନୁସାରେ ଇସ୍କନ ମଧ୍ୟ ସେହିଦିନ ରଥଯାତ୍ରା ଆୟୋଜନ କରିବା ଆବଶ୍ୟକ। ସେହିପରି, ଦୀଘା ଜଗନ୍ନାଥ ଧାମ ପ୍ରସଙ୍ଗ ସମ୍ପର୍କରେ ଜଗତ୍‌ଗୁରୁ କହିଛନ୍ତି, ପଶ୍ଚିମବଙ୍ଗର ଅଧିକାଂଶ ଭକ୍ତ ପୁରୀ ଆସିଥା'ନ୍ତି। ସେମାନେ ବି ଜାଣିଛନ୍ତି ଜଗନ୍ନାଥ ଧାମ କେବଳ ପୁରୀକୁ ହିଁ ବୁଝାଏ। ଯଦି ଦୀଘାକୁ ଜଗନ୍ନାଥ ଧାମ କୁହାଯାଏ, ତେବେ ମମତା ବାନାର୍ଜୀଙ୍କ ପ୍ରତି ପଶ୍ଚିମବଙ୍ଗବାସୀଙ୍କ ମମତା ରହିବନି ବୋଲି କହିଛନ୍ତି ଶଙ୍କରାଚାର୍ଯ୍ୟ।

**ଜଗନ୍ନାଥ ଧାମ କେବଳ ପୁରୀକୁ ହିଁ ବୁଝାଏ**

ଅନ୍ୟପକ୍ଷରେ ଉପରୋକ୍ତ ପ୍ରସଙ୍ଗକୁ ନେଇ ଶଙ୍କରାଚାର୍ଯ୍ୟଙ୍କୁ ଭେଟିଛନ୍ତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ଦୀଘା ଜଗନ୍ନାଥ ଧାମର ପରିଚାଳନା କରୁଛି ଇସ୍କନ। ତିଥି ଅନୁଯାୟୀ, ସେଠାରେ କୃଷ୍ଣ ଜନ୍ମନୀତି ପାଳନ କରାଯାଇଛି। ହେଲେ ଦୀଘା ଜଗନ୍ନାଥ ମନ୍ଦିରକୁ ନେଇ ଧାମ ବୋଲି ପ୍ରଚାରପ୍ରସାର ଜୋର୍‌ଦାର ହେଉଛି। ଏହାର ପରିଚାଳନା ଦାୟିତ୍ୱରେ ଥିବା ଇସ୍କନ କାହିଁକି ଧାମ ଶବ୍ଦ ବ୍ୟବହାରକୁ ବିରୋଧ କରୁନାହିଁ? ସେହିପରି ଅଦିନିଆ ରଥଯାତ୍ରା ପାଳନ ଉପରେ କାହିଁକି ରୋକ୍ ଲଗାଉନି ଇସ୍କନ। କିଛି ଏଭଳି ଯୁକ୍ତି ବାଢ଼ିଛନ୍ତି ପୂର୍ବତନ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଶ୍ରୀ ପଟ୍ଟନାୟକ। ଶଙ୍କରାଚାର୍ଯ୍ୟ ହିନ୍ଦୁ ଧର୍ମର ମୁଖ୍ୟ ଭାବରେ ଏହାକୁ ନେଇ ମତ ତଥା ଆଭିମୁଖ୍ୟ ରଖିବାକୁ ସେ ଅନୁରୋଧ କରିଛନ୍ତି।

ଶଙ୍କରାଚାର୍ଯ୍ୟ କହିଛନ୍ତି, ପୁରୀ ମନ୍ଦିରକୁ ମୁଖ୍ୟତଃ ବେଙ୍ଗଲି ଭକ୍ତ ଆସିବା ସହ ଅର୍ଥନୀତିକୁ ସହଯୋଗ ମିଳିଥାଏ। ପଶ୍ଚିମବଙ୍ଗରେ ମମତା ସରକାର ଦୀଘା ମନ୍ଦିର ନାଁରେ ଅର୍ଥନୀତିକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ଲୋକଙ୍କ ଭାବନାକୁ ପ୍ରଭାବିତ କରି ପାରିନାହାନ୍ତି। ଦ୍ୱାରକା ପୁରୀ ଦ୍ୱାରକାକୁ ବୁଝାଏ, କିନ୍ତୁ ପୁରୀ କେବଳ କହିଲେ ଜଗନ୍ନାଥ ପୁରୀକୁ ବୁଝାଏ। ତେଣୁ ପୁରୀ ହିଁ କେବଳ ଜଗନ୍ନାଥ ଧାମ ବୋଲି ସ୍ପଷ୍ଟ କରିଛନ୍ତି ଶଙ୍କରାଚାର୍ଯ୍ୟ।

# ମା' ହେଲେ ୧୩ ବର୍ଷୀୟା ନାବାଳିକା

ବାଲିଆପାଳ,୧୭।୮ (ସମସ): ବାଲିଆପାଳରେ ଲଜ୍ଜା। ମା' ହେଲେ, ୧୩ ବର୍ଷୀୟା ଜଣେ ନାବାଳିକା। ଗତ ଗୁରୁବାର ଦିନ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଂପୃକ୍ତ ନାବାଳିକାଜଣଙ୍କ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଛନ୍ତି। ଏହି ଘଟଣା ଏବେ ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ବାଲିଆପାଳ ପୁଲିସ ନମ୍ବର ୧୭୪/୨୫ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପୁଲିସ ନାବାଳିକା ଓ ତାଙ୍କ ନବଜାତକକୁ ଚାଇଲ୍ଡ ଲାଇନ୍‌କୁ ହସ୍ତାନ୍ତର କରିଥିବା କହୁଥିବା ବେଳେ ଚାଇଲ୍ଡ ଲାଇନର ମୁଖ୍ୟ ପ୍ରଶାନ୍ତ କୁମାର ରାଉତ ଏ ସଂପର୍କରେ କିଛି ଜାଣିନଥିବା କହିଛନ୍ତି।

**ଅସଦାଚରଣ ଅଭିଯୋଗ ନେଇ ଥାନାରେ ମାମଲା**

ସୂଚନାନୁଯାୟୀ, ନାବାଳିକାଜଣଙ୍କ ପଶ୍ଚିମବଙ୍ଗ ରାଜନଗର ଥାନା ଅନ୍ତର୍ଗତ ଗୋପିନାଥପୁର ଅଞ୍ଚଳର। ପିଲାଟି ଦିନରୁ ସେ ନିଜ ଅଜାଘର ଯମୁନାଶୋଳ ଅଞ୍ଚଳରେ ରହିଆସୁଥିଲେ। ତେବେ ଉକ୍ତ ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କୁ ପ୍ରଲୋଭିତ କରି ତାଙ୍କ ସହ ବାରମ୍ବାର ସମ୍ପର୍କ ରଖିଥିଲା। ଫଳରେ ନାବାଳିକାଜଣଙ୍କ ଗର୍ଭବତୀ ହୋଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଥାନାରେ ଅଭିଯୋଗ କରିଛନ୍ତି।

ସକାଳ THE SAKALA



# ଡକାୟତି ମାମଲାରେ ଦୁଇ ଗିରଫ; ୨ ବାଇକ୍ ଜବତ

ରାୟଗଡ଼ା,୧୭ ।୮ (ସମିସ): ରାୟଗଡ଼ା ଜିଲ୍ଲା ଶେଷଖାଲ ଥାନା ଅନ୍ତର୍ଗତ ଜେମାଦେଇପେଣ୍ଟରେ ଡକାୟତି ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତଙ୍କ ଠାରୁ ୨ଟି ବାଇକ୍ ଓ ୨ଟି ମୋବାଇଲ ଜବତ ହୋଇଛି । ଏହି ଡକାୟତି ମାମଲାରେ ଦୁଇ ଜଣ ନାବାଳକଙ୍କର ମଧ୍ୟ ସମ୍ପୃକ୍ତି ରହିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି । ନାବାଳକ ଅଭିଯୁକ୍ତଙ୍କୁ ଧରି ସୁଧାର ଗୃହକୁ ପଠାଇଛି ପୁଲିସ । ଏ ନେଇ ପୁଲିସ ଠାରୁ ମିଳିଥିବା ସୂଚନା ମୁତାବକ, ଗତ ଜୁଲାଇ ୨୮ ତାରିଖ ଭୋରରେ ଆନ୍ଧ୍ରରୁ ରାୟଗଡା ଅଭିମୁଖେ ଏକ ପିକ୍ ଭ୍ୟାନରେ ବାଟାଗାଙ୍ଗା ରାଜୁ ନାମକ ଜଣେ ବ୍ୟକ୍ତି ଛେଳି ନେଇ ଆସୁଥିବା ବେଳେ ରାୟଗଡା ବ୍ଲକ ଜେମାଦେଇପେଣ୍ଟ ନିକଟରେ କିଛି ଦୁର୍ବୃତ୍ତ ତାଙ୍କ ଗାଡିକୁ ଅଟକାଇ ତାଙ୍କୁ ଟଙ୍କା ମାଗିଥିଲେ । ସେ ନ ଦେବାରୁ ତାଙ୍କୁ ନିସ୍ତୁକ ମାଡ଼ ମାରି ସେ ଧରିଥିବା ୨୦ ହଜାର ଟଙ୍କା ଓ ୨ଟି ମୋବାଇଲ ଲୁଟି ନେଇ ଚମ୍ପଟ୍ ମାରିଥିଲେ । ଏହାପରେ ବାଟାଗାଙ୍ଗା ରାଜୁ ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ଗତ ୫ ତାରିଖରେ ଏ ନେଇ ଶେଷଖାଲ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ଏହି ଡକାୟତି ମାମଲାରେ ସଂପୃକ୍ତ ଥିବା ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ରାୟଗଡ଼ାର ଏ.ନିଖିଲ ଓ ଆନ୍ଧ୍ରପ୍ରଦେଶର ଗୁମୁଡାର ଉପିଲି ଶଶୀ କୁମାର । ଏଥିରେ ସମ୍ପୃକ୍ତ ଥିବା ଦୁଇ ନାବାଳକଙ୍କୁ ମଧ୍ୟ ପୁଲିସ ଧରି ସ୍ୱଧାର ଗୃହକୁ ପଠାଇଛି । ପୁଲିସ ସେମାନଙ୍କ ଠାରୁ ଦୁଇଟି ବାଇକ୍ ଓ ଦୁଇଟି ମୋବାଇଲ ଜବତ କରିଥିବା ଥାନା ଅଧିକାରୀ ମୁନି ଆଚାରୀ ସୂଚନା ଦେଇଛନ୍ତି । ତେବେ ଲୁଟ୍ ହୋଇଥିବା ଟଙ୍କା ପୋଲିସ ଉଦ୍ଧାର କରିପାରିନଥିବା ଜଣାପଡିଛି ।

# ମଦ ପାଇଁ ସ୍ତ୍ରୀକୁ ହତ୍ୟା କଲା ସ୍ୱାମୀ



ଏମଭି୭୯,(ସମିସ) ୧୭ ।୮: ମଦ ପାଇଁ ବିବାଦ । ନିଜ ପତ୍ନୀଙ୍କୁ ନିଷ୍ଠୁର ଭାବେ ପିଟିପିଟି ହତ୍ୟା କଲା ସ୍ୱାମୀ । ମୃତ ମହିଳାଙ୍କ ନାମ ପ୍ରଭାତୀ କୁଞ୍ଜ (୩୮) । ଏମିତି ଏକ ଦୁଃଖଦ ଘଟଣା ଏମଭି୭୯ ଥାନା ଅନ୍ତର୍ଗତ ଭୁବନପଲ୍ଲୀ ପଞ୍ଚାୟତର ଗିନିପଲ୍ଲୀ ଗ୍ରାମରେ ଘଟିଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରଭାତୀଙ୍କ ସ୍ୱାମୀ ଭିମା କୁଞ୍ଜ ସବୁବେଳେ ମଦ୍ୟପାନ କରି କିଛି କାର୍ଯ୍ୟ କରୁନଥିଲେ । ତେଣୁ ପ୍ରଭାତୀ ନିଜ ଘରେ ମଦ ରାନ୍ଧି ତାହା ବିକ୍ରି କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ । ସେହି ମଦକୁ ଭିମା ସାରାଦିନ ପିଇ ନିଶାଗ୍ରସ୍ତ ରହୁଥିବାରୁ, ପ୍ରଭାତୀ ଗତ କିଛିଦିନ ହେବ ମଦ ଲୁଚାଇ ରଖିଥିଲେ । ଶନିବାର ପ୍ରଭାତୀ ତଳି ରୋଇ ନିଜ ଘରକୁ ଆସିବା ପରେ ଭିମା ମଦ ମାଗିଥିଲେ । ସେ ମନା କରିବା ପରେ, ଭିମା ଉତ୍‌କ୍ଷିପ୍ତ ହୋଇ କୋଦାଳର ବେଣ୍ଟ ଦ୍ୱାରା ନିର୍ମମ ଭାବରେ ନିଜ ସ୍ତ୍ରୀକୁ ପିଟିଥିଲା । ପରେ ଘରକୁ ଭିତରକୁ ନେଇ ହତ୍ୟା କରିଥିଲା । ଯାହା ଫଳରେ ପ୍ରଭାତୀଙ୍କ ମୃତ୍ୟୁ ଘଟିଥିଲା । ଗ୍ରାମବାସୀମାନେ ତାଙ୍କୁ ରକ୍ଷା କରିବା ପାଇଁ ଆଗେଇ ଆସିଲେ ମଧ୍ୟ ଭିମା ସମସ୍ତଙ୍କୁ ମାରିବାକୁ ଧମକ ଦେଇଥିଲା । ପରେ କୌଶଳକ୍ରମେ ଅଭିଯୁକ୍ତ ସ୍ୱାମୀଙ୍କୁ ଆୟତ୍ତ କରି ପୁଲିସଙ୍କୁ ଗ୍ରାମବାସୀ ହସ୍ତାନ୍ତର କରିଥିଲେ । ପୋଲିସ ଶବକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇବା ସହ ହତ୍ୟାକାରୀ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିବା ବେଳେ ସାଇନ୍ଟିଫିକ ଟିମ୍ ଆସି ତଦନ୍ତ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

# ‘ଅରୁଣିମା:ନୂତନ ସୂର୍ଯ୍ୟର ଆଭା’ କାର୍ଯ୍ୟକ୍ରମ



ଗୁଣୁପୁର,୧୭।୮ (ସମିସ): ଗୁଣପୁର ମହାବିଦ୍ୟାଳୟର ଓଡ଼ିଆ ବିଭାଗ ସମ୍ପ୍ରତି ନୂତନ ଯୋଗଦାନ କରିଥିବା ଛାତ୍ରଛାତ୍ରୀଙ୍କ ପାଇଁ “ଅରୁଣିମା: ନୂତନ ସୂର୍ଯ୍ୟର ଆଭା” ଶୀର୍ଷକ ଏକ ସ୍ୱାଗତ ସମାରୋହର ଆୟୋଜନ କରିଥିଲା । ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଶଶୀଭୂଷଣ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସଭାର ସଭାପତି ଭାବରେ କାର୍ଯ୍ୟ କରିଥିଲେ । ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ପଦାର୍ଥ ବିଜ୍ଞାନ ବିଭାଗର ସତୀଶ କୁମାର ପଟ୍ଟନାୟକ, ରାଜନୀତି ବିଜ୍ଞାନର ଅଧ୍ୟାପକ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଏବଂ ତାମିଲା ପରାସେଠ୍ ଏବଂ ବାଣିଜ୍ୟ ବିଭାଗର ଅଧ୍ୟାପକ ବିକାଶ ରଞ୍ଜନ ଭୂୟାଁ ସାମିଲ ଥିଲେ । ବିଭାଗ ମୁଖ୍ୟ ଜଗନ୍ନାଥ ଦୀପ ଅତିଥି ପରିଚୟ ପ୍ରଦାନ କରିଥିଲେ । ଛାତ୍ରୀ ଆୟୁଷୀ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ, ଛାତ୍ର ବେଣୁଧର କଣ୍ଡାଗରି ଧନ୍ୟବାଦ ଅର୍ପଣ କରିଥିଲେ । ଓଡ଼ିଆ ବିଭାଗ ତରଫରୁ ଅଧକ୍ଷ ଶଶିଭୂଷଣ ମହାନ୍ତିଙ୍କୁ ତାଙ୍କର ଅସାଧାରଣ ନେତୃତ୍ୱ ଏବଂ ଅନୁଷ୍ଠାନ ପ୍ରତି ସମର୍ପଣ ପାଇଁ ସମ୍ମାନିତ କରାଯାଇଥିଲା । ବିଭାଗୀୟ ଅଧ୍ୟାପକ ପ୍ରିୟବ୍ରତ ମହାକୁର ଓ ବାଗ୍ମୀ ରଞ୍ଜନ ଷାଣ୍ଢ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ସମଗ୍ର କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ ।

● ଜିଲ୍ଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ

# ଫେଡେରେସନ କାର୍ଯ୍ୟକାରିଣୀ ବୈଠକ

ଜୟପୁର,୧୭ ।୮ (ସମିସ): ଜୟପୁରସ୍ଥିତ ସଙ୍ଗମ କଲ୍ୟାଣ ମଣ୍ଡପ ଠାରେ କୋରାପୁଟ ଜିଲ୍ଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା । ଜୟପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଦ୍ୱାରା ଆୟୋଜିତ ଏହି ବୈଠକରେ କୋରାପୁଟ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ତ୍ରିନାଥ ହରିଜନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସଂଘ ଆଇନ ପରାମର୍ଶଦାତା ରମାକାନ୍ତ ରାଉଳ ଯୋଗ ଦେଇ ଶିକ୍ଷକ ମାନେ ଦେଶର ମୂଳଦୁଆ ସେମାନଙ୍କ ସମସ୍ୟା ସାରା ଦେଶର ସମସ୍ୟା ତେଣୁ ସେମାନଙ୍କ ଦାବି ଏବଂ ଅନୁରୋଧକୁ ସରକାର ତୁରନ୍ତ ପୂରଣ କରିବାକୁ ନିଜ ବକ୍ତବ୍ୟରେ କହିଥିଲେ । ଉପଦେଷ୍ଟା ଗୋକୁଳି ପ୍ରଧାନ, ପି. ହରିଶ ରାଓ, ସଂଗଠନ ସମ୍ପାଦକ ଚିତ୍ତରଞ୍ଜନ ରଥ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ ଓ ପ୍ରାରମ୍ଭରେ ଜୟପୁର ବ୍ଲକ ଶିକ୍ଷକ ସଂଘର ସମ୍ପାଦକ ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ସହ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ ଏବଂ ସଭାପତି ଦେବୀ ପ୍ରସାଦ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ବୈଠକରେ ସରକାରଙ୍କୁ ପୂର୍ବରୁ ଦିଆ ଯାଇଥିବା ଦଶଦଫା ଦାବି ଗୁଡିକ ଉପରେ ଆଲୋଚନା କରାଯାଇଥିଲା । ଏହି ଦାବି ମଧ୍ୟରେ ଶିକ୍ଷକ ପଦୋନ୍ନତି, ବିନା ଓଟିଇଟିରେ ପଦୋନ୍ନତି,ମୌଳିକ ସୁବିଧା ସହ ୟୁଏସ ଲାଗୁ କରିବା, ବିଇଓ ଓ ଏବିଇଓ ଖାଲି ପଦବୀ ପୂରଣ ବିଷୟରେ ଆଲୋଚନା କରାଯିବା ସହ ଜିଲ୍ଲା ଓ ବ୍ଲକ ସଂଘ ପୁନର୍ଗଠନର ନିଷ୍ପତ୍ତି ନିଆଯାଇଥିଲା । ଶେଷରେ ଜିଲ୍ଲା ସଂଘର ଆଞ୍ଚଳିକ ସଂଯୋଜକ ନୟନ ବିଷୋୟୀ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ବୈଠକରେ କୋରାପୁଟ ଜିଲ୍ଲା ସମସ୍ତ ବ୍ଲକର ୧୬ଟି ଶାଖା ସଂଘର ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ କ୍ଷ ଜୟପୁର ପ୍ରାଥମିକ ଶିକ୍ଷକ ସଙ୍ଘର କର୍ମକର୍ତ୍ତା ପୂରନ୍ଦର ନାୟକ,ମମତା ମହାପାତ୍ର, ଜ୍ୟୋତିରାଣୀ ପଣ୍ଡା, ସାଗର ତ୍ରିପାଠୀ,ମନୋରଞ୍ଜନ ପଲାଇ ପ୍ରମୁଖ କାର୍ଯ୍ୟରେ ସହଯୋଗ କରିଥିଲେ ।

# ଆରମ୍ଭରୁ ସାର ସଙ୍କଟ; ଚାଷୀଙ୍କୁ ଲୁଟୁଛନ୍ତି ବେପାରୀ



କାଲିମେଳା,୧୭।୮ (ସମିସ): ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକରେ ୭୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରଶୀଳ । ମାସରୁ ଅଧିକ ସମୟ ହେବ ଚାଷ କାମ ସରିଥିବା ବେଳେ ଜମିରେ ଖାଲି ସାର ପକାଇବା ବାକି ରହିଛି । ଏହାର ଫାଇଦା ନେଇ ଚାଷୀଙ୍କୁ ଖାଲି ଲୁଟି ଚାଲିଛନ୍ତି ସାର ବେପାରୀ । ସରକାରୀ ଦାମରୁ ଅଧିକ ଟଙ୍କା ନେଉଥିବା ଅଭିଯୋଗ ହେଉଛି । ସୂଚନା ମୁତାବକ ୨୮୦ ଟଙ୍କାର ୟୁରିୟା ସାର ପ୍ୟାକେଟ୍ ୫୫୦ ରୁ ୮୦୦ ଟଙ୍କାରେ ବିକୁଛନ୍ତି ସାର ବେପାରୀ । ଏଥିରେ ଚାଷୀ ହଇରାଣ ହେଉଥିବା ବେଳେ ମାଲେମାଲ୍ ହେଉଛନ୍ତି ସାର ବେପାରୀ । ଏମିତି କିଛି ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଚିତ୍ରାଙ୍ଗପାଲି ପଞ୍ଚାୟତ ଅନ୍ତର୍ଗତ ଏମ ଭି - ୯୮ ଗ୍ରାମରେ । ଗ୍ରାମର କାର୍ତ୍ତିକ ବିଶ୍ୱାସ ନାମକ ସାର ବେପାରୀ ଆନ୍ଧ୍ର ପ୍ରଦେଶରୁ ଶସ୍ତାରେ ୟୁରିୟା ସାର ଆଣି ଚାଷୀଙ୍କୁ ଚଢ଼ା ଦରରେ ବିକ୍ରୀ କରୁଥିବା ଅଭିଯୋଗ ହୋଇଛି । ଏହି ସାର ବେପାରୀ ବିନା ଲାଇସେନ୍ସରେ ଆନ୍ଧ୍ରରୁ ଟ୍ରକ୍ ଟ୍ରକ୍ ସାର ଆଣି ଖୁଲମଖୁଲା ଭାବେ ସାର କଳାବଜାରୀ ଚଳେଇଥିବା ବେଳେ ଚଢ଼ା ଦରରେ ସାର ବିକ୍ରୀ କରୁଥିବା ଅଭିଯୋଗ କରିଛନ୍ତି କିଛି ଚାଷୀ । କାଲିମେଳା ବ୍ଲକରେ ପୋଟେରୁ ଓ କାଲିମେଳା ଠାରେ ୨ଟି ଲ୍ୟାମ୍ପ୍ ଥିବା ସତ୍ତ୍ୱେ ଚାଷ ଆରମ୍ଭରୁ ସାର ଅଭାବ ଯୋଗୁ ଚାଷୀ ଚିନ୍ତାରେ ଅଛନ୍ତି । କାଲିମେଳା ବ୍ଲକରେ ଦେଖାଦେଇଛି ସାରର ଅଭାବ । ବିଲରେ ତଳି ଲଗା କାମ ସରି ଥିବା ବେଳେ ସାର ମିଳୁନଥିବା ଅଭିଯୋଗ କରୁଛନ୍ତି ଚାଷୀ । କଳା ବଜାରରେ ୟୁରିଆ ସାରର ଦାମ ଆକାଶ ଛୁଆଁ ବୋଲି ଚାଷୀ କିଣିବାକୁ ସକ୍ଷମ ନାହାନ୍ତି । ସରକାର ଚାଷୀଙ୍କୁ ତୁରନ୍ତ ସାର ଉପଲବ୍ଧ କରିବାକୁ ଚାଷୀ ମାନେ ଅନୁରୋଧ କରିଛନ୍ତି । ବର୍ତ୍ତମାନ ଧାନ ଫସଲରେ ଡିଏପି ଏବଂ ୟୁରିଆ ସାରର ଯଥେଷ୍ଟ ଆବଶ୍ୟକତା ରହିଥିବା ବେଳେ ସାର ବେପାରୀ ଏହାର ଫାଇଦା ଉଠାଇ ଚଢ଼ା ଦରରେ ବିକ୍ରୀ କରି କଳାବଜାରୀ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି । ଅନେକ ଅଞ୍ଚଳରେ ଧାନ ରୋଇବା କାମ ଆରମ୍ଭ ହୋଇସାରିଲାଣି । ତେବେ ସଠିକ୍ ସମୟରେ ସାର ନ ମିଳିବାରୁ ଚାଷୀକୁଳ ହଇରାଣ ହେଉଥିବା ଦେଖିବାକୁ ମିଳୁଛି ।

# ୧୦୫ କିଲୋ ଗଞ୍ଜେଇ ଜବତ ; ୩ ଗିରଫ

କୋରୁକୋଣ୍ଡା/ବାଲିମେଳା, ୧୭ ।୮ (ସମିସ): ମାଲକାନଗିରି ଜିଲ୍ଲା ଓରକେଲ ପୋଲିସ ୧୦୫ କିଲୋ ଗଞ୍ଜେଇ ସମେତ ୩ ଜଣଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ମିଳିଥିବା ସୂଚନାନୁଯାୟୀ ନୀଳାଦ୍ରିନଗର ଗ୍ରାମକୁ ଲାଗି ରହିଥିବା ସୁବର୍ଣ୍ଣପୁର ଗ୍ରାମ ଶେଷରେ ଥିବା ଏକ ଜଙ୍ଗଲରେ ଚାଲାଣ ନିମନ୍ତେ ବିପୁଳ ପରିମାଣର ଗଞ୍ଜେଇ ରଖାଯାଇଥିବା ଶନିବାର ଓରକେଲ ଥାନାଧିକାରୀ ଧୀରେନ ପଟ୍ଟନାୟକ ବିଶେଷ ସୂତରୁ ଖବର ପାଇଥିଲେ । ଏହାପରେ ଏକ ଟିମ ଏସଆଇ ମିଳନ ବାରିହାଙ୍କ ନେତୃତ୍ୱରେ ଉକ୍ତ ସ୍ଥାନକୁ ଶନିବାର ଅପରାହ୍ନ ସମୟରେ ଚଢ଼ଉ ନିମନ୍ତେ ପଠାଇଥିଲେ । ପୁଲିସର ଚଢ଼ଉ ସମୟରେ ସେଠାରେ ଥିବା ୨ ଚାଲାଣକାରୀ ପୁଲିସକୁ ଦେଖି ଛତ୍ରଭଙ୍ଗ ଦେବାକୁ ଚେଷ୍ଟା କରିବା ସମୟରେ ପୁଲିସ ୨ ଚାଲାଣକାରୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ । ଏହାପରେ ସେଠାରୁ ୧୦୫ କିଲୋ ଗଞ୍ଜେଇ ଜବତ ସହ ଉକ୍ତ ୨ ଚାଲାଣକାରୀଙ୍କୁ ପୁଲିସ କେଉଁଠାରୁ ଗଞ୍ଜେଇ ଆଣିଥିବା ନେଇ ପଚରାଉଚରା କରିବାରୁ ସେମାନେ ଚିତ୍ରକୋଣ୍ଡା ବ୍ଲକ ଏରାଗପୁ ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କ ଠାରୁ ଗଂଜେଇ ଆଣିଥିବା ପୋଲିସ ସମ୍ମୁଖରେ ସ୍ୱୀକାର କରିଥିଲେ । ପରେ ଏହି ୨ ଚାଲାଣକାରୀଙ୍କ ସମେତ ଚିତ୍ରକୋଣ୍ଡା ଅଂଚଳରୁ ଅନ୍ୟ ଜଣେ ଚାଲାଣକାରୀ ଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିଲା । ଗିରଫ ହୋଇଥିବା ୩ ଚାଲାଣକାରୀ ହେଲେ କାଳିଆ ବେହୁରିଆ (୩୦),ଘର ବାଣ୍ଡିଗୁଡା, ଯାଦବ ବେହେରା(୨୫), ଘର ବାଲିମେଳା ସ୍ଥିତ ଓଡିଆସାହି ଏବଂ ବିଭୀଷଣ କିରସାନି(୩୦), ଘର ଚିତ୍ରକୋଣ୍ଡା ଅଞ୍ଚଳର ଏରାଗପୁ ବୋଲି ପୋଲିସ ସୂଚନା ଦେଇଛି । ସେମାନେ ଏହି ଗଞ୍ଜେଇକୁ ଛତିଶଗଡ଼ ରାଜ୍ୟର ରାୟପୁର ସହରକୁ ଚାଲାଣ କରିବା ନିମନ୍ତେ ରଖିଥିବା ତଦନ୍ତକାରୀ ଅଧିକାରୀ ଏସଆଇ ମନୋହର ସାହୁ କହିଛନ୍ତି । ଆଜି ୩ ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।



# ମାଲକାନଗିରିରେ ପ୍ରବଳ ବର୍ଷାର ପୂର୍ବାନୁମାନ

➤ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି
➤ ସ୍କୁଲ ଛୁଟି ଘୋଷଣା

ମାଲକାନଗିରି, ୧୭ ।୮ (ସମିସ): ମାଲକାନଗିରି ଜିଲ୍ଲାରେ ଆସନ୍ତା ୧୮ ଓ ୧୯ ତାରିଖରେ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରି ଜିଲ୍ଲା ପାଇଁ କ୍ରମାଗତ ଭାବେ ଅରେଞ୍ଜ ଓ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି । ତେବେ ଗତକାଲି ରାତିରୁ ଜିଲ୍ଲାରେ ବର୍ଷା ଲାଗି ରହିଥିବା ବେଳେ ବର୍ଷାର ପରିମାଣ କ୍ରମଗତ ଭାବେ ବଢିଆବରେ ଲାଗିଛି । ଏହାକୁ ନେଇ ଜିଲ୍ଲା ପ୍ରଶାସନ ବ୍ୟାପକ ପଦକ୍ଷେପ ନେଇଥିବା ସୂଚନା ମିଳିଛି । ଜିଲ୍ଲାର ସମସ୍ତ ଫିଲ୍ଡ କର୍ମଚାରୀଙ୍କୁ ସଜାଗ ହୋଇ ରହିବାକୁ ବିଡ଼ିଓ ଓ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆବଶ୍ୟକ ପଡ଼ିଲେ ବନ୍ୟା ପ୍ରବଣ ସମସ୍ତ ତଳି ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ଭାବେ ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହ ଜରୁରୀ କ୍ଷେତ୍ରରେ ମାଇକ୍ ଯୋଗେ ପ୍ରଚାର କରି ଲୋକଙ୍କୁ ସଚେତନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଏହା ବ୍ୟତିତ ବନ୍ୟା ଆଶଙ୍କା ଥିବା କାଲିମେଳା, ପଡିଆ ଓ ମୋଟୁର କିଛି ଅଞ୍ଚଳରେ ମଧ୍ୟ ମାଇକ୍ ଯୋଗେ ସଚେତନ କରାଯିବ ବୋଲି କୁହାଯାଇଛି । ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀଙ୍କୁ ଶୃଙ୍ଖଳା ଖାଦ୍ୟ ମହଜୁଦ ରଖି ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯଦି ବନ୍ୟା ପରିସ୍ଥିତି ଉପୁଜେ, ଓଡରାଫ୍ ଟିମ୍ କୁ ପ୍ରସ୍ତୁତ ହୋଇ ରହିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି । ଜିଲ୍ଲା ଅଗ୍ନିଶମ ବିଭାଗ ମଧ୍ୟ ଅନୁରୂପ ଭାବେ ପ୍ରସ୍ତୁତ ହୋଇ ରହିଛନ୍ତି । ଅତି ଆବଶ୍ୟକତା ପଡିଲେ କୋରାପୁଟ ଜିଲ୍ଲା ଆଇଆରବି ପ୍ରଥମ ବାଟାଲିୟନ ଏବଂ ଓଡ୍ରାଫ ଟିମ୍ କୁ ମଧ୍ୟ ମୁତୟନ କରାଯିବା ପାଇଁ ପ୍ରଶାସନ ପ୍ରସ୍ତୁତ ରହିଛି । ସେହିପରି ଆବଶ୍ୟକ ପଡ଼ିଲେ ତଳି ଅଞ୍ଚଳର ଉଭୟ ପାଶ୍ୱ୍? ରାସ୍ତାର ଯାନବାହାନ ଗମନାଗମନ ଓ ଲୋକଙ୍କ ଚଳପ୍ରଚଳକୁ ବନ୍ଦ ରଖିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ୧୦ଟି ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ

ଉମରକୋଟ, ୧୭।୮ (ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ନବରଙ୍ଗପୁର ଏମପି ବଳଭଦ୍ର ମାଝୀ ଆଜି ନବରଙ୍ଗପୁର ଜିଲ୍ଲାର ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀ ଗସ୍ତ କରି ବ୍ଲକର ୧୦ଟି ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରିଛନ୍ତି । ଏଥିପାଇଁ ମୋଟ ୧ କୋଟି ୪୪ ଲକ୍ଷ ଟଙ୍କାର ବ୍ୟୟଅଟକଳ ଧାର୍ଯ୍ୟ ହୋଇଛି । ବ୍ଲକର ଦରଗାଗୁଡା, ଭିତରଗୁଡ଼ା, ନୁଆଗଡ଼ା, ମେଦାବେଡ଼ା, ବଡ଼ବାସିନୀ, ଭାଲୁଗୁଡା, ବୁର୍ଜା, କେଶରୀବେଡା, ଚନ୍ଦ୍ରପୁରି ଗାଁରେ ମନ୍ତ୍ରୀ ଗଣ୍ଡ ଅତିରିକ୍ତ ଶ୍ରେଣୀ ଗୃହ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନା କରିଛନ୍ତି । ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର ଅନେକ ବିଦ୍ୟାଳୟ ଗୁଡିକରେ ଭିତ୍ତିଭୂମିର ଅଭାବ ରହିଥିଲା, କେତେ ଗୁଡିଏ ବିଦ୍ୟାଳରେ ଗୋଟିଏ ଶ୍ରେଣୀ ଗୃହରେ ଶତାଧିକ ପିଲାଙ୍କୁ ନେଇ ଶିକ୍ଷାଦାନ ଦିଆଯାଉଥିଲା ଏହାକୁ ଦୃଷ୍ଟିରେ ରଖି ଗଣଶିକ୍ଷା ମନ୍ତ୍ରୀ ବ୍ଲକର ପ୍ରାୟ ୧୦ ଗୋଟି ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ସକାଶେ ଅନୁଦାନ ଦେଇଛନ୍ତି । ବଳ ଇଞ୍ଜିନ ସରକାର ରହିଛି ଆଗାମୀ ଦିନରେ ଶିକ୍ଷାର ବିକାଶ ପାଇଁ ଆହୁରି ଚେଷ୍ଟା କରାଯିବ ବୋଲି କହିଛନ୍ତି ଏମପି ବଳଭଦ୍ର ମାଝୀ । ଆଜିର ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଏମପି ପ୍ରତିନିଧି ରାମ ନାୟକ, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ପୌର ଅଧକ୍ଷ ରାଧା ଭତ୍ରା, ବ୍ଲକ ଅଧକ୍ଷା ସୁଶୀଳା ମାଝୀ, ବିଡ଼ିଓ ମନୋଜ କୁମାର ମେହେର, ପୌର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, କନିଷ୍ଠ ଯନ୍ତ୍ରୀ ରୁଦ୍ର ପାତ୍ର ବୈଷୟିକ ପରାମର୍ଶ ଦାତା ମନୋରଞ୍ଜନ ଭୋଇ ଏବଂ ବିଜେଡି ନେତା ଦେବିସିଂ ମାଝୀ, ମନ୍ଦିରା ନାୟକ, ପ୍ରଭାତ ନାୟକ, ସତ୍ୟ ବେହେରା, ମିଲୁ ପଣ୍ଡା,ବାଦଲ ପଟନାୟକ, ଜଟି ପଟନାୟକ, ମାନସିକ ଦାସ, ସନ୍ତୋଷ ନାୟକ ପ୍ରମୁଖ ବ୍ୟକ୍ତି ବିଶେଷ ଉପସ୍ଥିତ ରହିଥିଲେ ।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଉଦ୍ୟମରେ ବିଦ୍ୟାଳୟ ଫେରିଲେ ଛାତ୍ରଛାତ୍ରୀ

ନବରଙ୍ଗପୁର, ୧୭।୮ (ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ନବରଙ୍ଗପୁର ଜିଲ୍ଲାର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ଠାରେ ସ୍ୱତନ୍ତ୍ର ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅଧାରୁ ପାଠ ଛାଡିଥିବା ଏବଂ ଆଦୌ ବିଦ୍ୟାଳୟ ଯାଇନଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁଣି ଥରେ ବିଦ୍ୟାଳୟ ଫେରାଇ ଆଣିବା ଉଦ୍ଦେଶ୍ୟ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଆୟୋଜିତ ଅଭିଭାବକ ଓ ଶିକ୍ଷକ ସମ୍ମିଳନୀରେ ଉପସ୍ଥିତ ଅଭିଭାବକମାନଙ୍କୁ ଅନୁରୋଧ କରାଯାଇଥିଲା । ପ୍ରକାଶ ଯୋଗ୍ୟ ଯେ ଚଳିତ ଏପ୍ରିଲ ମାସରେ ଶିକ୍ଷକ ମାନେ ଘର ଘରକୁ ବୁଲି ସର୍ବେକ୍ଷଣ କରିଥିଲେ ଓ ନବରଙ୍ଗପୁର ଜିଲ୍ଲା ରେ ଛଅରୁ ଚଉଦ ବର୍ଷ ମଧ୍ୟରେ ଅଧାରୁ ପାଠ ଛାଡିଥିଲେ କିମ୍ବା ଆଦୌ ସ୍କୁଲ ଯାଇନଥିବା ଛାତ୍ର ଛାତ୍ରୀ ମାନଙ୍କୁ ଚିହ୍ନଟ କରିଥିଲେ । ଏହି ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାଳୟ ଫେରାଇ ଆଣିବା ପାଇଁ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନ୍ତର୍ଗତ ଆଜିର ସମ୍ମିଳନୀରେ ଜିଲ୍ଲା ସାରା ଅଭିଭାବକ ମାନଙ୍କୁ ସଚେତନ କରାଯାଇଥିଲା । ଆୟୋଜିତ ଏହି ସମ୍ମିଳନୀରେ ନବରଙ୍ଗପୁର ଜିଲ୍ଲା ଶିକ୍ଷାଅଧିକାରୀ ଛତ୍ରପତି ସାହୁ ଡ଼ାବୁଗାଁ ବ୍ଲକ୍‌ର ଚିକିଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଘୋଡ଼ାଖୁଣ୍ଟା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ଅଭିଭାବକ, ସ୍ଥାନୀୟ ପଂଚାୟତରାଜ ପ୍ରତିନିଧି, ଗ୍ରାମବାସୀ ମାନଙ୍କୁ ସଚେତନ କରାଇବା ସହ ପାଞ୍ଚ ଜଣ ପାଠ ଛାଡିଥିବା ଛାତ୍ରୀ ଛାତ୍ରୀଙ୍କୁ ବିଦ୍ୟାଳୟରେ ପୁନଃ ପ୍ରବେଶ କରାଇଥଲେ । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଉମରକୋଟ ବ୍ଲକ୍, ବିଜ୍ଞାନ ପରିଦର୍ଶକ ରାଇଘର ବ୍ଲକ ଓ ସମସ୍ତ ସଂଯୋଜକ ବିଭିନ୍ନ ବ୍ଲକ୍ ପରିଦର୍ଶନ କରିଥିଲେ । ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ସିଆରସିସି ଓ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ କୋଟସ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ



କୋରାପୁଟ,୧୭।୮ (ସମିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ କୋଟସ ମଧ୍ୟରେ ଏକ ତିନି ବର୍ଷିଆ ଏମଓୟୁ କୁଳପତିଙ୍କ କାର୍ଯ୍ୟାଳୟ କକ୍ଷରେ ସ୍ୱାକ୍ଷରିତ ହୋଇଯାଇଛି । ଓଡ଼ିଶାର ଅନୁସୂଚିତ ଅଞ୍ଚଳ ବିଶେଷକରି କେବିକେ ଜିଲ୍ଲାଗୁଡ଼ିକରେ ବସବାସ କରୁଥିବା ଜନଜାତି ଲୋକମାନଙ୍କ ଉପରେ ଗବେଷଣା, ବିକାଶମୂଳକ ପ୍ରୟାସ ଓ ଶିକ୍ଷାଗତ ଆଦାନ ପ୍ରଦାନକୁ ପ୍ରୋତ୍ସାହିତ କରିବା ଏହି ଏମଓୟୁର ଉଦ୍ଦେଶ୍ୟ ବୋଲି ଜଣାପଡିଛି । ଆଗାମୀ ତିନି ବର୍ଷ ପରେ ଦୁଇ ପକ୍ଷର ସହମତିରେ ଆଉ ତିନି ବର୍ଷ ପାଇଁ ନବୀକୃତ କରାଯାଇପାରିବ । ଭାରପ୍ରାପ୍ତ କୁଳପତି ପ୍ରଫେସର ଏନ୍‌ସି. ପଣ୍ଡା ଓ କୋଟସର ନିର୍ଦ୍ଦେଶକ ଡ଼ଃ ପି.ସି. ମହାପାତ୍ର ହସ୍ତାକ୍ଷର କରିଥିଲେ । ଏହି ଅବସରରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅର୍ଥ ଅଧିକାରୀ ଓ ଭାରପ୍ରାପ୍ତ କୁଳସଚିବ ଡ଼ଃ ଦୁର୍ଯ୍ୟୋଧନ ସେଠି, ସାମାଜଶାସ୍ତ୍ର ବିଭାଗ ମୁଖ୍ୟ ଡ଼ଃ କପିଳ ଖେମୁଣ୍ଡୁ, ଲୋକ ସମ୍ପର୍କ ଅଧିକାରୀ ଡ଼ଃ ଫଗୁନାଥ ଭୋଇ, କୋଟସର ଡ଼ଃ ଜଗବନ୍ଧୁ ସାମଲ, ପ୍ରଫେସର ମାଗୁଣି ଚରଣ ବେହେରା, ଡ଼ଃ ପ୍ରଦୀପ କୁମାର ବେହେରା, ଗୋପୀନାଥ ପ୍ରଧାନ, ଡ଼ଃ ଅଶୋକ କୁମାର ନନ୍ଦ, ଡ଼ଃ ସାବିତ୍ରୀ ମାଝି ଓ ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

● କନିଷ୍ଠ ଶିକ୍ଷକଙ୍କୁ ନିୟମିତ ଦାବି

# ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ମାଲକାନଗିରି,୧୭।୮ (ସମିସ): କନିଷ୍ଠ ଶିକ୍ଷକ ମାନଙ୍କୁ ନିୟମିତ କରିବା ଦାବି ନେଇ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି କନିଷ୍ଠ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ । ରାଜ୍ୟର ସମସ୍ତ ବିଭାଗର କର୍ମଚାରୀ ନିୟମିତ ଥିବାବେଳେ କେବଳ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକ ମାନେ ହିଁ ଯୋଜନାଭିତ୍ତିକ ଭଳି ଗୋଟିଏ କଳୁଷିତ ପ୍ରଥାରେ ସଢୁଛନ୍ତି । ସରକାର ଏ ନେଇ ଚିଠି କରି ପୁଣି ପ୍ରତ୍ୟାହାର କରି ନେବା ଦୁଃଖର ବିଷୟ । ଯାହାକି କନିଷ୍ଠ ଶିକ୍ଷକ/ଶିକ୍ଷୟିତ୍ରୀଙ୍କର ସାମ୍ବିଧାନିକ ତଥା ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଥିବା ସହ ସାମ୍ପ୍ରତିକ ସମୟରେ ମଧ୍ୟ ଗୋଡିପ୍ରଥା ଯୁକ୍ତ ସାମନ୍ତବାଦୀ ଚିନ୍ତାଧାରା ଉଦ୍ଭାବିତ ରହିଥିବା ଅନୁମେୟ ହେଉଛି । ଏହି ପରିପ୍ରେକ୍ଷୀରେ ମାଲକାନଗିରି ଜିଲ୍ଲାରେ କାର୍ଯ୍ୟରତ ସମସ୍ତ କନିଷ୍ଠ ଶିକ୍ଷକ ମାନେ ଏକ ଶୋଭାଯାତ୍ରାରେ ଆସି ସେମାନଙ୍କ ନାର୍ଯ୍ୟ ଦାବି ତାଙ୍କୁ ନିୟମିତ କରିବା ନିମନ୍ତେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ମାଲକାନଗିରି ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ପ୍ରଦାନ କରିଛନ୍ତି ।

# ଡାକ୍ତର ହେବେ ପ୍ରଥମ ଆଦିମ ଦିଦାୟୀ ଯୁବତୀ ଚମ୍ପା ରାସପେଦା



## ଶୁଭେଚ୍ଛା ଜଣାଇଲେ ଜିଲ୍ଲାପାଳ

ମାଲକାନଗିରି, ୧୭ ।୮ (ସମିସ):ପଛୁଆ ଜିଲ୍ଲାର ବିକାଶ ପାଇଁ ନବୀନ ସରକାର ଅନେକ ପଦକ୍ଷେପ ନେଇଥିଲେ । ପଛୁଆ ଜିଲ୍ଲା ଭାବେ ପରିଗଣିତ ହେଉଥିବା ମାଲକାନଗିରି ଜିଲ୍ଲା ପ୍ରତି ବିଶେଷ ଦୃଷ୍ଟି ଦେଇଥିଲେ ସରକାର । ଏଠିକାର ଅନୁସୂଚିତ ଜାତି ଏବଂ ଜନଜାତିର ବିକାଶ ପାଇଁ ମଧ୍ୟ ଠୋସ ପଦକ୍ଷେପ ନେଇଥିଲେ । ଅଞ୍ଚଳର ବିକାଶ ସାଙ୍ଗକୁ ଦିଦାୟୀ ଜନଜାତିର ଜଣେ ଯୁବତୀ ଇତିହାସ ରଚିଛନ୍ତି । ଚମ୍ପା ରାସପେଦା ନାମକ ଆଦିମ ଦିଦାୟୀ ଯୁବତୀ ଜିଏକି ଡାକ୍ତର ହେବାକୁ ଯାଉଛନ୍ତି । ଆଉ ଏହି ସଫଳତା ପାଇଁ ତାଙ୍କୁ ଜିଲ୍ଲା ପ୍ରଶାସନ ସହ ବିଭିନ୍ନ ମହଲରୁ ଛୁଟିଛି ଶୁଭେଚ୍ଛାର ସୁଅ । ଡାକ୍ତର ହେବେ କୋରକୁଣ୍ଡା ବ୍ଲକ୍ ନାକାମାମୁଡି ଗ୍ରାମ ପଞ୍ଚାୟତର ଆମ୍ଳିବେଡ଼ା ଗ୍ରାମର ଆଦିମ ଦିଦାୟୀ ଜନଜାତି ଯୁବତୀ ଚମ୍ପା ରାସପେଦା । ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ପରେ ଚମ୍ପା ରାସପେଦାଙ୍କୁ ଶୁଭେଚ୍ଛା ଜଣାଇଲେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ । ପ୍ରତିଭାଶାଳୀ ଯୁବତୀ ଚମ୍ପା ପ୍ରଥମ ପ୍ରୟାସରେ ସଫଳତାର ସହ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଚମ୍ପା ନିଜ ଦୃଢ଼ ଇଚ୍ଛା ଶକ୍ତି ଏବଂ କଠିନ ପରିଶ୍ରମ ଯୋଗୁଁ ଏହି ସଫଳତା ପାଇଛନ୍ତି । ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ହସ୍ପିଟାଲରେ ଡାକ୍ତରୀ ପଢିବେ ଚମ୍ପା । ତାଙ୍କର ଏହି ସଫଳତା ନିଶ୍ଚୟ ଅନ୍ୟ ଯୁବକ ଯୁବତୀ ଓ ବିଶେଷ ଭାବେ ଝିଅ ମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି ଜିଲ୍ଲାପାଳ । ଆଦିମ ଦିଦାୟୀ ଜନଜାତିର ପ୍ରଥମ ମହିଳା ଭାବେ ଚମ୍ପା ଏହି ସଫଳତା ହାସଲ କରି ଇତିହାସ ରଚିଛନ୍ତି । ବାପା ଲାଛମୁ ରାସପେଦା ଜଣେ ଗରିବ ଚାଷୀ । ଚମ୍ପା ଚିତ୍ରକୋଣ୍ଡା ଏସଏସଡି ବାଳିକା ବିଦ୍ୟାଳୟରୁ ୨୦୧୯ ରେ ଦଶମ ଶ୍ରେଣୀ ପରୀକ୍ଷା ଉତ୍ତୀର୍ଣ୍ଣ ହୋଇଥିଲେ । ତାପରେ ଗୋବିନ୍ଦପାଲ୍ଲୀ ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଯୁକ୍ତ ଦୁଇ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେ ପ୍ରଥମରୁ ପଞ୍ଚମ ନନ୍ଦିନୀଗୁଡା ଏସଏସଡି ଇଜୁକେସନାଲ କମ୍ପ୍ଲେକ୍ସ ଠାରେ ଅଧ୍ୟୟନ କରିଥିଲେ । ନିଜର କଠିନ ଅଧ୍ୟବସାୟ, ଦୃଢ଼ ସଂକଳ୍ପ ଓ ଅନେକ ସଂଘର୍ଷ ପରେ ଏହି ଗୌରବ ହାସଲ କରିଛନ୍ତି ଚମ୍ପା । ଏହି ସଫଳତା ପାଇଁ ବଡ଼ବେଲ ବାଳିକା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଉତ୍କଳ କେଶରୀ ଦାସଙ୍କୁ ସେ ଶ୍ରେୟ ଦେଇଛନ୍ତି । ଯୁକ୍ତ ୨ ପରେ ଶିକ୍ଷକ ତାଙ୍କ ଭଉଣୀଙ୍କ ପାଖରେ ରଖି ନିଜସ୍ୱ ଅର୍ଥରେ ବାଲେଶ୍ୱରର ଏକ କୋଚିଂ ସେଣ୍ଟରରେ ତାଲିମ ନେବାରେ ସହଯୋଗ କରିଥିଲେ । ଏବେ ତାଙ୍କ ସଫଳତା ପାଇଁ ତାଙ୍କ ଗ୍ରାମ ସମେତ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି । ଜିଲ୍ଲା ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର ଓ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ମଧ୍ୟ ତାଙ୍କ ସଫଳତାରେ ଶୁଭେଚ୍ଛା ଜଣାଇଛନ୍ତି ।

# ସଂସ୍କୃତ ସପ୍ତାହ ପାଳିତ

ରାମନାଗୁଡ଼ା, ୧୭।୮ (ସମିସ): ରାୟଗଡା ଜିଲ୍ଲା ରାମନାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟରେ “ସଂସ୍କୃତ ସପ୍ତାହ” ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନେ ସଂସ୍କୃତ ଶ୍ଳୋକ ପାଠ ,ସୁଭାଷିତ ପାଠ, ସଂସ୍କୃତ ଗୀତ, ସଂସ୍କୃତ ଗଳ୍ପ, ସଂସ୍କୃତ ସମ୍ଭାଷଣ, ସରଳ ସଂସ୍କୃତ ଅନୁବାଦ, ସଂସ୍କୃତ ନାଟକ ପରିବେଷଣ ଆଦି ପ୍ରତିଯୋଗିତାରେ ଉଲ୍ଲାସ ପୂର୍ବକ ଅଂଶଗ୍ରହଣ କରି ନିଜର ବିଶେଷ ପ୍ରତିଭା ପ୍ରଦର୍ଶନ କରିଥିଲେ । ବିଭିନ୍ନ ସ୍ଥାନରେ ସଂସ୍କୃତ ଶୋଭାଯାତ୍ରା କରାଯାଇଥିଲା । ବୈଠକରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରୀ ପ୍ରସାଦ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ବୈଠକରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଲଳିତ ମୋହନ ନନ୍ଦ ଯୋଗ ଦେଇ ସଂସ୍କୃତ ଭାଷାର ମହତ୍ତ୍ୱକୁ ପୁଙ୍ଖାନୁପୁଙ୍ଖ ଭାବରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମୃତ୍ୟୁଞ୍ଜୟ ଶତପଥୀ ସଂସ୍କୃତ ଭାଷାର ନୀତିବାଣୀ, ସୁଭାଷିତ ଆଦିର ମାନବୀୟ ମୂଲ୍ୟବୋଧକୁ ପ୍ରାଞ୍ଜଳ ଭାବେ କହିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ସ୍ମିତାରାଣୀ ଡୁଙ୍ଗ, ଶିକ୍ଷୟିତ୍ରୀ ସି ଚୌଧୁରୀ, ଶିକ୍ଷୟିତ୍ରୀ ରଞ୍ଜିତା କୁମାରୀ ସାହୁ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ମଲ୍ଲିକ, ଅଧ୍ୟାପକ ବିକ୍ରମ ଟାକ୍ରି, ଅଧ୍ୟାପକ ଅମ୍ବୁଜ ଜେନା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନାନାଜୀ ମାଣ୍ଡାଙ୍ଗି ଧନ୍ୟବାଦ ଅର୍ପଣ କରିଥିଲେ ।

# ଥେରୁବାଲି ଷ୍ଟେସନରେ ୩ ଏକ୍ସପ୍ରେସ ଟ୍ରେନ୍‌ର ପୁନଃ ରହଣିକୁ ସ୍ୱାଗତ

ଜେକେପୁର,୧୭।୮ (ସମିସ): ପୂର୍ବତଟ ରେଳବାଇ ରାୟଗଡ଼ା ଜିଲ୍ଲା ଅନ୍ତର୍ଗତ ଥେରୁବାଲି ରେଳଷ୍ଟେସନ ଠାରେ ବହୁ ପ୍ରତିକ୍ଷିତ ୩ ଟି ଏକ୍ସପ୍ରେସ ଟ୍ରେନ ରହଣୀ ପୁନଃ ଆରମ୍ଭ ହୋଇଛି। ଏନେଇ ଚଳିତ ଅଗଷ୍ଟ ମାସ ୮ ତାରିଖରେ ରେଳ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଥେରୁବାଲି ଅଞ୍ଚଳରେ ଏକ ଖୁସିର ଲହରୀ ଖେଳି ଯାଇଥିଲା। ଶୁକ୍ରବାର ସକାଳ ୮ ଘଟିକା ୪୫ ମି ସମୟରେ ଥେରୁବାଲି ରେଳ ଷ୍ଟେସନଠାରେ ବିଲାସପୁର ତ୍ରିପତି ଦ୍ରୁତଗାମୀ ଏକ୍ସପ୍ରେସ୍ ଟ୍ରେନ ରହଣି କରିବା ପରେ ଥେରୁବାଲି ନାଗରିକ ମଞ୍ଚର ସଭାପତି ଅଶୋକ ହିକକା, ସାଧାରଣ ସମ୍ପାଦକ ଭାସ୍କର କୁମାର ଅମର ସିଙ୍ଗ , ସଂଯୋଜକ ନିରଂଜନ ପାତ୍ର, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତେଜ ରାଜା ନାଗ, ମଣି ଅଟକା, ଏମ୍ ରାଜେଶ, ଗଣପତି ପଣ୍ଡା, ପରମେଶ୍ୱର ନିଳଗିରି, ଅନୁପ ବିଶ୍ୱାସ, କୃଷ୍ଣଚନ୍ଦ୍ର ସହା, କେ ଆପାନା, ଏମ୍. ପ୍ରକାଶ ରାଓ ପ୍ରମୁଖ ପୁଷ୍ପଗୁଚ୍ଛ ଏବଂ ମିଷ୍ଟାନ୍ନ ବଣ୍ଟନ କରିବା ସହ ସ୍ଥାନୀୟ ଜନ ପ୍ରତିନିଧି ଏବଂ ରେଳ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କନ୍ୟା ସନ୍ତାନଙ୍କ ସୁରକ୍ଷା ନେଇ ଜିଲ୍ଲାସ୍ତରୀୟ ବୈଠକ

ଜୟପୁର,୧୭।୮ (ସମିସ): ଦେଶର କନ୍ୟା ସନ୍ତାନଙ୍କ ସୁରକ୍ଷା ଏବଂ ଦେଶ ପାଇଁ ଏକ ସୁରକ୍ଷିତ ଓ ସକ୍ଷମ ପରିବେଶ ସୃଷ୍ଟି କରିବା ନେଇ ଏକ ଜିଲ୍ଲାସ୍ତରୀୟ ବୈଠକ ଜୟପୁର ସ୍ଥିତ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଭବନଠାରେ ଶନିବାର ସଂଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଜଜ୍ ପ୍ରଦୀପ କୁମାର ମହନ୍ତଙ୍କ ଉପସ୍ଥିତିରେ କନ୍ୟା ସନ୍ତାନ ଉପରେ ବୃଦ୍ଧି ହେଉଥିବା ଅପରାଧ ଉପରେ ଆଲୋଚନା କରାଯାଇଥିଲା। ସେହିପରି ଭାରତୀୟ ଆଇନ ବ୍ୟବସ୍ଥା ଅତ୍ୟାଚାର ବିରୋଧ ରହିଥିବା କଡ଼ା ଆଇନ ଓ ଧାରାକୁ ନେଇ ସଚେତନତା କରାଯାଇଥିଲା। ଦେଶରେ କନ୍ୟା ସନ୍ତାନମାନେ ସୁରକ୍ଷିତ ଓ ସକ୍ଷମ ରହିଲେ ଦେଶର ପରିବେଶ ସୁସ୍ଥ ରହିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସିଭଲ ଜଜ୍ (ବରିଷ୍ଠ) ତଥା ମହିଳା କୋର୍ଟର ଜଜ୍ ଅଳକାନନ୍ଦ ମହାନ୍ତି, ସିଭିଲ ଜଜ୍ (ବରିଷ୍ଠ) ସ୍ୱଙ୍ଗ ପ୍ରକାଶ ଦାଶ, ପରିବାର କୋର୍ଟର ଜଜ୍ ନିଶିତ ନିଶଙ୍କ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏସ୍. ଶୁଭଲକ୍ଷ୍ମୀ, ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ପି .ସୁଜାତା, ଜେଏମ୍ଏଫ୍‌ସି ହରମୋହନ ଦାସ, ଦୀକ୍ଷା ରାଉତରାୟ, ପ୍ରଜ୍ଞା ସୁମନ, ଶିଶୁ କଲ୍ୟାଣ କମିଟିର ସଭାପତି ଗାୟତ୍ରୀ ପାତ୍ର ଏବଂ ଜିଲ୍ଲାରେ ଶିଶୁ ସୁରକ୍ଷା ନେଇ କାର୍ଯ୍ୟରତ ବିଭିନ୍ନ ଏନ୍‌ଜିଓର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# କବିତା ଆସର ଓ ପୁସ୍ତକ ଲୋକାର୍ପଣ ଉତ୍ସବ



କୋରାପୁଟ,୧୭।୮ (ସମିସ): ୭ ୯ ତମ ସ୍ୱାଧୀନତା ଦିବସ ଉପଲକ୍ଷେ କୋରାପୁଟ ସାହିତ୍ୟ ପରିବାର ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୁଲ୍ୟରେ ସଦ୍‌ଭାବନା ସଭାଗୃହଠାରେ ଏକ ମନୋଜ୍ଞ କବିତା ଆସର ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ଆଦିବାସୀ ସଂସ୍କୃତି ଗବେଷକ ଡଃ.ଜଗବନ୍ଧୁ ସାମଲ ଯୋଗଦେଇ ସ୍ୱାଧୀନତା ଦିବସର ମହତ୍ତ୍ୱ ସଂପର୍କରେ ନିଜସ୍ୱ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ରୂପେ ବିଶିଷ୍ଟ ସମାଲୋଚକ ପ୍ରଫେସର ଡ.ବିଜୟ କୁମାର ନନ୍ଦ ସାମ୍ପ୍ରତିକ କବିତାର ଗତି ଓ ପ୍ରବୃତ୍ତି ସଂପର୍କରେ ମନ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଶିଷ୍ଟ ଅନୁବାଦକ ବିଜୟ ପ୍ରଧାନଙ୍କ କାଶ୍ମୀର ପଣ୍ଡିତଙ୍କ ବିସ୍ଥାପନ ସଂପର୍କରେ ଓଡ଼ିଆରେ ଅନୂଦିତ ଉପନ୍ୟାସ "ବରଫ ଓ ନିଆଁ' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଉନ୍ମୋଚିତ ପୁସ୍ତକ ସଂପର୍କରେ ସମୀକ୍ଷା କରିଥିଲେ ବିଶିଷ୍ଟ ଗାଳ୍ପିକ ନାରାୟଣ ପଣ୍ଡା। ପଚାଶରୁ ଉଚାଶ କବି ସ୍ୱରଚିତ କବିତା ପାଠ କରିଥିଲେ। ଉପସ୍ଥିତ କବି ମାନଙ୍କ ମଧ୍ୟରେ ଥିଲେ ଜଳଧର ସ୍ୱାଇଁ, ଜୟନ୍ତ ମହାନ୍ତି, ରମେଶ ସାହୁ, ତରୁଣ କୁମାର ଦାଶ, ମଧୁସୂଦନ ସ୍ୱାଇଁ, ଅମୂଲ୍ୟ ମହାପାତ୍ର, ଶିବ ପ୍ରସାଦ ଗନ୍ତାୟତ, ସନ୍ଧ୍ୟା ପଟ୍ଟନାୟକ, ପ୍ରଶାନ୍ତ ସ୍ୱାଇଁ, କିଶୋର ଚନ୍ଦ୍ର ବେହେରା, ଅର୍ଚ୍ଚନା ପଟ୍ଟନାୟକ, ରାଜଶ୍ରୀ ହରିଚନ୍ଦନ, ଗଣେଶ ପ୍ରସାଦ ସାହୁ, ନୃସିଂହ ପଣ୍ଡା, ସି.ଏଚ୍ ଶାନ୍ତାକାର, ସୁଜୟ କୁମାର ପ୍ରଧାନ, ବିନୋଦ ବିହାରୀ ଜେନା, ସାନିଆ ଭତ୍ରା, ଅଶୋକ ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ କୋରାପୁଟ ସାହିତ୍ୟ ପରିବାରର ଉପସଭାପତି କବି ରବି ଶତପଥୀ ପରିଚାଳନା କରିଥିବା ବେଳେ ସଂପାଦକ ଡଃ.ପ୍ରୀତିଧାରା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଜପେୟୀଙ୍କ ତିରୋଧାନ ଦିବସ ପାଳିତ




ରାୟଗଡ଼ା,୧୭।୮ (ସମିସ): ଅଟଳ ବିହାରୀ ବାଜପେୟୀ ସ୍ମୃତି ସଂସଦ ରାୟଗଡା ପକ୍ଷରୁ ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ତିରୋଧାନ ଦିବସ ବରିଷ୍ଠ ବିଜେପି ନେତା ୟାଲ୍ଲା ଭେଙ୍କେଟେଶ୍ୱର ରାଓ ଙ୍କ ଆୟୋଜକରେ ଗାୟତ୍ରୀ ନଗରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶତାବ୍ଦୀ ବିସ୍ତାରକ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜନ୍ମେଜୟ ପାଣିଗ୍ରାହୀ, ମୁଖ୍ୟ ବକ୍ତା ଭାବେ ବାଦଲ ତା, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଗୋପୀ ଆନନ୍ଦ, ବସନ୍ତ ଉଲାକା, କାଳିରାମ ମାଝୀ, ଚକ୍ରଧର ବିଡ଼ିକା, ବ୍ରଜସୁନ୍ଦର ନାୟକ, ପ୍ରଭାତ ମହାନ୍ତି ପ୍ରମୁଖ ଯୋଗ ଦେଇ ମଞ୍ଚାସୀନ ଥିଲେ। ଅଟଳ ବିହାରୀ ବାଜପେୟୀ ସ୍ମୃତି ସଂସଦ ଆବାହକ କୀର୍ତ୍ତିଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ସହ ବାଜପେୟୀଙ୍କ ଆଦର୍ଶ ଜୀବନକୁ ଅନୁପ୍ରାଣିତ ହୋଇ ଜାତି, ବର୍ଣ୍ଣ,ଦଳ ନିର୍ବିଶେଷରେ ସମସ୍ତେ ଏକ ହୋଇ ଜିଲ୍ଲାର ବିକାଶ ପାଇଁ ଆଗେଇ ଆସିବାକୁ ମଞ୍ଚରୁ ଆହ୍ୱାନ ଦିଆଯାଇଥିଲା। ପ୍ରଶାନ୍ତ ପଟ୍ଟନାୟକ ଧନ୍ୟବାଦ ଜଣାଇଥିଲେ।

# ଲଗାଣ ବର୍ଷା : ଦୋକାନ ଓ ଘରେ ପଶିଲା ପାଣି

ମାଲକାନଗିରି, ୧୭।୮ (ସମିସ):



ମାଲକାନଗିରି ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଜିଲ୍ଲା ସଦର ଦେଇ ଯାଇଥିବା ଜାତୀୟ ରାଜପଥରେ ପାଣି। ଯାତାୟାତରେ ସମସ୍ୟା ଉପୁଜିବା ସହ ବିଭିନ୍ନ ଦୋକାନ ଓ ଘରେ ପଶିଲା ପାଣି। ଜିଲ୍ଲା ସଦରରେ ଆଜି ସକାଳୁ ବର୍ଷା ଲାଗି ରହିଥିବା ବେଳେ ସନ୍ଧ୍ୟା ସମୟରୁ ଲଗାଣ ବର୍ଷା ଯୋଗୁଁ ଜିଲ୍ଲା ସଦର ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥ ର ବିଭିନ୍ନ ସ୍ଥାନରେ ପାଣି ଜମିବାରେ ଲାଗିଛି। ଜିଲ୍ଲା ସଦର ଏସ୍‌ପି ଅଫିସ ନିକଟରେ ଓ ମୁଖ୍ୟ ଚିକିତ୍ସାଳୟ ନିକଟରେ ରାସ୍ତା ଉପରେ ୩ଫୁଟରୁ ଅଧିକ ପାଣି ଜମିବାରୁ ମୋଟର ସାଇକେଲ ଓ ଛୋଟ ଗାଡି ଯିବା ଆସିବା କଷ୍ଟକର ହୋଇପଡିଛି। ଏହା ସହ ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ବିଭିନ୍ନ ଦୋକାନ ଏବଂ ଘର ମଧ୍ୟରେ ପାଣି ପଶି ବ୍ୟାପକ ସାମଗ୍ରୀ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଏପରି ସ୍ଥିତି ଉପୁଜିବା ବେଳେ ଦୋକାନୀ ଓ ସ୍ଥାନୀୟ ଲୋକେ ନିଜ ଦୋକାନ ଏବଂ ଘରୁ ପାଣି ବାହାର କରିବାରେ ଲାଗିପଡିଛନ୍ତି। ପ୍ରଶାସନ ପକ୍ଷରୁ ମଧ ପାଣି ବାହାର କରିବା ପାଇଁ ପଦକ୍ଷେପ ନିଆଯାଉଥିବା ଦେଖିବାକୁ ମିଳିଛି।

# ଲକ୍ଷ୍ମୀନାରାୟଣ ମନ୍ଦିରରେ ଜନ୍ମାଷ୍ଟମୀ

କଲ୍ୟାଣସିଂହପୁର,୧୭।୮ (ସମିସ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ନାରାୟଣପୁର ପଞ୍ଚାୟତ ସଦର ଲକ୍ଷ୍ମୀନାରାୟଣ ମନ୍ଦିରରେ ମହାଆଡମ୍ବରରେ ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ ପାଳନ ହୋଇ ଯାଇଛି। ଏହି ଜନ୍ମାଷ୍ଟମୀ ପାଳନ ଅବସରରେ ଶ୍ରୀ ଲକ୍ଷ୍ମୀନାରାୟଣ ପାଳଙ୍କ ସହାୟତାରେ ନାମସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥଲେ। ଜନ୍ମାଷ୍ଟମୀ ପାଳନ ବେଳେ ଅଞ୍ଚଳର ବହୁ ଦୂର ଦୂରାନ୍ତରୁ ଶ୍ରୀକୃଷ୍ଣଙ୍କ ଭକ୍ତ ଏବଂ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ପୂଜାର୍ଚ୍ଚନାରେ ଭାଗ ନେଇଥିଲେ। ଏହି ଜନ୍ମାଷ୍ଟମୀ ପାଳନକୁ ନାରାୟଣପୁର ରାମଲିଙ୍ଗେଶ୍ୱର ମନ୍ଦିର କମିଟି ଦ୍ୱାରା ଆୟୋଜନ କରାଯାଇଥିଲା।

# ଦିବ୍ୟାଙ୍ଗ ଯୁବତୀକୁ ଦୁଷ୍କର୍ମ : ଯୁବକ ଗିରଫ

କଲ୍ୟାଣସିଂହପୁର,୧୭।୮ (ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ସଦର ପଞ୍ଚାୟତ ଘାଘୁଡ଼ିମାଳ ଗ୍ରାମରେ ଦିବ୍ୟାଙ୍ଗ ଝିଅକୁ



ବିବାହ ପ୍ରଲୋଭନ ଦେଖାଇ ଦୁଷ୍କର୍ମ ଓ ସେ ମା' ହେବା ପରେ ଛାଡିଦେଲା ଯୁବକ। ଏ ନେଇ ଅଭିଯୋଗ ହେବା ପରେ ଯୁବକକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ଘାଘୁଡ଼ିମାଳ ଗ୍ରାମର ଜଣେ ଦିବ୍ୟାଙ୍ଗ ଯୁବତୀ ସହ ଗ୍ରାମର ନାଗେଶ ଧନୁ ବିବାହର ପ୍ରଲୋଭନ ଦେଖାଇ ଶାରିରୀକ ସମ୍ପର୍କ ରଖି ଆସୁଥିଲା। ସେ ଗର୍ଭବତୀ ହେବାରୁ ଭଦ୍ରବ୍ୟକ୍ତିଙ୍କ ଆଗରେ ତାକୁ ପତ୍ନୀ ରୂପେ ଗ୍ରହଣ କରିଥିଲା। ପରେ ଯୁବତୀ ଜଣଙ୍କ ଏକ ଶିଶୁ ସନ୍ତାନ ଜନ୍ମ ଦେବା ପରେ ନାଗେଶ ତାକୁ ଛାଡ଼ି ଦେଇଥିଲା। ଦିବ୍ୟାଙ୍ଗ ପରିବାର ବର୍ଗ ଦିବ୍ୟାଙ୍ଗ ଝିଅକୁ ନ୍ୟାୟ ଦାବି କରିଆସୁଥିଲେ। ବର୍ତ୍ତମାନ ଯୁବକ ନାଗେଶ ଧନୁ କୁ ପୁଲିସ ଗିରଫ କରି ଡାକ୍ତରୀ ପରୀକ୍ଷା କରିବା ପରେ କୋର୍ଟ ଚାଲାଣ କରିଛନ୍ତି।

# ଜିଲ୍ଲାପାଳଙ୍କୁ ଭେଟିଲେ କୁର୍ଲି ପଞ୍ଚାୟତବାସୀ

ରାୟଗଡ଼ା,୧୭।୮ (ସମିସ): ରାୟଗଡ଼ା ଜିଲ୍ଲାପାଳ ଭାବେ ଆଇଏଏସ ଅଧିକାରୀ ଆଶୁତୋଷ କୁଲକର୍ଣ୍ଣି ଦାୟିତ୍ୱ ଗ୍ରହଣ ପରେ ଜିଲ୍ଲାର ବିକାଶଧାରା ଆହୁରି ଆଗକୁ ବଢିବ ଏବଂ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ହୋଇପାରିବ ବୋଲି ଆଶା ବାନ୍ଧିରଖିଛନ୍ତି ଜିଲ୍ଲାବାସୀ। ଜିଲ୍ଲାର ବିଷମକଟକ ବ୍ଲକ ଅନ୍ତର୍ଗତ କୁର୍ଲି ଗ୍ରାମ ପଞ୍ଚାୟତରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ଶନିବାର ଦିନ ଜିଲ୍ଲାପାଳଙ୍କୁ ଭେଟି ନିଜର ଦାବି ଜଣାଇଛନ୍ତି ପଞ୍ଚାୟତବାସୀ। ଏଥିସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନିୟମଗିରି ପାହାଡ ଅଂଚଳର କୁର୍ଲି ଗ୍ରାମ ପଞ୍ଚାୟ ଅଧିନରେ ୨୩ଖଣ୍ଡ ଗାଁ ରହିଥିବା ବେଳେ ବିଶେଷ କରି ଦୁର୍ଗମ ଅଞ୍ଚଳର ଅନେକ ଗାଁକୁ ଗମନାଗମନ ଓ ଯୋଗାଯୋଗର ସମସ୍ୟାର ବହୁ ଅସୁବିଧା ରହିଥିବା ଉଲ୍ଲେଖ କରିଛନ୍ତି। ଦାବିଗୁଡିକ ମଧ୍ୟରେ ଖମ୍ବେସୀ ଓ ମୁଣ୍ଡବାଲି ଠାରେ ମୋବାଇଲ ଟାୱାର ନିର୍ମାଣ,କୁର୍ଲି ଠାରେ ହାଇସ୍କୁଲ ନିର୍ମାଣ,ଖମ୍ବେସୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି,ବାଟିଗୁମାରୁ ରାଇନିମା ଏବଂ ଖମ୍ବେସୀ ଠାରୁ ପାର୍ସାଲି ଓ କୁର୍ଲି ଠାରୁ ମୁଣ୍ଡବାଲି ଦେଇ ହୁଣ୍ଡିଜାଲି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା ନିର୍ମାଣ, ସହ ବନ୍ଦ ହୋଇଥିବା ଓପିଲିପି କାର୍ଯ୍ୟକ୍ରମକୁ ଅତିଶୀଘ୍ର ଆରମ୍ଭ କରିବାକୁ ଦାବି ଉଲ୍ଲେଖ କରିଛନ୍ତି ପଂଚାୟତବାସୀ। ଏହି ଦାବିପତ୍ର ପାଇବା ସହ ପଂଚାୟତବାସୀଙ୍କ ସହ ଆଲୋଚନା ବେଳେ ଆସନ୍ତା ୪ରୁ ୫ଦିନ ମଧ୍ୟରେ କୁର୍ଲି,ପାର୍ସାଲି,ମୁନିଖୋଲ ଓ ଶିବପଦର ଗ୍ରାମ ପଂଚାୟତ ପରିଦର୍ଶନ ଯୋଜନା ରହିଥିବା ବେଳେ କୁର୍ଲିକୁ ଯିବା ଦିନ ସମସ୍ତ ସମସ୍ୟାକୁ ଅନୁଧ୍ୟାନ କରିବା ସହ ସମସ୍ତଙ୍କୁ ମୌଳିକ ଅଧିକାର ମିଳିବା ଏବଂ ସମସ୍ୟା ଗୁଡିକ ସମାଧାନ ଦିଗରେ ଆଲୋଚନା କରି ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶୃତି ଦେଇଥିବା ପଂଚାୟତବାସୀ କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ କୁର୍ଲି ଗ୍ରାମ ପଞ୍ଚାୟତ ସରପଞ୍ଚ ଶୁଭର୍ଦନୀ ୱାଡକା, ଚିତ୍ରସେନ ୱାଡକା, ନବଘନ ୱାଡକା, ଡୁପୁ ୱାଡକା, ନିରଞ୍ଜନ ୱାଡକାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ନାଗାବଳୀ ନଦୀର ମାଟି ଅତଡ଼ା ଖସି ବାଳକ ମୃତ

କଲ୍ୟାଣସିଂହପୁର , ୧୭।୮ (ସମିସ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ କନ୍ଧ ଖାତିପଡା ପଞ୍ଚାୟତ ପୋଙ୍ଗଲି ଗ୍ରାମର ଶାଙ୍କାରାଓ ହିକକାଙ୍କ ପୁଅ ଧାର୍ମା ହିକକା (୮) ପଙ୍ଗଲି ପ୍ରାଥମିକ ବିଦ୍ୟାଳୟରରେ ତୃତୀୟ ଶ୍ରେଣୀ ପଢୁଥିଲା। ସୂଚନା ଅନୁଯାୟୀ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ପାଳନ ଶେଷ ହେବା ପରେ କିଛି ପିଲା ମାନଙ୍କ ସହ ନାଗାବଳୀ ନଦୀକୁ ଗାଧେଇବାକୁ ଯାଇଥିଲେ। ପିଲା ମାନେ ନଦୀ ତଡରେ ବୁଲୁଥିବା ବେଳେ ମାଟି ଅତଡା ଖସି ଧାର୍ମା ଙ୍କ ଉପରେ ପଡିଯିବାରୁ ଘଟଣା ସ୍ଥଳରେ ତାର ମୃତ୍ୟୁ ହୋଇଥିଲା। ଖବର ପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି କଲ୍ୟାଣସିଂହପୁର ପୁଲିସକୁ ଖବର ଦେଇଥିଲେ। ଉକ୍ତ ଖବର ପାଇ ପୁଲିସ ଦଳ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ନୀଳକଣ୍ଠ ବେହେରା କହିଛନ୍ତି।

# ଆଓମା ଗୁରୁକୁଳ ଓ ଛାତ୍ରାବାସରେ ପାଠ୍ୟ ଉପକରଣ ବଣ୍ଟନ

ମାଲକାନଗିରି,୧୭।୮ (ସମିସ): ଜିଲ୍ଲା ମୁଖ୍ୟଉନ୍ନୟନ ଅଧିକାରୀ ଆଓମା ଗୁରୁକୁଳ ଓ ବିଭିନ୍ନ ଛାତ୍ରାବାସ ଗସ୍ତ କରି ଅନ୍ତେବାସୀଙ୍କୁ ପାଠ୍ୟ ଉପକରଣ ଓ ମିଷ୍ଟାନ ବାଣ୍ଟି ସଂଗ୍ରାମୀଙ୍କ ବିରତାର କାହାଣୀ ଓ ଶ୍ରୀ କୃଷ୍ଣଙ୍କ ବାଣୀ ବଖାଣିଛନ୍ତି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର। ମାଲକାନଗିରି ଜିଲ୍ଲା ସଦର ମହାକୁମା ଠାରେ ଥିବା ଆଓମା ଗୁରୁକୁଳ, ମାଲ୍ୟବନ୍ତ ଛାତ୍ର ବାସ, ଗୁରୁପ୍ରିୟା ହଷ୍ଟେଲ ସହିତ ଅନ୍ୟାନ୍ୟ ଛାତ୍ରବାସକୁ ସେ ଗସ୍ତ କରିଥିଲେ। ୬୦୦ରୁ ଅଧିକ ଅନ୍ତେବାସୀଙ୍କ ସହିତ ମିଶି ସ୍ୱାଧୀନତା ଦିବସ ସହିତ ଜନ୍ମାଷ୍ଟମୀ ଉତ୍ସବ ପାଳନ କରି କୁନିକୁନି ପିଲାଙ୍କ ସହିତ ଦେଶାତ୍ମକ ବୋଧ ସଙ୍ଗୀତ ଓ ଶ୍ରୀକୃଷ୍ଣଙ୍କ ଭଜନଗାନ କରି ଖୁସିରେ ନାଚିଥିଲେ। ଏହି ଅବସରରେ ଶିଶୁମାନଙ୍କୁ ଚକୋଲେଟ୍, ମିଠା, ନୋଟ୍‌ବୁକ୍, ପେନ୍ ଓ ଅନ୍ୟାନ୍ୟ ଶିକ୍ଷା ସମ୍ବନ୍ଧୀୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ଅଶୋକ ପଟ୍ଟନାୟକ, ଅଶୋକ ସାହୁ, ରଶ୍ମି ମହାନ୍ତି, ବିନାଶ କୁମାର ମିଶ୍ର, କାଳୁଚରଣ ମହାରଣା, ଦିବ୍ୟରଞ୍ଜନ ପାଣିଗ୍ରାହୀ ସହଯୋଗ କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟରେ ସଙ୍କୁଳସ୍ତରୀୟ ଏକତା ପର୍ବ

ରାୟଗଡ଼ା,୧୭।୮ (ସମିସ): ଆଜି ସ୍ଥାନୀୟ ପି.ଏମ.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ସଙ୍କୁଳ ସ୍ତରୀୟ ଏକତା ପର୍ବ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ରାଜା ରାମଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଡିଆର୍‌ଏମ ଅମିତାଭ ସିଙ୍ଘଲ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ଏଥିରେ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ଼.ରମେଶ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ସହ ଏହି ଉତ୍ସବର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ସଂପର୍କରେ ସୂଚନା ଦେଇଥିଲେ। ଏଥିରେ ଅଂଶ ଗ୍ରହଣକାରୀଙ୍କ କଳା ନୈପୁନ୍ୟତାକୁ ବିଚାର କରିବା ପାଇଁ ୬ ଜଣ ବିଶିଷ୍ଟ ବିଚାରପତି ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଓ ମୁଖ୍ୟଅତିଥିଙ୍କ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମଞ୍ଚ ପରିଚାଳନାରେ ମାୟାଧର ବିଷୋୟୀ, ବିଷ୍ଣୁ ଶେଖର, କ୍ରିଷ୍ଣା ବରାଇ, ଅଶୋକ କୁମାର ଲାବଲା ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ରାୟଗଡ଼ା ପି.ଏମ୍.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସହ ଗୁଣୁପୁର, କୋରାପୁଟ, ସୁନାବେଡ଼ା, ଗଜପତି, ନବରଙ୍ଗପୁର ଓ



ମାଲକାନଗିରି କେନ୍ଦ୍ରୀୟ ବିଦ୍ୟାଳୟର ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆନନ୍ଦ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଜପେୟୀଙ୍କ ପୁଣ୍ୟତିଥି ପାଳିତ

ରାୟଗଡ଼ା,୧୭।୮ (ସମିସ ): ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧ ବାର୍ଷିକୀରେ ରାୟଗଡ଼ା ସକ୍ଷମ କାର୍ଯ୍ୟାଳୟରେ ବୁଦ୍ଧିଜୀବୀ, ସମାଜ ସେବୀ ଏବଂ କିଛି ଗଣମାଧ୍ୟମ ପ୍ରତିନିଧି ଏକତ୍ରିତ ହୋଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟା ଭୂଷଣ ପଣ୍ଡା ପରିଚାଳନା କରଥିଲେ ଏବଂ ଶ୍ୟାମ କୁମାର ଦାଶ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ। ଆଲୋଚନା ଚକ୍ରରେ ରାମଚନ୍ଦ୍ର ସାହୁ, ଯୋଗେଶ୍ୱର ଦାଶ, ଦୀପକ ପୃଷ୍ଟି, ଜୟଦେବ ସେଠ, ଗଣେଶ ସାହୁ, ଏମ ବିଦ୍ୟା ସାଗର, ବିଜୟ ଦାଶ, ପ୍ରମୋଦ କୁମାର ପଣ୍ଡା, ଟି ନାଗରାଜୁ, ଜି.ହରି କ୍ରିଷ୍ଣା, ଧର୍ମ ସିଙ୍ଗ ନାଗ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ମା'କାଳୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

ଗୁଣପୁର, ୧୭।୮ (ସମିସ): ପ୍ରତି ବର୍ଷ ପରି ଚଳିତ ବର୍ଷ କୋର୍ଟ ଛକରେ ମା କାଳୀ ପୂଜା ଅନୁଷ୍ଠିତ ହେବ। ଚଳିତ ବର୍ଷ ଏହା ୧୯ ବର୍ଷରେ ପଦାର୍ପଣ କରୁଥିବାରୁ ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅପରାହ୍ନରେ ତ୍ରିନାଥ ମନ୍ଦିର ଠାରେ ଅନୁଷ୍ଠିତ ହୋଇଥିଲା। ସଭାପତି ରାଧାକୃଷ୍ଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା



ଅଗଷ୍ଟ ୨୮ ତାରିଖ ୯ ଘଟିକାରେ ପ୍ରତିବର୍ଷ ପରି ନୂଆଁଖାଇ ଦିନ ଶୁଭ ଖୁଣ୍ଟି ସ୍ଥାପନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ଏହା ସହ ମା'କାଳୀ ପୂଜା ଆସନ୍ତା ୨୦ /୧୦/ ୨୦୨୫ ରୁ ସାତ ଦିନ ଧରି ଧୁମ୍‌ଧାମରେ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳତାର ସହ କରିବା ପାଇଁ ଶୁଭଖୁଣ୍ଟି ସ୍ଥାପନ ଦିନ ବୈଠକ କରି ବିଭିନ୍ନ କମିଟି ଗଠନ କରିବା ସହ ପୂଜା ପାଇଁ ବିଭିନ୍ନ ବିଷୟରେ ଆଲୋଚନା କରିବା ପାଇଁ ସ୍ଥିର କରାଯାଇଛି। ଏହି ବୈଠକରେ କମିଟିର ବରିଷ୍ଠ ସଦସ୍ୟ ଗଣେଶ୍ୱର ଶତପଥୀ, ନରସିଂହ ଶତପଥୀ , ବିମଳ ମିଶ୍ର ଟୁକୁରୁ ପାଣିଗ୍ରାହୀ, ଅଜିତ ପଣ୍ଡା, ମୁନା ପାଢ଼ୀ, ବାବୁଲି ଖାଡ଼ାଙ୍ଗା ବିରଞ୍ଚି ପାଣିଗ୍ରାହୀ, ଡମ୍ବରୁ ନାୟକ, ପ୍ରଦୀପ ପାଢ଼ୀ , ଦନାର୍ଦ୍ଦନ ମହାପାତ୍ର ଶ୍ରୀନିବାସ ସାହୁ ସୁନା ବେହେରା ବିଜୟ କୁମାର ସୁମାମୁଦ, କାଳିଆ ରଥ , ଅଜିତ, ଅଶୋକ ସହ ବହୁ ଉତ୍ସାହୀ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ଆସ ସ୍କୁଲ ଯିବା ଅଭିଯାନ

ରାୟଗଡ଼ା, ୧୭।୮ (ସମିସ): ରାୟଗଡ଼ା ପୌରାଞ୍ଚଳର ଇନ୍ଦିରାନଗର ଓ ଅଶୋକ ନଗର ଅଞ୍ଚଳରେ ଶନିବାର ଆସ ଆମେ ସ୍କୁଲ ଯିବା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପିଲାଏ ହାତରେ ପ୍ଲାକାର୍ଡ ଧରି ସାହି ସାହି ବୁଲି ସଚେତନତାର ସ୍ଲୋଗାନ ଦେଇଥିଲେ। ପରେ ବିଦ୍ୟାଳୟରେ ଶିକ୍ଷକ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍ ଏମ୍ ସି ଅଧ୍ୟକ୍ଷା ଶ୍ରୀମତୀ ଜି ସ୍ୱପ୍ନା ସଭାପତିତ୍ୱ କରିଥିଲେ। ଓସେପା ନିର୍ଦ୍ଦେଶନାମା ଅନୁସାରେ ବିଦ୍ୟାଳୟର ବିକାଶ ସମ୍ପର୍କୀତ ବିଷୟ ବସ୍ତୁ ନେଇ ଆଲୋଚନା ହୋଇଥିଲା। ଏଥିରେ ପ୍ରମିଳା ପଣ୍ଡା, ବାସନ୍ତି ମିଶ୍ର, ପ୍ରଭାତ ସେନାପତି, ସୋନାଲିସା ସାମଲ, ରଞ୍ଜିତା ସାମନ୍ତରାୟ, ମନୋରମା ସାହୁ, ନୀଳାଞ୍ଚଳ ମିଶ୍ର ଓ ପିଲାଙ୍କ ପିତାମାତା, ଅଭିଭାବକ ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ସ୍ୱର୍ଗତ ଶିକ୍ଷୟିତ୍ରୀ ନମିତା ମାଝୀଙ୍କ ସ୍ୱର୍ଗବାସରେ ସମସ୍ତେ ନୀରବ ପ୍ରାର୍ଥନା କରିଥିଲେ। ନୀଳାଞ୍ଚଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ

ରାୟଗଡ଼ା,୧୭।୮ (ସମିସ):



ରାୟଗଡ଼ାସହରର ଆମ୍ବାଗୁଡା ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଓଡିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଦ୍ୱାରା ପରିଚାଳିତ ରାୟଗଡ଼ା ବ୍ୟାଡମିଣ୍ଟନ ଆସୋସିଏସନ ଆନୁକୂଲ୍ୟରେ ୩ଦିନ ଧରି ଆୟୋଜିତ ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିଆନସିପ୍ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ଚାମ୍ପିଆନସିପ୍ ପ୍ରତିଯୋଗିତାରେ ଜିଲ୍ଲାର ୧୪୭ଜଣ ପ୍ରତିଭାବାନ ପୁଅଝିଅ ଖେଳାଳୀମାନେ ଅଂଶଗ୍ରହଣ କରିଥିଲେ। ଅଣ୍ଡର-୧୩ ଓ ୧୫ ସିଙ୍ଗଲ ବର୍ଗରେ ଖେଳାଳୀ ଅନୁରୂପ ସାହୁ, ଅଣ୍ଡର-୧୫ ଡବଲ ବର୍ଗରେ ଆଦିତ୍ୟ ପଣ୍ଡା ଓ ମନ୍ମୟ ଖୁରା,ଅଣ୍ଡର -୧୭ ଓ ୧୯ ସିଙ୍ଗଲ ବର୍ଗରେ ପାନ୍ତଲା ଚକ୍ରବର୍ତି, ଡବଲ ବର୍ଗରେ ଅଂଶ ସିହ୍ନା ଓ ପାନ୍ତଲା ଚକ୍ରବର୍ତୀଙ୍କ ସମେତ ୩୫ ବର୍ଷରୁ ଉର୍ଦ୍ଧ ସିଙ୍ଗଲ ବର୍ଗରେ ସୁଶାନ୍ତ ଶବର ଓ ୪୦ବର୍ଷରୁ ଉର୍ଦ୍ଧ ଡବଲ ବର୍ଗରେ ଭି.କିରଣ ବାବୁ ଓ ଏ.ଏସ.ଆର.ରାଜୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଉତୀର୍ଣ୍ଣ ଖେଳାଳୀମାନେ ଆଗାମୀ ମାସରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ବେଡମିଂଟନ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିବେ। ଆଜିର ଉଦଯାପିତ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ କାଡ୍ରକା ଆପାଲାସ୍ୱାମୀ,ସାମାଜିକ କର୍ମୀ ରମେଶ ଗୁଲାନୀ,ବିଶିଷ୍ଟ ଶିଳ୍ପପତି ଅଶୋକ ଜୈନ ଯୋଗ ଦେଇ ଜିଲ୍ଲାର ସମସ୍ତ ବିଜେତାଙ୍କୁ ପ୍ରୋତ୍ସାହିତ କରିବା ସହ ସମ୍ମାନୀତ କରିଥିଲେ। ଏହି ଚାମ୍ପିଆନସିପର ସାଇନିଂ ଷ୍ଟାର ହିସାବରେ ଲିଟିଲ ମାଷ୍ଟର ଅନୁରୂପ ସାହୁଙ୍କୁ ହିରୋ ସାଇକେଲ ପୁରସ୍କୃତ କରାଯାଇ ପ୍ରୋତ୍ସାହିତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ପରଫର୍ମର ହିସାବରେ ଗୁଣପୁରର ଦେବୀଶ୍ରୀ ପାତ୍ର,ଆର୍ଶୀବଳୀ ସୌର୍ଯ୍ୟ ଓ ରାୟଗ?ାର ଭାର୍ଗଭ ବେନିଆଙ୍କୁ ବ୍ୟାଡ୍‌ମିଣ୍ଟନ ସେଟ୍ ଦେଇ ସେମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। ଚଳିତ ବର୍ଷର ଶ୍ରେଷ୍ଠ କୋଚ ହିସାବରେ ଗୁଣପୁରର କୋଚ୍ ଟି.ମଣିକଂଟାଙ୍କୁ ରାୟଗଡ଼ା ବ୍ୟାଡମିଣ୍ଟନ ଆସୋସିଏସନ ସଭାପତି ହିମାଂଶୁ ଶେଖର ପାଣ୍ଡିଆ ସମ୍ମାନିତ କରିଥିଲେ। ରାୟଗଡ଼ା ବ୍ୟାଡମିଣ୍ଟନ ଆସୋସିଏସନର ସଂପାଦକ ସୁରେଶ ପଣ୍ଡା କିପରି ଖେଳାଳୀଙ୍କୁ ରାୟଗଡ଼ା ମାଟିରୁ ଜାତୀୟସ୍ତର ଯାଏଁ ପହଞ୍ଚାଇ ପାରିଛନ୍ତି ଉକ୍ତ ସଂଘର୍ଷ ବିଷୟରେ ଜଣାଇଥିଲେ। ଚାମ୍ପିଆନସିପି ପ୍ରତିଯୋଗିତାର ମ୍ୟାଚଗୁଡିକର ପରିଚାଳନା ମ୍ୟାଚ ରେଫରି ଭୈରବ ଜୈନ ଓ ତାଙ୍କ ସହଯୋଗୀ ସୁମିତ ପଣ୍ଡା, ଚିନ୍ମୟ ମହାପାତ୍ର, ରୋନିତ ପାତ୍ର, ଜୟରାମ ବ୍ରହ୍ମା, ଇ.ଈଶ୍ୱର, ରାମବାବୁ ,ତ୍ରିନାଥ ଅଲି ପ୍ରମୁଖ ସଂପାଦନା କରିଥିଲେ।

# ଦି ୟଙ୍ଗ୍ ଇଣ୍ଡିଆ ପକ୍ଷରୁ ନନ୍ଦ ଉତ୍ସବ

ରାୟଗଡ଼ା,୧୭।୮ (ସମିସ): ରାୟଗଡ଼ା କ୍ଲବ ଦି ୟଙ୍ଗ ଇଣ୍ଡିଆ ତରଫରୁ ନନ୍ଦ ଉତ୍ସବ ସ୍ଥାନୀୟ ଲାୟନ୍ସ କ୍ଲବ ଠାରେ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ଉତ୍ସବକୁ ରାୟଗଡା ଉପଜିଲ୍ଲାପାଳ ରମେଶ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ରାୟଗଡା ଉପଜିଲ୍ଲାପାଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ତଥା ମୁଖ୍ୟ ବକ୍ତା ଭାବେ ସାମ୍ବାଦିକ ଡ. ବାଦଲ କୁମାର ତା ଉପସ୍ଥିତ ଥିଲେ। ଏହି କ୍ଲବ ୧୯ ବର୍ଷ ଧରି ଏଭଳି କାର୍ଯ୍ୟକ୍ରମ କରି ଆସୁଛନ୍ତି। ଏଥିରେ ପ୍ରାୟ ୨୦ ଟି ଶିକ୍ଷାନୁଷ୍ଠାନର ପିଲାମାନେ ଅଂଶ ଗ୍ରହଣ କରିଥିବା ବେଳେ ୪୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ କୃଷ୍ଣ ବେଶରେ ସଜେଇ ହୋଇ ନୃତ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମ ରେ କ୍ଲବ ଦି ୟଙ୍ଗ ଇଣ୍ଡିଆର ସଭାପତି ସୁରେନ୍ଦ୍ର ସାହୁ, ଉପସଭାପତି ଭେଙ୍କେଟ ରମନା ଓ କ୍ଲବ ର ସମ୍ପାଦକ ଦୀପକ କୁମାର ପୃଷ୍ଟି ଉତ୍ସବ ନିର୍ଦ୍ଦେଶକ



ଜାମି ଗୌରୀ ପ୍ରସାଦ ପ୍ରମୁଖ ମଞ୍ଚାସିନ ହୋଇଥିଲେ। ବିଚାରକ ଭାବେ ପ୍ରଭାକର ମିଶ୍ର ଓ କାଳୀ ରଥ ପ୍ରମୁଖ ଯୋଗଦେଇ କୃଷ୍ଣ ବେଶରେ ସଜେଇ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଚୟନ କରିଥିଲେ। ପ୍ରଥମ ବିଜେତା ଭାବେ ଶ୍ରୀକୃତି ଆଚାର୍ଯ୍ୟ ଦ୍ୱିତୀୟରେ ଦେବାଶିଷ ବକ୍ସିପାତ୍ର ଓ ତୃତୀୟରେ ମୋକ୍ସିତା ବେହେରା ଙ୍କୁ ଆକର୍ଷଣୀୟ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା। ୧୦ ଜଣ ପ୍ରତିଯୋଗୀଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ଶ୍ରୀମତୀ ବିଦୁ୍ୟଲତା ହୁଇକା ଓଡିଶା ଆଦିବାସୀ ମଞ୍ଚର ଆବାହକ ପ୍ରଦାନ କରିଥିଲେ। ଏହି ଅବସରରେ କ୍ଲବର ସହ ସମ୍ପାଦକ ରାକେଶ ହାମଦେବ, ଏ ଚନ୍ଦ୍ରଶେଖର ରାଓ, ଶିବରାମ ମିଶ୍ର, ଆପା ରାଓ ସହଯୋଗ କରିଥିବା ବେଳେ ଶେଷରେ ଦୀପକ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ପାଦକୀୟ



ଜୀବନ ଏକ ପୁଷ୍ପ, ପ୍ରେମ ତାହାର ମଧୁ।
-ଭିକ୍ଟର ହ୍ୟୁଗୋ

ସକାଳ THE SAKALA

## ଚେଇଁ ଶୋଇଥିବ ଯିଏ

ଆମ ସୁଖ ସୁବିଧା ପାଇଁ ଉଦ୍‌ଭାବିତ ଏହି ପ୍ଲାଷ୍ଟିକ୍ ନାମକ ପଲିମର ପଦାର୍ଥଟି ଏବେ କେବଳ ଆମ ଦୈନନ୍ଦିନ ଜୀବନଚର୍ଯ୍ୟାର ଅଂଶ ହୋଇନାହିଁ, ବରଂ ଆମ ଶରୀର ତନ୍ତ୍ରର ଉପାଦାନ ହୋଇସାରିଛି। ବିଡ଼ମ୍ବନା ହେଉଛି ଏଥିରୁ ମୁକ୍ତିର ଉପାୟ ଖୋଜି ବାହାର କରିବା ପାଇଁ ଯେତିକି ପ୍ରଚେଷ୍ଟା ହେଉଛି, ତା' ତୁଳନାରେ ବ୍ୟାବହାରିକ ମାନସିକତା ବଢ଼ିବାରେ ଲାଗିଛି। ପ୍ଲାଷ୍ଟିକ୍ ବର୍ଜ୍ୟ ସମସ୍ୟାର କଷଣ ଏବଂ ଆଗାମୀ ଦିନରେ ଏହାର ଭୟଙ୍କର ପରାଭବ ବିଷୟରେ ସମସ୍ତେ ଅବଗତ ଅଛନ୍ତି, ସମସ୍ୟାର ଭୁକ୍ତଭୋଗୀ ମଧ୍ୟ ହୋଇସାରିଛନ୍ତି। କିନ୍ତୁ ଏଥିରୁ ମୁକ୍ତିର ପଥ ଖୋଜିବା ବେଳକୁ ଦୁଇପାଦ ପଛକୁ ଘୁଞ୍ଚି ଆସୁଛନ୍ତି। ବିଚାରବିମର୍ଶ ଜରିଆରେ ପ୍ଲାଷ୍ଟିକ୍ ଉତ୍ପାଦନ ହ୍ରାସର ବାଟ ବାହାର କରିବା ପାଇଁ ନିକଟରେ ଜେନେଭାଠାରେ ଦଶଦିନ ବ୍ୟାପୀ ଅନେକ ଆଲୋଚନାଚକ୍ର, ରୁଦ୍ଧଦ୍ୱାର ବିଚାରବିମର୍ଶ ହେବା ସତ୍ତ୍ୱେ ବୈଠକ ନିଷ୍କର୍ଷଶୂନ୍ୟ ହୋଇଛି। ଗତ ଆଠମାସ ଭିତରେ ଏହା ଦ୍ୱିତୀୟ ବିଫଳ ବୈଠକ। ପରିବେଶ ପ୍ରଦୂଷଣରେ ସିଂହଭାଗ ଅବଦାନ ରଖୁଥିବା ପ୍ଲାଷ୍ଟିକ୍ ଉତ୍ପାଦନ ନିୟନ୍ତ୍ରଣ ଆଲୋଚନା ବିଫଳ ହେବା ପୃଥିବୀ ପ୍ରତି ଶୁଭସଙ୍କେତ ନୁହେଁ।

ବିଶ୍ୱକୁ ପର୍ଯ୍ୟାୟକ୍ରମେ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ୨୦୨୪ ସୁଦ୍ଧା ଏକ ବୈଶ୍ୱିକ ଚୁକ୍ତିନାମା ସମ୍ପାଦନ କରିବାକୁ ୨୦୨୨ ମାର୍ଚ୍ଚ ମାସରେ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ଦ୍ୱାରା ଏକ ଯୁଗାନ୍ତକାରୀ ଉଦ୍ୟମ ଆରମ୍ଭ ହୋଇଥିଲା। ଏହାର ଏକ ସକାରାତ୍ମକ ଓ ପ୍ରଭାବଶାଳୀ ନିଷ୍କର୍ଷରେ ପହଞ୍ଚିବା ପାଇଁ ଅନ୍ତଃରାଷ୍ଟ୍ରୀୟ ଯୋଗାଯୋଗ କମିଟି(ଆଇଏନ୍‌ସି) ନେତୃତ୍ୱରେ ପାଞ୍ଚଟି ବୈଠକ ଧାର୍ଯ୍ୟ କରାଯାଇଥିଲା। ଗତବର୍ଷ ଡିସେମ୍ବର ମାସରେ ଦକ୍ଷିଣ କୋରିଆର ବୁସାନ୍‌ଠାରେ ପଞ୍ଚମ ତଥା ଶେଷ ବୈଠକରେ କୌଣସି ନିଷ୍କର୍ଷ ବାହାରି ପାରି ନଥିବାରୁ ବୈଠକକୁ ୨୦୨୫ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରାଯାଇଥିଲା। କିନ୍ତୁ ସଦ୍ୟତମ ବୈଠକରେ ମଧ୍ୟ 'ପ୍ଲାଷ୍ଟିକ୍‌କୁ ନା' କୁ କୌଣସି ରାଷ୍ଟ୍ର 'ହଁ' କହିବାକୁ ସାହସ ଜୁଟାଇ ନ ପାରିବା ପୃଥିବୀ ଓ ସଭ୍ୟତା ପାଇଁ ସତର୍କ ଘଣ୍ଟି। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଏବଂ ତଦ୍‌ଜନିତ ପରିବେଶ ପ୍ରଦୂଷଣ ଓ ବିଶ୍ୱ ତାପନ ବୃଦ୍ଧି ନିୟନ୍ତ୍ରଣରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାରେ ଯେଉଁ ପ୍ରତିବନ୍ଧକ ଦେଖାଦେଇଛି ତାହା ପ୍ଲାଷ୍ଟିକ୍ ଉତ୍ପାଦନ ନିୟନ୍ତ୍ରଣ ଉଦ୍ୟମରେ ମଧ୍ୟ ପ୍ରତିଫଳିତ ହୋଇଛି। ତେଣୁ ପ୍ଲାଷ୍ଟିକ୍ ପଞ୍ଝାରୁ ନିକଟ ଭବିଷ୍ୟତରେ ମୁକ୍ତି ପାଇବାର ଆଶା କ୍ଷୀଣ।

'ପ୍ଲାଷ୍ଟିକ୍‌କୁ ନା' କୁ ବିରୋଧ କରୁଥିବା ଦେଶଗୁଡ଼ିକର ଯୁକ୍ତି ହେଲା ପ୍ଲାଷ୍ଟିକ୍ ଉତ୍ପାଦନ ହ୍ରାସ ପାଇଲେ ତାହାର ପ୍ରଭାବ ବ୍ୟବସାୟ-ବାଣିଜ୍ୟ ଓ ଅର୍ଥନୀତି ଉପରେ ପଡ଼ିବ। ବିଡ଼ମ୍ବନା ହେଉଛି ଉତ୍କଟ ପ୍ରଦୂଷଣ ଓ ପ୍ଲାଷ୍ଟିକ୍ ବର୍ଜ୍ୟ ପାହାଡ଼ କୋଳକୁ ଧୀରେ ଧୀରେ ଚାଲିଯାଉଥିବା ଭାରତ ମଧ୍ୟ ପ୍ଲାଷ୍ଟିକ୍ ହ୍ରାସ ବିପକ୍ଷ ମତକୁ ସମର୍ଥନ କରିଛି। ଦକ୍ଷିଣ-ବିଶ୍ୱର ୨୦ଟି ବିକାଶଶୀଳ ରାଷ୍ଟ୍ର ବିଶ୍ୱର ପ୍ରାୟ ୬୯% ପ୍ଲାଷ୍ଟିକ୍ ପ୍ରଦୂଷଣ ସୃଷ୍ଟି ପାଇଁ ଦାୟୀ। ଏହି ରାଷ୍ଟ୍ରଗୁଡ଼ିକ ଦକ୍ଷିଣ-ଏସିଆ, ଦକ୍ଷିଣ-ପୂର୍ବଏସିଆ ଓ ସାହାରା-ଆଫ୍ରିକୀୟ ଅଞ୍ଚଳକୁ ପ୍ରତିନିଧିତ୍ୱ କରୁଛନ୍ତି। ଅପରପକ୍ଷରେ ଉତ୍ତର-ବିଶ୍ୱର ପ୍ରତିନିଧିତ୍ୱ କରୁଥିବା ବିକଶିତ ରାଷ୍ଟ୍ରମାନଙ୍କରୁ ସର୍ବାଧିକ ପ୍ଲାଷ୍ଟିକ୍ ବର୍ଜ୍ୟ ସୃଷ୍ଟି ହେଉଥିଲେ ମଧ୍ୟ ଉପଯୁକ୍ତ ପରିଚାଳନା ପୁନଃଚକ୍ରଣ ପଦ୍ଧତିର ସଠିକ୍ କାର୍ଯ୍ୟକାରିତା ଯୋଗୁଁ ସେହି ଦେଶଗୁଡ଼ିକ ପ୍ଲାଷ୍ଟିକ୍ ପ୍ରଦୂଷଣ ସୃଷ୍ଟି ତାଲିକାରେ ବହୁ ତଳେ ଅଛନ୍ତି। ତେଣୁ ବିକଶିତ ଦେଶମାନଙ୍କଠାରୁ ଆର୍ଥିକ ଓ ବୈଷୟିକ ସହାୟତା ଦାବିକୁ ଭାରତ ପ୍ଲାଷ୍ଟିକ୍ ବର୍ଜ୍ୟ ନିୟନ୍ତ୍ରଣରେ ମଧ୍ୟ ଦୋହରାଇଛି।

ବୈଠକ ବିଫଳ ହେବା ପଛର ଆଉ ଏକ କାରଣ ହେଲା ଚୁକ୍ତିନାମାର ଚିଠା ପ୍ରସ୍ତାବରେ ଥିବା ଦ୍ୱନ୍ଦ୍ୱ। ଚିଠା ପ୍ରସ୍ତାବରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍‌ର ସଂଜ୍ଞା, ପ୍ଲାଷ୍ଟିକ୍ ବର୍ଜ୍ୟ ସମସ୍ୟା, ଏହାର ବିଘଟନ ପ୍ରଣାଳୀ ବିଷୟରେ ପ୍ରାଞ୍ଜଳ ଭାବେ ଉଲ୍ଲେଖ ନଥିବା ଅଭିଯୋଗ ହୋଇଛି। ନରୱେ, ପାନାମା ଗୋଷ୍ଠୀ, ୟୁରୋପୀୟ ସଂଘ, ୟୁକେ ପ୍ରମୁଖ ରାଷ୍ଟ୍ର ଜୀବଶ୍ମ ଇନ୍ଧନ ବ୍ୟବହାର ହ୍ରାସ ପାଇଁ ପ୍ଲାଷ୍ଟିକ୍ ଉତ୍ପାଦନ ହ୍ରାସ ଘଟାଇବା ଜରୁରୀ ବୋଲି ବୈଠକରେ ମତ ଦେଇଥିବା ବେଳେ ଚୁକ୍ତିନାମାର ଚିଠାପ୍ରସ୍ତାବ ପରିବେଶ ସଂକ୍ରାନ୍ତୀୟ ହେବା ବଦଳରେ ବାଣିଜ୍ୟ ଭିତ୍ତିକ ହୋଇଥିବା ଅଭିଯୋଗ ଆଣିଥିଲେ ଭାରତ ସମେତ ଚୀନ୍, ରୁଷ୍, ଇରାନ୍, କୁଏତ୍ ଆଦି ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ର। ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ପ୍ଲାଷ୍ଟିକ୍ ବିନା ଅର୍ଥନୀତି ପ୍ରଭାବିତ ହେବ ବୋଲି ବୋଲି ମଧ୍ୟ ସେମାନେ ଯୁକ୍ତି ଦର୍ଶାଇଥିଲେ। ତେଣୁ 'ପ୍ଲାଷ୍ଟିକ୍‌ମୁକ୍ତ ଭାରତ ଗଠନ' ସ୍ଲୋଗାନ୍ କେବଳ ଏକ ପ୍ରହସନ ଏବଂ ଦୋକାନବଜାର ଉପରେ ଚଢ଼ଉ କେବଳ ଲୋକଦେଖାଣିଆ ଭଳି ଲାଗୁ ନାହିଁ କି? କେତେକ ବିଶେଷଜ୍ଞଙ୍କ ମତରେ ପ୍ଲାଷ୍ଟିକ୍‌ର ବିକଳ୍ପ ବାହାରି ନ ଥିବାରୁ ଏହାର ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ହୋଇପାରିବ ନାହିଁ। ଆଉ କେତେକ ବିଶେଷଜ୍ଞଙ୍କ ମତରେ ସରକାର ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ସମ୍ପୂର୍ଣ୍ଣ ବନ୍ଦ କରିଦେଲେ ଅନେକ ଲୋକ ଜୀବିକା ହରାଇବେ। ତେଣୁ ଏହା ଏକ ଜୀବନ-ଜୀବିକା ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଏହାର ସୁଯୋଗ ନେଇ ପ୍ଲାଷ୍ଟିକ୍ ରାଜର ଆଧିପତ୍ୟ ବଢ଼ିବାରେ ଲାଗିଛି।

ଯେଉଁମାନେ ପ୍ଲାଷ୍ଟିକ୍ ପ୍ରଦୂଷଣ ନିରୋଧୀ ଆଇନ୍ ପ୍ରଣୟନ କରୁଛନ୍ତି ଏବଂ ଏହା ସପକ୍ଷରେ ବିଭିନ୍ନ ମଞ୍ଚ, ସଭା, ସମିତିରେ ଭାଷଣ ଦେଉଛନ୍ତି ସେମାନେ ବ୍ୟକ୍ତିଗତ ଦୈନନ୍ଦିନ ଜୀବନରେ 'ପ୍ଲାଷ୍ଟିକ୍ ମୋହ'କୁ ପରିହାର କରିପାରୁନାହାନ୍ତି। ତେଣୁ ପ୍ଲାଷ୍ଟିକ୍ ପଞ୍ଝାରୁ ମୁକ୍ତିର ବାଟ ପ୍ରାୟତଃ ବନ୍ଦ ହୋଇସାରିଛି। ମାନବ ସଭ୍ୟତାକୁ ପ୍ଲାଷ୍ଟିକ୍ ସମ୍ପୂର୍ଣ୍ଣ କରାଗତ କରିବା ପୂର୍ବରୁ ବ୍ୟକ୍ତିଗତ ଓ ସରକାରୀ ସ୍ତରରେ ଆନ୍ତରିକ ଉଦ୍ୟମ ସହିତ ବଜାର ବିଶେଷଜ୍ଞ ଓ ଶିଳ୍ପ ଜଗତ ମଧ୍ୟ ଏ ଦିଗରେ ସମନ୍ୱୟ ରକ୍ଷା କରି ଏକ ବିଶ୍ୱବ୍ୟାପୀ ସର୍ବଗ୍ରହଣୀୟ ବିକଳ୍ପ ପନ୍ଥା ଆବିଷ୍କାର କରିବା ଉଚିତ। ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ଆଳରେ ପ୍ଲାଷ୍ଟିକ୍ ଉତ୍ପାଦନକୁ ବିରୋଧ କରୁଥିବା ରାଷ୍ଟ୍ରମାନେ ପ୍ରଥମେ ନିଜକୁ ପ୍ରଶ୍ନ କରିବା ଆବଶ୍ୟକ ଯେ ପ୍ଲାଷ୍ଟିକ୍ ଯୋଗୁଁ ପରିବେଶ ଉପରେ ଯେଉଁ କୁପ୍ରଭାବ ପଡ଼ୁଛି ସେଥିରେ ଅର୍ଥନୀତିର କ୍ଷତି ପରିମାଣ କେତେ? କିନ୍ତୁ ଚେଇଁ ଶୋଇଥିବ ଯିଏ ତା'କୁ ଉଠେଇବ କିଏ? ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ଯେ ପ୍ଲାଷ୍ଟିକ୍ ଉତ୍ପାଦନ କେନ୍ଦ୍ରଗୁଡ଼ିକୁ ବନ୍ଦ କରିଦେଲେ ସମସ୍ୟା ରହନ୍ତା ନାହିଁ କି ଚଢ଼ଉର ଆବଶ୍ୟକତା ପଡ଼ନ୍ତା ନାହିଁ। କିନ୍ତୁ ଯେଉଁଠି ସରକାର ହିଁ ପ୍ଲାଷ୍ଟିକ୍ ସପକ୍ଷରେ ଯୁକ୍ତି ବାଢ଼ୁଛନ୍ତି ସେଠାରେ ପ୍ଲାଷ୍ଟିକ୍ ପଞ୍ଝାରୁ ମୁକ୍ତିର ବାଟ ଦେଖାଇବ କିଏ? ପ୍ଲାଷ୍ଟିକ୍ ପ୍ରାଦୁର୍ଭାବର ପରାଭବ ଆଖିସାମ୍ନାରେ ଥାଇ ମଧ୍ୟ ପ୍ଲାଷ୍ଟିକ୍‌କୁ 'ନା' ବଦଳରେ 'ହଁ' କହିବାର ପ୍ରତିଫଳ ମଣିଷକୁ ଖୁବ୍‌ଶୀଘ୍ର ଭୋଗିବାକୁ ପଡ଼ିବ।

## ମ୍ୟାଲେରିଆ ନିରାକରଣରେ ଦିଗହରା 'ଦମନ'

ଡ.ଉଷାରାଣୀ ଦାଶ

ଏକଦା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମ୍ୟାଲେରିଆ ନିରାକରଣରେ 'ଓଡ଼ିଶା ମଡେଲ୍'କୁ ଏକ ବିଶ୍ୱସ୍ତରୀୟ ସର୍ବୋତ୍ତମ ରୂପେ ସ୍ୱୀକୃତି ପ୍ରଦାନ କରିଥିବା ବେଳେ ଆଜି ଓଡ଼ିଶା ଜାତୀୟସ୍ତରରେ ସର୍ବୋଚ୍ଚ ମ୍ୟାଲେରିଆ ସଂଖ୍ୟାଯୁକ୍ତ ରାଜ୍ୟ ଭାବରେ ପରିଣତ ହୋଇଛି, ଯାହା ଅତ୍ୟନ୍ତ ଚିନ୍ତାଜନକ। ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କେନ୍ଦ୍ର ଅନୁଯାୟୀ, ରାଜ୍ୟରେ ଚଳିତ ବର୍ଷ ଜୁନ୍ ଶେଷ ସୁଦ୍ଧା ୩୬, ୩୮୮ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି, ଯାହା ମେଲେରିଆ ପ୍ରବଣ ରାଜ୍ୟରୂପେ ଜଣାଶୁଣା ଛତିଶଗଡ଼୍, ତ୍ରିପୁରା, ମିଜୋରାମ୍, ପଶ୍ଚିମବଙ୍ଗ ଆଦି ରାଜ୍ୟଗୁଡ଼ିକୁ ଟପି ଯାଇଛି। ଓଡ଼ିଶାର ଛଅଟି ଜିଲ୍ଲାରେ ମୋଟ ମ୍ୟାଲେରିଆ ଆକ୍ରାନ୍ତଙ୍କ ୮୯ ପ୍ରତିଶତ ଅଛନ୍ତି। କଳାହାଣ୍ଡିରେ ସର୍ବାଧିକ ୮,୦୨୯, ରାୟଗଡ଼ାରେ ୭,୦୮୧, କନ୍ଧମାଳରେ ୪,୫୮୧, ମାଲକାନଗିରିରେ ୪,୨୪୩, କୋରାପୁଟରେ ୩,୯୯୬ ଏବଂ ମୟୂରଭଞ୍ଜରେ ୩,୪୨୧ ଜଣ ରୋଗୀ ଥିବା ଜଣାପଡ଼ିଛି। ୨୦୨୨ ମସିହାରୁ ରାଜ୍ୟରେ ଭେକ୍ଟର-ବାହିତ ରୋଗର କ୍ରମାଗତ ଭାବରେ ଉଦ୍‌ବେଗଜନକ ଭାବେ ବୃଦ୍ଧି ଘଟିଚାଲିଛି। ୨୦୨୨ରେ ୨୩,୭୭୦ ରୋଗୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୨୦୨୩ରେ ୪୧, ୯୭୩ ଓ ୪ ମୃତ୍ୟୁ, ୨୦୨୪ରେ ୬୮,୬୯୩ ଓ ୮ ଜଣଙ୍କ ମୃତ୍ୟୁ ସହିତ ମ୍ୟାଲେରିଆ ରୋଗୀ ସଂଖ୍ୟାରେ ଓଡ଼ିଶା ଲଗାତାର ତୃତୀୟ ବର୍ଷ ପାଇଁ ଦେଶରେ ଶୀର୍ଷରେ ରହିଥିଲା।

ଓଡ଼ିଶା ଏକ ମ୍ୟାଲେରିଆ ପ୍ରବଣ ରାଜ୍ୟ ଭାବରେ ଅପଖ୍ୟାତି ଅର୍ଜନ କରିଥିଲା। ୨୦୧୬ ମସିହାରେ ୪.୪୪ ଲକ୍ଷ ଆକ୍ରାନ୍ତ ହୋଇଥିବା ବେଳେ ୭୭ଜଣଙ୍କ ମୃତ୍ୟୁ ଘଟିଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ବିଶେଷକରି 'ଦମନ' କାର୍ଯ୍ୟକାରୀ ହେବା ପରେ ୨୦୧୮-୧୯ ମଧ୍ୟରେ ଓଡ଼ିଶାରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୯୦% ହ୍ରାସ ପାଇଥିଲା। ୨୦୨୨ ମଧ୍ୟଭାଗ ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟାରେ ୯୫% ରୁ ଅଧିକ ହ୍ରାସ ହୋଇଥିଲା ଏବଂ ମ୍ୟାଲେରିଆ ଜନିତ ମୃତ୍ୟୁ ମାତ୍ର ୫ଜଣରେ ସୀମିତ ଥିଲା। ଏହି କାର୍ଯ୍ୟକ୍ରମକୁ ୨୦୨୨ରେ ୨୧ ଜିଲ୍ଲାକୁ ବିସ୍ତାର କରାଯାଇଥିଲା, ଯାହା ୨୦୩୦ ସୁଦ୍ଧା ମ୍ୟାଲେରିଆ ସମ୍ପୂର୍ଣ୍ଣ ନିରାକରଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା।

'ଦମନ' ହେଉଛି ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ ନିମିତ୍ତ ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୧୬-୨୦୧୭ ମସିହାରେ ଆରମ୍ଭ ହୋଇଥିବା ଏକ ଯୋଜନା, ଯାହା ଓଡ଼ିଶାର ଅପହଞ୍ଚ ମ୍ୟାଲେରିଆ ପ୍ରବଣ ଅଞ୍ଚଳ ଏବଂ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ସେବା ଅନୁପଲବ୍ଧ ଆଦିବାସୀ ଅଞ୍ଚଳରେ ମ୍ୟାଲେରିଆ ନିୟନ୍ତ୍ରଣ ଉପରେ ଧ୍ୟାନ ଦେଇଥିଲା। ଏହା ଦକ୍ଷିଣ ଓଡ଼ିଶାର ଆଠଟି ଅତ୍ୟନ୍ତ ମ୍ୟାଲେରିଆ ପ୍ରବଣ ଜିଲ୍ଲା ଯଥା କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, ନୂଆପଡ଼ା ଏବଂ କନ୍ଧମାଳର ସମସ୍ତ ୭୯ଟି ବ୍ଲକର ସମସ୍ତ ୮, ୦୦୦ ଗାଁରେ କାର୍ଯ୍ୟକାରୀ ହୋଇଥିଲା। ଏଥିରେ ଦ୍ୱିବାର୍ଷିକ ସାମୂହିକ ଯାଞ୍ଚ, ଦ୍ରୁତ ରୋଗ ନିର୍ଣ୍ଣୟ ପରୀକ୍ଷା ଓ ଚିକିତ୍ସା, ଦୀର୍ଘସ୍ଥାୟୀ କୀଟନାଶକଯୁକ୍ତ ମଶାରୀ ବଣ୍ଟନ, ଡିଡିଟି କିମ୍ବା ପାଇରେଥ୍ରଏଡ୍ ବ୍ୟବହାର କରି ଘର ଅଭ୍ୟନ୍ତରରେ ସ୍ପ୍ରେ କରିବା ଏବଂ ଲାର୍ଭାଇଭୋରସ୍ ମାଛ ପରି ଜୈବିକ ନିୟନ୍ତ୍ରଣ ପଦ୍ଧତି ଅବଲମ୍ବନ ଏବଂ ଆଚରଣଗତ ପରିବର୍ତ୍ତନ ଅନ୍ତର୍ଭୁକ୍ତ ଥିଲା। ଏଥିରେ ଆଶାକର୍ମୀ, ଏଏନଏମ, ସ୍ୱୟଂ ସହାୟକ ଗୋଷ୍ଠୀ, ଆଇସିଡିଏସ କର୍ମୀ ଏବଂ ବିଭିନ୍ନ ଗୋଷ୍ଠୀର ସ୍ୱେଚ୍ଛାସେବକମାନଙ୍କୁ ସାମିଲ କରଯାଇଥିଲା। ସ୍ୱାସ୍ଥ୍ୟ ଶିକ୍ଷା ସମେତ 'ମ୍ୟାଲେରିଆ ଶ୍ରମଧନ ଶିବିର' ଅଭିଯାନ ଦ୍ୱାରା ସଚେତନତା ଏବଂ ଭାଗିଦାରୀକୁ ବୃଦ୍ଧି କରାଯାଇଥିଲା।

ମାତ୍ର ପୂର୍ବ ସଫଳତା ସତ୍ତ୍ୱେ ଓଡ଼ିଶା ଏକ ମ୍ୟାଲେରିଆ ପ୍ରବଣ ରାଜ୍ୟ ଭାବରେ ଲଗାତାର ତିନିବର୍ଷ ଧରି ଶୀର୍ଷ ସ୍ଥାନରେ ରହିଆସିବା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଚିନ୍ତାଜନକ ବିଷୟ। ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ଦ୍ୱାରା ଜାତୀୟ ଭେକ୍ଟର-ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ଯାହା ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ସମ୍ପୂର୍ଣ୍ଣ ଚିକିତ୍ସା, ସମନ୍ୱିତ ଭେକ୍ଟର ପରିଚାଳନା, ନିରୀକ୍ଷଣ ଏବଂ ସ୍ୱାସ୍ଥ୍ୟ ଯୋଗାଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି। ଜ୍ୱର ଚିକିତ୍ସା ଡିପୋ, ଆର୍ଟେମିସିନିନ୍-ଆଧାରିତ ମିଶ୍ରଣ ଚିକିତ୍ସା, କୀଟନାଶକଯୁକ୍ତ ମଶାରୀ ବଣ୍ଟନ, ଲାର୍ଭିଭୋରସ୍ ମାଛ(ଯଥା, ଗାମ୍ବୁସିଆ ଆଫିନିସ୍) ନିୟୋଜନ, ଆଚରଣ ପରିବର୍ତ୍ତନ ଏବଂ କାର୍ଯ୍ୟକ୍ଷମ ଗବେଷଣା ଆଦି ମଧ୍ୟ ହାତକୁ ନିଆଯାଇଛି। ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଜାତୀୟ ଭେକ୍ଟର-ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଉପାଦାନଗୁଡ଼ିକୁ ଗ୍ରାମୀଣ ଓ ସହରାଞ୍ଚଳ ସେବା ସମନ୍ୱୟ, କର୍ମଚାରୀ ତାଲିମ ମାଧ୍ୟମରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଉନ୍ନତ ତଦାରଖ ମାଧ୍ୟମରେ ବୃଦ୍ଧି କରାଯାଇଛି। 'ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ'ର 'ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଲେରିଆ ରିସର୍ଚ୍ଚ' ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଏବଂ ପରୀକ୍ଷାଗାରରେ କୀଟନାଶକ ପ୍ରତିରୋଧ, ନୂତନ ଔଷଧ/ଟିକା ପରୀକ୍ଷଣ, ଭେକ୍ଟର ଆଚରଣ ଅଧ୍ୟୟନ ଆଦି କ୍ଷେତ୍ରରେ ଗବେଷଣା କରିବା ସହିତ ଜାତୀୟ ମ୍ୟାଲେରିଆ ନିୟନ୍ତ୍ରଣ ନୀତିକୁ ମାର୍ଗଦର୍ଶନ କରୁଛି।

ପୁନଶ୍ଚ 'ଦମନ'ର ଏକ ଅଗ୍ରଦୂତ ଭାବରେ ବ୍ୟାପକ କାର୍ଯ୍ୟକ୍ରମ ଯୋଗାଣ ଶୃଙ୍ଖଳକୁ ଉନ୍ନତ କରିବା ସହିତ ମାଇକ୍ରୋସ୍କୋପି କେନ୍ଦ୍ର ଆଦି ଭିତ୍ତିଭୂମି ସ୍ଥାପନ କରିଛି। 'ମ୍ୟାଲେରିଆ ଆଉ ନୁହେଁ' ସହିତ ମିଳିତ ସହଯୋଗରେ ରାଜ୍ୟ ପାଞ୍ଚ ବର୍ଷିଆ ବୁଝାମଣାପତ୍ର ଅଧୀନରେ ରିପୋର୍ଟିଂ ସଠିକତା, ପ୍ରଯୁକ୍ତିବିଦ୍ୟା ଓ ଆନ୍ତଃବିଭାଗୀୟ ସମନ୍ୱୟ ବୃଦ୍ଧି କରିବା ଏବଂ କୀଟତତ୍ତ୍ୱ କ୍ଷମତାକୁ ସୁଦୃଢ଼ କରିବା ଆଦି ଲକ୍ଷ୍ୟ ଉପରେ କାର୍ଯ୍ୟ ଜାରି ରହିବା ସହିତ ଓଡ଼ିଶାର ମ୍ୟାଲେରିଆ ପ୍ରବଣ ଜିଲ୍ଲାଗୁଡ଼ିକରେ ସତର୍କ ଦୃଷ୍ଟି ରଖାଯାଇଛି। ପରିବେଶଗତ ସଫାସୁତୁରା, ଜ୍ୱର ଚିକିତ୍ସା ଡିପୋ, ଦ୍ରୁତ ରୋଗ ନିର୍ଣ୍ଣୟ କିଟ୍, ଔଷଧର ବଫର ଷ୍ଟକ୍, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଇକ୍ରୋସ୍କୋପି କେନ୍ଦ୍ର, ସମର୍ପିତ ବ୍ଲକ-ସ୍ତରୀୟ ପରିଚାଳକ ଏବଂ ଡାଟା ଡିଜିଟାଇଜେସନଏବଂ ଏସିଟି ଆଧାରିତ ଚିକିତ୍ସା ଇତ୍ୟାଦି ମାଧ୍ୟମରେ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ସମ୍ପୂର୍ଣ୍ଣ ଚିକିତ୍ସା ପ୍ରଦାନ କରାଯାଉଛି।

ମାତ୍ର ଯୋଜନାଗୁଡ଼ିକର ସଠିକ ପରିଚାଳନା ଓ ନିରନ୍ତର ପଦକ୍ଷେପ ଅଭାବରୁ ଓଡ଼ିଶାରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟାରେ ବୃଦ୍ଧିଘଟୁଛି। ଯେଉଁ ଅଞ୍ଚଳରେ ଦୀର୍ଘସ୍ଥାୟୀ କୀଟନାଶକଯୁକ୍ତ ମଶାରୀ ତିନି ବର୍ଷରୁ ଅଧିକ ସମୟ ପୂର୍ବରୁ ବଣ୍ଟନ କରାଯାଇଥିଲା ସେଗୁଡ଼ିକ ଏବେ ଅକାମୀ ହୋଇପଡ଼ିଛି। ପୁନଃ ବଣ୍ଟନରେ ବିଳମ୍ବ ଆକ୍ରାନ୍ତ ସଂଖ୍ୟାକୁ ବୃଦ୍ଧି କରିଚାଲିଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି, ସାମୂହିକ ଯାଞ୍ଚ ମାଧ୍ୟମରେ ଚିହ୍ନଟ ହୋଇଥିବା ବହୁସଂଖ୍ୟକ ମ୍ୟାଲେରିଆ ଆକ୍ରାନ୍ତଙ୍କ ସୂଚନା 'ଦମନ' ଅଧୀନରେ ଥିବା ଆଦିବାସୀ ବିଦ୍ୟାଳୟଗୁଡ଼ିକରେ ଜାତୀୟ ନିରୀକ୍ଷଣ ପ୍ରଣାଳୀକୁ ନିୟମିତ ଭାବରେ ଦିଆଯାଉନାହିଁ। ତେଣୁ ପ୍ରକୃତ ସ୍ଥିତି ଜଣାପଡୁନାହିଁ ଏବଂ ନିରାକରଣ ବ୍ୟବସ୍ଥା ତ୍ୱରାନ୍ୱିତ ହୋଇପାରୁନାହିଁ। ସଠିକ୍ ମୂଲ୍ୟାଙ୍କନ ଓ ନିରାକରଣରେ ମଧ୍ୟ ବାଧା ସୃଷ୍ଟି ହେଉଛି। ଏହାଛଡ଼ା ଓଡ଼ିଶାର ପରିବେଶଗତ ପରିସ୍ଥିତି ଦୃଷ୍ଟିରୁ ବିଚାର କଲେ ଦୁର୍ଗମ ଆଦିବାସୀ ଏବଂ ଜଙ୍ଗଲ ଅଞ୍ଚଳ, ବିଶେଷକରି ମାଲକାନଗିରି ଭଳି ଜିଲ୍ଲାଗୁଡ଼ିକରେ ମଶା ବଂଶ ବୃଦ୍ଧି ପାଇଁ ଅନୁକୂଳ ପରିସ୍ଥିତି ରହିଛି। ପ୍ରାଥମିକ ବାହକ ଆନୋଫିଲ୍ସ କୁଲିସିଫାସି ମଶା ପ୍ରଜାତି ମ୍ୟାଲେରିଆ ପ୍ରବଣତା ପାଇଁ ୬୫-୭୫% ଦାୟୀ। ଜଳାଶୟ, ଜଳସେଚିତ କ୍ଷେତ ଏବଂ ପଶୁପାଳନ ଆଶ୍ରୟସ୍ଥଳ ନିକଟରେ ଏହି ମଶାମାନେ ଅଧିକ ସଂଖ୍ୟାରେ ଡିମ୍ବ ଦିଅନ୍ତି। ଓଡ଼ିଶାରେ ବିଶେଷ ଚିନ୍ତାର ବିଷୟ ହେଉଛି ଡିଡିଟି ଓ ମାଲାଥିଅନ୍ ଭଳି କୀଟନାଶକ ପ୍ରତି ଏହାର ବଢୁଥିବା ପ୍ରତିରୋଧ। ସେହିପରି ଜଙ୍ଗଲ-ଆଧାରିତ ଜୀବନଶୈଳୀରେ ପ୍ରାୟତଃ ବାହାରେ କିମ୍ବା ଅସୁରକ୍ଷିତ ଆଶ୍ରୟସ୍ଥଳରେ ଲୋକମାନେ ଶୋଇଥା'ନ୍ତି ଏବଂ ମଶା କାମୁଡ଼ାର ଶିକାର ହେଉଛନ୍ତି। ଗମନାଗମନ ଓ ସ୍ୱାସ୍ଥ୍ୟସେବା ଉପଲବ୍ଧତା ସୀମିତ ହୋଇଥିବାରୁ ରୋଗ ନିର୍ଣ୍ଣୟ ଓ ଚିକିତ୍ସାରେ ବିଳମ୍ବ ହେଉଛି।

ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଜରୁରୀ ଆବଶ୍ୟକତାଗୁଡ଼ିକୁ ପୂରଣ କରିବାର ପ୍ରାଥମିକତା ରହିଛି। ସମସ୍ତ ଦମନ-ଚିହ୍ନିତ ମାମଲାଗୁଡ଼ିକୁ ଜାତୀୟ ବ୍ୟବସ୍ଥାରେ ତୁରନ୍ତ ସୂଚିତ କରିବା ଆବଶ୍ୟକ। ମଶାରୀରେ କୀଟନାଶକ ପ୍ରଭାବ ତିନି ବର୍ଷ କିମ୍ବା ୨୦ଥର ଧୋଇବା ପର୍ଯ୍ୟନ୍ତ ରହିଥାଏ ଏବଂ ୨୦୧୯ ପୂର୍ବରୁ ବଣ୍ଟନ କରାଯାଇଥିବା ମଶାରୀ ୨୦୨୨ ସୁଦ୍ଧା ବଦଳାଯିବା କଥା। ତଥାପି ଅନେକ ଗାଁରେ ନୂତନ ମଶାରୀ ଯୋଗାଇ ଦିଆଯାଇନାହିଁ। ଗତବର୍ଷ ରାଜ୍ୟ ସରକାରଙ୍କ ଦ୍ୱାରା ୫୬ ଲକ୍ଷ ମଶାରୀ ୧୦ଟି ଜିଲ୍ଲାରେ ବଣ୍ଟନ କରାଯାଇଛି, ଯାହା ସମୁଦ୍ରକୁ ଶଙ୍ଖେ ସଦୃଶ। ସରକାରଙ୍କର ଜନହିତକର ଯୋଜନାଗୁଡ଼ିକର ସୁପରିଚାଳନା ଓ ସମୟୋଚିତ ନିରନ୍ତର ପଦକ୍ଷେପ ନେବା ସହିତ ପରବର୍ତ୍ତୀ ସମୟରେ ଏହାର କାର୍ଯ୍ୟକାରିତାକୁ ଉପଯୁକ୍ତ ଭାବରେ ତଦାରଖ କରିବା ଦ୍ୱାରା ଏହା ଫଳପ୍ରଦ ହୋଇଥାଏ ଏବଂ ମୂଳ ଉଦ୍ଦେଶ୍ୟ ସାଧିତ ହୋଇଥାଏ। ନେଡ଼ିଗୁଡ଼ କହୁଣୀକୁ ବୋହିବା ପୂର୍ବରୁ ପ୍ରତ୍ୟେକ ସ୍ତରରେ ସଚେତନତା ଓ ନିଷ୍ଠାର ସହିତ କାର୍ଯ୍ୟ କରି ନିରନ୍ତର ପଦକ୍ଷେପ ନେଲେ 'ଦମନ' ପୁଣି ପ୍ରଭାବଶାଳୀ ହୋଇପାରିବ।

ଏମ୍ସ, ଭୁବନେଶ୍ୱର, ମୋ: ୯୪୩୮୧୩୩୬୧୨

## ଆତ୍ମଚିନ୍ତନ ବିନା ଜୀବନ ମୂଲ୍ୟହୀନ

ଡ. ସ୍ୱାଧୀନ କୁମାର ଦାଶ

ଜୀବନକୁ ଶୃଙ୍ଖଳିତ, ମାର୍ମିକ, ତତ୍ତ୍ୱଦର୍ଶୀ କରିବା ଲାଗି ବିଭିନ୍ନ ଧର୍ମ, ମତବାଦ, ଶାସ୍ତ୍ର, ପୁରାଣ ଓ ସଂହିତାମାନ ପ୍ରଣୟନ କରାଯାଇଛି। ହିନ୍ଦୁ ଧର୍ମାବଲମ୍ବୀମାନଙ୍କର ଭଗବତ୍ ଗୀତାର କର୍ମଯୋଗ, ରାଜଯୋଗ ଓ ଭକ୍ତିଯୋଗରେ ଶ୍ରୀକୃଷ୍ଣଙ୍କ ଶ୍ରୀମୁଖର ମାର୍ମିକ ବାଣୀ ସମୂହକୁ ଯଜନ କଲେ ମନୁଷ୍ୟର ଅନିୟନ୍ତ୍ରିତ ଜୀବନ ଚଳଣି ନିୟନ୍ତ୍ରିତ ହୋଇ ଜୀବନର ପ୍ରତ୍ୟେକଟି ସୋପାନକୁ ସୂକ୍ଷ୍ମ ଭାବେ ପରିଚାଳନା କରିବାର ଦକ୍ଷତା ହାସଲ କରି କୌଶଳର ଅଧିକାରୀ ହୋଇଥାଏ। ଖ୍ରୀଷ୍ଟ ଧର୍ମରେ ପବିତ୍ର ବାଇବେଲ୍‌ର ପୁରାତନ ନିୟମ, ଯାହା ୩୮ଟି ପୁସ୍ତକ ଓ ନୂତନ ନିୟମ ୨୭ଟି ପୁସ୍ତକ ମାଧ୍ୟମରେ ପ୍ରକାଶିତ ହୋଇଛି। ସେଗୁଡ଼ିକ ମୂଳତଃ ଈଶ୍ୱରଙ୍କର ବିହିତ ବାର୍ତ୍ତା ମାନବ ସମାଜର ମଙ୍ଗଳ, ସୁରକ୍ଷା ଓ ଉନ୍ନତି ପାଇଁ ପଥ ପ୍ରଦର୍ଶନ କରିବାର ସାମର୍ଥ୍ୟ ରଖିଛି। ଇସ୍‌ଲାମ ଧର୍ମର ପବିତ୍ର ଗ୍ରନ୍ଥ କୋରାନ୍‌ର ଦିବ୍ୟବାଣୀ ସମୂହ ଈଶ୍ୱରଙ୍କୁ ମନନ, ଚିନ୍ତନ ଓ ପ୍ରାର୍ଥନା ଦ୍ୱାରା ମନୁଷ୍ୟର ବହୁବିଧ ସମସ୍ୟାର ସମାଧାନ ହୋଇପାରିବ ବୋଲି ଉଦ୍‌ଘୋଷଣା କରୁଛି। ଏହିପରି ଅନେକ ସଂପ୍ରଦାୟର ମତବାଦୀମାନେ ଜୀବନର କଳା-କୌଶଳ ନୀତି-ନୈତିକତା ଶିକ୍ଷା ପ୍ରଦାନ କରି ଜୀବନକୁ ଅମୃତମୟ ପଥରେ ନେବା ଲାଗି ବିହିତ କୌଶଳମାନ ପ୍ରଦାନ କରିଛନ୍ତି।

ବର୍ତ୍ତମାନ ପ୍ରଶ୍ନ ଉଠେ ଏତେସବୁ ବିଧିବିଧାନ ପ୍ରଦାନ ଓ ସିଦ୍ଧିର ମାର୍ଗ ପ୍ରଣୟନ ସତ୍ତ୍ୱେ ଅନେକ ଜୀବନ ନିମ୍ନଗାମୀ କାହିଁକି? ପରଶ୍ରୀକାତରତା, ହୀନମନ୍ୟତା, ଦଙ୍ଗା, ହଙ୍ଗାମା ଓ ଦୁଶ୍ଚରିତ୍ର ବଶବର୍ତ୍ତୀ ହୋଇ ମାନବ କୁକର୍ମ କରିବସୁଛି। ଅଧୁନା ସମାଜରେ ମୃତ୍ୟୁର ତାଣ୍ଡବ ରଚନା କରିଚାଲିଛି ମଣିଷ। ପୋଥି ପୁରାଣର ବାଣୀ ସମୂହକୁ ମନରୁ ପାଶୋରି ପ୍ରବୃତିମୁଖୀ ପରତନ୍ତ୍ରୀ ଚଳଣିରେ ଦିବ୍ୟ ଜୀବନକୁ ଧ୍ୱଂସାଭିମୁଖୀ ଆଡ଼କୁ ନେଇଚାଲିଛି। ଧର୍ମ ନାମରେ ବାହ୍ୟ ଆଡ଼ମ୍ବର ଓ ଚାକଚକ୍ୟତାକୁ ପ୍ରାଧାନ୍ୟ ଦିଆଯାଉଛି। ସମାଜ ବି ଦିନକୁ ଦିନ ବ୍ୟାଧିଗ୍ରସ୍ତ ହେବାରେ ଲାଗିଛି। ଜନୈକ ମହାପୁରୁଷଙ୍କ ଉକ୍ତିରେ 'ଧର୍ମ ଯଦି ନ ଫୁଟିଲା ଜୀବନର ପ୍ରତିକର୍ମେ, ବାତିଲ କରି ରଖ ତା'କୁ କି ହେବ ତୋର ସେଭଳି ଧର୍ମେ'। ଏଥିରୁ ଅନୁମେୟ ଯେ ଶାସ୍ତ୍ର ପୁରାଣ ସଂହିତା ଦ୍ୱାରା ପ୍ରଦତ୍ତ ବାଣୀସମୂହ କେବଳ ପଠନ ଆଉ ଲିଖନରେ ସୀମିତ ରହିଯାଏ ତେବେ ଜୀବନର ପୂର୍ଣ୍ଣତାର ସୂର୍ଯ୍ୟ ଅସ୍ତମିତ ହେବାକୁ ବେଶି ଡେରି ହୋଇନପାରେ।

ପ୍ରତ୍ୟେକ ମନୁଷ୍ୟ ସେ ରାଜା ହେଉ କି ରଙ୍କ, ଧନୀ ହେଉ କି ଗରୀବ, ଗଜମୂର୍ଖ ହେଉ କି ମହାପଣ୍ଡିତ ପ୍ରତ୍ୟେକଟି ପ୍ରାଣସତ୍ତା ଚାହେଁ ଆନନ୍ଦର ଅଧିକାରୀ ହେବା। ଯଦିଓ ସମସ୍ତ ଚରିତ୍ରକୁ ବିଭିନ୍ନ ଦୃଷ୍ଟିକୋଣରୁ ପର୍ଯ୍ୟାଲୋଚନା କଲେ ପ୍ରତ୍ୟେକଙ୍କର ଜୀବନଶୈଳୀ ସ୍ୱତନ୍ତ୍ର ହୋଇଥାଇପାରେ, କିନ୍ତୁ ଆନନ୍ଦ ପ୍ରାପ୍ତିର ସାଧନ ନିଜସ୍ୱ ବିହିତ କର୍ମ, ମାନସିକତାର ସକାରାତ୍ମକ ପରିବର୍ତ୍ତନ ଓ ସତ୍‌ପଥର ପଥିକ ହେବାର ମାର୍ମିକତା ଦ୍ୱାରା ସମ୍ଭବ। ସୂର୍ଯ୍ୟଙ୍କର ଉଦୟ-ଅସ୍ତ, ରାତି ଓ ଦିନର ଆଗମନ ଯେପରି ଚିରାଚରିତ ଗତିଶୀଳ, ସେହିପରି ଜୀବନ ଓ ମୃତ୍ୟୁ ମଧ୍ୟ ସମାନ ପ୍ରକ୍ରିୟା। ଜୀବନ ଓ ମୃତ୍ୟୁ ମଧ୍ୟର ପ୍ରବାହିତ ଗତି ଯଦିଓ ଏକ ସରଳରେଖା ସଦୃଶ ନୁହେଁ, ପରନ୍ତୁ ସଂଘର୍ଷମୟ, ଜଞ୍ଜାଳପୂର୍ଣ୍ଣ, ଦୁଃଖ ଓ ସୁଖରେ ଭରା। କିନ୍ତୁ ଜୀବନକୁ କୌଶଳରେ ଚଳାଇ ନେଉଥିବା ବ୍ୟକ୍ତି ହିଁ ପୂର୍ଣ୍ଣ ଜୀବନର ଅଧିକାରୀ ହୋଇଥାଏ। ଚେତନା ବିଶିଷ୍ଟ ଆତ୍ମା ଜୀବନକୁ ମୂଲ୍ୟାଙ୍କନ କରି ନିଷ୍ଠା ନିପୁଣ ଅଧ୍ୟୟନ ପୂର୍ବକ କୃତକାର୍ଯ୍ୟ ହାସଲ ଦ୍ୱାରା ନିଜେ ଆନନ୍ଦର ଅଧିକାରୀ ହେବା ସହ ପରିବେଶକୁ ଆନନ୍ଦ ପରଶିବାରେ ସିଦ୍ଧହସ୍ତ ପୁରୋଧା ଭୂମିକା ନିର୍ବାହ କରିଥାଏ।

ଧର୍ମକୁ ନେଇ ଏତେସବୁ ମାର୍ମିକ ଗାଥା ଦେଖିବାକୁ ଓ ଶୁଣିବାକୁ ମିଳୁଥିଲେ ମଧ୍ୟ ବାସ୍ତବିକ ଧର୍ମର ପ୍ରକୃତ ଅର୍ଥ କ'ଣ ତାହା ଆଜିବି ଅନେକଙ୍କୁ ଅଗୋଚର। ଉଦାହରଣ ସ୍ୱରୂପ ଆମମାନଙ୍କର ଜୀବନ ଯେପରି ପିତାମାତାଙ୍କର ମିଳନ ଓ ଧାତୁଗତ ସମଷ୍ଟିରୁ ଉତ୍ପତ୍ତି। ଠିକ୍ ସେହିପରି ଶବ୍ଦାର୍ଥର ଭାବାର୍ଥ ବୁଝାପଡ଼େ ଶବ୍ଦର ଧାତୁଗତ ମର୍ମରୁ। ଧର୍ମ ଧୃ ଧାତୁରୁ ଉତ୍ପନ୍ନ ଏବଂ ଧୃ ଧାତୁର ଅର୍ଥ ଧାରଣ କରିବା, ଅତୁଟ ରଖିବା ଓ ବହନ କରିବା। ଏଥିରୁ ସ୍ୱଷ୍ଟ ଅନୁମେୟ ଧର୍ମ ହିଁ ଜୀବନର ନିୟାମକ, ଧର୍ମ ହିଁ ଜୀବନର ରଡିକ୍, ଧର୍ମ ହିଁ ବର୍ଦ୍ଧନାର ପଥ, ଧର୍ମ ହିଁ ଆନନ୍ଦ ପ୍ରାପ୍ତିର ପୁରୋହିତ। ତେଣୁ ଧର୍ମକୁ ବାଦ୍ ଦେଇ ଜୀବନର ପୂର୍ଣ୍ଣତା ପ୍ରାପ୍ତିର ଆଶାବୃଥା। ଏଠାରେ ଜୀବନ ସମ୍ବନ୍ଧରେ ପୃଥିବୀର ବିଶିଷ୍ଟ ବିଶିଷ୍ଟ ଦାର୍ଶନିକମାନଙ୍କର ମତବାଦକୁ ବିଚାରକୁ ନିଆଯାଇପାରେ। ସେମାନଙ୍କର ଦାର୍ଶନିକ ପୂର୍ଣ୍ଣ ଆତ୍ମଚିନ୍ତନ ଓ ତଥ୍ୟଭିତ୍ତିକ ଦିଗ୍‌ଦର୍ଶନ ମାନବକୁ ବିପଥରୁ ରକ୍ଷା କରି ଶାନ୍ତିର ପ୍ରଶସ୍ତ ରାଜମାର୍ଗ ଦେଖାଇଦେବାର ସାମର୍ଥ୍ୟ ରଖେ। ଗ୍ରୀକ୍ ଦାର୍ଶନିକ ପ୍ଲୁଟୋ ମାନବ ଜୀବନ ସମ୍ବନ୍ଧରେ ଖ୍ରୀଷ୍ଟପୂର୍ବ ୪୪୭ ଶତାବ୍ଦୀରେ ଦେଇଥିବା ସାରଗର୍ଭିକ ଉପଦେଶମାନ ଆଜି ବି ସୁନ୍ଦର ଜୀବନର ପଥ ନିର୍ଦ୍ଦେଶିତ କରେ। ପ୍ଲୁଟୋଙ୍କ ମତରେ ପ୍ରତିଟି ଜୀବନ ଅନୁସନ୍ଧାନମୂଳକ। ଗଛର ଜୀବନ ଥାଇ ମଧ୍ୟ ଆତ୍ମଚିନ୍ତନ ନଥିବା ଯୋଗୁଁ ମୂକ ପରି ସବୁକିଛି ସହି ବୋହି ଜୀବନର ପ୍ରକୃତ ସ୍ୱାଦ ଆସ୍ୱାଦନ କରିବାରେ ସକ୍ଷମ ହୁଏ ନାହିଁ। ସୁତରାଂ ସୃଜନଶୀଳତା, ନୈତିକତା ମୂଲ୍ୟବୋଧମୂଳକ ବିଚାର ଓ ନିୟମ ମଣିଷକୁ ବାସ୍ତବଧର୍ମୀ କରି ମୋକ୍ଷ ପ୍ରଦାନ କରେ। ଅନ୍ୟପକ୍ଷରେ ସ୍ୱାର୍ଥପୂର୍ଣ୍ଣ, ଅହଂକାରୀ, ନିଷ୍ଠୁର, କଦାଚାରୀ, ହୀନମନ୍ୟତା ଧାରୀ ବ୍ୟକ୍ତି ଆହାର, ନିଦ୍ରା, ମୈଥୁନକୁ ଜାବୁଡ଼ି ଧରି ସ୍ୱାର୍ଥସର୍ବସ୍ୱ ବିବେଚନା ପୂର୍ବକ ଜୀବନର ଅସଲ ରସ ଆସ୍ୱାଦନର ନିଜକୁ ନିବୃତ କରେ। ଅତଏବ ମାନବ ସମୂହ ଶାସ୍ତ୍ର, ଧର୍ମ, ତତ୍ତ୍ୱ, ଜ୍ଞାନ ଓ ସାଧୁସଙ୍ଗ ରୂପକ ପରଶମଣିର ପରଶରେ ଆସି ଜୀବନର ମୂଳ ଲକ୍ଷ୍ୟକୁ କୋଳାଗ୍ରତ କରି ପୂର୍ଣ୍ଣତା ହାସଲ ପୂର୍ବକ ଅନେକ ଜନ୍ମର ତପବଳରେ ପ୍ରାପ୍ତ ଏହି ଦୁର୍ଲଭ ମାନବ ଜୀବନକୁ ସାର୍ଥକ ମଣ୍ଡିତ କରି ତୋଳିବା।

ଭୁବନେଶ୍ୱର, ମୋ: ୯୯୩୭୬୮୧୦୧୨

## ଆମ ବୃକ୍ଷଲତା ଆମ ଜୀବନ

ଅମୃତଭଣ୍ଡା

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଅମୃତଭଣ୍ଡା ଏକ ନରମ କାଣ୍ଡ ବିଶିଷ୍ଟ, ଚିରହରିତ ଗଛ, ଯାହା ଆମେରିକାର ଉଷ୍ଣମଣ୍ଡଳୀୟ ଅଞ୍ଚଳର ମୂଳଜାତ ଉଦ୍ଭିଦ। ୧୮ ଶତାବ୍ଦୀର ପର୍ଯ୍ୟଟକ ଏବଂ ଉଦ୍ଭିଦ ବିଜ୍ଞାନୀମାନଙ୍କ ଐତିହାସିକ ବିବରଣୀ ଅନୁଯାୟୀ ଭଣ୍ଡା ବିହନ କାରିବିଆନରୁ ମାଲାକା (ମାଲାସିଆରେ), ଫିଲିପାଇନ୍ସ ଏବଂ ତା'ପରେ ଭାରତକୁ ପରିବହନ କରାଯାଇଥିଲା। ଆଜି ଭଣ୍ଡା ବିଭିନ୍ନ ଜଳବାୟୁ ସହିତ ଖାପ ଖାଉଥିବା ଏବଂ ଏକ ଉଷ୍ଣମଣ୍ଡଳୀୟ ଫଳ ଭାବରେ ଲୋକପ୍ରିୟତା ହେତୁ ସାରା ବିଶ୍ୱରେ ବ୍ୟାପକ ଭାବରେ ଚାଷ କରାଯାଏ। ଅସାଧାରଣ ପୁଷ୍ଟିକର ଏବଂ ଔଷଧୀୟ ଗୁଣ ପାଇଁ ଅମୃତଭଣ୍ଡା ବର୍ତ୍ତମାନ ଭାରତ, ହାୱାଇ, ମଧ୍ୟ ଆଫ୍ରିକା, ଅଷ୍ଟ୍ରେଲିଆ ସମେତ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଚାଷ କରାଯାଏ।

ଅମୃତଭଣ୍ଡା ୫ ରୁ ୧୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ପହଞ୍ଚି ପାରେ। କେତେକ ସମୟରେ ଏହା ବିରଳ ଭାବରେ ଶାଖାଯୁକ୍ତ ହୋଇଥାଏ। ପତ୍ରଗୁଡ଼ିକ କାଣ୍ଡର ଶୀର୍ଷରେ କୁଣ୍ଡଳାକାର ଭାବରେ ସଜାଯାଇଥାଏ। କାଣ୍ଡର ନିମ୍ନ ଭାଗରେ ପତ୍ର ଏବଂ ଫଳ ଝଡ଼ା ଦାଗ ସ୍ୱଷ୍ଟ ଭାବରେ ବାରି ହୁଏ। ପତ୍ରଗୁଡ଼ିକ ଆକାରରେ ବଡ଼, ଲମ୍ବା ଡେଙ୍ଗ ଯୁକ୍ତ, ୫୦-୭୦ ସେମି ବ୍ୟାସ ବିଶିଷ୍ଟ। ପତ୍ର ଧାର ସାତଟି ଲୋବ ବା ପାଳିରେ ବିଭକ୍ତ। ଫଳ ହେଉଛି ପ୍ରାୟ ୧୫-୪୫ ସେମି ଲମ୍ବା ଏବଂ ୧୦-୩୦ ସେମି ବ୍ୟାସ ବିଶିଷ୍ଟ ଏକ ବଡ଼ ବେରି। ଫଳର ମଧ୍ୟଭାଗରେ ଏକ ବଡ଼ କେନ୍ଦ୍ରୀୟ ଗହ୍ୱରର କାନ୍ଥ ସହିତ ଅନେକ କଳା ବିହନ ସଂଲଗ୍ନ ଥାଏ। ବିହନଗୁଡ଼ିକ ଦେଖିବାକୁ ଗୋଲମରିଚ ଭଳି। ଫଳ କଞ୍ଚା ଥିବା ବେଳେ ଟାଣ ଥାଏ, ଚର୍ମ ସବୁଜ ଥାଏ, ତେବେ ପାଚିଲା ଫଳ ନରମ ହୁଏ ଏବଂ ଏହାର ଚର୍ମ କମଳା ରଙ୍ଗ ପ୍ରାପ୍ତ କରିଥାଏ।

ଅମୃତଭଣ୍ଡା କଞ୍ଚା ଫଳ ରୋଷେଇ କରି ଖିଆ ଯାଏ। ପାଚିଲା ଫଳ ଅମୃତ ସମ। ତେଣୁ ଏହାକୁ ଅମୃତଭଣ୍ଡା କୁହାଯାଏ। ଏହା ଅନେକ ଦେଶରେ ଏକ ଲୋକପ୍ରିୟ ନାସ୍ତା ଫଳ ଓ ସାଲାଡ, ପାଇ, ସରବେଟ୍, ଜୁସ୍ ଓ ମିଠାରେ ମଧ୍ୟ ବ୍ୟବହୃତ ହୁଏ। ସବୁଜ ଅମୃତଭଣ୍ଡା ଫଳର ଖୀର ବା ଲାଟେକ୍ସ ପାପେନ୍ ରେ (ଏକ ପ୍ରକାର ସିଷ୍ଟାଇନ୍ ପ୍ରୋଟିଏଜ୍) ଭରପୂର ଥାଏ, ଯାହା ମାଂସ ଏବଂ ଅନ୍ୟାନ୍ୟ ପ୍ରୋଟିନ୍‌କୁ ନରମ କରିବା ପାଇଁ ବ୍ୟବହୃତ ହୁଏ।

ଅମୃତଭଣ୍ଡାର ଅନେକ ଔଷଧୀୟ ଉପକାରିତା ରହିଛି। ଏଥିରେ ଚର୍ବି-ଦ୍ରବଣୀୟ ଭିଟାମିନ୍, ଭିଟାମିନ୍ ସି ଏବଂ ଆଣ୍ଟିଅକ୍ସିଡାଣ୍ଟର ଉଚ୍ଚ ପରିମାଣ ଥାଏ। ଏଥିରେ ଫୋଲିକ୍ ଏସିଡ୍ ଥାଏ, ଯାହା ଜୈବିକ ଯୌଗିକ ହୋମୋସିଷ୍ଟାଇନ୍‌କୁ କମ୍ କ୍ଷତିକାରକ ଆମିନୋ ଏସିଡରେ ପରିଣତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ନିୟମିତ ଅମୃତଭଣ୍ଡା ଖାଇବା ଦ୍ୱାରା ହୃଦରୋଗର ଆଶଙ୍କା କମିପାରେ। ଏକ ମଧ୍ୟମ ଆକାରର ଅମୃତଭଣ୍ଡା ରେ ପ୍ରତିଦିନ ଆବଶ୍ୟକ ହେଉଥିବା ଭିଟାମିନ୍ ସି ର ୨୦୦% ରୁ ଅଧିକ ପରିମାଣ ଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହା ଫୋଲେଟ୍, ଭିଟାମିନ୍ ଏ, ଫାଇବର, କପର, ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଓ ପାଣ୍ଟୋଥେନିକ୍ ଏସିଡର ଏକ ଭଲ ଉତ୍ସ। ଅମୃତଭଣ୍ଡା ଫଳରେ ଦୁଇଟି ଏନଜାଇମ ବା ପାଚକ ରସ, ପାପେନ୍ ଓ କାଇମୋପାପେନ୍ ଥାଏ। ଉଭୟ ଏନଜାଇମ ପ୍ରୋଟିନ ହଜମ ପ୍ରକ୍ରିୟାରେ ସାହାଯ୍ୟ କରନ୍ତି ଏବଂ ପ୍ରଦାହ କମ କରନ୍ତି। ଏଗୁଡ଼ିକ ପୋଡ଼ା କିମ୍ବା ଆଘାତ ଭଳି ତୀବ୍ର ଯନ୍ତ୍ରଣା ଉପଶମରେ ମଧ୍ୟ ସାହାଯ୍ୟ କରିପାରନ୍ତି। ଏହାବ୍ୟତୀତ ଗଣ୍ଠିରୋଗ ଓ ଆଷ୍ଟମା ଭଳି ଦୀର୍ଘକାଳୀନ ରୋଗ ଉପଶମ ପାଇଁ ବ୍ୟବହାର ହୁଏ। ଏହାର ଚୋପା, ପଲ୍ପ ଓ ବିହନରେ କ୍ୟାରୋଟିନଏଡ୍ସ ଓ ପଲିଫେନୋଲ୍ସ ସମେତ ବିଭିନ୍ନ ପ୍ରକାରର ଫାଇଟୋକେମିକାଲ୍ସ ବେଞ୍ଜାଇଲ୍ ଆଇସୋଥିଓସାଇଆନେଟ୍ସ ଓ ବେଞ୍ଜାଇଲ୍ ଗ୍ଲୁକୋସିନେଟ୍ସ ଥାଏ। ପାଚିଲା ଫଳରେ କ୍ୟାରୋଟିନଏଡ୍ସ, ଲ୍ୟୁଟିନ୍, ବିଟା-କ୍ୟାରୋଟିନ୍, ଲାଇକୋପିନ୍ ପ୍ରମୁଖ ଥାଏ। ଭଣ୍ଡା ବିହନରେ ସାଇନୋଜେନିକ୍ ପଦାର୍ଥ ପ୍ରୁନାସିନ୍ ମଧ୍ୟ ଥାଏ। କଞ୍ଚା ଭଣ୍ଡା ଫଳରେ ଏକ ଲେଟେକ୍ସ ଖିର ତରଳ ପଦାର୍ଥ ନିର୍ଗତ ହୁଏ, ଯାହା କିଛି ଲୋକଙ୍କ ମଧ୍ୟରେ ଜ୍ୱଳନ ଓ ଆଲର୍ଜି ପ୍ରତିକ୍ରିୟା ସୃଷ୍ଟି କରିପାରେ।

୨୦୨୨ ରେ ଭଣ୍ଡା ର ବିଶ୍ୱ ଉତ୍ପାଦନ ୧୩.୮ ନିୟୁତ ଟନ୍ ଥିଲା, ଯାହାର ନେତୃତ୍ୱ ଭାରତ ନେଇଥିଲା। ବିଶ୍ୱର ମୋଟ ଉତ୍ପାଦନର ୩୮% ଭାରତରେ ହୋଇଥିଲା। ଯୁକ୍ତରାଷ୍ଟ୍ର ଆମେରିକା ଅମୃତଭଣ୍ଡାର ସବୁଠାରୁ ବଡ଼ ଆମଦାନୀକାରୀ ରାଷ୍ଟ୍ର। ଭଣ୍ଡା ଗଛ ସାଧାରଣତଃ ଏକ ଲିଙ୍ଗ ବିଶିଷ୍ଟ। ତେବେ ବୈଜ୍ଞାନିକ ଗବେଷଣା ଫଳରେ ହର୍ମାଫ୍ରୋଡାଇଟ୍ ବା ଦ୍ୱିଲିଙ୍ଗ ବିଶିଷ୍ଟ ଭଣ୍ଡା ଉପଲବ୍ଧ ହେଲାଣି, ଯାହା ଅଧିକ ଅମଳ ଦିଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

# ବିମାନବନ୍ଦରରେ ବଦଳ ହୋଇଗଲା ଶବ

ସୋର,୧୭।୮ (ସମିସ): ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଜଣେ ଯୁବକଙ୍କ ଶବ ବଦଳ ହୋଇଯାଇଛି। ଜଣେ ଓଡ଼ିଆ ଯୁବକଙ୍କ ଶବ ପଶ୍ଚିମବଙ୍ଗ ପଳାଇଥିବା ବେଳେ ସେଠାକାର ଜଣେ ଯୁବକଙ୍କ

**ପୁଅର ଶବ ଆଣିବାକୁ ସିଲିଗୁଡ଼ି ଗଲେ ପରିବାରଲୋକେ**

ବାଲେଶ୍ୱରରେ ପହଞ୍ଚିଛି। ମୃତଦେହକୁ ଦେଖି ପରିବାରଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ପୁଅର ଶବ ଆଣିବାକୁ ପଶ୍ଚିମବଙ୍ଗ ସିଲିଗୁଡ଼ି ଯାଇଛନ୍ତି। ମୃତକ ହେଲେ, ବାଲେଶ୍ୱର ଜିଲ୍ଲା ସୋର ବ୍ଲକ୍ ମୂଳିସିଂ ପଞ୍ଚାୟତ ମୂଳିସିଂ ଗ୍ରାମର ପ୍ରଶାନ୍ତ ସଙ୍କ ପୁଅ ରାକେଶ(୨୧)।

ରାକେଶ ଗତ ୩ବର୍ଷ ଧରି ବେଙ୍ଗାଲୁରୁର ଏକ ସଫ୍ଟୱେର୍ କମ୍ପାନୀରେ କାମ କରୁଥିଲେ। ଗତ ୧୦ ତାରିଖ ଦିନ ସେ ନିଜ ଭଡ଼ାଘରେ ଥିବା ବେଳେ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ତାଙ୍କୁ ସେଠାକାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ପରେ ଶବକୁ ତାଙ୍କ ବାପା ବିମାନରେ ଭୁବନେଶ୍ୱର ଆଣିଥିଲେ। ପରେ ଶବକୁ ଏକ ଆମ୍ବୁଲାନ୍ସରେ ଭୁବନେଶ୍ୱରରୁ ଅଣାଯାଇଥିଲା। କିନ୍ତୁ ପରିବାରଲୋକେ ଗ୍ରାମରେ କଫିନ୍ ଖୋଲିବା ପରେ ଅନ୍ୟ ଜଣଙ୍କ ଶବ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରିବାରଲୋକେ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବା ପରେ ଉକ୍ତ ବିମାନରେ ରାକେଶ ନାମରେ ଦୁଇଟି ଶବ ଆସିଥିଲା। ଗୋଟିଏ ମୂଳିସିଂ ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣେ ପଶ୍ଚିମବଙ୍ଗ ସିଲିଗୁଡ଼ି ଅଞ୍ଚଳର ହୋଇଥିବା କର୍ତ୍ତୃପକ୍ଷ କହିଥିଲେ। ପରିବାରଲୋକେ ଏହା ଜାଣିବା ପରେ ତାଙ୍କ ପୁଅର ଶବ ଆଣିବାକୁ ପଶ୍ଚିମବଙ୍ଗ ସିଲିଗୁଡ଼ି ଅଭିମୁଖେ ଯାଇଥିବା ଜଣାପଡ଼ିଛି।

# ୨୪ ଘଣ୍ଟାରେ ବଦଳିଗଲା ନିଷ୍ପତ୍ତି

## ମୁଖ୍ୟମନ୍ତ୍ରୀଙ୍କୁ ଅନ୍ଧାରରେ ରଖିଲେ ବିଭାଗୀୟ ମନ୍ତ୍ରୀ

ଭୁବନେଶ୍ୱର,୧୭।୮ (ସମିସ): ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ନିଜ ସମ୍ବୋଧନରେ ରାଜ୍ୟରେ ନୂଆ ୨୧ ଏନଏସି(ବିଜ୍ଞାପିତ ଅଞ୍ଚଳ ପରିଷଦ) ପ୍ରତିଷ୍ଠା ହେବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କଲେ। ମାତ୍ର ଏହାର ଦିନକଟିଏ ପରେ ବିଭାଗ ମାତ୍ର ୧୨ଟି ନୂଆ ଏନଏସି ପ୍ରତିଷ୍ଠା ହେବା ନେଇ ବିଧିବଦ୍ଧ ଭାବେ ଚିଠା ବିଜ୍ଞପ୍ତି ପ୍ରକାଶ କଲା। ମାତ୍ର ୨୪ ଘଣ୍ଟା ମଧ୍ୟରେ ଏନଏସି ସଂଖ୍ୟା ୨୧ରୁ ୧୨କୁ କିପରି କମିଗଲା ଏବଂ ଏହି ନିଷ୍ପତ୍ତି ପଛରେ କାରଣ କଣ, ତାହାକୁ ନେଇ ଏବେ ରାଜ୍ୟ ପାୱାର କରିଡରରେ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଛି। ଏହା ପଛରେ ଅନ୍ୟ କାହାର ହାତ ରହିଛି, ତାହା ଏବେ ଆଲୋଚନାର ବିଷୟ ହୋଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ସ୍ୱାଧୀନତା ଦିବସ ଭାଷଣ ପ୍ରସ୍ତୁତ ପୂର୍ବରୁ ନୂଆ ଏନଏସି ଘୋଷଣା ନେଇ ନିଷ୍ପତ୍ତି ସରିଥିଲା। ରାଜ୍ୟବ୍ୟାପୀ ନୂତନ ଭାବେ ୨୧ଟି ଏନଏସି ପ୍ରତିଷ୍ଠା ପାଇଁ ବିଭାଗୀୟସ୍ତରରେ ଫାଇଲ ପ୍ରସ୍ତୁତ ହୋଇ ରହିଥିଲା। ଏପରିକି ଏ ସଂକ୍ରାନ୍ତ ବିଜ୍ଞପ୍ତି ଫାଇଲରେ ମନ୍ତ୍ରୀ ମଧ୍ୟ ସ୍ୱାକ୍ଷର କରିସାରିଥିଲେ। ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା

**୨୧ରୁ ଏନଏସି ୧୨କୁ ହ୍ରାସ ପଛରେ କାହା ହାତ**

ତଥ୍ୟ ଆଧାରରେ ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ୨୧ଟି ପୌରାଞ୍ଚଳ ଗଠନ ନିମନ୍ତେ ଘୋଷଣା କଲେ। ରାଜ୍ୟର ଦ୍ରୁତ ବିକାଶ ଓ ଅଭିବୃଦ୍ଧି ସହ ଜନ ସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଥିବା ମୁଖ୍ୟମନ୍ତ୍ରୀ ଅଭିଭାଷଣରେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମ୍ବୋଧନ ପରେ ସମ୍ଭାବିତ ୨୧ଟି ଏନଏସି ତାଲିକାକୁ ନେଇ ଉତ୍ସାହିତ ହୋଇପଡ଼ିଥିଲେ ରାଜ୍ୟବାସୀ।

ମାତ୍ର ଏହାର ଗୋଟିଏ ଦିନ ପରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ତାଲିକାରେ ଏନଏସି ତାଲିକା ୧୨କୁ ଖସି ଆସିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ସମସ୍ତ ନିର୍ଣ୍ଣୟ ଏବଂ ଆବଶ୍ୟକୀୟ କାଗଜପତ୍ର ପ୍ରକ୍ରିୟା ସରିଥିଲେ ହେଁ କାହା ଚାପରେ ଏବଂ କେଉଁ ଆଧାରରେ ଏହି ନିଷ୍ପତ୍ତି ବଦଳିଗଲା, ସେନେଇ କେହି ଟେର୍ ପାଉନାହାନ୍ତି। ଏନ୍ଏସିର ନାମ ଚୂଡ଼ାନ୍ତ ସହ ଚିଠା ପ୍ରସ୍ତୁତି, ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ କେଉଁସ୍ତରରେ ଏନ୍ଏସି ସଂଖ୍ୟା ୧୨କୁ ହ୍ରାସ କରାଯାଇ ବିଜ୍ଞପ୍ତି ପ୍ରକାଶ ପାଇଲା ତାହା ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି କରିଛି। ଅପରପକ୍ଷେ ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ମସିହାରେ ଦୁଇଟି ପର୍ଯ୍ୟାୟରେ ୫୬ଟି ନୂଆ ଏନଏସି ଘୋଷଣା କରିଥିଲେ। ଯାହାକୁ ନେଇ ସେତେବେଳେ ରାଜ୍ୟବ୍ୟାପୀ ବେଶ୍ ଖୁସି ପ୍ରକଟ କରିଥିଲେ ସାଧାରଣ ଲୋକେ। ମାତ୍ର ରାଜ୍ୟରେ ନୂଆ ସରକାର ଆସିବା ପରେ ମୋହନ ସରକାର ମାତ୍ର ୧୨ଟି ନୂଆ ଏନଏସି ଘୋଷଣା କରିବା ସାଧାରଣରେ ନିରାଶା ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ଏପରି ପଛୁଆ ଚାଲିକୁ ସାଧାରଣ ଲୋକେ, ବିଶେଷଜ୍ଞ ମହଲ ନାପସନ୍ଦ କରୁଛନ୍ତି। ତୁରନ୍ତ ରାଜ୍ୟ ସରକାର ପୂର୍ବ ସରକାରଙ୍କ ନିଷ୍ପତ୍ତିର ପୁନଃ ସମୀକ୍ଷା କରନ୍ତୁ। ରାଜନୀତିରୁ ଊର୍ଦ୍ଧ୍ୱକୁ ଯାଇ ଅଞ୍ଚଳର ଆବଶ୍ୟକତା ଅନୁଯାୟୀ ନୂଆ ଏନଏସି ଘୋଷଣାକୁ ତ୍ୱରିତ୍ ଭାବେ କାର୍ଯ୍ୟକାରୀ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

# ଓଟିପିସିଏଲର ପୂର୍ବତନ ନିର୍ଦ୍ଦେଶକ ସମୀର ସ୍ୱାଇଁଙ୍କ ବହିଷ୍କାର ଆଦେଶ ରଦ୍ଦ

କଟକ,୧୭।୮ (ସମିସ): ଓଟିପିସିଏଲର ଅର୍ଥ ବିଭାଗ ପୂର୍ବତନ ନିର୍ଦ୍ଦେଶକ ସମୀର ସ୍ୱାଇଁଙ୍କ ସେବାକୁ କୌଣସି କାରଣ ଉଲ୍ଲେଖ ନ କରି ତାଙ୍କର ସେବାର ଅବ୍ୟାହତତା ସଂସ୍ଥାର ହିତ ପ୍ରତି କ୍ଷତିକାରକ ହେବ ବୋଲି କହି, ତାଙ୍କୁ ତରବରିଆ ଭାବରେ ସେବାନିବୃତ୍ତ କରାଯାଇଥିଲା। ଏହି ବିଷୟକୁ ଚ୍ୟାଲେଞ୍ଜ କରି ଶ୍ରୀ ସ୍ୱାଇଁ ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ବିଚାର ଶେଷ ନ ହେବା ପର୍ଯ୍ୟନ୍ତ ହାଇକୋର୍ଟ ସେହି ଆଦେଶକୁ ସ୍ଥଗିତ କରି, ଶ୍ରୀ ସ୍ୱାଇଁଙ୍କୁ ଅର୍ଥ ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ରହିବାକୁ ଅନୁମତି ଦେଇଥିଲେ। ଏହା ମଧ୍ୟରେ, ଶ୍ରୀ ସ୍ୱାଇଁ ଉତ୍ତରପ୍ରଦେଶ ପାୱାର ଟ୍ରାନ୍ସ ମିଶନର ଅର୍ଥ ବିଭାଗ ନିର୍ଦ୍ଦେଶକ ପଦ ପାଇଁ ଚୟନିତ ହୋଇ ଓଟିପିସିଏଲରୁ ପଦତ୍ୟାଗ କରି ନୂତନ କାର୍ଯ୍ୟରେ ଯୋଗଦେଇ କାର୍ଯ୍ୟ କରୁଛନ୍ତି। ଓଡ଼ିଶା ହାଇକୋର୍ଟ, ତାଙ୍କର ସେବାର ଅବ୍ୟାହତତା ସଂସ୍ଥାର ହିତ ପ୍ରତି କ୍ଷତିକାରକ ବୋଲି କମ୍ପାନୀ କରିଥିବା ମତାମତକୁ ରଦ୍ଦ କରିଛନ୍ତି। କାରଣ ଏହା ସପକ୍ଷରେ ସରକାରଙ୍କ ପକ୍ଷରୁ କୌଣସି ଯୁକ୍ତିଯୁକ୍ତ ପ୍ରମାଣ ପ୍ରଦାନ କରାଯାଇ ପାରିନଥିଲା। ଯେହେତୁ ଶ୍ରୀ ସ୍ୱାଇଁ ଅନ୍ୟ ସଂସ୍ଥାରେ ଯୋଗଦେଇ ସାରିଛନ୍ତି, ଓଟିପିସିଏଲରେ ପୁନଃ ନିଯୁକ୍ତିର ପ୍ରଶ୍ନ ଉଠୁନାହିଁ। କିନ୍ତୁ ହାଇକୋର୍ଟ ରାଜ୍ୟ ସରକାରଙ୍କର ମତାମତକୁ ରଦ୍ଦ କରିବା ଦ୍ୱାରା ତାଙ୍କ କ୍ୟାରିୟର୍ ସହ ଯୋଡ଼ି ହୋଇଥିବା କଳଙ୍କ ଦୂର ହୋଇପାରିବ। ଶ୍ରୀ ସ୍ୱାଇଁଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ପଙ୍ଗାରୀ ଓ ସ୍ୱପ୍ନକୁମାର ଓଝା ମାମଲା ପରିଚାଳନା କରୁଥିଲେ।

## ମାଓ ଲିଙ୍କ୍ ଅଭିଯୋଗ

# ଅଭିଯୁକ୍ତ ବଦଳରେ ଶିକ୍ଷକଙ୍କୁ ଗିରଫ କରିଛି ପୁଲିସ

ପାରଳାଖେମୁଣ୍ଡି, ୧୭।୮ (ସମିସ): ନିକଟ ଅତୀତରେ ଗଜପତି ଜିଲ୍ଲାର ଏକ ଖବର ଗଣମାଧ୍ୟମର ଶିରୋନାମା ପାଲଟିଥିଲା। ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି ହେବା ପରେ ଅଡବା ପୁଲିସ୍ ନୂଆ ଖଜୁରୀପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଉକ୍ତ ଶିକ୍ଷକଙ୍କ ମାଓ ଲିଙ୍କ୍ ଏବଂ ମାଓ ହିଂସାରେ ସେ ସାମିଲ ଥିବା ମାମଲାକୁ ନେଇ ଗିରଫଦାରୀ ହୋଇଥିଲା। ଏହି ଘଟଣା ବର୍ତ୍ତମାନ ଜିଲ୍ଲାରେ ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ ହୋଇଛି।

ଉକ୍ତ ଶିକ୍ଷକଙ୍କ ଓକିଲ ସ୍ୱରୂପ କୁମାର ପାଳ ଅଭିଯୋଗ ଆଣିଛନ୍ତି। କହିଛନ୍ତି, ତାଙ୍କ ମହକିଲ ନିର୍ଦ୍ଦୋଷ ଏବଂ ନକ୍ସଲ ହିଂସା ମାମଲା ସହ ତାଙ୍କର ସମ୍ପର୍କ ନାହିଁ। ତଦନ୍ତକାରୀ ଅଧିକାରୀଙ୍କ ଖାମଖିଆଲି ତଦନ୍ତ ଯୋଗୁଁ ଶିକ୍ଷକଙ୍କୁ ଗିରଫ କରାଯାଇଛି। ସେଥିରେ ସଠିକ୍ ଭାବେ ପରିଚୟ ଯାଞ୍ଚ ଓ ଆବଶ୍ୟକ କାର୍ଯ୍ୟ ପୁଲିସ୍ କରିନଥିବା ଆଇନଜୀବୀ ଶ୍ରୀ ପାଳ ଅଭିଯୋଗ କରିଛନ୍ତି।

ଅଡ଼ବା ପୁଲିସ ଥାନା ଅଞ୍ଚଳରେ ୨୦୧୧ ଓ ୨୦୧୩ ମସିହାରେ ମାଓବାଦୀଙ୍କ ଦ୍ୱାରା ଘଟିଥିବା ୨ ହିଂସାରେ ସେ ସଂପୃକ୍ତି

**■ ଅଭିଯୋଗ ଆଣିଲେ ଶିକ୍ଷକଙ୍କ ଓକିଲ**
**■ ତତ୍କାଳୀନ ତଦନ୍ତକାରୀ ଅଧିକାରୀଙ୍କ ତ୍ରୁଟି ଶିକ୍ଷକଙ୍କ ପାଇଁ କାଳ ସାଜିଛି**

ଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଅଡ଼ବା ଥାନାରେ ମାମଲା ରୁଜୁ ହୋଇଥିଲା। ଗିରଫ ହେବା ପରେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ବିଭିନ୍ନ ଗଣମାଧ୍ୟମରେ ଯେଉଁ ବ୍ୟକ୍ତିଙ୍କ ନାମ ନେଇଥିଲେ, ସେ ବ୍ୟକ୍ତିଜଣଙ୍କ ଆତ୍ମସମର୍ପଣକାରୀ ମାଓବାଦୀ। ସେ ୫.୮.୨୦୧୩ ତାରିଖରେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ତତ୍କାଳୀନ ଗଜପତି ଏସପି ଚରଣସିଂ ମୀନା, ବ୍ରହ୍ମପୁର ଏସ୍‌ପି ଆଶିଷ ସିଂ ଓ ଦକ୍ଷିଣାଞ୍ଚଳ ଡିଆଇଜି ଅମିତାଭ ଠାକୁରଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଥିଲେ। ଏହି ବ୍ୟକ୍ତିଙ୍କ ବାପାଙ୍କ ନାମ ରିକାର୍ଡ ନାୟକ ହୋଇଥିବା ବେଳେ ଗିରଫ ହୋଇଥିବା ଶିକ୍ଷକଙ୍କ ବାପାଙ୍କ ନାମ ସାରୁ ନାୟକ ବୋଲି ଜଣାପଡ଼ିଛି।

ସେହିପରି ଆତ୍ମସମର୍ପଣ କରିଥିବା ବ୍ୟକ୍ତିଙ୍କ ୨୦୧୩ ବେଳକୁ ୨୨ ବର୍ଷ ହୋଇଥିବା ସେତେବେଳେ ପୁଲିସ କହିଥିଲା। କିନ୍ତୁ ଗିରଫ ହୋଇଥିବା ଶିକ୍ଷକଙ୍କ ବୟସ ସେତେବେଳେ ୩୫ ହୋଇଥିଲା। ତାଙ୍କ ଆଧାରକାର୍ଡରୁ ଏହା ଜଣାପଡ଼ିଛି। ସେ ୨୦୦୮ ମସିହାରୁ ଗଣଶିକ୍ଷକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ।

ଏଠାରେ ପ୍ରଶ୍ନ ଉଠୁଛି, ଶିକ୍ଷକଜଣଙ୍କ ଯଦି ମାଓ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ ପୁଲିସ କହିବା ଅନୁସାରେ, ୨୦୧୧ ରୁ ୨୦୧୩ ମଧ୍ୟରେ ବିଭିନ୍ନ ହିଂସାରେ ସେ ସମ୍ପୃକ୍ତ ଥିବା ମାମଲାଗୁଡ଼ିକରେ ଗିରଫ କଲା ନାହିଁ କାହିଁକି। ବର୍ତ୍ତମାନ ପୁଲିସ ଗିରଫ କରିବା ସମୟରେ ସେ ସମୟର ଶିକ୍ଷା ବିଭାଗକୁ ଶିକ୍ଷକଙ୍କ କାର୍ଯ୍ୟକଳାପ ଉପରେ ପଚାରିଛି କି ନାହିଁ। ସାଧାରଣତଃ ସରକାରୀ କର୍ମଚାରୀଙ୍କ ବିରୋଧରେ କୌଣସି ମାମଲା ରୁଜୁ ହେଲେ ସମ୍ପୃକ୍ତ ବିଭାଗକୁ ମଧ୍ୟ ପୁଲିସ୍ ଯୋଗାଯୋଗ କରିଥାଏ। ଏସବୁ କାରଣ ଯୋଗୁଁ କେଉଁଠି ନା କେଉଁଠି ତଦନ୍ତ ଓ ଗିରଫ ପ୍ରକ୍ରିୟାରେ ଅବହେଳା କରାଯାଇଥିବା ଶିକ୍ଷକଙ୍କ ଆଇନଜୀବୀ ଶ୍ରୀ ପାଳ ଅଭିଯୋଗ କରିଛନ୍ତି। ଏପରିକି, ଶିକ୍ଷକଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ନ୍ୟାୟିକ ଲଢ଼େଇ ଜାରି ରହିବ ବୋଲି କହିଛନ୍ତି। ଘଟଣାକୁ ନେଇ ଆର୍.ଉଦୟଗିରି ଏସଡିପିଓ ସୁରେଶ କୁମାର ତ୍ରିପାଠୀଙ୍କୁ ଯୋଗାଯୋଗ କରିବାରୁ ସେ ତଦନ୍ତ କରି କହିବି ବୋଲି କହିଛନ୍ତି।

# ଅଗଷ୍ଟ ୩୧ ଯାଏଁ ଇଗ୍ନୋ ନାମଲେଖା

ଭୁବନେଶ୍ୱର,୧୭।୮ (ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଜୁଲାଇ ସତ୍ର ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଅବଧିକୁ ଅଗଷ୍ଟ ୩୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅଧାରୁ ପାଠ ଛାଡ଼ିଥିବା ବା ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଥିବା ପ୍ରାର୍ଥୀମାନେ ସ୍ନାତକ, ସ୍ନାତକୋତ୍ତର, ସ୍ନାତକୋତ୍ତର ଡିପ୍ଲୋମା ଏବଂ ସାର୍ଟିଫିକେଟ୍ କାଠ୍ୟକ୍ରମ ପଢ଼ିପାରିବେ। ସ୍ନାତକରେ କଳା, ବିଜ୍ଞାନ ଓ ବାଣିଜ୍ୟ ପଢ଼ିବାକୁ ଆଗ୍ରହୀ ଅନୁସୂଚିତ ଜାତି ଓ ଜନଜାତି ପ୍ରାର୍ଥୀଙ୍କ ପାଇଁ ୫୦ ପ୍ରତିଶତ ଫି’ ଛାଡ଼ କରାଯାଇଛି। ନୂତନ ଜାତୀୟ ଶିକ୍ଷାନୀତି ଅନୁଯାୟୀ, ଜଣେ ପ୍ରାର୍ଥୀ ଚାହିଁଲେ, ଏକକାଳୀନ ଦୁଇଟି ବିଷୟରେ ସ୍ନାତକ ପାଠ୍ୟକ୍ରମ ପଢ଼ିପାରିବେ। ଇଗ୍ନୋ ୱେବସାଇଟ୍‌କୁ ଯାଇ ଅନ୍‌ଲାଇନ୍‌ରେ ଆବେଦନ କରିବା ସହ ସମ୍ପୂର୍ଣ୍ଣ ବିବରଣୀ ପାଇପାରିବେ ବୋଲି ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିପି ରାଧାକ୍ରିଷ୍ଣନ୍...

ହୋଇଥିବା ବେଳେ ୨୦୦୪ରୁ ୨୦୦୭ ପର୍ଯ୍ୟନ୍ତ ତାମିଲନାଡୁ ବିଜେପିର ସଭାପତି ଥିଲେ।

ସୂଚନାଯୋଗ୍ୟ ଯେ ଲୋକସଭା ଏବଂ ରାଜ୍ୟସଭା ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ୍ ଉପରାଷ୍ଟ୍ରପତି ନିର୍ବାଚନରେ ଭାଗନେବେ। ସଂସଦରେ ଏବେ ମୋଟ୍ ସଭ୍ୟ ସଂଖ୍ୟା ହେଉଛି ୭୮୨ (ଲୋକସଭା ୫୪୨ ଏବଂ ରାଜ୍ୟସଭା ୨୪୦)। ପ୍ରାର୍ଥୀଙ୍କୁ ବିଜୟୀ କରାଇବା ଲାଗି ୩୯୨ ସଭ୍ୟଙ୍କ ସମର୍ଥନ ଦରକାର ଥିବା ବେଳେ ଏନ୍‌ଡିଏ ପାଖରେ ରହିଛି ୪୨୨ ସଭ୍ୟଙ୍କ ସମର୍ଥନ। ତେଣୁ ଶାସକ ଦଳର ପ୍ରାର୍ଥୀ ରାଧାକୃଷ୍ଣନ ସହଜରେ ନିର୍ବାଚିତ ହେବା ପ୍ରାୟ ନିଶ୍ଚିତ। ବିରୋଧୀଙ୍କ ପାଖରେ ୩୪୧ ସଭ୍ୟ ଥିବାରୁ ସେମାନେ ମଧ୍ୟ ପ୍ରାର୍ଥୀ ଦେଇପାରନ୍ତି। ତେବେ ସେମାନଙ୍କର ପ୍ରାର୍ଥୀ କିଏ ହେବ, ତାହା ଘୋଷଣା କରାଯାଇ ନାହିଁ।

### ଜମ୍ମୁ-କଶ୍ମୀରର କଠୁଆରେ...

ସେହିପରି ହିମାଚଳ ପ୍ରଦେଶ କୁଲ୍ଲୁରେ ମଧ୍ୟ ବାଦଲଫଟା ବର୍ଷା ହୋଇଛି। ମୌସୁମୀ ବର୍ଷାର ପ୍ରକୋପ ଏହି ରାଜ୍ୟରେ କମିବାର ନାଁ ନେଉନାହିଁ। ରବିବାର ମଣ୍ଡି ଜିଲ୍ଲାରେ ରବିବାର ବାଦଲଫଟା ବର୍ଷା କାରଣରୁ ବନ୍ୟା ଆସିଛି। ଫଳରେ ମଣ୍ଡି- କୁଲ୍ଲୁ ରାସ୍ତା ଓ ଚଣ୍ଡିଗଡ଼- ମନାଲି ଜାତୀୟ ରାଜପଥରେ ଯିବା ଆସିବା ବାଧାପ୍ରାପ୍ତ ହୋଇଛି। ସେହିପରି ପନରସା, ଟାକୋଲି ନଗୱାଁ ଅଞ୍ଚଳରେ ମଧ୍ୟ ବନ୍ୟା ଆସିଥିବାର ଖବର ମିଳିଛି। ତେବେ କୌଣସି ଜୀବନହାନୀ ହୋଇନାହିଁ। ସାରା ରାଜ୍ୟରେ ପ୍ରବଳ ବର୍ଷା କାରଣରୁ ୩୭୪ ରାସ୍ତା, ୫୨୪ ବିଜୁଳି ଟ୍ରାନ୍ସଫରମର ଓ ୧୪୫ ଜଳଯୋଗାଣ ସେବା ବାଧାପ୍ରାପ୍ତ ହୋଇଛି। ମୌସୁମୀ ବର୍ଷା ଜନିତ ବିଭିନ୍ନ କାରଣରୁ ରାଜ୍ୟରେ ଏପର୍ଯ୍ୟନ୍ତ ୨୫୭ ଲୋକ ପ୍ରାଣ ହରାଇଛନ୍ତି। ୧୨୪ ଜଣ ଲୋକ ରାସ୍ତା ଦୁର୍ଘଟଣା ଓ ୧୩୩ ଜଣ ଭୂସ୍ଖଳନ, ବନ୍ୟା ଓ ଘର ଭୁଶୁଡିବା କାରଣରୁ ପ୍ରାଣ ହରାଇଛନ୍ତି।

### ସର୍ବନିମ୍ନସ୍ତରରେ...

୧୨,୦୦୦ ଛଟେଇ ଘୋଷଣା କରିଥିଲା। ଅଧା ଲୋକଙ୍କୁ ଚାକିରିରୁ ବିଦା କରିବାକୁ ଏଚ୍‌ସିଏଲ୍ ଲକ୍ଷ୍ୟ ରଖିଛି । ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟ ଅନୁରୂପ ଧାରାରେ ଚାଲିଛନ୍ତି। ତେଣୁ ଦରମା ବୃଦ୍ଧି, ଚାକିରି ସୁଯୋଗ ବୃଦ୍ଧି ନ ଘଟେ ତେବେ ଭାରତରେ ମଧ୍ୟବିତ୍ତ ବର୍ଗର ଆର୍ଥିକ ଅବସ୍ଥା ଆହୁରି ଖରାପ ହୋଇଯାଇପାରେ, ଯାହା ଦେଶର ପ୍ରଗତିକୁ ରୋକିପାରେ ବୋଲି ଏଥିରେ କୁହାଯାଇଛି ।

### ଅଭିଯୋଗ ଭିତ୍ତିହୀନ...

ଏବଂ ପାରିଦର୍ଶିତାକୁ ନେଇ କୌଣସି ସନ୍ଦେହ ରହିବା ଉଚିତ ନୁହେଁ। ବିହାରରେ ତରବରିଆ ଭାବେ ଏସ୍‌ଆଇଆର୍ କରାଯାଉ ନାହିଁ। ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ଭୋଟର ତାଲିକା ସଂଶୋଧନ କରିବା ହେଉଛି କମିସନଙ୍କ ବୈଧାନିକ ଦାୟିତ୍ୱ। କିନ୍ତୁ କେତେକ ଦଳ ଏହାକୁ ନେଇ ବୃଥାରେ ବିବାଦ କରୁଛନ୍ତି। ଚୂଡ଼ାନ୍ତ ତାଲିକା ପୂର୍ବରୁ ଭୋଟରମାନଙ୍କୁ ସେମାନଙ୍କର ଆପତ୍ତି ଓ ଦାବି ଦାଖଲ ପାଇଁ ସମୟ ଦେଉଛନ୍ତି। ବିହାରରେ ଆହୁରି ୧୫ ଦିନ ବାକି ଅଛି। ତେଣୁ ରାଜନୈତିକ ଦଳ ଏଥିରେ ସହଯୋଗ କରନ୍ତୁ। କମିସନଙ୍କ ଅଫିସ ସମସ୍ତଙ୍କ ପାଇଁ ଖୋଲା ରହିଛି ବୋଲି ଉଲ୍ଲେଖ କରି ସେ କହିଲେ ଯେ ବୁଥ ସ୍ତରୀୟ ଅଧିକାରୀ ଏବଂ ରାଜନୈତିକ ଦଳମାନଙ୍କ ଏଜେଣ୍ଟଙ୍କ ମଧ୍ୟରେ ଉତ୍ତର ସମନ୍ୱୟ ଓ ସ୍ୱଚ୍ଛତା ସହିତ ଏସ୍‌ଆଇଆର୍ ପ୍ରକ୍ରିୟା ଜାରି ରହିଛି। କମିସନ କୌଣସି ଭେଦଭାବ କରନ୍ତି ନାହିଁ। ଉଭୟ ଶାସକ ଓ ବିରୋଧୀ ଦଳ କମିସନ ପାଇଁ ସମାନ୍। ଭୋଟ ଚୋରି ସଂପର୍କରେ ସେ କହିଲେ ଯେ ଏହି ଶବ୍ଦ ଉଭୟ ସମ୍ବିଧାନ ଓ ଭୋଟରଙ୍କ ପ୍ରତି ଅପମାନ। ତେବେ ନିର୍ବାଚନ କମିସନ ସର୍ବଦା ଭୋଟରମାନଙ୍କ ସହିତ ରହିବ ଏବଂ ସେମାନଙ୍କ ହିତରେ କାମ କରିବ। ଦେଶରେ ଅନେକ ଭୋଟର ଅନ୍ୟ ଅଞ୍ଚଳକୁ ପଳାଇଥିବା ନେଇ ବିଭିନ୍ନ ଦଳ ଅଭିଯୋଗ କରିବା ପରେ ବିହାରରେ ଏସ୍‌ଆଇଆର୍ କରାଯାଉଛି। ଏହି ପ୍ରକ୍ରିୟାରେ ଏକ କୋଟିରୁ ଅଧିକ କର୍ମଚାରୀ ନିୟୋଜିତ ଅଛନ୍ତି ଏବଂ ଏଥିରେ ସଂପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି। ଏଭଳି ପରିସ୍ଥିତିରେ ଭୋଟ ଚୋରି ସମ୍ଭବ ନୁହେଁ ବୋଲି ମୁଖ୍ୟ ନିର୍ବାଚନ କମିସନର କହିଛନ୍ତି। ଗାଟିଏ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ପଶ୍ଚିମ ବଙ୍ଗରେ ଏସ୍‌ଆଇଆର୍ କରାଯିବ କି ନାହିଁ ସେସଂପର୍କରେ ଠିକ୍ ସମୟରେ ନିଷ୍ପତ୍ତି ନିଆଯିବ।

ଭୋଟ ଚୋରି ଓ ଏସ୍‌ଆଇଆର୍‌କୁ ବିରୋଧ କରି ରାହୁଲ ଗାନ୍ଧୀ ଆଜି ବିହାରରେ ଭୋଟର ଅଧିକାର ଯାତ୍ରା ଆରମ୍ଭ କରିଥିବା ବେଳେ କମିସନ ଏଭଳି ସଫେଇ ଦେଇଛନ୍ତି। ୨୦ଟି ଜିଲ୍ଲାର ୧୩୦୦ କିଲୋମିଟର ପର୍ଯ୍ୟନ୍ତ ସେ ଏହି ଯାତ୍ରା କରିବେ। ଜ୍ଞାନେଶ କୁମାରଙ୍କ ସାମ୍ବାଦିକ ସମ୍ମିଳନୀ ନେଇ ତାଙ୍କର ପ୍ରତିକ୍ରିୟାରେ ରାହୁଲ କହିଛନ୍ତି ଯେ ସେ ଯେଉଁ ପ୍ରସଙ୍ଗ ଉଠାଇଛନ୍ତି, ତାହା କମିସନଙ୍କ ତଥ୍ୟ ଆଧାରିତ। ଏଥିପାଇଁ ସେ କାହିଁକି ସତ୍ୟପାଠ ଦାଖଲ କରିବେ ବୋଲି ପ୍ରଶ୍ନ କରିଛନ୍ତି। କମିସନ ପାତରଅନ୍ତର କରୁଥିବା ଅଭିଯୋଗ କରି ରାହୁଲ କହିଛନ୍ତି ଯେ କିଛି ଦିନ ତଳେ ଭୋଟ ଅନିୟମିତତା ନେଇ ବିଜେପି ନେତାମାନେ ଅଭିଯୋଗ କରିଥିଲେ। କିନ୍ତୁ କମିସନ ତାଙ୍କୁ କାହିଁକି ସତ୍ୟପାଠ ଓ ପ୍ରମାଣ ପାଇଁ ଆହ୍ୱାନ କଲେ ନାହିଁ। ବିରୋଧୀ ଦଳ ପ୍ରତି କମିସନଙ୍କର ଏଭଳି ପାତରଅନ୍ତର କାହିଁକି? ବୋଲି ସେ ପ୍ରଶ୍ନ କରିଛନ୍ତି।

### ଘୁଞ୍ଚିଘୁଞ୍ଚି ଯାଉଛି...

କ୍ଷମତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇତିମଧ୍ୟରେ ଉଭୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏକାଧିକ ଥର ଦିଲ୍ଲୀ ଗସ୍ତ କରିଥିଲେ ହେଁ ଏନେଇ କୌଣସି ଠୋସ୍ ନିଷ୍ପତ୍ତି ନିଆଯାଇ ପାରିନାହିଁ।

### ଚାପରେ ନଇଁଲେ...

ସରକାର ପ୍ରତିଦିନ ସକାଳ ୮ଟାରୁ ରାତି ୮ଟା ଯାଏଁ ପଞ୍ଜୀକରଣ କରିବା ପାଇଁ କହୁଥିଲେ ବି କର୍ମଚାରୀ ଅଭାବ କାରଣରୁ ଏହା ସମ୍ଭବ ହେଉନଥିବା ଅଭିଯୋଗ ହେଉଛି। ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ସମ୍ପାଦକ କହିଛନ୍ତି, ମନ୍ତ୍ରୀ ଗଣମାଧ୍ୟମରେ ଭାଷଣ ଦେଲା ବେଳେ ସବୁ କିଛି ସରଳୀକରଣ ହେଲା ବୋଲି କହୁଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ଜିଲ୍ଲାପାଳ ପଞ୍ଜୀକରଣ କଡ଼ାକଡ଼ି କରିବାକୁ ଆମକୁ ନିର୍ଦ୍ଦେଶ ଦେଉଛନ୍ତି। ମନ୍ତ୍ରୀଙ୍କ କଥା ଶୁଣି ଲୋକମାନେ ଆମକୁ କହିଲା ବେଳକୁ ଆମେ ଲୋକଙ୍କ ଆକ୍ରୋଶର ଶିକାର ହେଉଛୁ। ଅଧିକାଂଶ ସ୍ଥାନରେ ଜଣେ ଦୁଇ ଜଣ କର୍ମଚାରୀରେ ସମବାୟ ସମିତି ଚାଲିଛି। ଏବେ ଚାଷୀଙ୍କୁ ସାର ଦେବାଠୁ ଆରମ୍ଭ କରି ପଞ୍ଜୀକରଣ ପର୍ଯ୍ୟନ୍ତ ଏକାଧିକ କାମ କରିବାକୁ ପଡୁଛି। ତେଣୁ ଚାଷୀ ପଞ୍ଜୀକରଣ ବିଳମ୍ବ ହେଉଛି। ଏହା ଉପରେ ସରକାର ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି।

### ପୁଲିସର ଭୂମିକାକୁ...

ତାଙ୍କ ଦେହାନ୍ତ ଅନେକ ଅସମାହିତ ପ୍ରଶ୍ନ ଛିଡ଼ା କରିଦେଇଥିଲା। କାରଣ ତାଙ୍କର ଚିକିତ୍ସା ଠିକ୍ ଥିଲା। ସେ ସୁସ୍ଥ ହୋଇଆସୁଥିଲେ ବୋଲି ବିଭିନ୍ନ ସମୟରେ ଗଣମାଧ୍ୟମରେ ଶୁଣିବାକୁ ମିଳୁଥିଲା। ହଠାତ୍ ତାଙ୍କର ମୃତ୍ୟୁ ଖବର ସମସ୍ତଙ୍କୁ ଚକିତ କରିଦେଇଥିଲା। ବାସ୍ତବରେ କ’ଣ ଘଟିଲା ଏହି ଉତ୍ତରକୁ ଅପେକ୍ଷା କରିଥିବା ରାଜ୍ୟବାସୀଙ୍କୁ ସବୁଠୁ ଅଧିକ ଆଚମ୍ବିତ କରିଥିଲା ପୁଲିସର ସ୍ୱଷ୍ଟୋକ୍ତି। ପୀଡ଼ିତା ଦିଲ୍ଲୀ ଏମ୍ସରେ ଆଖି ବୁଜିବା ପରେ ପରେ ଓଡ଼ିଶା ପୁଲିସ ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ଉଲ୍ଲେଖ କରିଥିଲା ‘ବଳଙ୍ଗା ଘଟଣାରେ ପୀଡ଼ିତାଙ୍କ ମୃତ୍ୟୁ ଖବର ଶୁଣି ଆମେ ଅତ୍ୟନ୍ତ ଦୁଃଖିତ। ଏହି ଘଟଣାରେ ପୁଲିସ ପକ୍ଷରୁ ନିଷ୍ଠାର ସହ ତଦନ୍ତ କରାଯାଇଛି। ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ ଅନୁଯାୟୀ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ପଷ୍ଟ ହୋଇଛି। ଏଣୁ ସମସ୍ତଙ୍କୁ ଅନୁରୋଧ ଏହି ଦୁଃଖଦ ମୁହୂର୍ତ୍ତରେ ଏ ସମ୍ବନ୍ଧୀୟ କୌଣସି ସମ୍ବେଦନଶୀଳ ମନ୍ତବ୍ୟ ନ ଦିଅନ୍ତୁ’।

ପୁଲିସର ଏଭଳି ସ୍ୱଷ୍ଟୋକ୍ତି ପରେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଉଠିଥିଲା, ଯଦି ପୀଡ଼ିତାଙ୍କ ଦେହରେ ନିଆଁ ଲଗାଇବାରେ କାହାର ସମ୍ପୃକ୍ତି ନାହିଁ ତେବେ ପୀଡ଼ିତା କ’ଣ ନିଜେ କିରାସିନି ଢାଳି ନିଆଁ ଲଗାଇ ଦେଇଛନ୍ତି? କ’ଣ ଏମିତି ଘଟଣା ଘଟିଥିଲା ତାଙ୍କ ସହ ଯେଉଁଥିପାଇଁ ନିଜ ଜୀବନ ନେବାକୁ ସେ ନିଷ୍ପତ୍ତି ନେଇଥିଲେ? ତଦନ୍ତରୁ ପୁଲିସ ଯଦି ଜାଣିଥିଲା ଏଥିରେ କାହାର ହାତ ନାହିଁ ତେବେ ୧୫ ଦିନ ଧରି କାହିଁକି ଅପେକ୍ଷା କରିଥିଲା? ବିଭିନ୍ନ ସମୟରେ ତଦନ୍ତରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ପୁଲିସ ଅଧିକାରୀ କହିଥିଲେ। ତେବେ ସେ ତଥ୍ୟ କ’ଣ ଥିଲା। ଏମିତି ଦ୍ୱନ୍ଦ୍ୱ ଭିତରେ ପୀଡ଼ିତାଙ୍କ ବୟାନ ରେକର୍ଡର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏବେ ପୁଲିସର ସାଧୁତା ଉପରେ ଉଠିଛି ପ୍ରଶ୍ନବାଚୀ। ସେଦିନ ପୀଡ଼ିତା ଆଖି ବୁଜିବା ପରେ ପରେ ପୁଲିସ କାହା ଚାପରେ ହଠାତ୍ ସାମାଜିକ ଗଣମାଧ୍ୟମରେ ଏଭଳି ବିବୃତ୍ତି ରଖିଲା ପୁଲିସ ସାଧାରଣରେ ଚର୍ଚ୍ଚା ଆଲୋଚନା ହୋଇଥିଲା। ସାଧାରଣ ଜନତାଙ୍କର ପୁଲିସ ଉପରେ ଯଥେଷ୍ଟ ବିଶ୍ୱାସ ଓ ଭରସା ରହିଛି। କୌଣସି ଆଇନ ଶୃଙ୍ଖଳା ସ୍ଥିତି ଉପୁଜିଲେ ପୁଲିସ ହିଁ ସର୍ବାଗ୍ରେ ରହି ଲୋକଙ୍କୁ ସୁରକ୍ଷା ଦେଇଥାଏ। ହେଲେ କାହା ଚାପରେ ପୁଲିସ ଆଜି ଜନସାଧାରଣଙ୍କ ବିଶ୍ୱାସ ହରାଉଛି ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ ଭାବେ ଛିଡ଼ାହୋଇଛି।

ଭାଇରାଲ ଭିଡିଓ ସମ୍ପର୍କରେ ଏସ୍‌ପି ପିନାକ୍ ମିଶ୍ର କହିଛନ୍ତି, ପୀଡ଼ିତାଙ୍କୁ ଯେଉଁଦିନ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା ସେହିଦିନ ତାଙ୍କ ବୟାନ ରେକର୍ଡ ହୋଇଥିଲା। ଏହି ଭିଡିଓ ତାହାର ଏକ ଅଂଶବିଶେଷ ହୋଇଥାଇପାରେ। ତେବେ ଭିଡିଓର ସତ୍ୟାସତ୍ୟ ଯାଞ୍ଚ ସହ ଏହି ଭିଡିଓ ଭାଇରାଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ ପାଇଁ ସାଇବର ଟିମ୍‌ର ସହଯୋଗ ନିଆଯିବ। ଏହି ଘଟଣାର ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଇନ ଅନୁଯାୟୀ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଏ ସମ୍ପର୍କରେ ପୀଡ଼ିତାଙ୍କ ପରିବାର ଓ ସମ୍ପର୍କୀୟଙ୍କୁ ମଧ୍ୟ ଅବଗତ କରାଯାଇଛି। କିଛି ଫରେନ୍‌ସିକ୍ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଘଟଣାର ତଦନ୍ତ ପରେ ସମସ୍ତ ତଥ୍ୟ କୋର୍ଟଙ୍କୁ ପ୍ରଦାନ କରାଯିବ। ପୀଡ଼ିତା ନାବାଳିକା ହୋଇଥିବାରୁ ତାଙ୍କର ନାଁ କିମ୍ବା ଭିଡିଓ ଭାଇରାଲ୍ ହୋଇପାରିବ ନାହିଁ। ଏହା ଜୁଭେନାଇଲ ଜଷ୍ଟିସ ଆକ୍ଟ ୭୪ ଧାରାର ଉଲ୍ଲଙ୍ଘନ ବୋଲି କହିଛନ୍ତି ଏସ୍‌ପି।

# +୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା କେବେ?

ଭୁବନେଶ୍ୱର, ୧୭।୮ (ସମିସ): ସ୍ନାତକ ପାଠ୍ୟକ୍ରମରେ ଖାଲିପଡ଼ିଛି ପ୍ରାୟ ଲକ୍ଷେରୁ ଅଧିକ ସିଟ୍। ନାମ ଲେଖାଇ ପାରିନଥିବା ବହୁ ଆଶାୟୀ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟାକୁ ଅପେକ୍ଷା କରିଛନ୍ତି। ପ୍ରଥମ ପର୍ଯ୍ୟାୟ ନାମଲେଖା ସରିବାର ପ୍ରାୟ ମାସେ ଅତିକ୍ରମ କରିଥିଲେ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନି। ଅପରପକ୍ଷେ, +୨ ଇନ୍‌ଷ୍ଟାଣ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ମଧ୍ୟ ନାମ ଲେଖାଇବାକୁ ଅପେକ୍ଷା କରିଛନ୍ତି। +୩ ପାଠପଢ଼ା ଆରମ୍ଭ ହେବାକୁ ପ୍ରାୟ ମାସେ ପୂରିଲାଣି। ହେଲେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା କାହିଁକି ବିଳମ୍ବ ହେଉଛି ବୋଲି ଆଶାୟୀମାନେ

**■ ମାସେ ହେଲା ସରିଲାଣି ସ୍ପଟ୍ ନାମଲେଖା; ଆରମ୍ଭ ହେଲାଣି ପାଠପଢ଼ା**
**■ ଅପେକ୍ଷାରେ +୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ**

ପ୍ରଶ୍ନ କରିଛନ୍ତି। ଠିକ୍ ସମୟରେ ଶିକ୍ଷାଦାନ ଆରମ୍ଭ କରିବାକୁ +୨ ପରୀକ୍ଷା ଫଳ ପ୍ରକାଶ ପୂର୍ବରୁ +୩ ନାମଲେଖା ପ୍ରକ୍ରିୟା ଆରମ୍ଭ କରିଥିବା ଉଚ୍ଚଶିକ୍ଷା ବିଭାଗ ନାମଲେଖା ପ୍ରକ୍ରିୟା ମଝିରେ ବାଟ ହୁଡ଼ିଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, +୩ ପାଠ୍ୟକ୍ରମରେ ମୋଟ୍ ୨ଲକ୍ଷ ୭୪ହଜାର ୩୬୫ଟି ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟ ତିନି ରାଉଣ୍ଡ ନାମଲେଖା ଶେଷ ସୁଦ୍ଧା ୧ଲକ୍ଷ ୬୦ହଜାର ୨୫୫ଜଣ ପିଲା ନାମ ଲେଖାଇଥିବା ବେଳେ ସ୍ପଟ୍ ନାମଲେଖାରେ ୭ହଜାର ପିଲା ନାମ ଲେଖାଇଛନ୍ତି। ଅର୍ଥାତ୍ ଆହୁରି ପାଖାପାଖି ୧ଲକ୍ଷ ସିଟ୍ ଫାଙ୍କା ପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ମୋଟ୍ ୨ଲକ୍ଷ ୬୫ହଜାର ୫୯୦ଜଣ ଆବେଦନ କରିଥିବା ବେଳେ ପାଖାପାଖି ୧ଲକ୍ଷ ପିଲା କୌଣସି ଶିକ୍ଷାନୁଷ୍ଠାନରେ ନାମ ଲେଖାଇନାହାନ୍ତି। ସେହିପରି ଗତ ଜୁଲାଇ ୧୮ ତାରିଖରେ +୨ ଇନ୍‌ଷ୍ଟାଣ୍ଟ ପରୀକ୍ଷାଫଳ ପ୍ରକାଶ ପାଇ ସାରିଛି। ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୯୧୩ ଛାତ୍ରଛାତ୍ରୀ ନାମ ଲେଖାଇବାକୁ ଅପେକ୍ଷା କରିଛନ୍ତି। ବହୁ ଛାତ୍ରଛାତ୍ରୀ ନାମ ଲେଖାଇବାକୁ ଅପେକ୍ଷାରତ ଥିବା ବେଳେ ନାମଲେଖା ପ୍ରକ୍ରିୟା ବିଳମ୍ବ ସେମାନଙ୍କୁ ଚିନ୍ତାରେ ପକାଇଛି। ଗତ ମାସ ୧୧ ତାରିଖରୁ ଶିକ୍ଷାନୁଷ୍ଠାନରେ ପ୍ରଥମବର୍ଷ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ଆରମ୍ଭ ହୋଇଛି। ପାଠପଢ଼ାକୁ ମାସେରୁ ଅଧିକ ସମୟ ବିତିଥିଲେ ମଧ୍ୟ ନାମଲେଖା ସାରିବାକୁ ଉଚ୍ଚଶିକ୍ଷା ବିଭାଗ ତତ୍ପରତା ପ୍ରକାଶ କରୁନଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।


**AFFIDAVIT**

I, Bijaya Kumar Panigrahi S/o Satya Narayan Panigrahi, Resident of Plot No 900/2561, Near APEX Hospital, PO-Baramunda Colony, Bhubaneswar, Dist-Khordha PIN-751003, Odisha declare by this affidavit CF No.59 dtd 16.07.2025 that now onwards I shall be known as BIJAY KUMAR PANIGRAHI for all future purposes.

**AFFIDAVIT**

I, Rashmita Panigrahi W/o Bijay Kumar Panigrahi, Resident of Plot No 900/2561, Near APEX Hospital, PO-Baramunda Colony, Bhubaneswar, Dist-Khordha PIN-751003, Odisha declare by this affidavit CF No.58 dtd 16.07.2025 that now onwards I shall be known as RASHMI LATA PANIGRAHI for all future purposes.

**AFFIDAVIT**

I BETA NAGA PRABHA, W/o DILIP KUMAR SAHU, resident of NKT Road, Opp Govt High School, sombartota, Po- P.R.Peta, PS- JEYPORE Dt-Koraput, odisha -764 003 Odisha declare by this Affidavit No.4462 Dated - 29/07/2024, that now onwards I shall be known as BETHA NAGAPRABHA for all future purpose.

**M/S CARE SECURITY AND ALLIED SERVICES**
**PLOT NO B-13, 2ND FLOOR, RUCHIKA MARKET, BARAMUNDA,**
**BHUBANESWAR, ODISHA-751003**
**ADVERTISEMENT**

Applications are invited from interested candidates for engagement of WDT (Livelihoods, Engineering, Social & Production System). Monthly remuneration Rs.20,000.00 inclusive of all (as applicable). For details regarding posts, age, requisite qualification as well as for application from please visit website (https://caresecurityservice.com). Eligible candidates may submit their applications with copies of requisite qualification (self -attested) by **Speed Post / Regd. Post** super scribing **"Application for engagement as WDT ______"** to above mentioned address within **10** (Ten days from the date of advertisement).

| Sl. no | Name of the Post | Educational Qualification | Experience |
|---|---|---|---|
| 1. | WDT ( Engineering) | Knowledge in Odia is essential.<br>Knowledge in computer is mandatory.<br>The candidate must be willing to stay and travel extensively in remote villages in the project areas.<br>Degree in Civil Engineering / Agriculture Engineering OR Diploma in civil Engineering with 01 year relevant work experience in watershed Development/Rural Development/ Natural Resources Management etc. | Minimum 01 year experience |
| 2. | WDT ( Social) | Knowledge in Odia is essential.<br>Knowledge in computer is mandatory.<br>The candidate must be willing to stay and travel extensively in remote villages in the project areas.<br>Post Graduate in any discipline with a minimum 1 year relevant work experience in Watershed Development/Rural Development/Social Development etc. | Minimum 01 year experience |
| 3. | WDT ( Production System) | Knowledge in Odia is essential.<br>Knowledge in computer is mandatory.<br>The candidate must be willing to stay and travel extensively in remote villages in the project areas.<br>Post Graduate in any discipline with a minimum 1 year relevant work experience in Watershed Development /Rural Development/Production System etc | Minimum 01 year experience |
| 4. | Office Assistant | Minimum qualification in Graduation with PGDCA | Minimum 01 year experience |

**Nature of Engagement:**

- Mode engagement will be completely contractual and temporary basis. The contract can be terminated by either of the party with one-month prior notice or remuneration in lieu. Initial agreement will be for 01 year.
- Selection will be made on merit basis & computer test (experiences on watershed development) as detailed in website.

# ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ





ନନ୍ଦପୁର : ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଆୟୋଜିତ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଶାବିତ୍ର କର୍ତ୍ତୁଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ବିଜେଡି ବ୍ଲକ ସଭାପତି କାଶୀନାଥ ଗୋଲରି, ଏଭଇ ଜଗକେତନ ବେହେରା,ବିଜେପି ନେତା ଜୟରାମ ଭୋଇ, ସରପଞ୍ଚ ସାଙ୍କେନ୍ତି କ୍ରିସାନି, ସମିତି ସଭ୍ୟାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ବିଭିନ୍ନ ସ୍କୁଲ ମାନଙ୍କରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ଅତିଥି ବୃନ୍ଦ। ଏହି କାର୍ଯ୍ୟକ୍ରମକୁ ପ୍ରେସ କ୍ଲବ୍ ଉପ ସଭାପତି ବିମଳ ରାଓ ସ୍ମିଥ ପରିଚାଳନା କରିଥିବା ବେଳେ ଚିନ୍ମୟା ଦାସ, ବିପିଏମ୍ ବିଚିତ୍ର କୁମାର ରାଉତଙ୍କ ସମେତ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

ବେହେଡ଼ା : ବେହେଡ଼ା ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ବିପିନ ବିଶ୍ୱାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପିରାମିଡ଼ କରାଯାଇଥିଲା। ବେହେଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ମଧ୍ୟ ଧୁମ୍‌ଧାମରେ ପାଳନ କରାଯାଇଥିଲା। ଏହି ପବିତ୍ର ସ୍ୱାଧୀନତା ଦିବସ ସମାରୋହରେ ସମସ୍ତ ଗୁରୁଜନ ସଞ୍ଜୟ ସାମଲ, ଶେଖ ନାସିରୁଦ୍ଦିନ, ବିରଞ୍ଚି ସୁନାନୀ, ମିହିର ଦାସ, ପ୍ରଦୀପ ସାମଲ, ବୈକୁଣ୍ଠନାଥ ସେନାପତି, ପ୍ରଭୁଭକ୍ତ ଅରବିନ୍ଦ ଲେଙ୍କା, ଦେବାଂଶୁ ଶେଖର ଜେନା, ଚିନ୍ମୟ ମାନିଆ, ମାନକେତନ ନାଏକ, ପଦ୍ମାବତୀ ପରଜା, ଚନ୍ଦନା ଡରାଇ, ଲିଜା ଗୁଇଁ, ନିବେଦିତା ସ୍ୱାଇଁ, ସବିତା ଭତ୍ରା, ନିବେଦିତା ସ୍ୱାଇଁ (ପିଇଟି), ସଂଗୀତା ବିଶ୍ୱାସ, ସସ୍ମିତା ସାହୁ, ରିୟା ଡ଼ାଲି, ଶାନ୍ତିଲତା ସରକାର, ପ୍ରେମଶିଳା ମେମ, ରାମଚନ୍ଦ୍ର ସାହୁ, ଯଦୁ ଭତ୍ରା, ଧନର ଭତ୍ରା ଏବଂ ସ୍କୁଲ ସଭାପତି ସରୋଜ କୁମାର ପାତ୍ରୀ ଓ ଅନ୍ୟାନ୍ୟ ସଦସ୍ୟ ଗଣ ପ୍ରମୁଖ ଉପସ୍ଥିତ ଥିଲେ। ସାଙ୍କାରୀ ଶିକ୍ଷକ ବିରଞ୍ଚି ସୁନାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସୁନାବେଡ଼ା : ସୁନାବେଡ଼ା ମିଗ୍ ନଗରୀ ସ୍ଥିତ ହାଲ ଷ୍ଟାଡିୟମ୍ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ହାଲ କେନ୍ଦ୍ରୀୟ ପ୍ରଭାଗର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ସୁଧାଂଶୁ ମୋହନ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ହାଲ ସୁଖୋଇ ଇଞ୍ଜିନ ବିଭାଗର ଇଡି, ଶ୍ରୀଅଙ୍ଗ ଅନିଲ ରାଓ କୋଟେ, ହାଲ ଇଞ୍ଜିନ ବିଭାଗର ଜିଏମ୍, କଲ୍ଲୋଳ ଭଟ୍ଟାଚାର୍ଯ୍ୟଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ପ୍ୟାରେଡରେ ପ୍ରତିଯୋଗିତାରେ ଏରୋନଟିକ୍ସ ଡିଏଭି ହାଇସ୍କୁଲର ବାଳକ ଦଳ ପ୍ରଥମ ଏବଂ ଏରୋନଟିକସ କଲେଜ ର ବାଳକ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଡିଏଭି ଭିଏସ ବିଦ୍ୟାଳୟର ଏନ୍ ସି ସି ଛାତ୍ରୀ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି କମଳା କାନ୍ତ ବିଶୋଇ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ସାଧାରଣ ସମ୍ପାଦକ ମାନସ କୁମାର ଦାସ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏରୋନୋଟିକସ ମୁସଲିମ କଲଚରାଲ ଏସୋସିଏସନ୍ ପକ୍ଷରୁ ସଭାପତି ଇମରାନ ହୋସନ୍ କୋରାପୁଟ ଜିଲ୍ଲା ବଧିର ସଂଘ ପକ୍ଷରୁ ସଭାପତି ଶେଖ ଇବ୍ରାହିମ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ଥାନୀୟ ଡିଏଭି ଭିଏସ୍ ବିଦ୍ୟାଳୟରେ ଅଧକ୍ଷ ବାସୁଦେବ ପାଣିଗ୍ରାହୀ, ଶ୍ରୀ ଜଗନ୍ନାଥ ବିଦ୍ୟାପୀଠ ବିଦ୍ୟାଳୟର ପ୍ରଧାନଶିକ୍ଷକ ସିଦ୍ଧାର୍ଥ ଶଙ୍କର ମହାପାତ୍ର, ସୁନାବେଡା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଅଧକ୍ଷା ଉଷାରାଣୀ ଦାଶ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସୁନାବେଡ଼ା ହନୁମାନ ବଜାର ସ୍ଥିତ ଶାଶ୍ୱତୀ ଓ ଜାଗୃତି ମହିଳା ମହାସଂଘରେ ମହାସଂଘର ସଭାପତି ଅଞ୍ଜଳି ପଣ୍ଡା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମହା ସଂଘର ଉପଦେଷ୍ଟା ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ ଅଶ୍ୱନୀ ପଟ୍ଟନାୟକ ଅତିଥି ଭାବେ ଉପସ୍ଥିତ ଥିଲେ। ସୁନାବେଡ଼ା -୩ ସ୍ଥିତ ଶିଶୁ ବିଦ୍ୟା ମନ୍ଦିର ଛକ ନିକଟରେ ସେବକ ଦଳର ସ୍ୱଧୀନତା ଦିବସ ବହୁ ଆଡ଼ମ୍ବର ସହକାରେ ପାଳନ କରାଗଲା। 'ସକାଳ'ର ପ୍ରତିନିଧି ମନୋଜ କୁମାର ମୁଦୁଲି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେବକ ଦଳର ସଚିବ ତ୍ରିଲୋଚନ ବେହେରା, କୋଷାଧ୍ୟକ୍ଷ ସାଇମନ ସାଗର, ଶିବ ଜିଓ, ଅଖିଳ ମଣ୍ଡଳ, ସୌମ୍ୟ ଶତପଥୀ ଉପସ୍ଥିତ ଥିଲେ। ସୁନାବେଡ଼ା -୧ ସ୍ଥିତ ଏ ଇ ଏଫ୍ ବୃନ୍ଦାବତି କଲୋନୀ ଛକ ନିକଟରେ ଗଙ୍ଗାଧର ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସୁରଟ କୁଲଦୀପ, ଟୁଲୁ ଚେଟ୍ଟୀ ,ବାବୁନି ଗରଡ଼ା ,ଦୀପକ ପାଣି, ଗୋପୀ କୁଲଦୀପ ଅନ୍ୟେ ମାନେ ଉପସ୍ଥିତ ଥିଲେ। ଏଇଏଫ କଲୋନୀ ସୁନାବେଡ଼ା -୧ ବରିଷ୍ଠ ନାଗରିକ ସଂଘରେ ବରିଷ୍ଠ ସଦସ୍ୟ ତ୍ରିନାଥ ବିଶ୍ୱାଳଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସଂଘ ସଂପାଦକ ସୌରି ଚରଣ ନାୟକ, ଶିବ ଶଙ୍କର ଖେମୁଣ୍ଡୁ, ସଭାପତି ଚୈତନ୍ୟ ପାଢ଼ୀଙ୍କ ସମେତ ସଂଘର ସଦସ୍ୟ ଭାନୁ ହନ୍ତାଳ, ବାବୁଲି ମହାନ୍ତି, ଅଲେଖ ଜେନା, କୃଷ୍ଣ ପାଢ଼ୀ, ଶିବା ଦାଶ, ଶରତ ଜେନା, ଶଙ୍କର୍ଷଣ ବାରିକ, ସୁରେନ୍ଦ୍ର ବେହେରା ଯୋଗ ଦେଇଥିଲେ। ସୁନାବେଡା -୧ ଦଶହରା ପଡିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଇଞ୍ଜିନିୟର ଡଃ ପ୍ରଭାକର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପ୍ୟାରେଡ ର ଅଭିବାଦନ ଗ୍ରହଣ କରିଥିଲେ। ବରିଷ୍ଠ ବର୍ଗରେ ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ମାନେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କାର ପିଇଥିଲେ। ଏହି ଅବସରରେ କଲେଜ ଅଧକ୍ଷା ଉଷା ରାଣୀ ଦାସ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମମତା ପାତ୍ର,ସମାଜ ସେବୀ ପୂର୍ଣ୍ଣ ଚନ୍ଦ୍ର ମହାନ୍ତି, ସଞ୍ଜୟ ନାୟକ, ସୁବ୍ରତ ଗୌଡ଼, କିଶୋର ପ୍ରଧାନ ଅନ୍ୟମାନେ ଉପସ୍ଥିତ ଥିଲେ।

ଉମରକୋଟ : ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର କଲେଜ ରୋଡ ସ୍ଥିତ ପ୍ରେସ କ୍ଲବ ପରିସରରେ ସ୍ୱାଧୀନତା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରେସ କ୍ଲବର ସଭାପତି ବରିଷ୍ଠ ସାମ୍ବାଦିକ ନଳନୀରଞ୍ଜନ ମିଶ୍ର ପତାକା ଉତ୍ତୋଳନ କରିଥିଲେ। ଉକ୍ତ ପ୍ରେସ କ୍ଲବ ର ସଭାପତି ସ୍ୱାଧୀନତା ଦିବସ ଉପରେ ଆଲୋକପାତ କରିଥିଲେ। ମାଁ ପେଣ୍ଡଣୀ ମହାବିଦ୍ୟାଳୟ ସମସ୍ତ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଜାତୀୟ ସଙ୍ଗୀତ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରେସ କ୍ଲବର ଉପ ସଭାପତି ସନ୍ତୋଷ ଶତପଥୀ, ସମ୍ପାଦକ ମହେଶ୍ୱର ବେହେରା , ସହ ସମ୍ପାଦକ କୁନା ସାହୁ, ସହ ସମ୍ପାଦକ ହିମାଂଶୁ ଜେନା, କୋଷାଧ୍ୟକ୍ଷ ଯୁଗଳ କିଶୋର ସାହୁ, ସଞ୍ଜିତ ମଣ୍ଡଳ, ନିରଞ୍ଜନ ବେହେରା, କାହ୍ନୁ ନନ୍ଦିଆ, କ୍ରିଷ୍ଣା ସାହୁ, ଜୁମେରା ସାନ୍ତା , ବିଜୟାନନ୍ଦ ପତି, ନିରଞ୍ଜନ ଗଣ୍ଡଙ୍କ ସହ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।।

ଉମରକୋଟ : ନବରଙ୍ଗପୁର ଜିଲ୍ଲାର ଉମରକୋଟଠାରେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ବ୍ରହ୍ମକୁମାରୀ ଈଶ୍ୱରୀୟବିଶ୍ୱ ବିଦ୍ୟାଳୟର ବିକେ ମନ୍ଦାଗିନୀ ସାହୁ ପତାକା ଉତ୍ତୋଳନ କରିଥିଲେ। ସନ୍ଧ୍ୟାରେ ନନ୍ଦ ଉତ୍ସବ ପାଳନ ହୋଇଯାଇଛି। ଉମରକୋଟ ଶାଖା ପକ୍ଷରୁ ଆୟୋଜିତ ନନ୍ଦ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୱିକେଟ ମନ୍ଦାଗିନୀ ସାହୁ, ବିକେ ସୈଦାମିନୀ ସାହୁ ,ବିକେ ଈଶ୍ୱର ଭାଇ, ବିକେ ଗୀତା ଭଉଣୀ, ଉମେଶ ସାହୁ, ବେଲମୋତି ଭଉଣୀ, ସାଗରିକା ଭଉଣୀ, ଲକ୍ଷ୍ମୀ ସାହୁ ଓ ନିକୁଞ୍ଜ ଭାଇ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ସେମିଲିଗୁଡା : କୋରାପୁଟ ଜିଲ୍ଲାର ସେମିଳିଗୁଡାର ବରିଷ୍ଠ ରକ୍ତଦାତ୍ରୀ ,ଲିଭ ଫର ଅଦର୍ସର ସାଧାରଣ ସମ୍ପାଦିକା ସ୍ନିଗ୍ଧାରାଣୀ ମିଶ୍ର ସ୍ୱାଧୀନତା ଦିବସ ପାଳନ ଅବସରରେ କୋରାପୁଟ ଶହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସା ଳୟ ଓ ରକ୍ତକେନ୍ଦ୍ର ଦ୍ୱାରା ୫୪ଥର ରକ୍ତଦାନ କରି ଓ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ ହୋଇଛନ୍ତି। ଏହି ଉପଲକ୍ଷେ ଭେଷଜ ମହାବିଦ୍ୟାଳୟର ସୁପରିଟେଣ୍ଡେଣ୍ଟ ଡକ୍ଟର ସୁଶାନ୍ତ କୁମାର ସାହୁ ଓ ରକ୍ତ କେନ୍ଦ୍ରର ଡାକ୍ତର ମଧୁସୂଦନ ବଳିୟାରସିଂହ ଶ୍ରୀମତୀ ମିଶ୍ରଙ୍କୁ ପୁଷ୍ପ ଗୁଚ୍ଛ,ମାନପତ୍ର,ଉପଢୌକନ ପ୍ରଦାନ କରି ସମ୍ମାନିତ କରିବା ସହ ତାଙ୍କ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ।ଶ୍ରୀମତୀ ମିଶ୍ରଙ୍କ ସହ ଦାମନଯୋଡିର ଡକ୍ଟର ନରେଶ ଚନ୍ଦ୍ର ସାହୁ ୯୭ଥର ରକ୍ତ ଦାନ କରି ଓ ଶ୍ରୀ ପବିତ୍ର କୁମାର ସାହୁଙ୍କୁ ୧୨୩ ଥର ରକ୍ତଦାନ କରିଥିବାରୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଠାରୁ ପ୍ରମାଣପତ୍ର ଗ୍ରହଣ କରିଥିଲେ।

ସେମିଳିଗୁଡା : ସେମିଳିଗୁଡାର ଅରବିନ୍ଦ ପାଠାଗାର ,ସୀତମ୍ କଲେଜ ,ସେମିଳିଗୁଡା ମହାବିଦ୍ୟାଳୟ,ସେମିଳିଗୁଡା ପ୍ରେସ କ୍ଲବ, ନାଗରିକ ସଂଘ, ଟ୍ରକ୍ ମାଲିକ ସଂଘ, ବିଜେପି କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦେଓମାଳି ଅଟୋ ସଂଘ,ଲକ୍ଷ୍ମଣ ନାୟକ ଷ୍ଟୁଡି ସର୍କଲ,କିଲଫ୍, ହାଇସ୍କୁଲ, ନେତାଜୀ, ସରସ୍ୱତୀ ଶିଶୁ ମନ୍ଦିର ଏବଂ ବିଭିନ୍ନ ଶିକ୍ଷା ଅନୁଷ୍ଠାନଠାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେମିଳିଗୁଡା ବ୍ଲକ ଅନ୍ତର୍ଗତ ୧୭ଟି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ମଧ୍ୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସେମିଳିଗୁଡା ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ମିନି ଷ୍ଟାଡିୟମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ ପ୍ରଧାନ ଅଧକ୍ଷତା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟାଙ୍ଗୀ ନିର୍ବାଚନ ମଣ୍ଡଳୀ ବିଧାୟକ ରାମ ଚାନ୍ଦ୍ର କାଡାମ ଯୋଗଦେଇ ପତାକା ଉତ୍ତୋଳନ କରିଥଲେ। ବ୍ଲକ ଅଧକ୍ଷା ଶ୍ରୀମତି ଲିଲି ଅଣ୍ଟା ବିରିଆ, ଉପାଧକ୍ଷ ଶିବା ବାଙ୍ଗାରୀ, ବ୍ଲକ୍ ଅଧିକାରୀ, ଜନ ପ୍ରତିନିଧି ମାନେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେମିଳିଗୁଡା ତହସିଲ କାର୍ଯ୍ୟାଳୟ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ କରି ପଟାଙ୍ଗୀ ନିର୍ବାଚନ ମଣ୍ଡଳୀ ବିଧାୟକ ରାମଚାନ୍ଦ୍ର କାଡାମ କିଛି ଲୋକଙ୍କୁ ପଟ୍ଟା ପ୍ରଦାନ କରିଥିଲେ। ତହସିଲଦାର ଦେବବ୍ରତ କରତୀ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ବିକାଶ ଚନ୍ଦ୍ର ବାଇନି, ସେମିଳିଗୁଡା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ କୁମାର୍ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

ଲକ୍ଷ୍ମୀପୁର : ବିଭିନ୍ନ ସ୍ଥାନ ଯଥା ବ୍ଲକ, ପୋଲିସ ଥାନା,ତହସିଲ କାର୍ଯ୍ୟାଳୟ, ଫରେଷ୍ଟ, ବଜାର କମିଟି, ଲକ୍ଷ୍ମୀପୁର ମହାବିଦ୍ୟାଳୟ ଇତ୍ୟାଦି ସ୍ଥାନରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ଲକ୍ଷ୍ମୀପୁର ସ୍ଥିତ ସାଙ୍ଗାନା ଉଚ୍ଚ ବିଦ୍ୟାଳୟରେ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ପାଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା ବିଦ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଭାପତି ଭାବେ ପ୍ରଧାନ ଶିକ୍ଷକ ଗୋପାଳ ମଣ୍ଡଳ ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥି ଭାବେ କୋରାପୁଟ ସାଂସଦଙ୍କ ପ୍ରତିନିଧି କୈଳାଶ ଚନ୍ଦ୍ର ଖୋସ୍ଲା, ବିଧାୟକଙ୍କ ପ୍ରତିନିଧି ମଣ୍ଡୀ ଖରା, ଅବସରପ୍ରାପ୍ତ ଶିକ୍ଷକ ଫକୀର ମୋହନ ସାହୁ, ପୁରାତନ ଛାତ୍ର ଇନ୍ଦ୍ରଜିତ ସାହୁ, ଭି ନାଗା ରାଜୁ, କାମି ମାଣ୍ଡିଙ୍ଗା ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ର ଛାତ୍ରୀମାନେ ପ୍ୟାରେଡ କରି ବସ୍‌ଷ୍ଟାଣ୍ଡ ସ୍ଥିତ ଡ. ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ସହର ପରିକ୍ରମା କରିଥିଲେ। ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ଓ କ୍ରୀଡା ଶିକ୍ଷକ ଆଶୀର୍ବାଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ନବରଙ୍ଗପୁର : ୧୨ ବାଟାଲିୟନ ସିଆରପିଏଫ କ୍ୟାମ୍ପସରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଏନକେକେ ପ୍ରସାଦ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ହରଘର ତ୍ରିରଙ୍ଗା ପାଳନ ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ କରାଯାଇଥିବା ରଚନା ଲିଖନ , ଚିତ୍ରାଙ୍କନ ପ୍ରତିଯୋଗିତା, ପ୍ରଶ୍ନୋତରୀ ପ୍ରତିଯୋଗିତା ଓ ରିଲ୍ ପ୍ରସ୍ତୁତି ପ୍ରତିଯୋଗୀରେ ଭାଗ ନେଇ ପ୍ରଥମ, ଦ୍ୱତୀୟ, ଏବଂ ତୃତୀୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ କମାଣ୍ଡେଣ୍ଟ ଏନ କେ କେ ପ୍ରସାଦଙ୍କ ସମେତ ଡେପୁଟି କମାଣ୍ଡେଣ୍ଟ ରାଜୀବ କୁମାର, ଡକ୍ଟର ମଧନ ଭି , ଇନ୍ସପେକ୍ଟର ପ୍ରଦୀପ କୁମାର ସାହୁ, ଅଧିନସ୍ଥ ଅଧିକାରୀ ପ୍ରମୁଖଙ୍କ ସମେତ ବହୁ ଯବାନ ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ଜୟପୁର : ଜୟପୁର ସହରରେ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ସ୍ଥାନୀୟ ଦଶହରା ପଡିଆ ଠାରେ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି ଯୋଗଦେଇ ଜାତୀୟ ପତକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ଭାଷଣ ମାଧ୍ୟମରେ ମୁଖ୍ୟ ଅତିଥି ଉପଜିଲ୍ଲାପାଳ କୁମାରୀ ରେଡ୍ଡି କହିଛନ୍ତି ଯେ, ଆଜିର ଦିବସରେ ଆମେ ନିଜ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହୋଇ ଏହାକୁ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଓ ରାଜ୍ୟ ସ୍ତରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ ଏହି ଅଞ୍ଚଳର ପ୍ରତିଭା ଭାବେ କୁନ୍ଦ ମାଝୀ, ହିରାମଣି ମାଝୀ, ଗ୍ଲୋବାଲ ଫେଷ୍ଟେ ରାଜ୍ୟ ସ୍ତରୀୟ ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେଇଥିବା ଏବଂ ମାର୍ଶଲ ଆର୍ଟର ଖେଳାଳି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। । ପ୍ୟାରେଡ ପଡିଆର କାର୍ଯ୍ୟକ୍ରମ ପରେ ଉତ୍କଳ ବାଳାଶ୍ରମରେ ଥିବା ଅନ୍ତେବାସୀ, ଓ ଉପଖଣ୍ଡ କାରାଗାର ଅନ୍ତେବାସୀ, ଜିଲ୍ଲା ଚିକିତ୍ସାଳୟର ରୋଗୀ ମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନେ ମିଷ୍ଟାନ ଏବଂ ଫଳ ବଣ୍ଟନ କରାଯାଇଥିଲା। ଏହି ଉତ୍ସବରେ ଏସଡିପିଓ ପାର୍ଥ କାଶ୍ୟପ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର , ତହସିଲଦାର ସବ୍ୟସାଚୀ ଜେନା, ଟାଉନଥାନା ଅଧିକରା ଉଲ୍ଲାସ ଚନ୍ଦ୍ର ରାଉତ, ସଦର ଥାନା ସଚିନ୍ଦ୍ର ପ୍ରଧାନ, ମହିଳା ଥାନା ଅଧିକାରୀ ଆଶ୍ରିତା ଖାଲ୍କୋ , ବିଭିନ୍ନ ବିଭାଗିୟ ସରକରୀ ଅଧିକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନସିସି ଅଧିକାରୀ ଡ.ଲକ୍ଷ୍ମଣ ପାତ୍ର, ପୀତବାସ ବିଶ୍ୱାଳ, ଅଶୋକ ବିଶ୍ୱାଳ, ରବି ନାୟକ, ନିରଞ୍ଜନ ପାଣିଗ୍ରାହୀ ଓ ଗଣେଶ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

ନବରଙ୍ଗପୁର : ଦିବ୍ୟାଙ୍ଗ ପିଲାଙ୍କ ନିମନ୍ତେ ଶିକ୍ଷା ଓ ବୈଷୟିକ ତାଲିମ କେନ୍ଦ୍ର, ଆଶା କିରଣ ଠାରେ ନବରଙ୍ଗପୁର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଡ. ମହେଶ୍ୱର ସ୍ୱାଇଁ ଜାତୀୟ ପତାକା ଉତ୍ତୋଳନ କରିଥିଲ। ପିଲାଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇ ପିଲା ନିଜେ ନିଜକୁ କେବେ ଏକୁଟିଆ ବୋଲି ଭାବିବେ ନାହିଁ ବୋଲି କହିଥିଲେ। ଜିଲ୍ଲାର ସମସ୍ତ ଅଫିସର୍ ଠାରୁ ଆରମ୍ଭ କରି ଜିଲ୍ଲାପାଳ ମଧ୍ୟ ସେମାନଙ୍କ ସାଙ୍ଗରେ ଅଛନ୍ତି ବୋଲି କହିଥିଲେ। ସେ ଗଛ ଲଗାଇବା ପାଇଁ ସମସ୍ତଙ୍କୁ ପ୍ରବର୍ତ୍ତାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଏ ଧନୁର୍ଜୟ ରାଓ ଉପସ୍ଥିତ ଥିଲେ। ଏହି ଅବସରରେ ଆଶା କିରଣ ଅଧକ୍ଷ ଜଗନ୍ନାଥ ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ତଥା ଇନ୍ଦ୍ରମଣି ମଙ୍ଗରାଜ, ସନ୍ଧ୍ୟାରାଣି ବେହେରା,ଶାନ୍ତି ପଣ୍ଡା, ରଶ୍ମିତା ପ୍ରଧାନ, ପାର୍ବତୀ ଜାନୀ, ରିଙ୍କୁ ରାଜ ବେହେରା, ଈଶ୍ୱର ବଂଜରା, ରଶ୍ମିତ ଧାନଫୁଲ ଏବଂ ଅନେକ ଅଭିଭାବକ ନେପାଳ, ପପୁନ, ମନୋଜ, ଫୁଲମନ୍ ,ସୁଶାନ୍ତ, ପୁସ୍ତମ, କହ୍ନେଇ, ରମେଶ, ତପେଶ୍ୱର୍, ପରମେଶ୍ୱର, ରଞ୍ଜନ, ଅନନ୍ତ, ପ୍ରଭୁଦାନ ପ୍ରମୁଖ ଉପସ୍ଥିତ ଥିଲେ।







ଜୟପୁର : ଜୟପୁର ଇରିଗେସେନ କୋଲନୀସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଠାରେ ମହାପୁରୁଷ ଶ୍ରୀ ଅରବିନ୍ଦଙ୍କ ୧୫୪ତମ ପବିତ୍ର ଜୟନ୍ତୀ ଏବଂ ସ୍ୱାଧୀନତା ଦିବସ ମହାଆଡମ୍ବରରେ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଅପର୍ଣ୍ଣା ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ଛାତ୍ରଛାତ୍ରୀ ମାନେ ଜାତୀୟ ସଂଗୀତ ଗାନ କରିଥିଲେ। ଶ୍ରୀ ଅରବିନ୍ଦଙ୍କ ଜୟନ୍ତୀ ଉତ୍ସବରେ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଇଂ. ନିର୍ମଳ ଚନ୍ଦ୍ର ମଲ୍ଲିକ୍ ମାତୃପତକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମ୍ପାଦକ ଚନ୍ଦ୍ରଶେଖର ମହାପାତ୍ର, ଅଧକ୍ଷା ଶୁଚିସ୍ମିତା ମହାନ୍ତି. ଉପାଧକ୍ଷା ସଞ୍ଜୁକ୍ତା ପଟ୍ଟନାୟକ, ବରିଷ୍ଠ ଶିକ୍ଷୟତ୍ରୀ ଅରୁଣା ସିଂହ ସମେତ ଆୟୋଜିତ ପାଠଚକ୍ରର ସଭ୍ୟ , ସଭ୍ୟା ଏବଂ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟତ୍ରୀ ଉପସ୍ଥିତି ରହିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଦଶହରା ପଡ଼ିଆରେ ଆୟୋଜିତ ହୋଇଥିବା ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସର ପେରେଡରେ ଭାଗ ନେଇଥିଲେ। ଏହି ପରେଡରେ ଏହି ଶିକ୍ଷାକେନ୍ଦ୍ରର ସାଧା ପୋଷାକଧାରୀ ବାଳକ ବିଭାଗ କନିଷ୍ଠରେ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ମୁଖ୍ୟ ଅତିଥିଙ୍କ ଠାରୁ ସିଲ୍ଡ ଗ୍ରହଣ କରିଛନ୍ତି।

ପୋଡ଼ାଗଡ : କୋରାପୁଟ ଜିଲ୍ଲ ଦଶମନ୍ତପୁର ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ସ୍ୱାଧିନତା ଦିବସ ପାଳିତ ହୋଇ ଯାଇଛି। ବ୍ଲକ କାର୍ଯ୍ୟାଳୟରେ ବିଡିଓ ମିଳନ କୁମାର ଝାଙ୍କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପୂର୍ଣ୍ଣିମା ଜାନୀ ଉପସ୍ଥିତ ରହି ପ୍ରଥମେ ଗାନ୍ଧୀ ମୂର୍ତ୍ତିରେ ପୂଜାର୍ଚ୍ଚନା କରି ସାରି ପରେ ପତାକା ଉତ୍ତୋଳନ କରି କରିଥିଲେ। ସେହି ଭଳି ରାଧା କୃଷ୍ଣ କଲେଜ୍‌ରେ ଓଡ଼ିଆ ଅଧାପକ ସୁକାନ୍ତ କୁମାର ବାଣୁଆ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଥାନା ଅଧିକାରୀ ସୁକୁମା ହାଁସଦା, ଓ ଜିବି ବ୍ୟାଙ୍କ୍‌ରେ ଶାଖା ପରିଚାଳକ ବିଶ୍ୱଜିତ ବେହେରା, ମେଡିକାଲରେ ଚିକିତ୍ସା ଅଧିକାରୀ, କୋର୍ଟରେ ବିଚାର ପତି, ତହସିଲ ଭଳି ବିଭିନ୍ନ ସ୍ଥାନରେ ପତାକା ଉତ୍ତୋଳନ କରି ସହିଦ୍ ସଂଗ୍ରାମୀ ମାନଙ୍କୁ ସ୍ମରଣ କରିଥିଲେ। ଏହି ଅବସରରେ ଦଶମନ୍ତପୁର ହାଇସ୍କୁଲ ପଡ଼ିଆରେ ବିଭିନ୍ନ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ପ୍ୟାରେଡ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ପ୍ରଭୁ ଜାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ, ଥିବା ବେଳେ ସମ୍ମାନିତ ଅତିଥି ଭାବେ, ବ୍ଲକ ଉପାଧକ୍ଷ ଅରୁଣ କୁମାର ଚେଟୀ, ଜିଲ୍ଲା ପରିଷଦ ସଭ୍ୟ ଧନପତି ସାଉନ୍ତା ଲଳିତା ଜାନି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଦିପ କୁମାର ନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରମାକାନ୍ତ ଦଳେଇ, କହ୍ନେଇ ଜାନୀ, ମୋହନ ପାତ୍ର ହିଆଲ, ଉଦୟ ଚନ୍ଦ୍ର ହିଆଲ, ପଙ୍କଜ ବାଘ, ଦିଲିପ ବାଘ, କୃପା ରାଇ ସମେତ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କ୍ରୀଡ଼ା ପାଇଁ ଆର୍ତ୍ତତ୍ରାଣ ଆଚାର୍ଯ୍ୟ ଏବଂ ମଞ୍ଚ ପାଇଁ ସାନ୍ତୁନୁ କୁମାର ନାହକ ପରିଚାଳନା କରିଥିଲେ।

ତେନ୍ତୁଲିଖୁଣ୍ଟି : ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତି ଠାରେ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ନିଁଲେନ୍ଦ୍ରି ନାୟକ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ପଞ୍ଚାୟତ ସମିତି ପକ୍ଷରୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ, ବ୍ଲକ ଅଧକ୍ଷା ଶ୍ରୀମତୀ ନାୟକ, ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ,ଏବିଡିଓ କୃପାସିନ୍ଧୁ ନାୟକଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଖାତିଗୁଡା ବଣିକ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ବ୍ୟବସାୟୀ ଆନନ୍ଦ କୁମାର ସାହୁ ପତାକା ଉତ୍ତୋଳନ କରିଥିଲେ। ସେହିଭଳି ଖାତିଗୁଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ବିମଳ କୁମାର ବେହେରା ପତାକା ଉତ୍ତୋଳନ କରିଥିଲେ। ସ୍ଥାନୀୟ ନବୋଦୟ ବିଦ୍ୟାଳୟ ଠାରେ ଅଧକ୍ଷ ଡ. ପୀତବାସ ପ୍ରହରାଜ ପତାକା ଉତ୍ତୋଳନ କରିଥିଲେ।

ନାରାୟଣପାଟଣା : ନାରାୟଣପାଟଣା ବ୍ଲକର ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବା ପରେ ବ୍ଲକ ସ୍ତରୀୟ ସ୍ୱାଧିନତା ଦିବସ ସରକାରୀ ହାଇସ୍କୁଲ ପଡ଼ିଆରେ ଆୟୋଜିତ ହୋଇଥିଲା। ବ୍ଲକ୍ ଅଧକ୍ଷ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ପ୍ୟାରେଡରେ ଭାଗ ନେଇଥିଲେ ।ଆୟୋଜିତ କାର୍ଯ୍ୟକ୍ରମରେ ଖେଳପ୍ରତିଯୋଗିତା ,ପ୍ରବନ୍ଧ ,ସଙ୍ଗୀତ,ବକ୍ତୃତା ପରି ବିଭିନ୍ନ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ଅନୁଷ୍ଠାନର ଅଧିକାରୀ, ବୁଦ୍ଧିଜୀବୀ, ସମସ୍ତ ଜନପ୍ରତିନିଧି ଉପସ୍ଥିତ ଥିଲେ।

ନାରାୟଣପଟଣା : ଓଡିଶା-ଆନ୍ଧ୍ର ସୀମାନ୍ତ ଲଙ୍ଗଳବେଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କ ସହ ସ୍ୱାଧୀନତା ଦିବସ ପାଳିଲେ ତହସିଲଦାର ପ୍ରଭାତୀ ଝଡିଆ। ପ୍ରଥମେ କୁନିକୁନି ଛାତ୍ର ଛାତ୍ରୀ ତହସିଲଦାର ମାଡାମ କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ। ପତାକା ଉତ୍ତୋଳନ ପରେ କିଛି ସମୟ ଛାତ୍ରଛାତ୍ରୀଙ୍କ ସହିତ ବିତାଇ ସେମାନଙ୍କର ରହିବା, ଖାଇବା ସହ କିପରି ପାଠପଢା ହେଉଛି ତାହାର ସମୀକ୍ଷା କରିଥିଲେ। କୁନି କୁନି ଛାତ୍ର ଛାତ୍ରୀ ମଧ୍ୟ ନାରାୟଣପଟଣା ତହସିଲଦାରଙ୍କ ସହ କଥା ହେବା ଓ ତାଙ୍କ ସହ ଫୋଟୋ ଉଠାଇ ବହୁତ ଖୁସି ଅନୁଭବ କରିଥିଲେ। ଶେଷରେ ସ୍କୁଲ ପରିବେଶରେ ବିଭିନ୍ନ ପ୍ରକାରର ଔଷଧୀୟ ବୃକ୍ଷ ସହ ସ୍ୱାସ୍ଥ୍ୟ ହିତ ଫଳ ଗଛ, ଓ ରଙ୍ଗ ବେରଙ୍ଗ ଫୁଲଗଛ ଶିକ୍ଷକ ଶିକ୍ଷୟତ୍ରୀ ସହ ଛାତ୍ରଛାତ୍ରୀ ଯତ୍ନ ନେଉଥିବା ଦେଖି ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଅନୁଷ୍ଠାନର ପ୍ରଧାନ ଶିକ୍ଷକଙ୍କୁ ଧନ୍ୟବାଦ ଦେଇଥିଲେ।

ଟିକିରି : ରାୟଗଡା ଜିଲା କାଶିପୁର ବ୍ଲକ ଟିକିରି ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ମହାଆଡମ୍ବରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସରକାରୀ ଉଚ୍ଚ ବିଦ୍ୟାଳୟ ଟିକିରି, ଆଜାଦ ଯୁବ ସଂସଦ,ଭର୍ତିଗୁରି ପବ୍ଲିକ୍ ସ୍କୁଲ, ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ, ବାଜିରାଉତ ଯୁବକ ସଂଘ ସର୍ଗୀଗୁଡା ଏବଂ ଅଞ୍ଚଳର ସମସ୍ତ ବିଦ୍ୟାଳୟରେ ପାଳିତ ହୋଇଯାଇଛି।

ରାୟଗଡ଼ା : ଶୁକ୍ରବାର ଦିନ ସରସ୍ୱତୀ ଶିଶୁ ବଦ୍ୟା ମନ୍ଦିର, ଗାୟତ୍ରୀ ନଗର, ରାୟଗଡା ଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଏଥିରେ ବିଦ୍ୟାଳୟର ସଭାପତି ମାଙ୍ଗିଲାଲ ଜୈନ, ଉପସଭାପତି ରଘୁ ନନ୍ଦନ ନନ୍ଦ ଓ ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ମଞ୍ଚାସୀନ ଅତିଥି ରୂପେ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ସଭାପତି ମହୋଦୟ ପତାକା ଉତ୍ତୋଳନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମହୋଦୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏଥି ସହିତ ବିଦ୍ୟାଳୟ ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ଉତ୍ସବ ମଧ୍ୟ ପାଳିତ ହୋଇଛି। ଜନ୍ମାଷ୍ଟମୀ ଉତ୍ସବରେ ବାବୁଲାଲ ଗନ୍ତାୟତ( ଡିଆଇସି ର ଅବସର ପ୍ରାପ୍ତ ଜିଏମ) ଓ ଚିତ୍ତରଞ୍ଜନ ପାତ୍ର(ଅବସର ପ୍ରାପ୍ତ ଆଇଟିଓ) ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ।ଏଥି ସହିତ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି, ଉପସଭାପତି ଓ ପ୍ରଧାନ ଆଚାର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ପ୍ରଧାନ ଆଚାର୍ଯ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ଓ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ରାଧା କୃଷ୍ଣ ବେଶରେ ଆସିଥିବା ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିଶୁଙ୍କର ନଗର ପରିକ୍ରମା କରି ନିକଟସ୍ଥ ହନୁମାନ ମନ୍ଦିରକୁ ନିଆ ଯାଇଥିଲା। ପରିଚାଳନା ସମିତିର ସମସ୍ତ ସଦସ୍ୟ, ପ୍ରଧାନ ଆଚାର୍ଯ୍ୟ, ସମସ୍ତ ଗୁରୁଜୀ ଗୁରୁମା ତଥା ସେବିକା ଓ ଶିଶୁଙ୍କ ସହଯୋଗରେ ଦୁଇଟି ଯାକ କାର୍ଯ୍ୟକ୍ରମ ସଫଳ ହୋଇଛି।

ଟିକିରି : ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା ଇଣ୍ଟେରନ୍ୟାସନାଲ ଲିମିଟେଡ୍, ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ, ଆଦିତ୍ୟ ବିର୍ଲା ଗ୍ରୁପ୍‌ର ସହଯୋଗୀ କମ୍ପାନୀ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ନୂଆପଡା ଟାଉନସିପ ସ୍ଥିତ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ କାରଖାନା ମୁଖ୍ୟ ରବିନାରାୟଣ ମିଶ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସାମୁହିକ ଭାବେ ଜାତୀୟ ସଂଗୀତ ଗାନ କରାଯାଇଥିଲା। ଏହାପରେ କାରଖାନା ସୁରକ୍ଷା କର୍ମୀ ଓ କାର୍ମଚାରୀ ତଥା ଏସଏସଷ୍ଟିଫ, ଏସଆଇଏସ, ଏସଏଲଭି, ମହିଳା କର୍ମଚାରୀ, ଅଗ୍ନିଶମ କର୍ମଚାରୀ, ଏନ୍ସିସି ବାଳିକ, ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲକୁ ନେଇ ଗଠିତ ପରେଡ ଦଳ ତରଫରୁ ଜାତୀୟ ପତାକାକୁ ସମ୍ମାନ ପୂର୍ବକ ପରେଡ ଆୟୋଜନ ହୋଇଥିଲା। ଏହି ପରେଡରେ କାରଖାନା ମୁଖ୍ୟ ଶ୍ରୀ ମିଶ୍ର ଅଭିବାଦନ ସ୍ୱୀକାର କରିବା ସହିତ ଉପସ୍ଥିତ ସମବେତ ଜନତା ଏହାକୁ ଉପଭୋଗ କରିଥିଲେ। ପରବର୍ତୀ ପର୍ଯ୍ୟାୟରେ କାରଖାନା ମୁଖ୍ୟ ରବି ନାରାୟଣ ମିଶ୍ର ଉଦ୍‌ବୋଧନ ଦେଇଥିଲେ।କାର୍ଯ୍ୟକ୍ରମରେ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲ, ଥୁଟିବର ବାଳିକା ବିଦ୍ୟାଳୟ ଓ ଟିକିରି ବାଳିକା ଉଚ୍ଚ ବିଦ୍ୟାଳୟ ତରଫରୁ ଗଠିତ ଛାତ୍ରଛାତ୍ରୀଙ୍କ ଦଳ ଦେଶ୍ରକବୋଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ କାରଖାନା ସୁରକ୍ଷା ପାଇଁ ଅବିରତ ତଥା ଉଲ୍ଲେଖନୀୟ ଦାଇତ୍ୱ ତୁଲାଉଥିବା ସୁରକ୍ଷା କର୍ମୀ ଏସଏସଟିଏଫ ବିଭାଗରୁ ଡିପି ଦାସ, ଏସଆଇଏସ ତରଫରୁ ଦୁଷ୍ମନ୍ତ ନାୟକ, ଏସଏଲଭି ପକ୍ଷରୁ ପୁରୁଷତ୍ତମ ମହାନନ୍ଦ, ଏଲଏସଜି ତରଫରୁ ଭାରତୀ ମହାରଣା, ଅଗ୍ନିଶମ ବିଭାଗର ପ୍ରଦୀପ ନାୟକ, ଉତ୍କଳ ହସ୍ପିଟାଲ୍ ର ସନ୍ତୋଷ ଦୋରା, ଆଡମିନର ଅଞ୍ଜନ ମାଝୀ ଓ ପିତାମ୍ବର ନାୟକ, ଆଇଟି ବିଭାଗର ବଳରାମ ମାଝୀଙ୍କ ସମେତ ଅନ୍ୟ ସୁରକ୍ଷା କର୍ମଚାରୀ ଅଶୀକିରଣ ବାଗ, ନିର୍ମଳ ହରିଜନ, କୃଷ୍ଣ ବାତିଲିଆ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଅଦିତ୍ୟା ବିର୍ଲା କମ୍ପାନୀରେ ଦୀର୍ଘ ୨୫ ବର୍ଷ ନିଜର ଅବ୍ୟାହତ ଭାବେ ସେବା ଯୋଗାଇଥିବା ମହେଶ୍ ପାଣ୍ଡେଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଛି। ଏହି ଅବସରରେ କାରଖାନା ସୁରକ୍ଷା ବିଭାଗ ମୁଖ୍ୟ କର୍ଣ୍ଣଲ ପରମଜିତ ବାଜବା, ମାନବ ସମ୍ବଳ ପ୍ରମୁଖ ନାରାୟଣ ମିତ୍ର, ବିଜୟ କୁମୁରା, ବାଫ୍ଲିମାଳି ଖଣି ମୁଖ୍ୟ ବିଜୟ ଚୌହାନ, ସିଏସଆର ବିଭାଗ ମୁଖ୍ୟ ଶ୍ରୀମତୀ ଲୋପାମୁଦ୍ରା ମିଶ୍ର, ମାନବ ସମ୍ବଳ ବିଭାଗ ମୁଖ୍ୟ ଶ୍ରୀମତୀ ଶର୍ମିଳା ସରକାର, ଇଆର ବିଭାଗ ମୁଖ୍ୟ କିରଣ ନାୟକ ଓ ଏଭିପି ଉତ୍ତମ ଗିରିଙ୍କ ସମେତ ଅନ୍ୟ ବିଭାଗର ମୁଖ୍ୟମାନେ ଉପସ୍ଥିତ ଥିଲେ।। କାର୍ଯ୍ୟକ୍ରମକୁ ଅଦିତ୍ୟା ବିର୍ଲା ପବ୍ଲିକ୍ ସ୍କୁଲ୍ ର ଶିକ୍ଷାତ୍ରୀ କରୁଣା ତିବାରୀ ପରିଚାଳନା କରିଥିଲେ। ଅନ୍ୟପକ୍ଷେ ଉତ୍କଳ ଆଲୁମିନା ବାଫ୍ଲିମାଳି ଖଣି ତରଫରୁ ମହାଡ଼ମ୍ବରରେ ୭୯ତମ ସ୍ୱାଧୀନତା ଦିବସ ବାଫ୍ଲିମାଳି ପର୍ବତରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ଖଣି ମୁଖ୍ୟ ବିଜୟ ଚୌହାନ ଜାତୀୟ ପତାକା ଉତ୍ତୋଳନ କରିବା ସହ ସାମୁହିକ ଜାତୀୟ ସଂଗୀତ ଗାନ କରିଥିଲେ। ଶି ସିଏସଆର ମୁଖ୍ୟ ମନୋଜ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ଅନ୍ୟ ବିଭାଗୀୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।



## କୋର୍ଟ ପରିସରରୁ ଫେରାର୍ କଏଦୀକୁ ୨ ବର୍ଷ ଜେଲ୍‌ଦଣ୍ଡ

ଉମରକୋଟ,୧୭।୮ (ସମିସ): କୋର୍ଟ ପରିସରରୁ ଚମ୍ପଟ ମାରିବା ଜଣେ ଅଭିଯୁକ୍ତକୁ ମହଙ୍ଗା ପଡ଼ିଛି। ଏହି ମାମଲାର ବିଚାର କରି ପ୍ରଥମ ଶ୍ରେଣୀ ବିଚାରପତି ଇପ୍ସିତା ଭୋଇ ଆସାମୀକୁ ୨ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଆସାମୀ ଜଣକ ହେଲେ ଚନ୍ଦନ ବେହେରା। ସୂଚନା ଅନୁଯାୟୀ, ଚନ୍ଦନ ଏକ ହତ୍ୟା ମାମଲାରେ ଗିରଫ ହୋଇ ବିଚାରାଧୀନ ବନ୍ଦୀ ଭାବେ ସ୍ଥାନୀୟ ଉପକାରାଗାରରେ ରହିଥିଲେ। ୨୦୨୫ ଜାନୁଆରୀ ୬ ତାରିଖରେ ହାଜର ପାଇଁ ଚନ୍ଦନକୁ ଭ୍ୟାନ୍‌ରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟ ପରିସରକୁ ନିଆଯାଇଥିଲା। କୋର୍ଟରେ ହାଜର ପରେ ଭ୍ୟାନ୍‌କୁ ନେବା ବେଳେ ଚନ୍ଦନ ପୁଲିସ୍‌କୁ ଚକମା ଦେଇ ସେଠାରୁ ଦୌଡ଼ି ଯାଇଥିଲା। ପୁଲିସ୍ ପିଛା କରି ୨ କିମି ଦୂରରେ ତାକୁ କାବୁ କରି ଉପକାରାଗାରକୁ ପଠାଇଥିଲା। ଏହି ମାମଲାରେ ୮ ଜଣ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି କୋର୍ଟ ଚନ୍ଦନକୁ ୨ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ପ୍ରଶାନ୍ତ କୁମାର ସାହୁ ପରିଚାଳନା କରିଥିଲେ।

## କମେଣ୍ଟମରାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟଣା: ୨ଗିରଫ

ଜୟପୁର,୧୭।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦରଥାନାର ଘିଉରୀ ଗ୍ରାମଠାରେ କମେଣ୍ଟମରାକୁ ନେଇ ଗ୍ରାମର ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ମାରପିଟ ହୋଇଥିଲା। ଏହି ମାମଲାରେ ଫେରାର ରହିଥିବା ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଘିଉରୀ ଗ୍ରାମର ଅଜୟ ହରିଜନ (୨୫) ଏବଂ ଚନ୍ଦନ ହରିଜନ (୧୯)। ଏହି ମାମଲାରେ ଗୋଟିଏ ଗୋଷ୍ଠୀର ୧୧ ଜଣ ଏବଂ ଅନ୍ୟଗୋଷ୍ଠୀର ୧୫ ଜଣ ସମୁଦାୟ ୨୬ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଏଥିରେ କିଛି ନାବାଳକ ମଧ୍ୟ ଅଭିଯୁକ୍ତ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ଅନ୍ୟାନ୍ୟ ଅଭିଯୁକ୍ତ ମାନେ ଫେରାର ରହିଛନ୍ତି । ଅତିଶିଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। ଏହି ମାମଲା ତଦନ୍ତ ଗାଗନାପୁର ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ କରୁଛନ୍ତି।

## ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ

ଗୁଡାରୀ,୧୭।୮ (ସମିସ): ଗୁଡାରୀ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପରିଷଦର ଇଓ ପ୍ରଶନ୍ନ ପାଢି ଯୋଗଦେଇଥିଲେ। ସମସ୍ତ ଶିଶୁମାନେ ଶ୍ରୀକୃଷ୍ଣ ବଳରାମ ନନ୍ଦ ଯୋଶଦା, ସୁଦାମ ବେଶରେ ସୁସଜ୍ଜିତ ହୋଇ ବିଦ୍ୟାଳୟ ପରିଷରରେ ନୃତ୍ୟ ପରିବେଷଣ ସହ ଦହି ହାଣ୍ଡି ଭାଙ୍ଗିଥିଲେ। ଶେଷରେ ପ୍ରଧାନ ଅଚାର୍ଯ୍ୟ ଦିଲ୍ଲିପ ସାହୁ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶ୍ରୀକୃଷ୍ଣଙ୍କ ଲିଳାଖେଳା ଉପରେ କହିବା ସହ ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ଅମଲା ସଂଘ, ନବରଙ୍ଗପୁର ଜିଲ୍ଲା ଶାଖା

# ଏମ୍ ବାଲକ୍ରିଷ୍ଣା ଜିଲ୍ଲା ଅଧ୍ୟକ୍ଷ, ଅରୁଣ ରଥ ସଭାପତି




ନବରଙ୍ଗପୁର,୧୭।୮ (ସମିସ): ଓଡ଼ିଶା ଅମଲା ସଂଘ ଆନୁକୂଲ୍ୟରେ ନବରଙ୍ଗପୁର ଜିଲ୍ଲା ଶାଖାର ଏକ ପ୍ରସ୍ତୁତି ବୈଠକ ଶ୍ରୀଜଗନ୍ନାଥ ମନ୍ଦିର ନିକଟ ହୋଟେଲ ତୃପ୍ତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଅମଲା ସଂଘର ସଭାପତି ତଥା କୋରାପୁଟ ଜିଲ୍ଲା ଶାଖା ତଥା ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଶଶୀଭୂଷଣ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅମଲା ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆଜିର ଆୟୋଜିତ ଏହି ବୈଠକରେ ଜିଲ୍ଲା ଅମଲା ସଂଘର ବରିଷ୍ଠ ସଦସ୍ୟ ଏମ୍ ବାଲକ୍ରିଷ୍ଣା ରାଓ ସଭାପତିତ୍ୱ କରିଥିବା ବେଳେ ଅନ୍ୟତମ ବରିଷ୍ଠ ସଦସ୍ୟ ସଞ୍ଜୟ କୁମାର ପଣ୍ଡା , ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସମ୍ପାଦକ କାଳି ପ୍ରସାଦ ମିଶ୍ର, ଉପ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଅରୁଣ କୁମାର ରଥ, ବରିଷ୍ଠ ସଦସ୍ୟ, ସିଦ୍ଧେଶ୍ୱରି ବେନିଆ ଉପସଭାପତି ଓଡ଼ିଶା ଅମଲା ସଂଘ ମଞ୍ଚାସିନ ହୋଇ ନିଜ ନିଜର ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଶତାଧିକ ଅମଲା ଉକ୍ତ ବୈଠକରେ ଯୋଗ ଦେଇଥିଲେ। କନିଷ୍ଠ ସହାୟକ ମାନଙ୍କର ପ୍ରବେଶିକା ଦରମା ହାର ଷଷ୍ଠ ବେତନ କମିଶନ ଅନୁଯାୟୀ ୪ ହଜାର ୨ଶହ ଗ୍ରେଡ୍ ପେ ପ୍ରଦାନ

### ସେପ୍ଟେମ୍ବର ୧୪ରେ ରାଜ୍ୟ ସମ୍ମିଳନୀ

ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସମସ୍ତ ଉପସ୍ଥିତ ଅମଲା ମତାମତ ପ୍ରଦାନ କରିଥିଲେ। ଏହି ଅବସରରେ ବିଗତ ଦିନରେ କିଛି କୁଚକ୍ରାନ୍ତକାରୀ ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ପ୍ରତି କରିଥିବା କୁଠାରାଘାତ ବିଷୟ ଏବଂ ଗତ ଦିନରେ ଅମଲା ମାନଙ୍କର ନ୍ୟାର୍ଯ୍ୟ ଦାବି ପୁରଣ ନିମନ୍ତେ ପ୍ରତିଶୃତି ଦେଇ ପ୍ରତାରଣା କରିଥିବା ବିଷୟକୁ ନେଇ ଗୃହରେ ଉଦ୍‌ବେଗ ସହ ଅସନ୍ତୋଷ ପ୍ରକାଶ କରିଥିଲେ ଉପସ୍ଥିତ ସମସ୍ତ ଅମଲା। ଆସନ୍ତା ସେପ୍ଟେମ୍ବର ୧୪ ତାରିଖରେ ନବରଙ୍ଗପୁର ଠାରେ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ କରିବା ନେଇ ଶ୍ରୀ ଦାଶ୍ ଦେଇଥିବା ପ୍ରସ୍ତାବରେ ଉପସ୍ଥିତ ସମସ୍ତ ସଭ୍ୟ ସଭ୍ୟା ସହମତ ପ୍ରକାଶ କରିଥିଲେ। ବୈଠକ ଶେଷରେ ନବରଙ୍ଗପୁର ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସର୍ବସମ୍ମତି କ୍ରମେ ନବରଙ୍ଗପୁର ଜିଲ୍ଲା ଅମଲା ସଂଘର ଅଧ୍ୟକ୍ଷ ଭାବରେ ଏମ୍ ବାଲକୃଷ୍ଣ ରାଓ ଙ୍କୁ ମନୋନୀତ କରିଥିବା ବେଳେ ମୁଖ୍ୟ ଉପଦେଷ୍ଟା ଭାବରେ ସିଦ୍ଧେଶ୍ୱରି ବେନିଆ ଏବଂ ଉପଦେଷ୍ଟା ଭାବରେ ଅଶୋକ ସୁଆରଙ୍କୁ ଚୟନ କରାଯାଇଥିଲା। ସେହିପରି ନବରଙ୍ଗପୁର ଜିଲ୍ଲା ସଭାପତି ଭାବରେ ଅରୁଣ କୁମାର ରଥଙ୍କୁ ମନୋନୀତ କରାଯାଇଥିଲା। ଉପ ସଭାପତି ନୀଳାଚଳ ପଣ୍ଡା, ସମ୍ପାଦକ ଦିଲୀପ କୁମାର୍ ସାହୁ, କାର୍ଯ୍ୟକାରୀ ସଭାପତି ରଞ୍ଜିତ ଷଡ଼ଙ୍ଗୀ, ଯୁଗ୍ମ ସମ୍ପାଦକ ଭାବରେ ରାମପଣ୍ଡା ଏବଂ ଅନିତା ମହାରଣା , କୋଷାଧ୍ୟକ୍ଷ ବାଲକୃଷ୍ଣ ମିଶ୍ର, ସମୀକ୍ଷକ ପୂର୍ଣ୍ଣ ତନ୍ତି, ଗଣ ମାଧ୍ୟମ ସମ୍ପାଦକ ଦିପ୍ତି ରଞ୍ଜନ ମହାଙ୍କୁଡ, କାର୍ଯ୍ୟାଳୟ ସମ୍ପାଦକ ଫିଲିପ୍ ବାଗ, ସାଙ୍ଗଠନିକ ସମ୍ପାଦକ ହେମନ୍ତ ଗୌଡଙ୍କ ସମେତ ୩୨ ଜଣ ସଭ୍ୟ ଏବଂ ସଭ୍ୟା ଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ନୂତନ ଭାବରେ ଗଠିତ ଜିଲ୍ଲା କମିଟିକୁ ରାଜ୍ୟ ସଂଘ ସ୍ୱୀକୃତି ଦେବା ନିମନ୍ତେ ମୁଖ୍ୟ ଅତିଥି ଶ୍ରୀ ଦାଶ ସୁଚନା ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଶ୍ରୀ ରାଓ ଉପସ୍ଥିତ ସମସ୍ତ ସଭ୍ୟ ସଭ୍ୟାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆ କ୍ଲବ୍ କମିଟି ଓ ଦୁର୍ଗା ପୂଜା କମିଟି ଗଠନ

ଉମରକୋଟ,୧୭।୮ (ସମିସ):



ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦର ଦଣ୍ଡକାରଣ୍ୟ ଡିଏନକେ ଠାରେ ଥିବା ଉତ୍କଳ କଳା ସଂସଦ ପକ୍ଷରୁ ନୂତନ କ୍ଲବ୍ କମିଟି ଓ ଦୁର୍ଗା ପୂଜା କମିଟି ଗଠନ କରାଗଲା। ଏଥିପାଇଁ ଏକ ପ୍ରସ୍ତୁତି ବୈଠକର ଆୟୋଜନ କରାଯାଇଥିଲା। ସର୍ବ ପ୍ରଥମେ ବହୁ ପୁରାତନ କ୍ଲବର ପୁରୁଣା କମିଟି ଭାଙ୍ଗି ନୂତନ କମିଟି ଗଠିନ କରାଯାଇଥିଲା। ସମସ୍ତଙ୍କ ସହମତି କ୍ରମେ କ୍ଲବର ନୂତନ କମିଟି ସଭାପତି ଭାବେ ବିପିନ କୁମାର ମାଝୀ ,ଉପ ସଭାପତି ଭାବେ ସୁନିଲ କୁମାର ଜେନା, ସମ୍ପାଦକ ଭାବେ ସତ୍ୟନାରାୟଣ ଦାସ, ସହ ସମ୍ପାଦକ ଭାବେ ଜି ଗୋଲ୍ଡ ସ୍ମିତ, କୋଷାଧ୍ୟକ୍ଷ ଭାବେ ନକୂଳ ଚାନ୍ଦ ଚୟନ କରାଯାଇଥିଲେ। ଉପଦେଷ୍ଟା କମିଟିରେ ସଞ୍ଜୟ କୁମାର ପାଢ଼ୀ, ଅରୁଣ ବେହେରା, ନାରାୟଣ ସାହୁ, ଶୁଶିଲ ପଣ୍ଡା, ତପନ ଦାସ, ସଞ୍ଜିତ ମଣ୍ଡଲ, ଉଦୟ ଘୋଷ ରହିଛନ୍ତି। କାର୍ଯ୍ୟ ନିର୍ବାହୀ କମିଟିରେ କୁନା ସାହୁ , ପ୍ରମୋଦ ମଲ୍ଲିକ, ବିକ୍ରମ ସରକାର, ଅମିତ ହାଲଦାର, ହିମାଂଶୁ ବିଶ୍ୱାଳ, ବିଜୟ ଆଦିତ୍ୟ, ଜ୍ଞାନେନ୍ଦ୍ର ସ୍ୱାଇଁ, ଅଂଶୁମାନ ପାତ୍ର , ତ୍ରିଲୋଚନ ବେହେରା ଓ ଶଙ୍କର ତୁରୁକଙ୍କୁ ସମସ୍ତଙ୍କ ସହମତି କ୍ରମେ ଚୟନ କରାଯାଇଥିଲା। ପରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦଶହରା ପର୍ବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପ୍ରଥମେ ୨୦୨୪ ମସିହା ର ଦଶହରା ପୂଜା ର ସମସ୍ତ ହିସାବ ର ବିବରଣୀ ପାଠ କରାଯାଇଥିଲା। ପରେ ଚଳିତ ବର୍ଷ ମଧ୍ୟ ମହା ଆଡ଼ମ୍ବର ସହ ପାଳନ କରିବା ପାଇଁ ନୂତନ ପୂଜା କମିଟି ଗଠିତ ହୋଇଥିଲା। ଏହି ପୂଜା କମିଟିର ସଭାପତି ଭାବେ ନକୂଳ ଚାନ୍ଦ, ଉପ ସଭାପତି - ପ୍ରମୋଦ ମଲ୍ଲିକ, ସମ୍ପାଦକ - ସୁଧାଂଶୁ ବିଶ୍ୱାଳ, ସହ ସମ୍ପାଦକ ଅଂଶୁମାନ ପାତ୍ର, କୋଷାଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଙ୍କୁ ଚୟନ କରାଯାଇଥିଲା। ଡିଏନକେରେ ଦଶହରା ପୂଜା ବହୁ ପୁରାତନ ତଥା ୬୯ ବର୍ଷର ପୂଜା। ଉମରକୋଟ ଦଶହରା ପର୍ବ ଜିଲ୍ଲା ପାଇଁ ଏକ ନିଆରା ପର୍ବ ହୋଇଥାଏ। ଏହି ଅଞ୍ଚଳରେ ବଙ୍ଗୀୟ ରିତିନୀତିରେ ପୂଜା ହୋଇଥାଏ। ବଙ୍ଗୀୟସମ୍ପ୍ରଦାୟର ମହିଳା ମାନେ ମାଁ ଦୁର୍ଗାଙ୍କ ସହ ସିନ୍ଦୂର ଖେଳ ଖେଳିଥାନ୍ତି। ଏହି ଦଶହରା ପୂଜା ପୂର୍ବ ପୁରୁଷରୁ ଚାଲିଥିବା ରୀତିନୀତି ଅନୁଯାୟୀ ହୋଇଥାଏ। ଏହି ବୈଠକରେ ଉତ୍କଳ କଳା ସଂସଦ ର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।

## ପୁଲିସ ହାବିଲଦାରଙ୍କ ଅକାଳ ବିୟୋଗ

ବୈପାରିଗୁଡା, ୧୭।୮ (ସମିସ): ବୈପାରୀଗୁଡା ଥାନାରେ କାର୍ଯ୍ୟରତ ପୁଲିସ ହାବିଲଦାର ସୀମାଞ୍ଚଳ ପ୍ରଧାନଙ୍କ କର୍କଟ ରୋଗରେ ମୃତ୍ୟୁ ଘଟିଛି। ସୀମାଞ୍ଚଳ କିଛି ବର୍ଷ ଧରି ମୁଖ କର୍କଟ ରୋଗରେ ଆକ୍ରାନ୍ତ ହୋଇ କଟକ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ। କିଛି ଦିନ ତଳେ ସେ କଟକରୁ ନିଜ ଘର ଜୟପୁର ସଦର ଥାନା ଅନ୍ତର୍ଗତ ଫାମ୍ପୁଣି ନିକଟସ୍ଥ ସଲପା ଗ୍ରାମକୁ ଆସିଥିଲେ। ତିନି ଦିନ ତଳେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଜୟପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଆଜି ସେ ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣା ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କୁ ବିଶାଖାପାଟଣା ମେଡ଼ିକାଲକୁ ନେଉଥିବା ବେଳେ ପୋଟାଙ୍ଗୀ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଥିଲା। ଖବରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ବୈପାରୀଗୁଡା ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନ ଏ ନେଇ ଦୁଃଖ ପ୍ରକାଶ କରଛନ୍ତି।

## ସମାଜସେବୀ ବିନୟ ଚନ୍ଦ୍ର ପଟ୍ଟନାୟକଙ୍କ ପରଲୋକ



ସେମିଲିଗୁଡ଼ା,୧୭।୮ (ସମିସ): ବିଶିଷ୍ଟ ସମାଜସେବୀ ତଥା ସେମିଳିଗୁଡା ବରିଷ୍ଠ ନାଗରିକ ସଂଘର ସଭାପତି ବିନୟ ଚନ୍ଦ୍ର ପଟ୍ଟନାୟକ (୭୬ )ଙ୍କର ଆଜି ପରଲୋକ ଘଟିଛି। ସେ ଜଣେ ସୁଦକ୍ଷ ସଂଗଠକ, ପରୋପକାରୀ ତଥା ଧର୍ମପରାୟଣ ବ୍ୟକ୍ତି ଭାବରେ ସମଗ୍ର ସେମିଳିଗୁଡା ଓ ସୁନାବେଡା ଅଞ୍ଚଳରେ ପରିଚିତ ଥିଲେ। ସ୍ୱର୍ଗତ ପଟ୍ଟନାୟକ ସୁନାବେଡା ହାଲ ମିଗ୍ କାରଖାନାରେ କାର୍ଯ୍ୟରତ ଥିବା ବେଳେ ହାଲ କର୍ମଚାରୀ ସଂଘର ବରିଷ୍ଠ କର୍ମକର୍ତ୍ତା, ଉତ୍କଳ ସାଂସ୍କୃତିକ ପରିଷଦର ସମ୍ପାଦକ, ଭଞ୍ଜ ସଂସଦର ଉପଦେଷ୍ଟା ଭାବେ ଉକ୍ତ ସଂଗଠନ ଗୁଡ଼ିକର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ହାଲ ଚାକିରିରୁ ଅବସର ଗ୍ରହଣ ପରେ ସ୍ୱର୍ଗତ ବିନୟ ପଟ୍ଟନାୟକ ସେମିଳିଗୁଡା ବରିଷ୍ଠ ନାଗରିକ ସଂଘର ସଭାପତି ଭାବେ ବରିଷ୍ଠ ନାଗରିକ ମାନଙ୍କ ନିତିଦିନିଆ ସମସ୍ୟା ସମାଧାନ କରିବା ସହ ସଂଘ ପକ୍ଷରୁ ଅନେକ ଜନହିତକର କାର୍ଯ୍ୟରେ ନିୟୋଜିତ ରହୁଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ସେମିଳିଗୁଡା ନେତାଜୀ ନଗରସ୍ଥିତ ତାଙ୍କ ବାସଭବନକୁ ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ସ୍ଥାନୀୟ କାଉନସିଲର ସୁଶ୍ରୀ ମମତା ରାୟ, ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକାରୀ ସଭାପତି ପ୍ରତାପ ଚନ୍ଦ୍ର ପାତ୍ର, ବରିଷ୍ଠ ସାମ୍ବାଦିକ ଡଃ ଅଜୟ କୁମାର ସାହୁ, ମନୋଜ ପଟ୍ଟନାୟକଙ୍କ ସମେତ ଅନେକ ରାଜନେତା, ସମାଜସେବୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ ସଂଘର ସମସ୍ତ ସଦସ୍ୟ ଓ ଶତାଧିକ ସଂଖ୍ୟାରେ ଅଞ୍ଚଳବାସୀ ଆସିଥିଲେ। ସେମିଳିଗୁଡା ଶ୍ମଶାନରେ ସ୍ୱର୍ଗତ ବିନୟ ପଟ୍ଟନାୟକଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା। ତାଙ୍କର ଏକ ମାତ୍ର ସୁପୁତ୍ର ଅଧ୍ୟାପକ ଶିବାଶିଷ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ। ବିନୟ ଚନ୍ଦ୍ର ପଟ୍ଟନାୟକ ମୃତ୍ୟୁରେ କୋରାପୁଟ ବିଧାୟକ ରଘୁରାମ ମାଛ, ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର୍ ପାତ୍ର, ସମାଜସେବୀ କ୍ରିଷ୍ଣା ସିଂହ ଗଭୀର ଶୋକ ପ୍ରକାଶ କରିଥିଲେ।

## ଅମଲା ସଂଘର ସାଧାରଣ ପରିଷଦ ବୈଠକ




କୋରାପୁଟ,୧୭।୮ (ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜସ୍ୱ ଅମଲା ସଂଘର ଆନ୍ଦୋଳନକୁ ସହଯୋଗ ଏବଂ ତୀବ୍ରତର କରିବା ପାଇଁ ଓଡ଼ିଶା ଅମଲା ସଂଘ, କୋରାପୁଟ ଶାଖା ସମର୍ଥନ କରିବା ନିମନ୍ତେ ଓଡ଼ିଶା ଅମଲା ସଂଘ, କୋରାପୁଟ ଶାଖାର ସଭାପତି, ନିତ୍ୟାନନ୍ଦ ଭତ୍ରା ପ୍ରତିଶ୍ରୁତି ଦେଇଥିବା ଘୋଷଣା କରାଯାଇଛି। ମନୋଜ କୁମାର ବାରିକ, ସମ୍ପାଦକ, ଓଡ଼ିଶା ଅମଲା ସଂଘ, କୋରାପୁଟ ଶାଖା ଜିଲ୍ଲାସ୍ତରୀୟ ଅମଲାମାନଙ୍କର ମୂଳ ଦାବି ମିଶନ୍ ଗ୍ରେଡ୍ ପେ-୪୨୦୦ ଏବଂ ଲେବଲ୍-୯ କୁ ଆଖିଆଗରେ ରଖି ଆଗାମୀ ଦିନମାନଙ୍କରେ ସବୁ ଜିଲ୍ଲାରେ ଅମଲା କର୍ମକର୍ତ୍ତାଙ୍କୁ ନେଇଁ ଆନ୍ଦୋଳନ କରିବା ପାଇଁ ନିଷ୍ପତି ବୈଠକରେ ନିଆଯାଇଛି ବୋଲି ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଓଡ଼ିଶା ଅମଲା ସଂଘ, କୋରାପୁଟ ଶାଖାର ଉପସଭାପତି ଯୋଗେଶ୍ୱର ବେହେରା, କୋଷାଧ୍ୟକ୍ଷ, ଜଗନ୍ନାଥ ନାୟକ, ସୈମ୍ୟ ସାର୍ଥକ, ଅନୀଲ ନୟନ ପାତ୍ର, ଭବାନୀ ଶଙ୍କର ଆଚାର୍ଯ୍ୟ, ମୁନା କଣ୍ଡାଗିରୀ, ଏମ୍ ମୁରଲି, ଏମ୍. ନାଗରାଜ ତଥା କୋରାପୁଟ ଜିଲ୍ଲାର ସମସ୍ତ ବିଭାଗର କନିଷ୍ଠ ଏବଂ ବରିଷ୍ଠ ଅମଲାମାନେ ଯୋଗ ଦେଇଥିଲେ।

● ଜେଇଏଲ୍‌ସି ଚର୍ଚ୍ଚରେ ଗ୍ରାମସଭା, ନିର୍ବାଚନ

## ୪ଜଣଙ୍କ ନାମାଙ୍କନ ଦାଖଲ



ଜୟପୁର,୧୭।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜେଇଏଲସି ଚର୍ଚ୍ଚରେ ଗ୍ରାମସଭା ପାଇଁ ୫ଜଣଙ୍କ ନାମାଙ୍କନ ଦାଖଲ ନେଇ ପ୍ରସ୍ତାବ ରହିଥିଲା। କିନ୍ତୁ ଏଥିରେ ୪ଜଣ ବିରେନ୍ଦ୍ର ସାଗର, ମୋଜେସ ଗରଡା, ମଳୟ ଛିଞ୍ଚାଣି, ସୁରଜିତ ନାୟକ ନାମାଙ୍କନ ଦାଖଲ କରିଥିବା ବେଳେ ପ୍ରଶାନ୍ତ ହିଆଲ ନାମାଙ୍କନ ଦାଖଲ ପରେ ଏହାକୁ ଫେରସ୍ତ କରିଥିଲେ। ଫଳରେ ଉପରୋକ୍ତ ୪ଜଣ ଗ୍ରାମସଭାର ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଆଗାମୀ ତାଲୁକା ସଦସ୍ୟ ନିର୍ବାଚନରେ ଏହି ସଦସ୍ୟ ମାନେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଗାମୀ ୧୯ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ସମୁଦାୟ ୫ଜଣ ମହିଳା ଏବଂ ୩ ଜଣ ଯୁବକ ସଦସ୍ୟ ନିର୍ବାଚିତ ହୋଇପାରିବେ। ଏହି ନିର୍ବାଚନକୁ ଜେଇଏଲସି କର୍ତ୍ତୃପକ୍ଷ ହିମାଂଶୁ ଶେଖର ଚାନ୍ଦ ପରିଚାଳନା କରିଥିଲେ

## ଗଞ୍ଜାମ ଜିଲ୍ଲାପାଳଙ୍କ ଜଗନ୍ନାଥ ମନ୍ଦିର ପରିଦର୍ଶନ



କୋରାପୁଟ,୧୭।୮ (ସମିସ): ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ ପରିବାରବର୍ଗଙ୍କ ସହ ଆଜି କୋରାପୁଟ ଜଗନ୍ନାଥ ମନ୍ଦିର ପରିଦର୍ଶନ କରିଛନ୍ତି। ଆଜି ପୂର୍ବାହ୍ନରେ ସେ ଜଗନ୍ନାଥ ମନ୍ଦିରରେ ପହଞ୍ଚି ଠାକୁରଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର କୋଷାଧ୍ୟକ୍ଷ ଏ ରାମା ରାଓ, ସଦସ୍ୟ ଅରୁଣ କୁମାର ଦାଶ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହ ସେ ଆଲୋଚନା କରିଥିଲେ।

## ସିନିୟର ସିଟିଜେନ ୱେଲଫେର କମିଟିର ବୈଠକ

ଜୟପୁର,୧୭।୮ (ସମିସ): ଜୟପୁର ସିନିୟର ସିଟିଜେନ କମିଟି ଗୃହ ଠାରେ ସିଟିଜେନ ୱଲଫେର କମିଟିର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ମୀନକେତନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ୨୪ ଘଣ୍ଟିଆ ସିନିୟର ସିଟିଜେନ କମିଟି ସେଲ ଗଠନ କରିବାକୁ ନିଷ୍ପତ୍ତି ନିଆଗଲା। ଗୃହ ବିଭାଗ ପକ୍ଷରୁ ସମସ୍ତ କର୍ମକର୍ତ୍ତାଙ୍କୁ ପରିଚୟ ପତ୍ର ପ୍ରଦାନ କରିବା, ଜୟପୁର ସହରରେ ବୁଲା କୁକୁରର ଦୌରାତ୍ମ୍ୟ, ସହରର ବିଭିନ୍ନ ରାସ୍ତାରେ ହମ୍ପସ ଓ ନାଳ ସଫେଇ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୁରୁଣା କମିଟି ସଦସ୍ୟ ମାନେ ଆଗାମୀ ବୈଠକ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଅଭିମନ୍ୟୁ ଭଟ୍ଟମିଶ୍ର, ଯୁଗ୍ମ ସମ୍ପାଦକ ନରସିଂହ ପାଣିଗ୍ରାହୀ ଓ କୋଷାଧ୍ୟକ୍ଷ ଭୀମସେନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ





ନବରଙ୍ଗପୁର, ୧୭।୮ (ସମିସ): ନବରଙ୍ଗପୁର ଜିଲ୍ଲା ଯାଦବ ମହାସଭା ପକ୍ଷରୁ ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଏବଂ ନନ୍ଦୋତ୍ସବ ଦୁଇଦିନ ଧରି ମହା ଆଡମ୍ବରରେ ପାଳିତ ହୋଇ ଯାଇଛି। ବୈଷ୍ଣବ ମତେ ଶନିବାର ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ନବରଙ୍ଗପୁର ଶ୍ରୀରାମ ମନ୍ଦିରରେ ପାଳନ ହୋଇଥଲା। ରବିବାର ପ୍ରଭୁ ଶ୍ରୀକୃଷ୍ଣ ମୁରାରୀଙ୍କ ଜନ୍ମ ଉତ୍ସବ ବା ନନ୍ଦୋତ୍ସବ ମହା ଆଡ଼ମ୍ବରରେ ପାଳନ ହୋଇଥିଲା। ଏହି ଅବସରରେ ବିରାଟ ଶୋଭାଯାତ୍ରା ନବରଙ୍ଗପୁର ରାମ ମନ୍ଦିର ଠାରୁ ବାହାରି ଗୌଡ଼ ସାହି ଦେଇ ସହର ପରିକ୍ରମା ସରିବା ପରେ ରାମ ମନ୍ଦିର ଠାରେ ସମାପନ ହୋଇଥିଲା। ଏହି ଅବସରରେ ବିଧାୟକ ଗୌରୀଶଙ୍କର ମାଝି, ପୌରାଧ୍ୟକ୍ଷ କୁନୁ ନାୟକ, ସମାଜ ସେବୀ ମଂଜୁଳା ମାଝି, ଦୁଲବ ଗୌଡ,ମାନସିଂ ଗୌଡ,ନବଘନ ଗୌଡ଼, ଟିମା ପାଞ୍ଜିଆ, ସହଦେବ ଗୌଡ, ଭଗତ ରାମ, ଦେବାଶିଷ ମହାଙ୍କୁଡ, ପଙ୍କଜ ମହାଙ୍କୁଡ, ରାମ,ବାବୁ ଯାଦବ, ପିଣ୍ଟୁ ନାୟକ ଜ୍ୟୋତି ରଞ୍ଜନ କଂଶ, ଦୈତାରି ମାଝି ଓ ଦେବଦାସ ମହାଙ୍କୁଡଙ୍କ ସମେତ ସହସ୍ରାଧିକ ଯାଦବ ମହିଳା ପୁରୁଷ ଯୁବକ ଯୁବତୀ ଉପସ୍ଥିତ ଥିଲେ।

**ଜୟପୁର:** ଜୟପୁର ସହରର ବିଭିନ୍ନ ମନ୍ଦିର, ଶିକ୍ଷାନୁଷ୍ଠାନ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ଗତ ଶୁକ୍ରବାର, ଶନିବାର ଏବଂ ରବିବାର ବୁଧବାର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଏବଂ ନନ୍ଦଉତ୍ସବ ମହାଡମ୍ବରେ ପାଳନ ହୋଇଯାଇଛି। ଜୟପୁର ସହରର କୃଞ୍ଜବିହାରୀ, ରସିକସିରୋମଣି, ରାଧା ଗୋବିନ୍ଦ, ରାଧାମାଧବ, ରାଧାକୃଷ୍ଣ, ଜଗନ୍ନାଥ ମନ୍ଦିର, ଚୈତନ୍ୟ ମନ୍ଦିର, ଗୀତାଭବନ, ଲିଙ୍ଗରାଜ ନଗର ରାଧାକୃଷ୍ଣ ମନ୍ଦିରରେ ଠାରେ ପରମ୍ପରା, ପୂଜାର୍ଚ୍ଚନା , ହୋମଯଜ୍ଞ ଏବଂ ଆନନ୍ଦ ଉଲ୍ଲାସରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ଗତ ଶୁକ୍ରବାର ଏବଂ ନନ୍ଦଉତ୍ସବ ଗତ ଶନିବାର ପାଳନ କରାଯାଇଛି। ସେହିପରି ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରରେ ଶିଶୁ ମାନେ କୃଷ୍ଣ, ବଳରାମ ଏବଂ ରାଧା ବେଶରେ ସଜ୍ଜିତ ହୋଇ ବିଦ୍ୟାଳୟରେ ଉପସ୍ଥିତ ରହିବା ସହିତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗତ ଶୁକ୍ରବାର ସହରର ବିଭିନ୍ନ ମନ୍ଦିର ଗୁଡିକରେ ପୂର୍ବାହ୍ନ ଠାରୁ ପୂଜାର୍ଚ୍ଚନା ଓ ବିଳମ୍ବିତ ରାତ୍ରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଆୟୋଜିତ ହୋଇଥିଲା। ଏହିପରି ଶନିବାର ଦୋଳିରେ ବାଳକୃଷ୍ଣଙ୍କୁ ଝୁଲାଇବା ପ୍ରଭୃତି ପାରମ୍ପରିକ ରୀତିନୀତିରେ ପାଳନ ହୋଇଥିଲା। ଇସ୍କନ ପକ୍ଷରୁ ସ୍ଥାନୀୟ ବାବା ସାହେବ କଲ୍ୟାଣ ମଣ୍ଡପ ଠାରେ ଗତ ଶୁକ୍ରବାର ଠାରୁ ରବିବାର ପର୍ଯ୍ୟନ୍ତ ଜନ୍ମାଷ୍ଟମୀ ଉତ୍ସବକୁ ମହାଡମ୍ବରରେ ପାଳନ କରାଯାଇଥିଲା। ଏହି ଅବସରରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଭଜନ, କୀର୍ତ୍ତନ ସହିତ ପୂଜାର୍ଚ୍ଚନା କରିଥିଲେ। ଆଜି ପୂର୍ବାହ୍ନରେ କୋରାପୁଟ ଜିଲ୍ଲା ଷୋହଳଖଣ୍ଡ ଗୋପାଳ ସମାଜ ପକ୍ଷରୁ ନନ୍ଦଉତ୍ସବ କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନ ହଲ ଠାରେ ଆୟୋଜିତ ହୋଇଥିଲା। ଏଥିରେ ସମାଜର ସଭାପତି ମଦନ ମୋହନ ନାୟକଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ବିନୋଦ ମହାପାତ୍ର, ହରିହର କରସୁଧା ପଟ୍ଟନାୟକ, ବାଲା ରାୟ, ରାଜେନ୍ଦ୍ର ଗୌଡ, ପରମେଶ୍ୱର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

**ଦାମନଯୋଡ଼ି :** ନାଲକୋ ଟାଉନସିପ ଶ୍ୱେତ ସୁବର୍ଣ୍ଣ କ୍ଷେତ୍ର ସେକ୍ଟର-୧ ଶ୍ରୀ ଜଗନ୍ନାଥ ମନ୍ଦିରରେ ଶୁକ୍ରବାର ସକାଳେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀତିକାନ୍ତି ପରେ ମନ୍ଦିର ପରିସରରେ ଥିବା ଶ୍ରୀ ରାଧାକୃଷ୍ଣଙ୍କ ନିକଟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ସେହିପରି ସେକ୍ଟର ୩ମନ୍ଦିର, ମାଥାଲପୁଟ ସ୍ଥିତ ଶ୍ରୀରାଧାକୃଷ୍ଣଙ୍କ ମନ୍ଦିରରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ପୂଜାର୍ଚ୍ଚନା ସହିତ ଭୋଗଲାଗି ହୋଇଥିଲା। ସନ୍ଧ୍ୟାରେ ସନ୍ଧ୍ୟା ଆଳତୀ ପରେ ପରେ ଶ୍ରୀକୃଷ୍ଣଙ୍କ ଜନ୍ମନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀକୃଷ୍ଣଙ୍କ ଜନ୍ମ ଓ ଲୀଳା ବର୍ଣ୍ଣିତ ଶ୍ରୀମଦ୍ଭାଗବତର ଦଶମ ସ୍କନ୍ଧ ପାଠ କରାଯାଇଥିଲା। ଶନିବାର ନନ୍ଦୋତ୍ସବ ଅବସରରେ ସେକ୍ଟର-୧ ଶ୍ରୀ ଜଗନ୍ନାଥ ମନ୍ଦିରରେ ସନ୍ଧ୍ୟାରେ ପୂଜକ ଅମୀୟ କୁମାର ସାମନ୍ତରାୟ ନନ୍ଦ ରାଜାଙ୍କ ବେଶରେ ପୁତ୍ର ଶ୍ରୀ କୃଷ୍ଣଙ୍କୁ ଧରି ମନ୍ଦିର ପରିକ୍ରମା କରାଇଥିଲେ। ବହୁ କୁନି ପିଲା ରାଧାକୃଷ୍ଣଙ୍କ ବେଶରେ ଉପସ୍ଥିତ ଥିଲେ। ନାଲକୋ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପୂଜକ ଅଜୟ କୁମାର ପଣ୍ଡା, ବିଜୟ କୁମାର ପଣ୍ଡା,ଅମୀୟ କୁମାର ସାମନ୍ତରାୟ ଓ ବିପିନ ବିହାରୀ ପଣ୍ଡା ପୂଜାନୀତି ସମ୍ପନ୍ନ କରିଥିଲେ। ସନ୍ତୋଷ କୁମାର ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ସମିତି ସଭାପତି ତଥା ନାଲକୋ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ, ଉପସଭାପତି ବିଛନ୍ଦ ଚରଣ ଦାଶଙ୍କ ସହିତ ସମ୍ପାଦକ କୈଳାସ ସେନାପତି, ଯୁଗ୍ମ ସମ୍ପାଦକ ତ୍ରିଲୋଚନ ଚୌଧୁରୀ ଓ କୋଷାଧ୍ୟକ୍ଷ ପି.କେ. ମହାରଣାଙ୍କ ସହିତ ସଦସ୍ୟ ପରିଚାଳନା କରିଥିଲେ। ସେକ୍ଟର ୩ ମନ୍ଦିରରେ ପୂଜକ ଅଭିମନ୍ୟୁ ପଣ୍ଡା ଓ ନୀଳାଚଳ ମହାପାତ୍ର ପୂଜାନୀତି କରିଥିଲେ। ମାଥାଲପୁଟ ସ୍ଥିତ ଶ୍ରୀରାଧାକୃଷ୍ଣଙ୍କ ମନ୍ଦିରରେ ପୂଜକ ପ୍ରତାପ ପଣ୍ଡା ଓ ପ୍ରଣୟ ଦେବତ୍ତା ପୂଜାନୀତି କରିଥିଲେ। କମିଟି ପକ୍ଷରୁ କାଳୀଚରଣ ପାଟଯୋଶୀ, ହରିବନ୍ଧୁ ବିଶ୍ୱାଳ, ଶଙ୍କର ପାତ୍ର ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ମାଥାଲପୁଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏହି ପରିପ୍ରେକ୍ଷିରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁନି କୁନି ପିଲାମାନେ ରାଧାକୃଷ୍ଣ ବେଶରେ ସଜେଇ ହୋଇଥିବାର ଦେଖିବାକୁ ମିଳିଥିଲା।

**କୋଷାଗୁମୁଡା :** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ସଦର ମହକୁମା ସ୍ଥିତ "ରାଧା ଗୋବିନ୍ଦ ଭାଗବତ ଟୁଙ୍ଗୀ" ଠାରେ ପବିତ୍ର ଜନ୍ମାଷ୍ଟମୀ ଅବସରରେ ସକାଳୁ ମଧ୍ୟରାତ୍ର ପର୍ଯ୍ୟନ୍ତ ନାମ ସଂକୀର୍ତ୍ତନ, ଭଜନ, କୀର୍ତ୍ତନ, ଛୋଟ ଛୋଟ ପିଲାଙ୍କ ରାଧାକୃଷ୍ଣ ବେଶ, ଶ୍ଳୋକ, ନୃତ୍ୟ, ଚିତ୍ରଙ୍କନ ପ୍ରତିଯୋଗିତା ସହ ଭାଗବତ ପ୍ରବଚନ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୋଷାଗୁମୁଡାର "ରାଧା ଗୋବିନ୍ଦ ଭାଗବତ ଟୁଙ୍ଗୀ"ର ସଭାପତି ପୀତବାସ ସ୍ୱାଇଁ ଓ ସମ୍ପାଦକ ବିନାୟକ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ସହଯୋଗୀ ନିତାଇ ପଦ କମଳ ଦାସ, ଚରଣ ସୋରତ ପ୍ରଭୁଙ୍କ ଦ୍ୱାରା କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣଙ୍କ ପ୍ରସାଦର ଆୟୋଜନ ରାଧାଗୋବିନ୍ଦ ଭାଗବତ ଟୁଙ୍ଗୀ, କୋଷାଗୁମୁଡ଼ାର ସୌଜନ୍ୟରେ ହୋଇଥିଲା। ଏଭଳି କାର୍ଯ୍ୟକ୍ରମଟି କୋଷାଗୁମୁଡ଼ା ଠାରେ ହୋଇଥିବାରୁ ଆୟୋଜିତ ଭାଗବତ ଟୁଙ୍ଗୀ କମିଟିକୁ ସ୍ଥାନୀୟ ଜନସାଧାରଣ ଓ ହିନ୍ଦୁଧର୍ମଲମ୍ବୀ ଖୁସିର ସହ ସାଧୁବାଦ ଜ୍ଞାପନ କରିଛନ୍ତି ।

**ପୋଡ଼ାଗଡ:** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଠାରେ ଜନ୍ମାଷ୍ଟମୀ ଉତ୍ସବ ଅତି ଧୂମଧାମ ରେ ପାଳିତ ହୋଇଯାଇଛି। ଏହି ଉତ୍ସବ ଟି ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅନୁପମା ମିଶ୍ରଙ୍କ ତତ୍ତ୍ୱାବଧାନ ରେ ଆୟୋଜିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଟିକୁ ଶୁଭ ଉଦଘାଟନ କରିଥଲେ। ସାମ୍ମାନିତ ଅତିଥି ଭାବେ ବିଡ଼ିଓ ମିଳନ କୁମାର ଝାଙ୍କର, ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ମୋହନ ପାତ୍ର ହିଆଲ, ଯୁବ ସଭାପତି ଅଶୋକ ଖସଲା, ବିରିଷ୍ଠ ବ୍ୟକ୍ତି ନକୂଳ ବିଶୋଇ, ରମାକାନ୍ତ ଦଳାଇ, ଶିଶୁ ମନ୍ଦିର ସମ୍ପାଦକ ବି.ବି. ଏମ.ରାଉତ, ଭୈରବ ବିଶୋଇ, ଜୋନ ୧ ଓ ୨ ର ଜିଲ୍ଲା ପରିଷଦ ସଭ୍ୟା, ସଭ୍ୟଙ୍କ ସମେତ ସମସ୍ତ ଗୁରୁମା, ଅବିଭାବକ ଏବଂ କୁନୀ କୁନୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ କୁନୀ କୁନୀ ଶିଶୁ ମାନେ ରାଧାକୃଷ୍ଣ ଭେଷ ରେ ସୁସଜିତ ହୋଇ ନୃତ୍ୟ ପରିବେଷଣ କରିଥିଲେ।






## ନ୍ୟୁୟର୍କରେ ଗୁଳିମାଡ଼; ୩ ମୃତ

ନ୍ୟୁୟର୍କ,୧୭ ।୮ (ଏଜେନ୍ସି): ଆମେରିକାରେ ଗୁଳିକାଣ୍ଡ ଘଟଣା ଥମିବାର ନା ଧରୁନି । ରବିବାର ବଡ଼ି ଭୋରରେ ନ୍ୟୁୟର୍କ ସ୍ଥିତ କ୍ରାଉନ ହାଇଟ୍ସ ରେଷ୍ଟୋରାଁରେ ରବିବାର ସକାଳେ କିଛି ଅଜ୍ଞାତ ବନ୍ଧୁକଧାରୀ ଲୋକଙ୍କ ଉପରେ ଅତର୍କିତ ଗୁଳିମାଡ କରିଛନ୍ତି । ଏଥିରେ ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ୮ ଜଣ ଆହତ ହୋଇଛନ୍ତି । ଆହତଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ବ୍ୟକ୍ତିଗତ ବିବାଦ କାରଣରୁ ଏହି ଘଟଣା ଘଟିଛି ବୋଲି କୁହାଯାଇଛି । ପୁଲିସ ଅପରାଧୀଙ୍କୁ ଖୋଜିବା ଜାରି ରଖିଛି । ଘଟଣାସ୍ଥଳରୁ ଏକ ବନ୍ଧୁକ ଓ କାର୍ଟ୍ରିଜ ଜବତ କରାଯାଇଛି ।

## ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଦାବି

ବେଙ୍ଗାଲୁରୁ, ୧୭।୮ (ଏଜେନ୍ସି): କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ବିବାଦ ଥମିବାର ନା ଧରୁନି । ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଦାବି କରି ଛନାଗିରି ବିଧାୟକ ବାସବରାଜୁ ଭି ଶିବଗଙ୍ଗା ଫସି ଯାଇଛନ୍ତି । ତାଙ୍କୁ ପ୍ରଦେଶ କଂଗ୍ରେସର ଶୃଙ୍ଖଳାଗତ କମିଟି ରବିବାର କାରଣ ଦର୍ଶାଅ ନୋଟିସ ଜାରି କରିଛି । ୭ ଦିନ ମଧ୍ୟରେ ଏହାର ଜବାବ ଦେବାକୁ କୁହାଯାଇଛି । କିଛି ଦିନ ତଳେ ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ ଚର୍ଚ୍ଚା ଜୋର୍ ଧରିଥିଲା । ମାତ୍ର ୫ ବର୍ଷର କାର୍ଯ୍ୟକାଳ ପୂରଣ କରିବି ବୋଲି ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିବା ପରେ ଏଥିରେ ବିରାମ ଲାଗିଥିଲା । କିନ୍ତୁ ଶନିବାର ଶିବଗଙ୍ଗା କହିଥିଲେ ଯେ ଡିସେମ୍ବର ପରେ ଡିକେ ମୁଖ୍ୟମନ୍ତ୍ରୀ ହେବେ କହି ପୁଣି ଦଳ ଭିତରେ ଭ୍ରମ ଏବଂ ଲଜ୍ଜାଜନକ ସ୍ଥିତି ସୃଷ୍ଟି କରିଥିଲେ ବୋଲି ଶୃଙ୍ଖଳାଗତ କମିଟିର ସଂଯୋଜକ ନିବେଦିତ ଅଲୱା କହିଛନ୍ତି ଶିବକୁମାର ମଧ୍ୟ ଏଭଳି ମନ୍ତବ୍ୟକୁ ନିନ୍ଦା କରିଥିଲେ । ଶିବକୁମାର ମଧ୍ୟ ବିଧାୟକଙ୍କ ମନ୍ତବ୍ୟକୁ ନିନ୍ଦା କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ ।



**ବିଧାୟକଙ୍କୁ ନୋଟିସ ପଠାଇଲା କଂଗ୍ରେସ**

## ୱାଶିଂଟନରେ ନ୍ୟାସନାଲ ଗାର୍ଡ ମୁତୟନ ବୃଦ୍ଧି କଲେ ଟ୍ରମ୍ପ

ୱାଶିଂଟନ,୧୭ ।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରାଜଧାନୀ ୱାଶିଂଟନରେ ନ୍ୟାସନାଲ ଗାର୍ଡ ମୁତୟନ ବୃଦ୍ଧି କରିଛନ୍ତି । ଏଥିପାଇଁ ୩ ରାଜ୍ୟରୁ ୭୦୦ରୁ ଅଧିକ ଯବାନଙ୍କୁ ଡକାଯାଇଛି । ୱେଷ୍ଟ ଭିର୍ଜିନିଆରୁ ୩୦୦ରୁ ୪୦୦, ସାଉଥ କାରୋଲିନାରୁ ୨୦୦ ଓ ଓହିଓରୁ ପ୍ରାୟ ୧୫୦ ନ୍ୟାସନାଲ ଗାର୍ଡଙ୍କୁ ଅଣାଯାଇ ୱାଶିଂଟନରେ ମୁତୟନ କରାଯାଇଛି । ଏମାନଙ୍କୁ ଟ୍ରମ୍ପ ସିଧାସଳଖ ନିୟନ୍ତ୍ରଣ କରୁଛନ୍ତି । ତେବେ ନ୍ୟାସନାଲ ଗାର୍ଡ ମୃତୟନ ପ୍ରକ୍ରିୟାକୁ ଲୋକେ ବିରୋଧ କରିଛନ୍ତି । ପୂର୍ବରୁ ଲସ୍ ଏଞ୍ଜେଲ୍ସରେ ଟ୍ରମ୍ପ ୫ ହଜାର ନ୍ୟାସାନାଲ ଗାର୍ଡ ମୁତୟନ କରିଥିଲେ ।

## ନୋବେଲ ପୁରସ୍କାର ଦେବାକୁ ନରୱେ ମନ୍ତ୍ରୀଙ୍କୁ କହିଲେ ଟ୍ରମ୍ପ

ଓସ୍ଲୋ,୧୭ ।୮ (ଏଜେନ୍ସି): ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧୈର୍ଯ୍ୟହରା ହେବାକୁ ଲାଗିଲେଣି । ସେ ନୋବେଲ ପୁରସ୍କାର ଚାହୁଁଛନ୍ତି ବୋଲି ନରୱେ ଅର୍ଥମନ୍ତ୍ରୀ ଜେନ୍ସ ଷ୍ଟୋଲଟେନବର୍ଗଙ୍କୁ ସିଧାସଳଖ ଫୋନ୍ କରି ନିଜର ଇଚ୍ଛା ଜଣାଇଥିବା ଏକ ସ୍ଥାନୀୟ ଦୈନିକ ଖବରକାଗଜ ଉଲ୍ଲେଖ କରିଛି । ଅବଶ୍ୟ ସେ ଟାରିଫ୍ ଲାଗୁ କରିବା ନେଇ ତାଙ୍କ ସହ ଆଲୋଚନା କରିଥିଲେ । ଇସ୍ରାଏଲ, କାମ୍ବୋଡିଆ, ପାକିସ୍ତାନ ଭଳି କେତୋଟି ରାଷ୍ଟ୍ର ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେବାକୁ ପ୍ରସ୍ତାବ ଦେଇଛନ୍ତି । ଆସନ୍ତା ଅକ୍ଟୋବରରେ ନୋବେଲ ପୁରସ୍କାର ନେଇ ଘୋଷଣା ହେବ । ଟ୍ରମ୍ପ ଗତ କିଛି ଦିନ ମଧ୍ୟରେ କେତୋଟି ଦେଶଗୁଡିକ ମଧ୍ୟରେ ୬ଟି ଯୁଦ୍ଧକୁ ବନ୍ଦ କରିବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ବୋଲି ଦାବି କରିଛନ୍ତି । ଭାରତ ଓ ପାକିସ୍ତାନ ମଧ୍ୟରେ ସେ ଅସ୍ତ୍ରବିରତି କରାଇଛନ୍ତି ବୋଲି ବହୁବାର କହି ଚର୍ଚ୍ଚା ସୃଷ୍ଟି କରିଛନ୍ତି ।

## ତ୍ରିରଙ୍ଗାକୁ ଅସମ୍ମାନ କରି ପ୍ରଧାନଶିକ୍ଷୟିତ୍ରୀ ଗିରଫ

ଗୌହାଟୀ,୧୭ ।୮ (ଏଜେନ୍ସି): ଆସାମରେ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଫାତିମା ଖାତୁନ ଜାତୀୟ ପତାକା ତ୍ରିରଙ୍ଗାକୁ ଅସମ୍ମାନ କରି ଗିରଫ ହୋଇଛନ୍ତି । ଆସାମସ୍ଥିତ ନାଗାଓଁ ଜିଲ୍ଲାରେ ସମଗୁରି ଅଞ୍ଚଳରରେ ଥିବା ଗୋପୀନାଥ ଦେବ ଗୋସ୍ୱାମୀ ଉଚ୍ଚ ବିଦ୍ୟାଳୟ ପରିସରରେ ଫାତିମା ଗୋଡ଼ରେ ତ୍ରିରଙ୍ଗା ଚଢ଼ତିବାକୁ ପ୍ରୟାସ କରିଥିଲେ । ସ୍ୱାଧୀନତା ଦିବସ ପରଦିନ ଅର୍ଥାତ ଶନିବାର ସକାଳେ ସେ ଏକା ପତାକା ଅବତରଣ କରିବା ବେଳେ ଗୋଡ଼ରେ ତ୍ରିରଙ୍ଗା ଭାଙ୍ଗିଥିଲେ । 'ରାଷ୍ଟ୍ରୀୟ ସମ୍ମାନ ଅପମାନ ନିବାରଣ ଆଇନ'ର ଧାରା ୨ ଅନୁସାରେ ତାଙ୍କୁ ଗିରଫ କରି ନାଗାଓଁ ସିଜେଏମ୍ କୋର୍ଟରେ ହାଜର କରା ଯାଇଥିଲା । ତାଙ୍କୁ କୋର୍ଟ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି । ଫାତିମା ଏକା ସ୍କୁଲ ଆସି ସକାଳ ୭.୩୦ରେ ପତାକା ଅବତରଣ କରିବା ଅବସରରେ ଏହି ଅନୁଚିତ କାର୍ଯ୍ୟ କରିଥିଲେ ବୋଲି ପୁଲିସ ତରଫରୁ କୁହାଯାଇଛି ।

# ୨୧ ହଜାର ଶିଶୁଙ୍କୁ ଅପହରଣ କଲାଣି ରୁଷ୍: ୟୁକ୍ରେନ୍

କିଭ୍, ୧୭।୮ (ଏଜେନ୍ସି):

ଦୀର୍ଘ ଦିନ ହେଲା ରୁଷ୍-ୟୁକ୍ରେନ ଯୁଦ୍ଧ ଜାରି ରହିଛି । ଏଥିରେ ୟୁକ୍ରେନ ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଛି । ରୁଷ୍ ମଧ୍ୟ ଯୁଦ୍ଧରେ ଅନେକ ଯବାନଙ୍କୁ ହରାଇଲାଣି । ଏଥିଯୋଗୁଁ ସେନାରେ ଯବାନଙ୍କ ଅଭାବ ରହିଛି । ଏହାକୁ ପୂରଣ କରିବା ପାଇଁ ରୁଷ୍ ୟୁକ୍ରେନ ଶିଶୁଙ୍କୁ ଅପହରଣ କରୁଛି । ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏ ପର୍ଯ୍ୟନ୍ତ ୨୧ ହଜାର ଶିଶୁଙ୍କୁ ଅପହରଣ କଲାଣି । ଏହି ଶିଶୁଙ୍କୁ ଅଲଗା ଅଲଗା ଠିକଣାରେ ରଖି ବ୍ରେନୱାଶ କରାଯାଉଛି । ୟୁକ୍ରେନ ବିରୋଧରେ ଲଢ଼ିବା ପାଇଁ ଉସୁକା ଯାଉଛି । ପରେ ଯୁଦ୍ଧ ଲଢିବା ପାଇଁ ୟୁକ୍ରେନ ପଠାଯାଉଛି । ଯୁଦ୍ଧ ବନ୍ଦ କରିବା ପାଇଁ ଆଲାସ୍କାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଆଲୋଚନା ଶେଷ ହେବାର ଦିନକ ପରେ ୟୁକ୍ରେନ ସିକ୍ୟୁରିଟି ସର୍ଭିସ (ଏସ୍‌ବିୟୁ) ଏହି ଦାବି କରିଛି ।

ଅନ୍ୟପକ୍ଷରେ ୟେଲ ୟୁନିଭର୍ସିଟିର ରିସର୍ଚ୍ଚ ଗ୍ରୁପ ପବ୍ଲିକ ଡାଟାବେସ ଏବଂ ସାମାଜିକ ଗଣମାଧ୍ୟମ ପୋଷ୍ଟ ମାଧ୍ୟମରେ ଏଭଳି ୮୪୦୦ ଶିଶୁଙ୍କୁ ଚିହ୍ନଟ କଲାଣି । ଏହି ଶିଶୁଙ୍କୁ ଯୋଜନା କରି ରୁଷ୍ ପଠା ଯାଇଛି । କିଛି ମାସ ତଳେ ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କି ମଧ୍ୟ ଏଭଳି ଦାବି କରିଥିଲେ । ଜୋର ଜବରଦସ୍ତି ରୁଷ୍ ପଠା ଯାଇଥିବା ପିଲାଙ୍କ ମଧ୍ୟରୁ ୧୧ ହଜାରଙ୍କ ନାମ ଜାଣିଛୁ ବୋଲି ସେ କହିଥିଲେ । ଏହି ପିଲାଙ୍କୁ ରଖାଯାଇଥିବା ୧୫୦ଟି ସ୍ଥାନକୁ ଏସ୍‌ବିୟୁ ଚିହ୍ନଟ କରିଛି । ଏହି ପିଲାମାନଙ୍କୁ ଶିବିରରେ କିମ୍ବା ସେମାନଙ୍କର ପୋଷ୍ୟ ପରିବାର ସହିତ ରଖାଯାଇଛି । ଆଉ କିଛି ପିଲାଙ୍କୁ ସାମରିକ ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଛି । ଏ ପର୍ଯ୍ୟନ୍ତ ରୁଷ କେବଳ ୧୨୦୦ ଶିଶୁଙ୍କୁ ଫେରାଇଛି । ଏହି ପିଲାମାନଙ୍କ ଅପହରଣକୁ ଜାତିସଂଘ (ୟୁଏନ) ଯୁଦ୍ଧ ଅପରାଧ ଘୋଷଣା କରିଛି । ନେଦରଲାଣ୍ଡର ହେଗ୍‌ରେ ଅବସ୍ଥିତ ଅନ୍ତର୍ଜାତୀୟ ଅପରାଧ ଅଦାଲତ (ଆଇସିସି) ଏହି ମାମଲାରେ ରୁଷ ରାଷ୍ଟ୍ରପତି ପୁଟିନଙ୍କୁ 'ଯୁଦ୍ଧ ଅପରାଧୀ' ଘୋଷଣା କରିଛି । ତାଙ୍କ ବିରୋଧରେ ଗିରଫ ପରୱାନା ମଧ୍ୟ ଜାରି କରିଛି । ଗତ କିଛି ମାସ ମଧ୍ୟରେ ଟ୍ରମ୍ପଙ୍କ ସହ ଆଲୋଚନା ବେଳେ ମଧ୍ୟ ଜେଲେଁସ୍କି ନିଖୋଜ ପିଲାଙ୍କ ପ୍ରସଙ୍ଗ ଉଠାଇ ଥିଲେ । ଗତ ମେ' ମାସରେ ଆମେରିକା ସିନେଟର ଏକ ଗୋଷ୍ଠୀ ମଧ୍ୟ ଏକ ପ୍ରସ୍ତାବ ଉପସ୍ଥାପନ କରିଥିଲା । ରୁଷ ସହିତ କୌଣସି ଶାନ୍ତି ଚୁକ୍ତି ଚୂଡ଼ାନ୍ତ ହେବା ପୂର୍ବରୁ ସମସ୍ତ ୟୁକ୍ରେନୀୟ ପିଲାଙ୍କ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରାଯିବା ଉଚିତ ବୋଲି ଏଥିରେ କୁହାଯାଇଥିଲା । ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏ ପର୍ଯ୍ୟନ୍ତ ୫୦ ଲକ୍ଷ ୟୁକ୍ରେନ ନାଗରିକ ପଳାୟନ କଲେଣି । ୧୬ ଲକ୍ଷ ଶିଶୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ୟୁକ୍ରେନର ୨୦ ପ୍ରତିଶତ ଅଞ୍ଚଳକୁ ରୁଷ୍ କବଜା କରିନେଲାଣି ।

**ବ୍ରେନୱାଶ୍ କରି ୟୁକ୍ରେନ ବିରୋଧରେ ଲଢ଼ାଉଛି**





## ପୁଣି ମୁହାଁମୁହିଁ ହେବେ ଟ୍ରମ୍ପ-ଜେଲେଁସ୍କି

**ପୁଟିନଙ୍କ ସର୍ତ୍ତ ମାନିବାକୁ ଚାପ ପକାଇବେ ଟ୍ରମ୍ପ**

**ରାଜି ହୋଇନପାରନ୍ତି ୟୁକ୍ରେନ ରାଷ୍ଟ୍ରପତି**

ୱାଶିଂଟନ, ୧୭।୮ (ଏଜେନ୍ସି): ଦୀର୍ଘ ଦିନ ହେଲା ଜାରି ୟୁକ୍ରେନ ଯୁଦ୍ଧକୁ ବନ୍ଦ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କି ସୋମବାର ପୁଣି ମୁହାଁମୁହିଁ ହେବାକୁ ଯାଉଛନ୍ତି । ହ୍ୱାଇଟ ହାଉସ୍‌ରେ ହେବାକୁ ଥିବା ଏହି ବୈଠକକୁ ୟୁରୋପୀୟ ନେତାଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଛି । ସମସ୍ତେ ମିଳିତ ଭାବେ ୟୁକ୍ରେନ ଏବଂ ସାମୂହିକ ସ୍ୱାର୍ଥରେ ନିଷ୍ପତ୍ତି ନେବେ ବୋଲି କୁହାଯାଉଛି । ଏଠାରେ ରୁଷ୍ ସର୍ତ୍ତକୁ ମାନିବା ପାଇଁ ଜେଲେଁସ୍କିଙ୍କ ଉପରେ ଟ୍ରମ୍ପ ଚାପ ପକାଇ ପାରନ୍ତି । ପୂର୍ବଥର ପରି ଜେଲେଁସ୍କି ମଧ୍ୟ ତାଙ୍କ କଥାରେ ସହମତି ହୋଇ ନ ପାରନ୍ତି । ପୂର୍ବଥର ଟ୍ରମ୍ପ ତାଙ୍କୁ ଅପମାନିତ କରି ହ୍ୱାଇଟ ହାଉସରୁ ବିଦା କରିଥିଲେ । ଏହି ବୈଠକ ସଫଳ ହେଲେ ତିନି ନେତାଙ୍କ ମଧ୍ୟରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ । ଅନ୍ୟପଟେ ଆଲାସ୍କାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଭେଟିବାର ଦିନକ ପରେ ଆ ଟ୍ରମ୍ପ ବଡ଼ ଘୋଷଣା କରିଛନ୍ତି । ଏହି କ୍ଷେତ୍ରରେ ରୁଷ୍ ପକ୍ଷରୁ ବଡ଼ ଅଗ୍ରଗତି ହୋଇଥିବା ଟ୍ରମ୍ପ କହିଛନ୍ତି । ତେବେ ସେ ଏହାର ବିସ୍ତୃତ ସୂଚନା ଦେଇନାହାନ୍ତି । ଏହା ମଧ୍ୟରେ ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ଷ୍ଟିଭ ୱିଟକୋଫ ଆଲାସ୍କା ଆଲୋଚନାର ବିସ୍ତୃତ ବିବରଣୀ ଦେଇଛନ୍ତି । ୟୁକ୍ରେନ ସୁରକ୍ଷାର ଗ୍ୟାରେଣ୍ଟି ଦେବାକୁ ପୁଟିନ ଏବଂ ଟ୍ରମ୍ପ ରାଜି ହୋଇଛନ୍ତି । ଏହାକୁ ୱିଟକୋଫ ବଡ଼ ପରିବର୍ତ୍ତନ କହିଛନ୍ତି । ଶାନ୍ତି ଚୁକ୍ତି ପାଇଁ ରୁଷିଆକୁ ଡୋନାବାସ କ୍ଷେତ୍ର ଦେବା ପାଇଁ ଟ୍ରମ୍ପ ଯୋଜନାକୁ ୟୁକ୍ରେନ ଏବଂ ଏହାର ସହଯୋଗୀ ରାଷ୍ଟ୍ର ଗୁଡିକ ରାଜି ନ ଥିବା ରିପୋର୍ଟ ପ୍ରକାଶ ପାଇବା ପରେ ଏହି ଖବର ଆସିଛି । ୟୁରୋପୀୟ ନେତାମାନେ ସତର୍କ କରାଇ ଦେଇଛନ୍ତି ଯେ ଯୁଦ୍ଧବିରତିକୁ ଏଡାଇ ଦେଲେ ଆଲୋଚନାରେ ମସ୍କୋର ସ୍ଥିତି ମଜବୁତ ହୋଇପାରେ ।

ଏପରି ସମୟରେ ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କି ସୋମବାର ଆମେରିକା ଗସ୍ତ କରିବେ । ଏଠାରେ ସେ ଟ୍ରମ୍ପଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଚର୍ଚ୍ଚା କରିବେ । ଏହି ସମୟରେ ୟୁରୋପୀୟ ସଂଘର ଅନେକ ନେତା ତାଙ୍କ ସହିତ ରହିବେ । ଏମାନଙ୍କ ମଧ୍ୟରେ ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେଏନ୍, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍, ଜର୍ମାନ ଚାନ୍ସେଲର ଫ୍ରେଡ୍ରିକ ମର୍ଜ ଏବଂ ନାଟୋ ମହାସଚିବ ମାର୍କ ରୁଟ୍ ମଧ୍ୟ ସାମିଲ ଅଛନ୍ତି ।

## ମହିଳା କାନ୍ଦିଲେ ଯୌତୁକ ଉତ୍ପୀଡ଼ନ ଅଭିଯୋଗ ସାବ୍ୟସ୍ତ ହୁଏନି; ହାଇକୋର୍ଟ

ନୂଆଦିଲ୍ଲୀ,୧୭ ।୮ (ଏଜେନ୍ସି): ଜଣେ ମହିଳା କେବଳ କାନ୍ଦିଦେଲେ ଯୌତୁକ ନିର୍ଯାତନା ଅଭିଯୋଗ ପ୍ରମାଣିତ ହୁଏ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । ଏକ ଆବେଦନକୁ ଖାରଜ କରି ଜଷ୍ଟିସ୍ ନିନା ବଂଶାଲ କ୍ରିଷ୍ଣା ଏହି ଟିପ୍ପଣୀ ଦେଇଛନ୍ତି । ଜଣେ ସ୍ୱାମୀ ଓ ତାଙ୍କ ପରିବାରକୁ ଯୌତୁକ ନିର୍ଯାତନା ମାମଲା ଅଭଯୋଗରୁ ମୁକ୍ତ କରାଯିବାକୁ ବିରୋଧ କରି ଏକ ଆବେଦନ ହୋଇଥିଲା । କିନ୍ତୁ ଜଷ୍ଟିସ ନିନା ବଂଶାଲ ଏହି ଆବେଦନକୁ ଖାରଜ କରି ଏହି ଟିପ୍ପଣୀ ଦେଇଛନ୍ତି । ୨୦୧୦ ଡିସେମ୍ବରରେ ଜଣେ ବିବାହିତ ମହିଳା ନିଜ ସ୍ୱାମୀ ଓ ଶାଶୁଘର ଲୋକଙ୍କ ଦ୍ୱାରା ଯୌତୁକଜନିତ ନିର୍ଯାତନାର ଶିକାର ହୋଇଥିଲେ । ବିବାହ ବେଳେ ଝିଅଘର ୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ । ତେବେ ସ୍ୱାମୀ ଓ ଶାଶୁଘର ଲୋକେ ମୋଟର ସାଇକଲ, ନଗଦ ଟଙ୍କା ଓ ସୁନା ଗହଣା ଦାବି କରିଥିଲେ । ଏହି ମହିଳା ଦୁଇଟି ଝିଅର ଜନନୀ ହୋଇଥିଲେ ମଧ୍ୟ ୨୦୧୪ ମାର୍ଚ୍ଚ ୩୧ରେ ମୃତ୍ୟୁବରଣ କରିଥିଲେ । ମୃତକଙ୍କ ଭଉଣୀଙ୍କ ଅଭିଯୋଗ ଅନୁସାରେ ମାମଲା ରୁଜୁ କରାଯାଇଥିଲା । ଏଥିରେ ସେ ନିଜେ ମହିଳାଙ୍କୁ ଫୋନ କରିଥିଲେ ଓ ସେ କାନ୍ଦୁଥିଲେ ବୋଲି ଉଲ୍ଲେଖ କରିଥିଲେ । ହାଇକୋର୍ଟ କହିଥିଲେ ଯେ ପୀଡିତା କେବଳ କାନ୍ଦୁଥିଲେ ବୋଲି କାହାକୁ ଦୋଷୀ ସାବ୍ୟସ୍ତ କରାଯାଇ ପାରିବ ନାହିଁ । ସମ୍ପୃକ୍ତ ମହିଳା ନିମୋନିଆ ଅର୍ଥାତ ପ୍ରାକୃତିକ କାରଣରୁ ମୃତ୍ୟୁବରଣ କରିଥିଲେ ବୋଲି ତଳ କୋର୍ଟ କହିଥିଲେ । ହାଇକୋର୍ଟ ମଧ୍ୟ ଏହାକୁ ସମର୍ଥନ କରିଛନ୍ତି । ବ୍ୟବଚ୍ଛେଦ ରିପୋର୍ଟରେ କ୍ରୁରତା ନୁହଁ, ବରଂ ସେ ନିମୋନିଆରେ ମୃତ୍ୟୁବରଣ କରିଥିଲେ ବୋଲି ହାଇକୋର୍ଟ କହିଛନ୍ତି । ପୁଣି ମହିଳାଙ୍କ ପରିବାର କୌଣସି ଅଭିଯୋଗର ପ୍ରମାଣ ଦେବାରେ ବିଫଳ ହୋଇଛନ୍ତି । ତେଣୁ ଏହି ମାମଲାକୁ ଖାରଜ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ।




## ସ୍ୱଦେଶୀ ଆପଣାଇବାକୁ ମୋଦୀଙ୍କ ଆହ୍ୱାନ





ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ସ୍ୱଦେଶୀ ଆପଣାଇବାକୁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି । ଭାରତୀୟ ଯଦି ଭାରତରେ ନିର୍ମିତ ସାମଗ୍ରୀ କିଣନ୍ତୁ । 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଭୋକାଲ ଫର ଲୋକାଲ'କୁ ଆପଣାନ୍ତୁ । ବ୍ୟବସାୟୀ ମଧ୍ୟ ବିଦେଶୀ ସାମଗ୍ରୀ ଛାଡ଼ି ସ୍ଥାନୀୟ ସାମଗ୍ରୀ କ୍ରୟ କରନ୍ତୁ ବୋଲି ମୋଦୀ କହିଛନ୍ତି । ଦିଲ୍ଲୀର ରୋହିଣୀରେ ଦେଶର ପ୍ରଥମ ୮ ଲେନ୍ ବିଶିଷ୍ଟ ଏଲିଭେଟେଡ ହାଇୱେ ଦ୍ୱାରକା ଏକ୍ସପ୍ରେସୱେ ଉଦ୍‌ଘାଟନ ପରେ ଜନସଭାକୁ ସମ୍ବୋଧନ କରି ମୋଦୀ ଏହି ଟିପ୍ପଣୀ ଦେଇଛନ୍ତି । ଏବେ ଭାରତ ଏବଂ ଆମେରିକା ମଧ୍ୟରେ ଶୁଳ୍କକୁ ନେଇ ଟଣାଓଟରା ଚାଲିଛି । ଆମେରିକା ରାଷ୍ଟ୍ରପତି ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇବାକୁ ଘୋଷଣା କରିଛନ୍ତି । ଏହା ୨୭ ତାରିଖରେ କାର୍ଯ୍ୟକାରୀ ହେବ । ମାତ୍ର ଗତ ୭ ତାରିଖରୁ ୨୫ ପ୍ରତିଶତ ଶୁଳ୍କ ଲାଗୁ ହୋଇଛି । ମୋଦୀ ରାଜନୈତିକ ବିରୋଧୀଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି । ମୁଣ୍ଡରେ ସମ୍ବିଧାନକୁ ରଖି ନାଚୁଥିବା ଲୋକେ ତାହାକୁ ଦଳି ଦେଉଥିଲେ ଏବଂ ବାବା ସାହେବଙ୍କ ଭାବନାକୁ ବିଶ୍ୱାସଘାତ କରୁଥିଲେ ବୋଲି କହିଛନ୍ତି ।

**ଦ୍ୱାରକା ଏକ୍ସପ୍ରେସୱେ ଉଦ୍‌ଘାଟିତ**

## ୟୁଟ୍ୟୁବର୍ ଏଲ୍‌ଭିସ ଯାଦବଙ୍କ ଘରକୁ ଗୁଳିମାଡ଼

ନୂଆଦିଲ୍ଲୀ,୧୭ ।୮ (ଏଜେନ୍ସି): ଜଣାଶୁଣା ୟୁଟ୍ୟୁବର ଏଲଭିସ ଯାଦବଙ୍କ ଗୁରୁଗ୍ରାମସ୍ଥିତ ବାସଭବନ ଉପରେ ଗୁଳିମାଡ ହୋଇଛି । ରବିବାର ସକାଳେ ୫.୩୦ ମିନିଟ୍‌ରେ ମାସ୍କ ପିନ୍ଧିଥିବା ଦୁଇଜଣ ବ୍ୟକ୍ତି ବାଇକ୍‌ରେ ଆସି କିଛି ଦୂରରେ ରହି ଗୁରୁଗ୍ରାମ୍‌ର ସେକ୍ଟର ୫୭ସ୍ଥିତ ତାଙ୍କ ଘର ଉପରେ ଗୁଳିମାଡ଼ କରିଛନ୍ତି ବୋଲି ପୁଲିସ କହିଛି । ଏହି ଘଟଣା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି । ଘଟଣା ବେଳେ ଏଲଭିସ ଘରେ ନ ଥିଲେ ।

ଘଟଣା ବେଳେ ଘରେ ତାଙ୍କ ପରିବାର କେତେଜଣ ସଦସ୍ୟ ଉପସ୍ଥିତ ଥିଲେ । ଏଥିରେ କେହି ଆହତ ହୋଇ ନାହାନ୍ତି । ଏଲ୍‌ଭିସ୍‌ଙ୍କ ପିତା ରାମ ଅବତାର ଯାଦବ ସକାଳ ୫.୩୦ରେ କିଛି ଶବ୍ଦ ଶୁଣିଥିବା କହିଛନ୍ତି । ସିସିଟିଭି ଦେଖିବା ପରେ ସେ ସମ୍ପୂର୍ଣ୍ଣ ଘଟଣା ଜାଣିବାକୁ ପାଇଥିଲେ ଓ ସଙ୍ଗେ ସଙ୍ଗେ ପୁଲିସ୍‌କୁ ସୂଚନା ଦେଇଥିଲେ । ପୁଲିସ ତଦନ୍ତ ଆରମ୍ଭ କରିଛି । ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ତେବେ ଏହି ଘଟଣା ପୂର୍ବରୁ ଏଲ୍‌ଭିସ୍‌ଙ୍କୁ କୌଣସି ଧମକ ମିଳି ନ ଥିଲା ବୋଲି ତାଙ୍କ ପରିବାର ତରଫରୁ ସ୍ପଷ୍ଟ କରାଯାଇଛି । ସେ ଏବେ ହରିୟାଣା ବାହାରେ ଅଛନ୍ତି । ଅଭିଯୋଗ ହେବା ପରେ ମାମଲା ରୁଜୁ କରାଯିବ ବୋଲି ପୁଲିସର ଜଣେ ଅଧିକାରୀ କହିଛନ୍ତି । ଭାଉ ଗ୍ୟାଙ୍ଗ୍ ଏହି ଘଟଣା ପାଇଁ ନିଜକୁ ଦାୟୀ କରିଛି । ଏହି ଗ୍ୟାଙ୍ଗର ସଦସ୍ୟ ତଥା ଗ୍ୟାଙ୍ଗଷ୍ଟର ନୀରଜ ଫରିଦପୁର ଓ ଭାଉ ରିତୋଲିଆ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ନିଜକୁ ଦାୟୀ କରିଛନ୍ତି । ବେଟିଂ ଆପ୍‌ଗୁଡିକର ବିଜ୍ଞାପନ କରି ଏଲଭିସ୍ ଏକାଧିକ ଘରକୁ ନଷ୍ଟ କରିଛନ୍ତି । ଏଲଭିସ୍‌ଙ୍କ ଭଳି ବେଟିଂ ଆପ୍‌ଗୁଡିକର ବିଜ୍ଞାପନ କରୁଥିବା ଅନ୍ୟ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରମାନଙ୍କ ଉପରେ ଗୁଳିମାଡ ହେବ କିମ୍ବା ସେମାନଙ୍କୁ କଲ୍ କରାଯିବ ବୋଲି ଦୁହେଁ ପୋଷ୍ଟରେ ଉଲ୍ଲେଖ କରିଛନ୍ତି । ଉଲ୍ଲେଖଥାଉ କି, ଗତ ଜୁଲାଇରେ ହରିୟାଣାର ଜଣେ ଗାୟକ ତଥା ରାପର ରାହୁଲ ଫଜିଲପୁରିଆଙ୍କ ଉପରେ ମଧ୍ୟ ଆକ୍ରମଣ ହୋଇଥିଲା ।



## ୮ ଥର ଭୋଟ ଦେଇଥିବା ଭୋଟରଙ୍କ ଭିଡିଓ ଜାରି କଲେ ଅଖିଳେଶ

ଲକ୍ଷ୍ନୌ, ୧୭।୮ (ଏଜେନ୍ସି): ଭୋଟ ଚୋରି ଅଭିଯୋଗ ମଧ୍ୟରେ ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ରବିବାର ଏକ ଭିଡିଓ ଜାରି କରି ନିର୍ବାଚନ କମିଶନଙ୍କୁ ପ୍ରଶ୍ନବାଣ ମାରିଛନ୍ତି । ଏହି ଭିଡିଓରେ ଜଣେ ଯୁବକ ଇଭିଏମ ମେସିନରେ ୮ ଥର ବିଜେପିର ନିର୍ବାଚନ ଚିହ୍ନରେ ଭୋଟ ଦେଉଥିବା ଦେଖାଯାଉଛି । ଏହାକୁ ନେଇ ଅଖିଳେଶ ଲେଖିଛନ୍ତି ଯେ ନିର୍ବାଚନରେ ଜାଲିଆତି କରିଥିବା ଜଣେ ବିଜେପି ସଦସ୍ୟ ନିର୍ବାଚନ କମିଶନଙ୍କୁ ଆହ୍ୱାନ ଦେଉଛି । ସେ ନିଜ ଆଧାର କାର୍ଡ ମଧ୍ୟ ଦେଖାଉଛି । ଭୋଟ ଦେଇ ସାରିବା ପରେ ପାଞ୍ଚ ଥର ଭୋଟ ଦେଇଥିବା କହୁଛି । ଷଷ୍ଠ ଥର ଭୋଟ ଦେବା ପାଇଁ ଯାଉଛି । ଏହା ଏକ ଜୀବନ୍ତ ସତ୍ୟପାଠ । ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏହାର ଜବାବ ଦିଅନ୍ତୁ । ଭୋଟ ଚୋରିକୁ ନେଇ ଅଖିଳେଶ ଏକ ଗ୍ରାଫିକ ମଧ୍ୟ ପୋଷ୍ଟ କରିଛନ୍ତି । ପୂର୍ବରୁ ଦିଆଯାଇଥିବା ୧୮ ହଜାର ସତ୍ୟପାଠ ଉପରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ସେ ପଚାରିଛନ୍ତି । ଏ ପର୍ଯ୍ୟନ୍ତ ସତ୍ୟପାଠର ଜବାବ ଦିଆଯାଇ ନ ଥିବା କହିଛନ୍ତି । ସେ ସେୟାର କରିଥିବା ଭିଡିଓଟି ୨୦୨୪ ମେ'ର । ଫରୁଖାବାଦ ଲୋକସଭା କ୍ଷେତ୍ର, ଅଲିଗଞ୍ଜ ବିଧାନସଭା ବୁଥ୍ ନମ୍ବର ୩୪୩ (ଖିରିୟା ପମାରାନ)ରେ ଜଣେ ୮ ଥର ଭୋଟ ଦେଇଥିବା ଦାବି କରାଯାଇଥିଲା । ଏହି ମାମଲାରେ ନୟାଗାଁଓ ଥାନା ପୁଲିସ ଜଣେ ନାବାଳକଙ୍କୁ ଗିରଫ କରିଥିଲା ।

## ବିହାରରେ ରାହୁଲଙ୍କ 'ଭୋଟ ଅଧିକାର ଯାତ୍ରା'

ପାଟନା, ୧୭।୮ (ଏଜେନ୍ସି): ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆଜି ବିହାର ସାସାରାମରୁ 'ଭୋଟ ଅଧିକାର ଯାତ୍ରା' ଆରମ୍ଭ କରିଛନ୍ତି । ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚକୁ ବିରୋଧ କରି ଆୟୋଜିତ ଏହି ଯାତ୍ରାରେ ଇଣ୍ଡିଆ ମେଣ୍ଟର ସଦସ୍ୟ ଦଳଗୁଡିକ ମଧ୍ୟ ସାମିଲ ହୋଇଛନ୍ତି । ସାରାରାମର ସୁଆରା ବିମାନବନ୍ଦର ପଡ଼ିଆରେ ଆୟୋଜିତ ଜନସଭାକୁ ସମ୍ବୋଧନ କରି ରାହୁଲ କେନ୍ଦ୍ର, ରାଜ୍ୟ ସରକାର ଏବଂ ନିର୍ବାଚନ କମିଶନ (ଇସି)ଙ୍କୁ ନିଶାଣ କରିଛନ୍ତି । ରାହୁଲ କହିଛନ୍ତି ଯେ ସମ୍ବିଧାନ ବଞ୍ଚାଇବା ପାଇଁ ଏହି ଲଢ଼େଇ କରାଯାଉଛି । ବିଜେପି ଏବଂ ଆରଏସଏସ ସମ୍ବିଧାନକୁ ଧ୍ୱଂସ କରିବାରେ ଲାଗିଛନ୍ତି । ଯେଉଁଠି ନିର୍ବାଚନ ହେଉଛି, ସେଇଠି ବିଜେପି ଜିତୁଛି । ନିର୍ବାଚନ ଜାଲିଆତି କରାଯାଉଛି । ଲୋକସଭା ନିର୍ବାଚନରେ ମହାରାଷ୍ଟ୍ରରେ ମହାମେଣ୍ଟ ବିଜୟୀ ହୋଇଥିଲା । ମାତ୍ର ୪ ମାସ ପରେ ସେହି କ୍ଷେତ୍ରରେ ହୋଇଥିବା ନିର୍ବାଚନରେ ଇଣ୍ଡିଆ ମେଣ୍ଟ ହାରି ଯାଇଥିଲା । 'ବୁଥ୍ ବାହୁଡା ମତ' ମହାମେଣ୍ଟ ସପକ୍ଷରେ ଥିବା ସତ୍ତ୍ୱେ ହାରିଯିବା ଘଟଣା ସମସ୍ତଙ୍କୁ ଚକିତ କରିଥିଲା । ଯାଞ୍ଚ ପରେ ୧ କୋଟି ନୂଆ ଭୋଟରଙ୍କୁ ତାଲିକାରେ ସାମିଲ ହୋଇଥିବା ଜଣା ପଡ଼ିଥିଲା । ଯାଦୁ କରି ଏମାନଙ୍କୁ ସୃଷ୍ଟି କରିଦିଆଯାଇଥିଲା । ବିହାର ଜନତା ଭୋଟ ଚୋରି ହେବାକୁ ଦେବେନି । କାରଣ ଗରିବ, ଦୁର୍ବଳ ଲୋକଙ୍କ ପାଖରେ କେବଳ ଭୋଟର ହକ୍ ରହିଛି । ନିର୍ବାଚନ କମିଶନ ଯାହା କରୁଛନ୍ତି ତାହା ସମସ୍ତେ ଜାଣିଛନ୍ତି । ଭୋଟରଙ୍କୁ କାଟି ଇସି ନିର୍ବାଚନ ଚୋରି କରୁଛନ୍ତି । ଇଣ୍ଡିଆ ମେଣ୍ଟ ଇସିଙ୍କୁ ଏଭଳି ଚୋରି କରିବାକୁ ଦେବ ନାହିଁ ।

ଦୀର୍ଘ ଦିନ ପରେ ଏହି ଜନସଭାରେ ସାମିଲ ହୋଇଥିବା ଆର୍‌ଜେଡି ସୁପ୍ରିମୋ ଲାଲୁ ଯାଦବ କହିଛନ୍ତି ଯେ ଚୋରଙ୍କୁ ହଟାନ୍ତୁ, ବିଜେପିକୁ ତଡ଼ନ୍ତୁ, ଆଉ ଆମ ଦଳକୁ ଜିତାନ୍ତୁ । କୌଣସି ବି ସ୍ଥିତିରେ ବିଜେପିକୁ କ୍ଷମତାକୁ ଆସିବାକୁ ଦିଆଯିବ ନାହିଁ । ରାହୁଲ ଗାନ୍ଧୀ, ତେଜସ୍ୱୀ ଯାଦବ ସମସ୍ତେ ମିଶି ବିଜେପିକୁ ହଟାନ୍ତୁ । ତେଜସ୍ୱୀ କହିଛନ୍ତି ଯେ ଭୋଟ ଚୋରି ନୁହେଁ, ଲୁଟ୍ ହେଉଛି । ବିହାର ହେଉଛି ଗଣତନ୍ତ୍ରର ଜନନୀ । ରାହୁଲ ଏବଂ ତେଜସ୍ୱୀ ଲୋକଙ୍କ ଅଧିକାରକୁ ଚୋରି କରିବା ପାଇଁ ଦେବେ ନାହିଁ । ଆଜି ଭୋଟର ତାଲିକାରୁ କାଲି ଭତ୍ତା, ରାସନ କାର୍ଡରୁ ନାମ କାଟିଦେବେ । ଏହି ଜନସଭା ପରେ ରାହୁଲ ଏବଂ ତେଜସ୍ୱୀ ମିଶି ରାଲି କରିଥିଲେ । ଏହି କାର୍ଯ୍ୟକ୍ରମେ କଂଗ୍ରେସ ଅଧ୍ୟକ୍ଷଙ୍କ ସମେତ ଅନ୍ୟ ନେତା ମଧ୍ୟ ସାମିଲ ହୋଇଥିଲେ ।



## ମନ୍ତ୍ରର ମହତ୍ତ୍ୱ



**ଧାର୍ମିକ ମାନ୍ୟତାନୁସାରେ, ମନ୍ତ୍ରର ବିଶେଷ ମହତ୍ତ୍ୱ ଅଛି । ନିତିଦିନ ମନ୍ତ୍ର ଜପ ଦ୍ୱାରା ଶୁଭଫଳ ମିଳିଥାଏ । ତେବେ ମନ୍ତ୍ର କେବଳ ଆଧ୍ୟାତ୍ମିକ ଦୃଷ୍ଟିରୁ ଲାଭକାରୀ ବୋଲି କୁହାଯାଇ ନାହିଁ, ବରଂ ସ୍ୱାସ୍ଥ୍ୟ ଉପରେ ବି ଏହାର ସକାରାତ୍ମକ ପ୍ରଭାବ ଦେଖିବାକୁ ମିଳିଥାଏ । ହିନ୍ଦୁ ଶାସ୍ତ୍ରରେ କିଛି ମନ୍ତ୍ର ଏଭଳି ଅଛି, ଯାହାକୁ ପ୍ରତିଦିନ ଉଚ୍ଚାରଣ ବା ଜପ କରିବା ଦ୍ୱାରା ଦେବୀ ଦେବତାଙ୍କ କୃପା ପ୍ରାପ୍ତ ହୋଇଥାଏ । ତା'ସହ କିଛି ମନ୍ତ୍ର ନିୟମିତ ଜପ ଦ୍ୱାରା ସମସ୍ତ ସମସ୍ୟାର ସମାଧାନ ହୋଇଥାଏ ।**

**'ଓମ୍' ମନ୍ତ୍ର:** ଏହି ମନ୍ତ୍ର ସରଳ ହେଲେ ବି ଖୁବ୍ ପ୍ରଭାବଶାଳୀ । ଦିନର ପ୍ରାରମ୍ଭ 'ଓମ୍' ମନ୍ତ୍ର ଦ୍ୱାରା କଲେ ମନ ନିୟନ୍ତ୍ରଣରେ ରହେ । ସେହିପରି ସ୍ୱାସ୍ଥ୍ୟ ପାଇଁ ଏହି ମନ୍ତ୍ର ନିତିଦିନ ଜପ କରିବା ଉତ୍ତମ । ଲୟବଦ୍ଧ ଭାବେ ନିତିଦିନ ଏହି ମନ୍ତ୍ରକୁ ଜପ କରିବା ଦ୍ୱାରା ଅବସାଦ, ଚିନ୍ତା ଆଦି ସମସ୍ୟା ହ୍ରାସ ପାଏ ।

**ଗାୟତ୍ରୀ ମନ୍ତ୍ର:** ହିନ୍ଦୁ ଧର୍ମରେ ଗାୟତ୍ରୀ ମନ୍ତ୍ରର ବିଶେଷ ମହତ୍ତ୍ୱ ଅଛି । କୁହାଯାଏ, ପ୍ରତିଦିନ ଗାୟତ୍ରୀ ମନ୍ତ୍ର ଜପ ଦ୍ୱାରା ଆତ୍ମଜ୍ଞାନ ପ୍ରାପ୍ତ ହୁଏ । ଏହାସହ ଆନ୍ତରିକ ଶକ୍ତି ବି ବିକଶିତ ହୁଏ । ସୂର୍ଯ୍ୟୋଦୟ ସମୟରେ ଗାୟତ୍ରୀ ମନ୍ତ୍ର ଜପ କରିବା ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହୁଏ ଏବଂ ମନ ଶାନ୍ତ ରହେ ।

**ମହାମୃତ୍ୟୁଞ୍ଜୟ ମନ୍ତ୍ର:** ମହାମୃତ୍ୟୁଞ୍ଜୟ ମନ୍ତ୍ରକୁ ସବୁବେଳେ ଜପ କରିବା ଦ୍ୱାରା ଶୁଭଫଳ ପ୍ରାପ୍ତି ହୁଏ । ଏହା ବିଭିନ୍ନ ସମସ୍ୟାରୁ ରକ୍ଷା କରିବାରେ ଲୋକଙ୍କୁ ସାହାଯ୍ୟ କରେ । ମୁଖ୍ୟତଃ ଅକାଳ ମୃତ୍ୟୁ ଭୟ, ରୋଗ ଆଦି ଦୂର କରି ଜୀବନରେ ସୁଖ ସମୃଦ୍ଧି ବୃଦ୍ଧି ପାଏ ।

## ଗୀତାବାଣୀ

**ତଂ ବିଦ୍ୟାଦ୍ ଦୁଃଖସଂଯୋଗବିୟୋଗଂ ଯୋଗସଞ୍ଜ୍ଞିତମ୍ ।**
**ସ ନିଶ୍ଚୟେନ ଯୋକ୍ତବ୍ୟୋ ଯୋଗୋଽନିର୍ବିଣ୍ଣଚେତସା ॥**




ଯେଉଁଥିରେ ଦୁଃଖସଂଯୋଗର ବିୟୋଗ ହୁଏ, ତାହାକୁ 'ଯୋଗ' ବୋଲି ଜାଣିବା ଉଚିତ । (ଏହି ଯୋଗ ଯେଉଁ ଧ୍ୟାନଯୋଗର ଲକ୍ଷ୍ୟ), ସେହି ଧ୍ୟାନଯୋଗ ଅଧୈର୍ଯ୍ୟଚିତ୍ତ ନ ହୋଇ, ଦୃଢ଼ନିଶ୍ଚୟ ପୂର୍ବକ ଅଭ୍ୟାସ କରିବା ଉଚିତ ।

(ଷଷ୍ଠୋଽଧ୍ୟାୟଃ- ଶ୍ଳୋକ-୨୩)

# ପବିତ୍ର ଚନ୍ଦନ ମାଳା

**ହିନ୍ଦୁଧର୍ମରେ ଚନ୍ଦନକୁ ପବିତ୍ର ବୋଲି କୁହାଯାଇଛି । ସେଥିପାଇଁ ପୂଜା-ପାଠ ସମୟରେ ଚନ୍ଦନ ତିଳକ ଲଗାଯାଏ । ଗୋଟିଏ ପଟେ ଚନ୍ଦନ ଶୀତଳତା ପ୍ରଦାନ କରୁଥିବା ବେଳେ ଚନ୍ଦନ ମାଳା ମନ୍ତ୍ର ଜପ ପାଇଁ ବ୍ୟବହାର କରାଯାଏ । ଏହି ମାଳାକୁ ଧାରଣ କରିବା ଅତ୍ୟନ୍ତ ଶୁଭ ଓ ପବିତ୍ର । ଏହାକୁ ପିନ୍ଧିବା ଦ୍ୱାରା ଧନଲାଭର ବାଟ ଫିଟିଥାଏ ।**



ନାଲି ଓ ଧଳା ଦୁଇ ପ୍ରକାର ଚନ୍ଦନ ମାଳ ରହିଛି । ରକ୍ତ ବା ଲାଲ୍ ଚନ୍ଦନ ମାଳା ମା' ଦୁର୍ଗା, ଭଗବାନ ଗଣେଶ, ମା' ଲକ୍ଷ୍ମୀ ଓ ମା' ତ୍ରିପୁରା ସୁନ୍ଦରୀ ମନ୍ତ୍ରର ଜପ କରାଯାଏ । ସେହିପରି ଶ୍ୱେତ ବା ଧଳା ଚନ୍ଦନ ମାଳା ଭଗବାନ ବିଷ୍ଣୁ, ଶ୍ରୀରାମ, କୃଷ୍ଣ ଏବଂ ଦତ୍ତାତ୍ରେୟଙ୍କ ମନ୍ତ୍ର ଜପ ପାଇଁ ଉପଯୁକ୍ତ ବୋଲି ବିବେଚନା କରାଯାଏ ।

ଶ୍ୱେତ ଚନ୍ଦନ ମାଳାକୁ ଧାରଣ କରିବା ଦ୍ୱାରା ମାନସିକ ଶାନ୍ତି ମିଳିଥାଏ । ତେବେ ଅର୍ଥ ସଙ୍କଟ ଦେଇ ଗତି କରୁଥିଲେ ମା' ଲକ୍ଷ୍ମୀଙ୍କ ନାମ ଉଚ୍ଚାରଣ ପୂର୍ବକ ରକ୍ତ ଚନ୍ଦନ ମାଳା ଜପ କରିବା ଉତ୍ତମ । ଏହା ଦ୍ୱାରା ଧନଦେବୀ ଶୀଘ୍ର ପ୍ରସନ୍ନ ହୁଅନ୍ତି । ଏଣୁ ନିୟମିତ ରକ୍ତ ଚନ୍ଦନ ମାଳା ଜପ କରିବା ଶୁଭଦାୟକ ।

ସେହିପରି ଚନ୍ଦନ ମାଳା ଧାରଣ କରିବାର ଶୁଭଦିନ ହେଉଛି ଗୁରୁବାର । ସ୍ନାନ ସାରି ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ । ଏହାପରେ ଗଙ୍ଗାଜଳରେ ଚନ୍ଦନ ମାଳାକୁ ଧୁଅନ୍ତୁ । ଏହାପରେ ହଳଦିଆ କପଡ଼ା ଉପରେ ରଖି ଏହାକୁ ଭଗବାନ ବିଷ୍ଣୁଙ୍କ ପାଖରେ ପୂଜା କରିବା ପରେ ହିଁ ଧାରଣ କରନ୍ତୁ ।

# ବନକ ଲାଗି

**ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଦୈନନ୍ଦିନରେ ଅନେକ ନୀତିକାନ୍ତି ରହିଛି । ସେଥିରୁ ଅନ୍ୟତମ ବନକ ଲାଗି ନୀତି । ଏହା ହେଉଛି ସାପ୍ତାହିକ ନୀତି । ସରଳ ଭାଷାରେ କହିଲେ, ବନକ ଲାଗିର ଅର୍ଥ ହେଉଛି ମୁଖ ସଜ୍ଜା ବା ମୁଖ ଶୃଙ୍ଗାର । ଏହି ରୀତି ପାଇଁ ସ୍ୱତନ୍ତ୍ର ସେବାୟତ ଗୋଷ୍ଠୀ ଅଛନ୍ତି । ଦତ୍ତ ମହାପାତ୍ର ଗୋଷ୍ଠୀର ସେବକମାନଙ୍କ ଦ୍ୱାରା ଏହା କରାଯାଇଥାଏ । ତେବେ ଶ୍ରୀମନ୍ଦିରରେ ପ୍ରତ୍ୟେକ ବୁଧବାର ବା ଗୁରୁବାର ବନକ ଲାଗି ନୀତି ପାଳନ ହେବାର ବିଧି ରହିଛି ।**



ଏହା ଏକ ଗୁପ୍ତ ନୀତି । ତେଣୁ ଦ୍ୱିପହର ଧୂପ ଶେଷ ହେବା ପରେ ସମସ୍ତ ଦ୍ୱାର ବନ୍ଦ କରାଯାଇ ଏହି ନୀତି କରାଯାଇଥାଏ । ଦତ୍ତ ମହାପାତ୍ର ରତ୍ନସିଂହାସନରେ ତିନିଠାକୁରଙ୍କ ମୁଖ ଶୃଙ୍ଗାର କରନ୍ତି । ପ୍ରାୟ ତିନି, ଚାରି ଘଣ୍ଟା ଏହି ନୀତି ସମାପନ ପାଇଁ ଲାଗିଥାଏ । ଦତ୍ତ ମହାପାତ୍ର ସେବାୟତ ଏହି ନୀତି ଲାଗି ରଙ୍ଗ ପ୍ରସ୍ତୁତ କରନ୍ତି ଓ ଶ୍ରୀମୁଖରେ ରଙ୍ଗ ଲଗାଇବା କାମ କରିଥାନ୍ତି । ତେବେ ବଜାରରେ ମିଳୁଥିବା ରଙ୍ଗ ଏଥିପାଇଁ ବ୍ୟବହାର କରାଯାଇ ନ ଥାଏ । ପ୍ରାକୃତିକ ରଙ୍ଗ ପ୍ରସ୍ତୁତି ଲାଗି ଭିତର ବେଢ଼ାର ଉତ୍ତର ପଟେ ଗୋଟିଏ କୋଠରୀ ରହିଛି । ଏହାକୁ ବନକ ଘର ବୋଲି କୁହାଯାଏ । ଏହି ଘରେ ମହାପ୍ରଭୁଙ୍କ ଶୃଙ୍ଗାର ପାଇଁ ରଙ୍ଗ ପ୍ରସ୍ତୁତ କରାଯାଏ ।

ତେବେ ଶଙ୍ଖକୁ ଗୁଣ୍ଡ କରି ଧଳା ରଙ୍ଗ, ହରିତାଳରୁ ହଳଦିଆ ଏବଂ ହିଙ୍ଗୁଳାରୁ କଳା ରଙ୍ଗ ପ୍ରସ୍ତୁତ କରାଯାଏ । ଏହି ସମସ୍ତ ରଙ୍ଗରେ କର୍ପୂର ଓ କସ୍ତୁରି ମିଶ୍ରଣ କରାଯାଏ । କସ୍ତୁରି ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରହେ । ରଙ୍ଗରେ କସ୍ତୁରି ବ୍ୟବହାର କରାଯାଉଥିବାରୁ ଏହା ଦୀର୍ଘସ୍ଥାୟୀ ହୋଇଥାଏ । ସେହିପରି ବନକ ଲାଗି ଯୋଗୁଁ ଶ୍ରୀଜିଉଙ୍କ ମୁଖ ମଣ୍ଡଳ ଅଧିକ ଆକର୍ଷଣୀୟ ଦିଶେ ।

# କାର୍‌ରେ କେଉଁ ମୂର୍ତ୍ତି ରଖିବେ ନାହିଁ

**କାର୍‌ରେ ବିଭିନ୍ନ ଦେବୀ ଦେବତାଙ୍କ ଫଟୋ ତଥା ମୂର୍ତ୍ତି ଅନେକେ ରଖନ୍ତି । ତେବେ ଜ୍ୟୋତିଷ ଶାସ୍ତ୍ର ତଥା ବାସ୍ତୁ ଶାସ୍ତ୍ର ଅନୁସାରେ, କାର୍‌ରେ କିଛି ଦେବୀ ଦେବତାଙ୍କ ମୂର୍ତ୍ତି ରଖିବା ଅଶୁଭ । ଏହି କ୍ରମରେ କେଉଁ ମୂର୍ତ୍ତି କାର୍‌ରେ ରଖିବା ଅନୁଚିତ, ସେ ସମ୍ପର୍କରେ ଜାଣିବା ।**

- ଭଗବାନ ଶନିଦେବଙ୍କ ମୂର୍ତ୍ତି କାର୍‌ରେ ରଖିବା ଅଶୁଭ । ଶନିଦେବ ହେଉଛନ୍ତି ନ୍ୟାୟ ଓ କର୍ମର ଦେବତା । ଶନିଙ୍କ ମୂର୍ତ୍ତି ରଖିବା ଦ୍ୱାରା ଦୁର୍ଘଟଣା ଆଶଙ୍କା ରହିଥାଏ ।
- ଦେବୀ ଦେବତାଙ୍କ ଭଙ୍ଗା ତଥା ପୁରୁଣା ମୂର୍ତ୍ତି କାର୍‌ରେ ରଖନ୍ତୁ ନାହିଁ । ଏହାକୁ ରଖିବା ଅଶୁଭ ବୋଲି କୁହାଯାଏ ।
- କାର୍‌ରେ ଏକାଧିକ ମୂର୍ତ୍ତି ରଖିବା ଅନୁଚିତ । ଏହା ଦ୍ୱାରା ଧ୍ୟାନ କେନ୍ଦ୍ରିତ ହୁଏ ନାହିଁ ।
- ଭଗବାନ ଭୈରବଙ୍କ ମୂର୍ତ୍ତି କାର୍‌ରେ ରଖନ୍ତୁ ନାହିଁ । ଏହା ଦ୍ୱାରା ନକାରାତ୍ମକ ଶକ୍ତି ଆକର୍ଷିତ ହୋଇଥାନ୍ତି ।



## ଜାଣନ୍ତି କି

ଶ୍ରୀମନ୍ଦିର ରୀତିନୀତିରେ ଅନେକ ନିଆରା ଶବ୍ଦ ବ୍ୟବହାର ହୁଏ । ସେମିତି ଏକ ଶବ୍ଦ ହେଉଛି 'ରାଜନୀତି' । ରାଜା ବା ଗଜପତି ମହାପ୍ରଭୁଙ୍କ ପାଖରେ ସେବା ସମର୍ପଣ ବିଧିକୁ **'ରାଜନୀତି'** କୁହାଯାଏ । ସେହିପରି ରାଜା ଅନୁପସ୍ଥିତ ଥିଲେ ଏହି ସେବା କାର୍ଯ୍ୟ ମୁଦିରଥ କରିଥାନ୍ତି । ସୁନା ଆରତି ଦାନିରେ ମହାପ୍ରଭୁଙ୍କ ଆଳତି କରାଯାଏ । ଏହାସହ ସୁବର୍ଣ୍ଣ ବେଣ୍ଟ ଥିବା ଚାମର ଓ ଆଲଟ ଲାଗି ହୁଏ । ଏହି ସମସ୍ତ ସେବା ସମର୍ପଣ ପରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଏ ।



# କାଳସର୍ପ ଦୋଷର ଲକ୍ଷଣ

**ଜ୍ୟୋତିଷ ଶାସ୍ତ୍ରରେ କାଳସର୍ପ ଦୋଷକୁ ବହୁତ ଅଶୁଭ ବୋଲି ବିବେଚନା କରାଯାଇଛି । କୁହାଯାଏ, କୁଣ୍ଡଳିରେ କାଳସର୍ପ ଦୋଷ ଥିବା ଲୋକଙ୍କୁ ବହୁ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ । କୁଣ୍ଡଳିରେ କାଳସର୍ପ ଦୋଷ ଜଣକୁ ମାନସିକ ଏବଂ ଶାରୀରକି ଭାବେ ପ୍ରଭାବିତ କରିଥାଏ ।**



ଜ୍ୟୋତିଷ ଶାସ୍ତ୍ର ଅନୁସାରେ, କୁଣ୍ଡଳୀରେ ରାହୁ ଏବଂ କେତୁ ଦ୍ୱାରା ନିର୍ମିତ ଖରାପ ପ୍ରଭାବକୁ କାଳସର୍ପ ଦୋଷ କୁହାଯାଏ । କୌଣସି ଜାତକରେ ଜନ୍ମକୁଣ୍ଡଳୀରେ ରାହୁ ଓ କେତୁ ମଝିରେ କୌଣସି ଗ୍ରହ ଆସିବା ଦୋଷକୁ କାଳସର୍ପ ଦୋଷ କୁହାଯାଏ । କାଳ ନାଁରେ ରାହୁକୁ ଦର୍ଶାଯାଏ । ଯାହାର ଅର୍ଥ ମୃତ୍ୟୁ । ସେହିପରି ସର୍ପକୁ କେତୁଙ୍କ ଅଧି ଦେବତା କୁହାଯାଏ । ତେବେ ଯେଉଁ କୁଣ୍ଡଳିରେ କାଳସର୍ପ ଦୋଷ ଥାଏ, ରାହୁ ଏବଂ କେତୁ ତା'ର ଭଲ ପ୍ରଭାବକୁ ନଷ୍ଟ କରିଥାନ୍ତି ।

### ଲକ୍ଷଣ

ଏହା ଦ୍ୱାରା ଶାରୀରିକ, ମାନସିକ ଏବଂ ଆର୍ଥିକ ସମସ୍ୟାକୁ ସାମ୍ନା କରିବାକୁ ପଡ଼େ ।
ସନ୍ତାନଙ୍କ ସହ ଜଡ଼ିତ କଷ୍ଟକୁ ମଧ୍ୟ ସାମ୍ନା କରିବାକୁ ପଡ଼ିଥାଏ ।
ଚାକିରି ସମସ୍ୟା ସହିତ ଚାକିରିରେ ସ୍ଥାୟୀତ୍ୱ ଦେଖା ଦିଏ ନାହିଁ ।
ସବୁଦିନ ସ୍ୱପ୍ନରେ ମୃତ୍ୟୁ ନଚେତ ସର୍ପ ସ୍ୱପ୍ନ ଦେଖିବାକୁ ମିଳେ ।

# ମାନବିକତା ପରମ ଶକ୍ତି

**ଗୌତମ ବୁଦ୍ଧଙ୍କ ମୂଲ୍ୟବାନ ବିଚାର, ଜ୍ଞାନ, ଉପଦେଶ ତଥା ନୀତିବାଣୀ ଦ୍ୱାରା ଲୋକଙ୍କ ଜୀବନ ବଦଳିଯାଏ । ତେଣୁ ଜ୍ଞାନାଲୋକକୁ ଅଧିକ ଉଦ୍‌ଭାସିତ କରିବା ପାଇଁ ବୁଦ୍ଧଙ୍କ ବିଚାରଧାରାକୁ ଅବଶ୍ୟ ଆପଣାଇବା ଉଚିତ । ଏହି ପରିପ୍ରେକ୍ଷୀରେ ମାନବିକତା କିଭଳି ପ୍ରକୃତ ଶକ୍ତି ହୋଇଥାଏ, ତାହାକୁ ନେଇ ବୁଦ୍ଧଙ୍କର ଏକ ସୁନ୍ଦର ତଥା ଶିକ୍ଷଣୀୟ କଥା ନିମ୍ନରେ ପ୍ରଦତ୍ତ କରାଗଲା ।**

ଏକଦା ବୁଦ୍ଧଙ୍କ ପାଖକୁ ଜଣେ ବ୍ୟକ୍ତି ଆସିଲେ ଏବଂ ପ୍ରଶ୍ନ କଲେ, 'ମହାତ୍ମନ! ଯଦି ଜଣେ ବ୍ୟକ୍ତି ବାରମ୍ବାର ଜାଣିଶୁଣି ଅପମାନିତ କରନ୍ତି କିମ୍ବା ଭୁଲ କରନ୍ତି, ତେବେ କ'ଣ କରାଯିବ? ଏଭଳି ସ୍ଥିତିରେ ଜଣେ ନିଜର ମାନବିକତା କିଭଳି ଦେଖାଇବ?

ବ୍ୟକ୍ତି ଜଣଙ୍କର ଏଭଳି ପ୍ରଶ୍ନରେ ବୁଦ୍ଧ କହିଲେ, 'ଯଦି କେହି ଜଣେ ତୁମକୁ ଉପହାର ଆଉ ଖରାପ ଖାଦ୍ୟ ପ୍ରଦାନ କରନ୍ତି, ତାହାକୁ ତୁମେ କିଭଳି ସ୍ୱୀକାର କରିବ? ବ୍ୟକ୍ତି ଜଣକ ସଙ୍ଗେ ସଙ୍ଗେ କହିଲେ, 'ଜଣେ ଖରାପ ଖାଦ୍ୟ ଦେଲେ କାହିଁକି ବା ଗ୍ରହଣ କରିବି?' ସେଇଠୁ ବୁଦ୍ଧ କହିଲେ, ଠିକ୍‌ସେମିତି କାହାର କ୍ରୋଧ ତଥା କଟୁ କଥା ଶୁଣିବା ବା କ'ଣ ଦରକାର । ଜଣେ କ୍ରୋଧୀ ବ୍ୟକ୍ତି ନିଜ ଭିତରେ ଯାହା ଥାଏ, ସେ ତା'ର ସେହି ସ୍ୱଭାବ ଦେଖାଏ । ତେଣୁ ଖରାପ ବ୍ୟକ୍ତି ସବୁବେଳେ ଖରାପ କଥା ହିଁ ପ୍ରସାର କରେ । ତେବେ ଜଣେ ଖରାପ ସ୍ୱଭାବ ଦେଖାଇଲେ ନିଜର ଖରାପ ସ୍ୱଭାବ ଦେଖାଇବା ବୁଦ୍ଧିମାନ ଲୋକର କାମ ହୋଇ ନ ଥାଏ । ଏଭଳି ସ୍ଥଳେ ନିଜର ଖରାପ ସ୍ୱଭାବ ପ୍ରଦର୍ଶନ କରନ୍ତୁ ନାହିଁ । ନିଜର ମନର ଶାନ୍ତିକୁ ଧରି ରଖ । ଖରାପ ବ୍ୟବହାରରେ ନିଜର ମାନବିକତା ଦେଖାଅ । ପ୍ରେମ ଓ ଶାନ୍ତି ଭାବ ପ୍ରଦର୍ଶନ କର ।

ସେହିପରି ବୁଦ୍ଧ ଆହୁରି କହିଲେ, ନିଜେ ଯାହା ଚାହୁଁଚ, ଅନ୍ୟକୁ ମଧ୍ୟ ସେମିତି ବ୍ୟବହାର ଦେଖାଅ । ଶାନ୍ତି ଚାହୁଁଥିଲେ, ଶାନ୍ତି ବାଣ୍ଟ, ସମ୍ମାନ ଚାହୁଁଥିଲେ, ସମ୍ମାନ ଦେଖାଅ । ପ୍ରେମ ଚାହୁଁଥିଲେ, ସ୍ନେହ, ସହାନୁଭୂତି ଦେଖାଅ । ଏହା ହିଁ ପ୍ରକୃତ ମାନବିକତାର ପରିଚୟ ପ୍ରଦାନ କରେ । ତେଣୁ ମାନବିକତାକୁ ପରମ ଶକ୍ତି ବୋଲି କୁହାଯାଏ ।



# ଖାଦ୍ୟରୁ କେଶ ବାହାରିବା ଶୁଭ ନା ଅଶୁଭ

**ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଖାଦ୍ୟକୁ ନେଇ ଅନେକ ନିୟମ ଅଛି । ଏହି ସବୁ ନିୟମ ପାଳନ କଲେ ଲକ୍ଷ୍ମୀ ମା' ପ୍ରସନ୍ନ ହୋଇଥାନ୍ତି ଏବଂ ଘରେ ସୁଖ ଓ ସମୃଦ୍ଧି ବୃଦ୍ଧି ପାଏ । ସେହିପରି ଖାଦ୍ୟ ପ୍ରସ୍ତୁତି ସମୟରେ ସଫାସଫି ଉପରେ ଗୁରୁତ୍ୱ ଦେବା ଉଚିତ । ବେଳେ ଖାଦ୍ୟ ଖାଇବା ସମୟରେ ସେଥିରୁ କେଶ ବାହାରେ । ତେବେ ଏହା ଶୁଭ ନା ଅଶୁଭ ସେନେଇ ଜ୍ୟୋତିଷ ଶାସ୍ତ୍ର କ'ଣ କହେ, ସେ ସମ୍ପର୍କରେ ଜାଣିବା ।**

ଖାଦ୍ୟରେ ବାରମ୍ବାର କେଶ ବାହାରିବା ଶୁଭ ସଙ୍କେତ ପ୍ରଦାନ କରି ନ ଥାଏ । ଏହାର ଗୋଟିଏ କାରଣ ପିତୃ ଦୋଷ ହୋଇପାରେ । ଏ ପ୍ରକାର ଭୋଜନ ଗ୍ରହଣ କରିବା ଅନୁଚିତ । ଏହାକୁ ଅଶୁଦ୍ଧ ଭୋଜନ ବୋଲି କୁହାଯାଏ । ଏହା ଦ୍ୱାରା ଜୀବନ ଉପରେ ନକାରାତ୍ମକ ପ୍ରଭାବ ପଡ଼େ । ସେହିପରି ଖାଦ୍ୟ ଖାଇବା ବେଳେ ଯଦି କେଶ ପାଟିରୁ ବାହାରୁଛି, ଏହା ରାହୁଙ୍କ ଅଶୁଭ ଫଳର ସଙ୍କେତ ହୋଇଥାଏ । ବାରମ୍ବାର ଏହି ଘଟଣା ଘଟିଲେ ନିକଟ ଭବିଷ୍ୟତରେ ଧନହାନି ହେବାକୁ ସୂଚାଏ । ସ୍ୱାସ୍ଥ୍ୟ ବିଗିଡ଼ିପାରେ । କୌଣସି ଅଶୁଭ ସମ୍ବାଦ ବି ମିଳିପାରେ । ଏଭଳି ସ୍ଥଳରେ ପିତୃଦୋଷ ଦୂର କରିବା ଉପାୟ ଆପଣାଇବା ଭଲ ।



### ଏସିଆ କପ୍ କ୍ରିକେଟ ୯ ରୁ: ନଜରରେ ଗିଲ୍ ଓ ବୁମ୍ରା

# ମଙ୍ଗଳବାର ହୋଇପାରେ ଭାରତୀୟ ଦଳ ଚୟନ



ମୁମ୍ବଇ,୧୭।୮ (ଏଜେନ୍ସି): ୟୁଏଇରେ ସେପ୍ଟେମ୍ବର ୯ରୁ ଖେଳାଯିବାକୁ ଥିବା ଏସିଆ କପ୍ ଟି-୨୦ ଟୁର୍ଣ୍ଣାମେଣ୍ଟ ଲାଗି ଆଜି ପାକିସ୍ତାନ ଏକ ୧୭ ଜଣିଆ ଦଳ ଘୋଷଣା କରିଛି। ଗୋଟିଏ ଗ୍ରୁପ୍‌ରେ ଥିବା ପ୍ରତିଦ୍ୱନ୍ଦ୍ୱୀ ଭାରତୀୟ ଦଳ କେବେ ଘୋଷଣା କରିବ ଏହାକୁ ନେଇ ଉତ୍କଣ୍ଠା ପ୍ରକାଶ ପାଇଛି। ଯଦି କିଛି ଅସମର୍ଥିତ ରିପୋର୍ଟକୁ ଆଧାର କରାଯାଏ ତେବେ ମଙ୍ଗଳବାର ଭାରତୀୟ ଦଳର ଖେଳାଳି ଚୟନ କରାଯାଇପାରେ। ଅଜିତ ଅଗରକରଙ୍କ ଅଧ୍ୟକ୍ଷତାରେ ଗଠିତ ସିନିୟର ଚୟନ କମିଟି ଦଳ ଘୋଷଣା କରିବା ପୂର୍ବରୁ ଅନେକ ଦିଗକୁ ଚିନ୍ତା କରିବାକୁ ପଡ଼ିବ। ବିଶେଷ କରି ଦୁଇ ଜଣ ଖେଳାଳିଙ୍କ ସାମିଲକୁ ନେଇ ଏବେ ଜୋର ଚର୍ଚ୍ଚା। ଜଣେ ହେଉଛନ୍ତି ଚୟନକର୍ତ୍ତାଙ୍କ ରାଡାରରେ ନ ଥିବା ଟେଷ୍ଟ ଅଧିନାୟକ ଶୁବମନ ଗିଲ୍ ଓ ଫାଷ୍ଟ ବୋଲର ଯଶପ୍ରୀତ ବୁମ୍ରାଙ୍କୁ ସାମିଲ କରାଯିବ କି ନାହିଁ। ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସର ନେତୃତ୍ୱ ନେଇ ସଫଳତା ପାଇଥିବା ଗିଲ୍‌ଙ୍କୁ ଦଳରେ ସାମିଲ କରାଯିବ। ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ଦଳର ନେତୃତ୍ୱ ନେଇ ସେ ନିଜ କ୍ୟାରିୟରରେ ଏକ ବଡ଼ ସଫଳତା ପାଇଛନ୍ତି। ଏଣୁ ତାଙ୍କୁ ଦଳର ଉପଅଧିନାୟକ କରାଯିବ ବୋଲି ଆଲୋଚନା ହେଉଛି। ଏହା ମଧ୍ୟରେ ସ୍ପୋର୍ଟ୍ସ ହାର୍ଣ୍ଣିଆ ଅପରେସନ ପରେ ସୂର୍ଯ୍ୟକୁମାର ଯାଦବ ଏବେ ପୂରା ଫିଟ୍ ହୋଇଯାଇଛନ୍ତି। ଅପରେସନରୁ ସୁସ୍ଥ ହେବା ପରେ ବେଙ୍ଗାଲୁରୁର ନ୍ୟାସନାଲ କ୍ରିକେଟ ଏକାଡେମୀରେ ଫିଟନେସ୍ ଲାଗି ସୂର୍ଯ୍ୟକୁମାର ଯାଦବ ପ୍ରଶିକ୍ଷଣ ନେଉଥିଲେ। ଏହା ମଧ୍ୟରେ ସେ ଫିଟ ହୋଇଯାଇଥିବା ଏକାଡେମୀ ପକ୍ଷରୁ କୁହାଯାଇଛି ଓ ମୁମ୍ବଇ ଯାଇ ଚୟନ କମିଟି ବୈଠକରେ ଉପସ୍ଥିତ ରହିବେ ବୋଲି କୁହାଯାଇଛି। ଏଣୁ ଦଳ ଚୟନ ଖୁବ୍ ଶୀଘ୍ର ହେବ ବୋଲି ଆଶା କରାଯାଉଛି। ହେଡ୍ କୋଚ୍ ଗୌତମ ଗମ୍ଭୀର ମଧ୍ୟ ଏହି ବୈଠକରେ ଉପସ୍ଥିତ ରହିବେ। କେବଳ ଫର୍ମରେ ଥିବା ଖେଳାଳିମାନଙ୍କୁ ଦଳରେ ସାମିଲ କରିବାକୁ ସେ ପରାମର୍ଶ ଦେଇଥିବା ଆଲୋଚନା ହେଉଛି। ଏହା ଯଦି ସତ ହୋଇଥାଏ ତେବେ ଖେଳାଳି ଚୟନ ବେଳେ ଆଇପିଏଲ୍ ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯିବ ବୋଲି ସ୍ପଷ୍ଟ ହୋଇଛି।

**■ କିଏ ଦଳରେ ସ୍ଥାନ ପାଇବେ?**

ଏସିଆ କପ୍ ଟି-୨୦ ଫର୍ମାଟରେ ଖେଳାଯାଉଥିବାରୁ ଏଥିରେ ଯେ କୌଣସି ଦଳ ଅଳ୍ପ ସମୟ ମଧ୍ୟରେ ମ୍ୟାଚ୍‌ର ପଟ ପରିବର୍ତ୍ତନ କରିବାର ଉଦାହରଣ ରହିଛି। ଏଣୁ ଶ୍ରେଷ୍ଠ ଖେଳାଳିମାନଙ୍କୁ ଯେ ସ୍ଥାନ ମିଳିବ ସେଥିରେ ସନ୍ଦେହର ଅବକାଶ ନାହିଁ। ଦଳରେ କିଏ ସ୍ଥାନ ପାଇବେ କି ନ ପାଇବେ ତାହା ଖେଳାଳିଙ୍କ ଫିଟ୍‌ନେସ୍, ଫର୍ମ ଓ ଚୟନକର୍ତ୍ତାଙ୍କ ଚିନ୍ତା ଉପରେ ନିର୍ଭର କରେ। କିନ୍ତୁ କିଛି ଖେଳାଳି ଅଛନ୍ତି ସେମାନଙ୍କ ସ୍ଥାନ ଦଳରେ ସୁରକ୍ଷିତ। ଯେପରି ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ଦୁଇ ଓପନର ଅଭିଷେକ ଶର୍ମା ଓ ସଞ୍ଜୁ ସାମସନ। ଏମାନେ ଦଳରେ ନିଶ୍ଚିତ ରହିବେ। ଏହା ଫଳରେ ଅନ୍ୟତମ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କୁ ଏହି ଦଳରେ ସ୍ଥାନ ମିଳି ନ ପାରେ। ଶୁବମନ ଗିଲ୍, ତିଳକ ବର୍ମା ଓ ରିଙ୍କୁ ସିଂଙ୍କ ସ୍ଥାନ ଏମାନଙ୍କ ପରେ ସୁରକ୍ଷିତ। ଇନିଂସ ଓପନ କରୁଥିବା ସଞ୍ଜୁ ସାମସନ ମଧ୍ୟ ଦଳର ୱିକେଟ କିପିଂ କରିବେ। ଆହତ ହୋଇ ନ ଥିଲେ ମଧ୍ୟ ଋଷଭ ପନ୍ତଙ୍କୁ ଦଳରେ ସ୍ଥାନ ମିଳି ନ ଥାନ୍ତା। ଦ୍ୱିତୀୟ ୱିକେଟରକ୍ଷକ ଭାବେ ଜିତେଶ ଶର୍ମା କିମ୍ବା ଧ୍ରୁବ ଜୁରେଲଙ୍କ ନାମ ବିଚାରକୁ ନିଆଯାଇପାରେ। ବିସ୍ଫୋରକ ବ୍ୟାଟିଂ କରି ଫିନିସିଂ ଟଚ୍ ଦେଉଥିବା ଜିତେଶଙ୍କୁ ଦ୍ୱିତୀୟ ୱିକେଟରକ୍ଷକ ଭାବେ ସ୍ଥାନ ମିଳିପାରେ।

**■ ଅଲରାଉଣ୍ଡର ଅଧିକ**

ଟି-୨୦ ଫର୍ମାଟରେ ଅଲରାଉଣ୍ଡରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥାଏ। ଯାହା ଫଳରେ ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର ଓ ଶିବମ ଦୁବେଙ୍କ ନାମ ବିଚାରକୁ ନିଆଯାଏ। ଏସିଆ କପ୍ ଖେଳାଯିବାକୁ ଥିବା ପିଚ୍‌ରେ ସ୍ପିନ୍ ବୋଲିଂକୁ ସହାୟତା ମିଳିବାର ଯଥେଷ୍ଟ ପ୍ରମାଣ ରହିଛି। ଏଣୁ ଦଳରେ ଦୁଇ ଜଣ ସ୍ପିନ୍ ବୋଲିଂ ଅଲରାଉଣ୍ଡର ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦର ନିଶ୍ଚିତ ସାମିଲ ହେବେ। ପେସ୍ ବୋଲିଂରେ ଦୁଇ ଅଲରାଉଣ୍ଡରଙ୍କୁ ମଧ୍ୟ ନିଆଯାଇପାରେ। ପାଣ୍ଡ୍ୟାଙ୍କ ସ୍ଥାନ ସୁରକ୍ଷିତ। କିନ୍ତୁ ଦ୍ୱିତୀୟ ସ୍ଥାନ ଲାଗି ଦୁବେ ଓ ନୀତୀଶ କୁମାର ରେଡ୍ଡୀଙ୍କ ମଧ୍ୟରୁ ଜଣଙ୍କୁ ସ୍ଥାନ ମିଳିବ। ଭଲ ବ୍ୟାଟିଂ ଥିବାରୁ ଦୁବେଙ୍କ ସ୍ଥିତି ମଜଭୁତ ରହିଛି।

**■ ବୁମ୍ରା ଉପଲବ୍ଧ**

ପେସ୍ ବୋଲର ଭାବେ ଭାରତୀୟ ଦଳରେ ଯଶପ୍ରୀତ୍ ବୁମ୍ରାଙ୍କର ବିକଳ୍ପ ନାହିଁ। କିନ୍ତୁ ଆହତ ସମସ୍ୟାକୁ ନେଇ ତାଙ୍କ ଉପରେ ଭରସା କରାଯାଉନାହିଁ। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସେ ୫ଟି ମଧ୍ୟରୁ ମାତ୍ର ୩ଟିରେ ଖେଳିପାରିଥିଲେ। ଏବେ କିଛି ଖେଳ ନ ଥିବାରୁ ସେ ଫିଟ୍ ଅଛନ୍ତି ଓ ଏସିଆ କପ୍ ଚୟନ ଲାଗି ଉପଲବ୍ଧ ବୋଲି ସୂଚନା ମିଳିଛି। ସେ ଯଦି ସ୍ଥାନ ପାଆନ୍ତି, ତେବେ ଆଉ ୨ଜଣ ଫାଷ୍ଟ ବୋଲରଙ୍କୁ ନିଆଯିବ। ଅର୍ଶଦୀପ ସିଂହଙ୍କ ସ୍ଥାନ ପକ୍କା। ମହମ୍ମଦ୍ ସିରାଜ କିମ୍ବା ପ୍ରସିଦ୍ଧ କ୍ରିଷ୍ଣା କିମ୍ବା ଜଣେ ନୂଆ ଖେଳାଳିଙ୍କୁ ସ୍ଥାନ ମିଳିପାରେ। ଶେଷ ଖେଳାଳି ଭାବେ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଦଳରେ ନିଶ୍ଚିତ ରହିବେ। ତେବେ ମଙ୍ଗଳବାର ବୈଠକରେ ଏହା ସ୍ପଷ୍ଟ ହୋଇଯିବ।

## ପାକିସ୍ତାନ ଦଳରେ ବାବର-ରିଜ୍‌ୱାନଙ୍କୁ ସ୍ଥାନ ନାହିଁ



କରାଚି, ୧୭।୮: ଏସିଆ କପ୍ ଲାଗି ଆଜି ପାକିସ୍ତାନର ଏକ ୧୭ ଜଣିଆ ଦଳ ଘୋଷଣା କରିଛି। ଏହି ଦଳରୁ ଦୁଇ ବରିଷ୍ଠ ଖେଳାଳି ବାବର ଆଜମ ଓ ମହମ୍ମଦ୍ ରିଜ୍‌ୱାନଙ୍କୁ ବାଦ୍ ଦିଆଯାଇଛି। ସଲମାନ ଅଲି ଆଘାଙ୍କ ନେତୃତ୍ୱରେ ଘୋଷିତ ଦଳରେ ମହମ୍ମଦ୍ ହାରିସ୍‌ଙ୍କୁ ୱିକେଟରକ୍ଷକ ଭାବେ ନିଆଯାଇଛି। ଅନ୍ୟ ବରିଷ୍ଠ ଖେଳାଳି ସାହିନ ଆଫ୍ରିଦୀ, ଫକର ଯବାନ, ହାରିସ୍ ରୌଫ୍, ହାସନ ଅଲି ଓ ଫହିମ ଅଶ୍ରଫଙ୍କୁ ସ୍ଥାନ ମିଳିଛି। ଯୁବ ଖେଳାଳି ସାଇମ ଆୟୁବ ଓ ହାସନ ନୱାଜ ମଧ୍ୟ ସ୍ଥାନ ପାଇଛନ୍ତି। ଏସିଆ କପ୍‌ରେ ଭାରତ, ୟୁଏଇ ଓ ଓମାନ ସହ ପାକିସ୍ତାନ ସ୍ଥାନ ପାଇଛି। ସେପ୍ଟେମ୍ବର ୧୨ରେ ଓମାନ ସହ ମୁକାବିଲାରୁ ପାକିସ୍ତାନ ତାହାର ଅଭିଯାନ ଆରମ୍ଭ କରିବ। ୧୪ରେ ଭାରତ ସହ ମୁକାବିଲା ହେବ। ସେପ୍ଟେମ୍ବର ୧୭ରେ ୟୁଏଇ ସହ ମୁକାବିଲାରୁ ଲିଗ୍ ପର୍ଯ୍ୟାୟ ଶେଷ କରିବ। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ୟୁଏଇ ଓ ଆଫଗାନିସ୍ତାନ ସହ ମଧ୍ୟ ପାକିସ୍ତାନ ଏକ ତ୍ରିରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟ ଖେଳିବ। ଦିନିକିଆ ଫର୍ମାଟରେ ଖେଳାଯାଇଥିବା ୨୦୨୩ ଏସିଆ କପ୍‌ରେ ପାକିସ୍ତାନର ପ୍ରଦର୍ଶନ ନିରାଶାଜନକ ଥିଲା। ୨୦୨୨ରେ ଶ୍ରୀଲଙ୍କା ନିକଟରୁ ହାରି ଦଳ ରନର୍ସଅପ୍ ହୋଇଥିଲା।

**ପାକିସ୍ତାନ ଦଳ:** ସଲମାନ ଅଲି ଆଘା (ଅଧିନାୟକ), ଆବ୍ରାର ଅହମ୍ମଦ୍, ଫହୀମ ଅଶ୍ରଫ୍, ଫକର ଜମାନ, ହାରିସ୍ ରୌଫ୍, ହାସନ ଅଲି, ହାସନ ନୱାଜ, ହୁସେନ ତଲତ, ଖୁସ୍‌ଦିଲ ଶାହ, ମହମ୍ମଦ୍ ହାରିସ୍ (ୱିକେଟରକ୍ଷକ), ମହମ୍ମଦ୍ ନୱାଜ, ମହମ୍ମଦ୍ ୱାସିମ୍, ସାହିବଜାଦା ଫରହାନ, ସାଇମ ଆୟୁବ, ସଲମାନ ମିର୍ଜା, ସାହିନ ଆଫ୍ରିଦୀ ଓ ସୁଫିୟାନ ମୁକୀମ୍।

## କ୍ରୀଡ଼ା କେନ୍ଦ୍ରିତ ଆପ୍ 'ମିଟ୍ଟୁରଏକ୍ସପର୍ଟ' ଉନ୍ମୋଚିତ

ଭୁବନେଶ୍ୱର,୧୭।୮ (ଏଜେନ୍ସି): କ୍ରୀଡ଼ା ସମ୍ପର୍କିତ ଏକ ମୋବାଇଲ ଆପ୍ 'ମିଟ୍ଟୁରଏକ୍ସପର୍ଟ' ରବିବାର ଉନ୍ମୋଚିତ ହୋଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ଏହି ଆପ୍‌କୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି। ଏହି ଆପ୍ ମାଧ୍ୟମରେ କ୍ରୀଡ଼ାବିତ୍‌ଙ୍କୁ ବିଶ୍ୱସ୍ତରୀୟ କ୍ରୀଡ଼ା ବିଜ୍ଞାନୀଙ୍କ ନିକଟତର କରାଯାଇପାରିବ। ସବୁସ୍ତରର ପେସାଦାର କ୍ରୀଡ଼ାବିତ୍‌ମାନେ ଏହା ଦ୍ୱାରା ଉପକୃତ ହୋଇପାରିବେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ରୀଡ଼ାର କୋଚ, କ୍ରୀଡ଼ାବିତ, କ୍ରୀଡ଼ା ସାମ୍ବାଦିକ, କ୍ରୀଡ଼ା ପ୍ରଶାସକ, ଫିଜିଓଥେରାପିଷ୍ଟ ଏବଂ ଡାକ୍ତରମାନେ ଯୋଗ ଦେଇଥିଲେ। ଆଥଲିଙ୍ଗ୍ ଏଡୁଟେକ ପ୍ରାଇଭେଟ ଲିମିଟେଡର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଡା ମୁକ୍ତି ପ୍ରସାଦ ଦାଶ ଏହି ଆପ୍ ପ୍ରସ୍ତୁତି କରିବାର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ଏହି ଆପ୍‌ର ବ୍ୟବହାର ଓ ଉପଯୋଗିତା ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ।

## ପାରାଆଥଲେଟିକ୍ସ ଉଦ୍‌ଯାପିତ

ଭୁବନେଶ୍ୱର,୧୭।୮ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଦୁଇଦିନ ଧରି ଚାଲିଥିବା ରାଜ୍ୟ କନିଷ୍ଠ ଓ ଉପକନିଷ୍ଠ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲ୍ଲା ୧୪ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ଜିତି ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଅନୁଗୋଳ ଜିଲ୍ଲା ୯ସ୍ୱର୍ଣ୍ଣ, ୩ରୌପ୍ୟ ଓ ୧ କାଂସ୍ୟ ପଦକ ସହ ରନର୍ସଅପ୍ ଆଖ୍ୟା ଅର୍ଜନ କରିଥିଲା।

## ଉପେନ୍ଦ୍ର ନାୟକ ସ୍ମାରକୀ ଚେସ୍ ଜିତିଲେ ତନ୍ମୟ



ଭୁବନେଶ୍ୱର,୧୭।୮ (ସମିସ): ଭୁବନେଶ୍ୱରର ତନ୍ମୟ ତ୍ରିପାଠୀ ୫ମ ଉପେନ୍ଦ୍ର ନାୟକ ସ୍ମାରକୀ ଚେସ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ତନ୍ମୟ ୫ ରାଉଣ୍ଡରୁ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। କଟକର ସାଇ ଶକ୍ତିପଣ୍ଡା ୪.୫ ପଏଣ୍ଟ ପାଇ ରନର୍ସ ଅପ୍ ହୋଇଥିଲେ। ଏମାନଙ୍କ ପଛକୁ ଭୁବନେଶ୍ୱରର ଦୁଇ ଖେଳାଳି ନମସ୍ୟ ନଳିନୀ ଓ ସଞ୍ଜୀବନ ନାୟକ ଯଥାକ୍ରମେ ତୃତୀୟ ଓ ଚତୁର୍ଥ, କଟକର ରବୀନ୍ଦ୍ର କୁମାର ଓଝା ୫ମ, ଜଟଣୀର ଅବିନାଶ ବଳିୟାରସିଂ ୬ଷ୍ଠ ଓ ଭୁବନେଶ୍ୱରର ରଜତ ରଞ୍ଜନ ମହାନ୍ତି ୭ମ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତା ଶେଷରେ ପାରାଦୀପ ପୋର୍ଟ ଟ୍ରଷ୍ଟର ଅବସରପ୍ରାପ୍ତ ଚିଫ୍ ଇଞ୍ଜିନିୟର ସୁନୀଲ କୁମାର ପଟ୍ଟନାୟକ, ଆୟୋଜକ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍‌ର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଓ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ଏହି ପ୍ରତିଯୋଗିତାକୁ ଆଇଆଇଏଫ୍ଏଲ୍ ଫାଇନାନ୍ସ ଲିଃର ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ।

## ପଦ୍ମଶ୍ରୀ ବୁଲା ଚୌଧୁରୀଙ୍କ ୧୫୦ ପଦକ ଚୋରି



କୋଲକାତା, ୧୭।୮ (ଏଜେନ୍ସି): ମହାନ ଭାରତୀୟ ସନ୍ତରଣକାରୀ ତଥା 'ପଦ୍ମଶ୍ରୀ' ବିଜୟିନୀ ବୁଲା ଚୌଧୁରୀଙ୍କ ୧୫୦ଟି ପଦକ ଚୋରି ହୋଇଯାଇଛି। ପଶ୍ଚିମବଙ୍ଗର ହିନ୍ଦମୋଟରସ୍ଥିତ ବୁଲାଙ୍କ ଘରୁ ଏହି ଚୋରି ହୋଇଥିବା ଜଣାପଡ଼ିଛି। ବୁଲା ତାଙ୍କ କ୍ୟାରିୟରରେ ଜିତିଥିବା ୧୫୦ ପଦକ ଓ ମୋମେଣ୍ଟକୁ ଚୋରମାନେ ନେଇଯାଇଛନ୍ତି। ଯେଉଁଥିରେ ସେ ୨୦୦୯ରେ ପାଇଥିବା ସମ୍ମାନଜନକ 'ପଦ୍ମଶ୍ରୀ' ବ୍ରୁଚକୁ ମଧ୍ୟ ସାମିଲ ରହିଛି। '୧୯୭୯ରେ ମୋତେ ୯ ବର୍ଷ ହୋଇଥିବାବେଳେ ମୁଁ ବିଭିନ୍ନ ସନ୍ତରଣ ପ୍ରତିଯୋଗିତାରେ ଭାଗନେବା ଆରମ୍ଭ କରିଥିଲି। ସେବେଠାରୁ ୧୯୯୫ରେ ଅବସର ନେବା ପର୍ଯ୍ୟନ୍ତ ଏହି ସମସ୍ତ ପଦକ ମୁଁ ଜିତିଥିଲି। ସେମାନେ ସବୁ ନେଇଯାଇଛନ୍ତି। ଚୋରି ହୋଇଥିବା ପଦକ ମୋ ଲାଗି ମୂଲ୍ୟବାନ। କିନ୍ତୁ ଚୋରମାନଙ୍କ ଲାଗି ମୂଲ୍ୟହୀନ' ବୋଲି ୫୫ ବର୍ଷୀୟା ବୁଲା କହିଛନ୍ତି। ଏହି ଘଟଣାରେ ପୁଲିସ ତଦନ୍ତ ଚଳାଇଛି। ବୁଲା ସାଉଥ ଏସିଆନ ଗେମ୍ସର ୨ଟି ସଂସ୍କରଣ ୧୯୮୪ ଓ ୧୯୯୧ରେ ୧୦ଟି ପଦକ ଜିତି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ୧୯୮୯ ଓ ୧୯୯୯ରେ ସେ ଇଂଲିଶ ଚ୍ୟାନେଲ ଅତିକ୍ରମ କରିଥିଲେ।

## ଜନ୍ମଦିନରେ ସିନ୍ନରଙ୍କ ୨୦୦ତମ ବିଜୟ



ନ୍ୟୁୟର୍କ, ୧୭।୮ (ଏଜେନ୍ସି): ଇଟାଲୀର ଜାନିକ ସିନ୍ନର ଓ କାର୍ଲୋସ ଆଲକାରାଜଙ୍କ ମଧ୍ୟରେ ସିନ୍‌ସିନ୍ନାଟି ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳାଯିବ। ଗତ ରାତିରେ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସର ୨ୟ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ସିନ୍ନର ୭-୬ (୭/୪), ୪-୨ ସିଧାସଳଖ ସେଟରେ ଟେରେନ୍ସ ଆଟମେନଙ୍କୁ ପରାସ୍ତ କରିଛନ୍ତି। ନିଜର ୨୪ତମ ଜନ୍ମଦିନ ଅବସରରେ ସିନ୍ନରଙ୍କ ପାଇଁ ଏହି ବିଜୟ ବେଶ୍ ସ୍ମରଣୀୟ ଥିଲା। ହାର୍ଡକୋଟରେ ଏହା ତାଙ୍କ କ୍ୟାରିୟରର ୨୦୦ତମ ବିଜୟ ଭାବେ ରେକର୍ଡ ହୋଇଛି। ଏକବିଂଶ ଶତାବ୍ଦିରେ ପ୍ରଥମ ଖେଳାଳି ଭାବେ ସେ ହାର୍ଡକୋଟରେ ୨୦୦ ମ୍ୟାଚ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ମଙ୍ଗଳବାର ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ସିନ୍ନରଙ୍କ ମୁକାବିଲା ଆଲକାରାଜଙ୍କ ସହ ହେବ। ଅନ୍ୟ ଏକ ସେମିଫାଇନାଲରେ ଆଲକାରାଜ ୬-୪, ୬-୩ ସିଧାସଳଖ ସେଟରେ ୩ୟ ସିଡ୍ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କୁ ପରାସ୍ତ କରିଥିଲେ।

**ଅଗଷ୍ଟ ୨୮ ରୁ ଦୁଲିପ ଟ୍ରଫି**

## ଇଶାନଙ୍କ ସ୍ଥାନରେ ଆଶୀର୍ବାଦ



**ସନ୍ଦୀପଙ୍କୁ ମିଶାଇ ପୂର୍ବାଞ୍ଚଳ ଦଳରେ ଦୁଇ ଓଡ଼ିଆ**

କଟକ,୧୭।୮ (ସମିସ): ଦୁଲିପ ଟ୍ରଫି ନିମନ୍ତେ ଗଠିତ ପୂର୍ବାଞ୍ଚଳ ଦଳରେ ଓଡ଼ିଆ ୱିକେଟକିପର ବ୍ୟାଟର ଆଶୀର୍ବାଦ ସ୍ୱାଇଁଙ୍କୁ ସୁଯୋଗ ମିଳିଛି। ଦଳ ଘୋଷଣାବେଳେ ୨୦ବର୍ଷୀୟ ଆଶୀର୍ବାଦଙ୍କୁ ଷ୍ଟାଣ୍ଡବାଏ ତାଲିକାରେ ରଖାଯାଇଥିଲା। ତେବେ ପୂର୍ବାଞ୍ଚଳ ଦଳ ଅଧିନାୟକ ଇଶାନ କିଶାନ ଆଘାତଜନିତ ସମସ୍ୟାର ସମ୍ମୁଖୀନ ହେବା ପରେ ଆଶୀର୍ବାଦଙ୍କୁ ୧୫ ଜଣିଆ ଦଳରେ ସ୍ଥାନ ମିଳିଛି। ମାତ୍ର ୧୧ଟି ପ୍ରଥମଶ୍ରେଣୀ ମ୍ୟାଚ୍‌ର ଅଭିଜ୍ଞତା ସତ୍ତ୍ୱେ ଗତ ସିଜନରେ ଆଖିଦୃଶିଆ ପ୍ରଦର୍ଶନ ଯୋଗୁଁ ଆଶୀର୍ବାଦ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି। ତେବେ ପୂର୍ବରୁ ପୂର୍ବାଞ୍ଚଳ ଦଳରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସନ୍ଦୀପ ପଟ୍ଟନାୟକ ସ୍ଥାନ ପାଇଥିଲେ। ଆଶୀର୍ବାଦଙ୍କୁ ମିଶାଇ ଦଳରେ ଏବେ ଦୁଇ ଓଡ଼ିଆ ଖେଳାଳି ରହିଛନ୍ତି। ସ୍ୱସ୍ତିକ ସାମଲଙ୍କ ନାମ ଷ୍ଟାଣ୍ଡବାଏ ତାଲିକାରେ ରହିଛି। ପ୍ରକାଶଯୋଗ୍ୟ, ବେଙ୍ଗାଲୁରୁରେ ଆସନ୍ତା ୨୮ ତାରିଖରୁ ଦୁଲିପ ଟ୍ରଫି ଖେଳାଯିବ।

## ବିଶ୍ୱକପ୍ ମ୍ୟାଚ୍ ପରିଚାଳନାରେ ଜେସି ପ୍ରଥମ ବାଂଲାଦେଶୀ ଅମ୍ପାୟାର



ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି): ମହିଳା ଦିନିକିଆ ବିଶ୍ୱକପ୍‌ର ୧୩ତମ ସଂସ୍କରଣ ଆସନ୍ତା ମାସରେ ଭାରତରେ ଆୟୋଜିତ ହେବ। ଏହି ମେଗା ଇଭେଣ୍ଟରେ ବାଂଲାଦେଶର ପୂର୍ବତନ ମହିଳା କ୍ରିକେଟର୍ ସାଥୀରା ଜାକିର ଜେସି ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଫଳରେ କୌଣସି ସିନିଅର ବିଶ୍ୱକପ୍‌ରେ ମ୍ୟାଚ୍ ପରିଚାଳନା କରିବାରେ ୩୪ ବର୍ଷୀୟା ଜେସି ପ୍ରଥମ ବାଂଲାଦେଶୀ ମହିଳା ଅମ୍ପାୟର ହେବେ। ଜେସି ଏଥିପୂର୍ବରୁ ୧୯ ବର୍ଷରୁ କମ୍ ଏସିଆ କପ୍, ୧୯ ବର୍ଷରୁ କମ୍ ଟି-୨୦ ବିଶ୍ୱକପ୍, ମହିଳା ଦିନିକିଆ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ପରିଚାଳନ କରିଥିଲେ। ସେହିଭଳି ଗତ ବର୍ଷ ଅନୁଷ୍ଠିତ ମହିଳା ଏସିଆ କପ୍‌ରେ ମଧ୍ୟ ସେ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ଯେଉଁଥିରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍ ମଧ୍ୟ ରହିଥିଲା। ଉଲ୍ଲେଖଯୋଗ୍ୟ, ୨୦୨୩ରେ ଭାରତରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍‌ରେ ବାଂଲାଦେଶର ଶର୍ଫୁଦୌଲା ସୈକତ୍ ମ୍ୟାଚ୍ ପରିଚାଳନା କରିଥିଲେ। ଏଥିସହ ପ୍ରଥମ ବାଂଲାଦେଶୀ ପୁରୁଷ ଅମ୍ପାୟାର ଭାବେ ବିଶ୍ୱକପ୍ ପରିଚାଳନା କରି କୀର୍ତ୍ତିମାନ କରିଥିଲେ।

**ଡୁରାଣ୍ଡ କପ୍**

## ମୋହନ ବାଗାନକୁ ହରାଇ ସେମିରେ ଇଷ୍ଟ ବେଙ୍ଗଲ



କୋଲକାତା, ୧୭।୮ (ଏଜେନ୍ସି): ଚଳିତ ଡୁରାଣ୍ଡ କପ୍‌ର ଏକ ହାଇଭୋଲଟେଜ ମ୍ୟାଚରେ ରବିବାର ଇଷ୍ଟ ବେଙ୍ଗଲ ୨-୧ ଗୋଲରେ ମୋହନ ବାଗାନ ସୁପର୍ ଜାଏଣ୍ଟକୁ ପରାସ୍ତ ସେମିଫାଇନାଲରେ ପ୍ରବେଶ କରିଛି। ଏଠାରେ ଅନୁଷ୍ଠିତ ଏହି ମ୍ୟାଚରେ ଇଷ୍ଟ ବେଙ୍ଗଲ ପକ୍ଷରୁ ଗ୍ରୀକ ଖେଳାଳି ଦିମିତ୍ରିଅସ ଦିଆମାଣ୍ଟକସ ଦୁଇଟି ଯାକ ଗୋଲ୍ ଦେଇଥିଲେ। ସେ ୩୮ତମ ମିନିଟରେ ଏକ ଫିଲ୍ଡ ଗୋଲ୍ ଓ ୫୨ତମ ମିନିଟରେ ପେନାଲ୍ଟି ଜରିଆରେ ଦ୍ୱିତୀୟ ଗୋଲ୍ ସ୍କୋର କରିଥିଲେ। ଡୁରାଣ୍ଡ କପ୍‌ରେ ଦୁଇ ଦଳ ମଧ୍ୟରେ ଏହା ୨୩ତମ ମୁକାବିଲା ଥିଲା। ଯେଉଁଥିରେ ଇଷ୍ଟବେଙ୍ଗଲ ୧୦ ଓ ମୋହନ ବାଗାନ ୮ ମ୍ୟାଚରେ ବିଜୟୀ ହୋଇଛନ୍ତି। ଅଗଷ୍ଟ ୨୦ରେ ଖେଳାଯିବାକୁ ଥିବା ପ୍ରଥମ ସେମିରେ ଇଷ୍ଟ ବେଙ୍ଗଲର ମୁକାବିଲା ଡାଇମଣ୍ଡ ହାର୍ବର ସହ ହେବ। ରବିବାର ଅପରାହ୍ଣରେ ଅନୁଷ୍ଠିତ ଅନ୍ୟ କ୍ୱାର୍ଟରରେ ଡାଇମଣ୍ଡ ହାର୍ବର ୨-୦ ଗୋଲରେ ଜାମସେଦପୁର ଏଫ୍‌ସିକୁ ହରାଇଥିଲା।

## କଳିଙ୍ଗରେ ଏସିଆନ୍ ଟିଟି ଚାମ୍ପିଅନସିପ୍

ଭୁବନେଶ୍ୱର,୧୭।୮ (ସମିସ): ଓଡ଼ିଶାର କ୍ରୀଡ଼ାପ୍ରେମୀଙ୍କ ଲାଗି ଏକ ବଡ଼ ଖବର। ଭୁବନେଶ୍ୱରରେ ଥିବା ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍‌ରେ ହେବାକୁ ଯାଉଛି ଏକ ବିଶ୍ୱସ୍ତରୀୟ ଟିଟି ପ୍ରତିଯୋଗିତା ଏସିଆନ୍ ଟେବଲ ଟେନିସ (ଟିଟି) ଚାମ୍ପିଅନସିପ୍। ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ସମସ୍ତ ଶ୍ରେଷ୍ଠ ଟିମ୍ ବା ଏସିଆ ମହାଦେଶର ସବୁଠାରୁ ବଡ଼ ବଡ଼ ଟିମ୍ ଅଂଶଗ୍ରହଣ କରିବେ। ଏଥିଲାଗି ଆୟୋଜକ ଓଡ଼ିଶା ଟେବୁଲ ଟେନିସ ସଂଘ ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟର ପ୍ରାଥମିକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏସୀୟ ଓ ଭାରତୀୟ ଟିଟି ସଂଘର କର୍ମକର୍ତ୍ତା କଳିଙ୍ଗ ଷ୍ଟାଡିୟମ୍ ପରିଦର୍ଶନ ପରେ ଏହି ଟୁର୍ଣ୍ଣାମେଣ୍ଟ ଉପରେ ମୋହର ବାଜିବ। ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଚାମ୍ପିଅନସିପ୍ ଅକ୍ଟୋବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ପୂର୍ବରୁ କଟକରେ ଅନ୍ୟ ଏକ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ବା ରାଜ୍ୟଗୋଷ୍ଠୀ ଟିଟି ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୮ଟି ଦେଶ ଅଂଶଗ୍ରହଣ କରିଥିଲେ।

## ଜାତୀୟ ଜୁନିଅର ହକିରେ ଓଡ଼ିଶାର ବିଜୟ ଅଭିଯାନ



ଭୁବନେଶ୍ୱର, ୧୭।୮ (ସମିସ): ପଞ୍ଜାବରେ ଚାଲିଥିବା ଜାତୀୟ ଜୁନିଅର ପୁରୁଷ ହକିରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ରବିବାର ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ୨-୧ ଗୋଲରେ କର୍ଣ୍ଣାଟକକୁ ହରାଇ ଦେଇଛି। ଏହି ମ୍ୟାଚର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧ ତଥା ତୃତୀୟ କ୍ୱାର୍ଟରରେ କର୍ଣ୍ଣାଟକର ନୀତେଶ ଶର୍ମା ଗୋଲଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରର ଦୁଇ ମିନିଟ୍ ଅନ୍ତରରେ ୨ଟି ଗୋଲ୍ ଦେଇ ଓଡ଼ିଶା ମ୍ୟାଚକୁ ୨-୧ରେ ଜିତିନେଇଥିଲା। ୫୦ତମ ମିନିଟରେ ରିତିକ ଲାକ୍ରା ଓ ୫୧ତମ ମିନିଟରେ ଆର୍ଯ୍ୟାନ ଖେସ ଏହି ଦୁଇଟି ଗୋଲ୍ ଦେଇଥିଲେ। ରିତିକ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବିଜୟ ସହ ଓଡ଼ିଶା ୩ ପଏଣ୍ଟ ପାଇ ଗ୍ରୁପ-ଡି'ରେ ଖାତା ଖୋଲିଛି। ଓଡ଼ିଶା ଶେଷ ଗ୍ରୁପ୍ ମ୍ୟାଚରେ ସୋମବାର ଆନ୍ଧ୍ର ପ୍ରଦେଶକୁ ଭେଟିବ। ପ୍ରତି ଗ୍ରୁପର ଦୁଇ ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS